facebook.com/odishabhaskar
twitter.com/odishabhaskar

# ଓଡ଼ିଶା ଭାସ୍କର

ODISHA BHASKAR | ଯାହା ଆପଣଙ୍କ କଥା କହେ




ବୁମ୍‌ରା ସବୁ ଫର୍ମାଟରେ ଶ୍ରେଷ୍ଠ ବୋଲର- କ୍ଲାର୍କ | ୭



ଚହଲଙ୍କ ଛାଡ଼ପତ୍ର ନେଇ ଚର୍ଚ୍ଚା | ୭


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୨ Vol. 21 No-282 10 JANUARY 2025 FRIDAY BHUBANESWAR ଶୁକ୍ରବାର, ୧୦ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



18वां प्रवासी भारतीय दिवस 18th PRAVASI BHARATIYA DIVAS 8th-10th January 2025
विकसित भारत की संकल्पना में प्रवासी भारतीयों का योगदान DIASPORA'S CONTRIBUTION TO A VIKSIT BHARAT
ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର





## ଭାରତର ବୈଶ୍ୱିକ ରାଜଦୂତଙ୍କ ଉପଲବ୍ଧିର ସମ୍ମାନ ସମାରୋହ

ଆମେ ସଭିଏଁ ଏକାଠି ଭାରତ, ଭାରତୀୟତା, ଆମ ସଂସ୍କୃତି,
ବିକାଶର ଉତ୍ସବ ପାଳୁଛନ୍ତି ଏବଂ ଆମର ମୂଳ ସହ ସଂଯୁକ୍ତ ହେଉଛନ୍ତି
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



### ସମାପନ ଅଭିଭାଷଣ

ଏବଂ

### ପ୍ରବାସୀ ଭାରତୀୟ ସମ୍ମାନ

ପ୍ରଦାନ

### ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ମାନ୍ୟବର ରାଷ୍ଟ୍ରପତିଙ୍କ

ଦ୍ୱାରା



### ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ

୧୦ ଜାନୁଆରୀ ୨୦୨୫

ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍‌ପତି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ. ଏସ୍. ଜୟଶଙ୍କର**
କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ**
କେନ୍ଦ୍ର ବୈଦେଶିକ ବ୍ୟାପାର, ପରିବେଶ,
ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀ ପବିତ୍ର ମାର୍ଗେରିଟା**
କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ
ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ

### ବିଶେଷ କାର୍ଯ୍ୟକ୍ରମ

ପୂର୍ଣ୍ଣାଙ୍ଗ ଅଧିବେଶନ

ପ୍ରବାସୀ ଭାରତୀୟ ଦିବସ : ନାରୀଙ୍କ ଶକ୍ତି ଏବଂ ପ୍ରଭାବର ଉତ୍ସବ - ନାରୀଶକ୍ତି

ପ୍ରବାସୀ ଭାରତୀୟ ଆଲୋଚନା : ସଂସ୍କୃତି, ସମ୍ପର୍କ ଏବଂ ଆତ୍ମୀୟତାର ଗାଥା

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

DADLS-84

ଅତିଥି ଦେବୋ ଭବ

OIPR 15001/13/0361/2425



ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର



















ଜନତା ମଇଦାନରେ ବୁଧବାର ୧୮ତମ ପ୍ରବାସୀ ଭାରତୀୟ ଦିବସ ଆରମ୍ଭ ହୋଇଛି । ଏହି ତ୍ରି-ଦିବସୀୟ ସମ୍ମିଳନୀର ଦ୍ୱିତୀୟ ଦିନ 'ପ୍ରବାସୀ ଭାରତୀୟ ଦିବସ'କୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ତାଙ୍କ ଅଭିଭାଷଣରେ ଯୁଦ୍ଧ ନୁହେଁ ବୁଦ୍ଧ ହେଉଛି ଆମର ଭବିଷ୍ୟତ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ଭୂରିଭୂରି ପ୍ରଶଂସା ମଧ୍ୟ କରିଛନ୍ତି। ଏହି ଉଦ୍‌ଘାଟନ ପର୍ବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ. ଏସ୍. ଜୟଶଙ୍କର, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଗଜେନ୍ଦ୍ରସିଂ ଶେଖାୱତଙ୍କ ସମେତ ବହୁ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇଥିଲେ।













# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




‘ଆଶିକୀ-୩’ରୁ ବାହାରିବାର କାରଣ କହିଲେ ତୃପ୍ତି | ୮



ଛାଡ଼ପତ୍ରକୁ ନେଇ ଜବାବ ଦେଲେ ଧନଶ୍ରୀ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୨ Vol. 21 No-282 10 JANUARY 2025 FRIDAY BHUBANESWAR ଶୁକ୍ରବାର, ୧୦ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଆନୁଷ୍ଠାନିକ ଭାବେ ପ୍ରବାସୀ ଭାରତୀୟ ମହାକୁମ୍ଭକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ଓଡ଼ିଶା ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ







- ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ମାଟିରେ ପ୍ରବାସୀଙ୍କୁ ସ୍ୱାଗତ କଲେ
- ଖଣ୍ଡଗିରି, ଉଦୟଗିରି, କୋଣାର୍କ ଦେଖିଲେ ମନରେ ଗର୍ବ ଜାତ ହୁଏ
- ଓଡ଼ିଶାର ବଣିକଙ୍କ ସ୍ମୃତିରେ ଆୟୋଜିତ ହେଉଛି ବାଲିଯାତ୍ରା
- ଧଉଳି ଶାନ୍ତିର ପ୍ରତୀକ, ଭବିଷ୍ୟତ ଯୁଦ୍ଧରେ ନୁହେଁ ବୁଦ୍ଧରେ
- ପ୍ରବାସୀ ଭାରତୀୟ ଏକ୍ସପ୍ରେସର କଲେ ଶୁଭାରମ୍ଭ

ଭୁବନେଶ୍ୱର,୯।୧(ଭାସ୍କର ନ୍ୟୁଜ): ଓଡ଼ିଶାର ଗୌରବମୟ ଐତିହ୍ୟ ରହିଛି। ଓଡ଼ିଶା ହେଉଛି ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ। ଖଣ୍ଡଗିରି, ଉଦୟଗିରି ଓ କୋଣାର୍କକୁ ଦେଖିଲେ ମନରେ ଗର୍ବ ଅନୁଭବ ହୁଏ। ସମୁଦ୍ର ଯାତ୍ରାକରି ଓଡ଼ିଶାର ବଣିକମାନେ ବିଦେଶ ଯାଉଥିଲେ। ଏହାକୁ ସ୍ମରଣ କରିବା ପାଇଁ କଟକରେ ଆୟୋଜିତ ହେଉଛି ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା। ଓଡ଼ିଶା ମାଟିରେ ଥିବା ଧଉଳି ସ୍ତୁପ ହେଉଛି ଶାନ୍ତିର ପ୍ରତୀକ। ସାରା ବିଶ୍ୱରେ ଯେତେବେଳେ ଖଣ୍ଡା ମୁନରେ ସାମ୍ରାଜ୍ୟ ଅକ୍ତିଆର କରାଯାଉଥିଲା, ସେତେବେଳେ ସମ୍ରାଟ ଅଶୋକ ଓଡ଼ିଶାରେ ଶାନ୍ତିର ବାଟ ବାଛିଥିଲେ। ସେ ଏଠାରେ ଧର୍ମାଶୋକରେ ପରିଣତ ହୋଇଥିଲେ। ଭବିଷ୍ୟତ ଯୁଦ୍ଧରେ ନୁହେଁ, ବୁଦ୍ଧରେ ବୋଲି ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ମହାକୁମ୍ଭକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ କହିଥିଲେ, ଗତ ୧୦ବର୍ଷ ମଧ୍ୟରେ ବିଶ୍ୱର ବହୁ ନେତାଙ୍କ ସହ ମୋର ସାକ୍ଷାତ ହୋଇଛି। ସେମାନେ ନିଜ ଦେଶରେ ଥିବା ପ୍ରବାସୀ ଭାରତୀୟଙ୍କର ବେଶ୍ ପ୍ରଶଂସା କରିଥାନ୍ତି। ଏହାପଛରେ ରହିଛି ସାମାଜିକ ମୂଲ୍ୟବୋଧ। ଆମେ କେବଳ ଗଣତନ୍ତ୍ରର ଜନନୀ ନୁହେଁ, ଏହା ଆମ ଜୀବନର ଏକ ବଡ଼ ଅଂଶବିଶେଷ। ଆମ ସମସ୍ତଙ୍କ ଜୀବନ ବିବିଧତାରେ ପରିପୂର୍ଣ୍ଣ। ତେଣୁ ଭାରତୀୟ ଯେଉଁଠାକୁ ଗଲେ ବି ସେଠାକାର ସାମାଜିକ ଚଳଣି ସହ ନିଜକୁ ଖାପଖୁଆଇ ନେଇଥାନ୍ତି। ସେହି ଦେଶର ପରମ୍ପରାକୁ ଆପଣାଇ ନେବା ସହ ସମ୍ମାନ ମଧ୍ୟ ପ୍ରଦାନ କରିଥାନ୍ତି। କେବଳ ଏତିକି ନୁହେଁ, ପ୍ରତି ପ୍ରବାସୀଙ୍କ ହୃଦୟ ଭାରତ ପାଇଁ ସ୍ପନ୍ଦିତ କରୁଛି। ଆପଣମାନଙ୍କ ପାଇଁ ମୁଁ ବିଦେଶରେ ବେଶ୍ ଗର୍ବ ଅନୁଭବ କରେ। ଭାରତୀୟମାନେ ଯେଉଁ ଦେଶକୁ ଯାଇଥାନ୍ତି, ସେଠାକାର ପରମ୍ପରା ଓ ସଂସ୍କୃତି ସହ ଯୋଡ଼ି ହୋଇଥାନ୍ତି। ମାତ୍ର ସେମାନଙ୍କ ହୃଦୟରେ ସବୁବେଳେ ଭାରତର ଛାପ ରହିଯାଇଥାଏ। ଭାରତର ଗଣତନ୍ତ୍ର ଓ ବିବିଧତା ହେଉଛି ଆମର ଜୀବନଧାରା। ଏକବିଂଶ ଶତାବ୍ଦୀରେ ଭାରତ ଅଭୂତପୂର୍ବ ବିକାଶ ହେଉଛି। ଅର୍ଥନୀତିରେ ଆମ ଦେଶ ଦଶମରୁ ପଞ୍ଚମ ସ୍ଥାନକୁ ଉଠିଛି। ଖୁବ୍‌ଶୀଘ୍ର ଆମେ ତୃତୀୟ ସ୍ଥାନରେ ପହଞ୍ଚିବୁ ବୋଲି ଆଶାବାଦୀ। ଆଜି ଭାରତ ଫାଇଟର ଜେଟ୍ ନିର୍ମାଣ କରୁଛି। ଭାରତର କଥାକୁ ସାରା ବିଶ୍ୱ ଶୁଣୁଛି। ପ୍ରବାସୀଙ୍କ ନିମନ୍ତେ ଆମେ ଗୌରବ ଅନୁଭବ କରୁଥିବାବେଳେ ସେମାନଙ୍କ ସମସ୍ୟା ଦୂର କରିବା ମଧ୍ୟ ଆମର ଦାୟିତ୍ୱ। ପୂର୍ବରୁ ପ୍ରବାସୀମାନେ ସାହାଯ୍ୟ ପାଇଁ ଅନୁରୋଧ କରୁଥିଲେ। ଏବେ କିନ୍ତୁ ସମୟ ବଦଳିଛି। ଆମେ ସେମାନଙ୍କୁ ଗୁରୁତ୍ୱ ଦେବା ସହ ସେମାନଙ୍କ ସମୃଦ୍ଧି ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛୁ। ଏହି ଅବସରରେ ମୋଦୀ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବା ସହ ପ୍ରବାସୀ ଭାରତୀୟ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଜନତା ମଇଦାନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୋଦୀ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ। ଏହି ଟ୍ରେନ୍ ବିଶେଷଭାବେ ପ୍ରବାସୀ ଭାରତୀୟଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି। କେବଳ ୪୫ରୁ ୬୫ବର୍ଷ ବୟସର ପ୍ରବାସୀ ଭାରତୀୟ ଏହି ଟ୍ରେନ୍‌ରେ ଯାତ୍ରା କରି ଦେଶର ବିଭିନ୍ନ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳ ପରିଦର୍ଶନ କରିପାରିବେ। ଏହି ଏକ୍ସପ୍ରେସ୍‌ରେ ପ୍ରବାସୀ ଭାରତୀୟମାନେ ଅଯୋଧ୍ୟା, ପାଟନା, ଗୟା, ବାରାଣସୀ, ମହାବଳିପୁରମ୍, • ପୃଷ୍ଠା ୫ ଦେଖନ୍ତୁ

## ପ୍ରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଓଡ଼ିଶାରେ ପୁଞ୍ଜିନିବେଶ କରନ୍ତୁ



ଭୁବନେଶ୍ୱର,୯।୧(ଭାସ୍କର ନ୍ୟୁଜ): ବ୍ୟବସାୟ ପାଇଁ ଓଡ଼ିଶା ହେଉଛି ଉପଯୁକ୍ତ ସ୍ଥାନ। ଏଠାରେ ଅପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ସହ ଓଡ଼ିଶାର ବିକାଶରେ ପ୍ରବାସୀମାନେ ସାମିଲ ହୁଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଏବେ ଓଡ଼ିଶା ପୂର୍ବୋଦୟ ମିଶନର ଫୋକସରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଚାଲୁ ରହିଛି। ଓଡ଼ିଶା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଚିଲିକା, ଗୋପାଳପୁର, ଶିମିଳିପାଳ ଏହାର ଜ୍ୱଳନ୍ତ ଉଦାହରଣ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଦେଶର ଦ୍ୱିତୀୟ ଖଣିଜ ପଦାର୍ଥବହୁଳ ରାଜ୍ୟ । ଆଇନଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ମଧ୍ୟ ଦେଶର ସବୁଠୁ ଶାନ୍ତିପୂର୍ଣ୍ଣ ରାଜ୍ୟ। ସ୍ଥିର ସରକାର ଦେବାରେ ଓଡ଼ିଶାର ଇତିହାସ ରହିଛି । ଯୋଗାଯୋଗ ପାଇଁ ମଧ୍ୟ ଓଡ଼ିଶାରେ ଆକର୍ଷଣୀୟ ଭିତ୍ତିଭୂମି ରହିଛି। ପର୍ଯ୍ୟାପ୍ତ ରେଳ, ବନ୍ଦର, ବିମାନ, ସଡ଼କ ଭିତ୍ତିଭୂମି, ଦକ୍ଷ ମାନବସମ୍ବଳ, ଶିଳ୍ପ ଉପଯୋଗୀ କୁଶଳୀ ଓ ଅର୍ଦ୍ଧକୁଶଳୀ ସମ୍ବଳ ମଧ୍ୟ ଓଡ଼ିଶାରେ ରହିଛି। ପ୍ରବାସୀମାନେ ପୁଞ୍ଜିନିବେଶ କଲେ ସେମାନଙ୍କର ଯାହା ଆବଶ୍ୟକ ପଡ଼ିବ, ସେସବୁ ନିଶ୍ଚିତଭାବେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ଭୁବନେଶ୍ୱରରେ ମହାମହିମ ରାଷ୍ଟ୍ରପତି

# ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେବେ



ଭୁବନେଶ୍ୱର,୯।୧(ଭାସ୍କର ନ୍ୟୁଜ): ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ସେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିମାନବନ୍ଦରଠାରେ ଓଡ଼ିଶାର କଳାକାରମାନେ ମଧ୍ୟ ପାରମ୍ପରିକ ଓ ସାଂସ୍କୃତିକ ଗୀତ, ନୃତ୍ୟ ଓ ବାଦ୍ୟ ସହିତ ସ୍ୱାଗତ କରିଥିଲେ। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କ କାର୍କେଡ୍ ରାଜଭବନରେ ପହଞ୍ଚିଥିଲା। ଶ୍ରୀମତୀ ମୁର୍ମୁ ରାଜଭବନରେ ରାତ୍ରିଯାପନ କରିବେ। ଶୁକ୍ରବାର ଜନତା ମଇଦାନରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ସମାରୋହରେ ଶ୍ରୀମତୀ ମୁର୍ମୁ ଯୋଗଦେବେ। ସେଠାରେ ସେ ୨୭ଜଣଙ୍କୁ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରିବେ। ଏଥିପୂର୍ବରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଭାରତୀୟ ସଂଳାପ: ସଂସ୍କୃତି, ସଂଯୋଗ ଓ ସଂପର୍କର କାହାଣୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ।

# ଓଡ଼ିଶାର କଳା, ସଂସ୍କୃତି ପ୍ରଶଂସନୀୟ: ଜୟଶଙ୍କର



ଭୁବନେଶ୍ୱର,୯।୧(ଭାସ୍କର ନ୍ୟୁଜ): ଓଡ଼ିଶାର କଳା, ସଂସ୍କୃତି ବେଶ୍ ପ୍ରଶଂସନୀୟ। ସାରା ଦେଶରେ ଓଡ଼ିଶାର କଳା, ସଂସ୍କୃତି ବେଶ୍ ପରିଚିତ ବୋଲି କହିଛନ୍ତି କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେଇ ଜୟଶଙ୍କର କହିଥିଲେ ଯେ ଓଡ଼ିଶାର କଳା, ସଂସ୍କୃତି ସବୁଠାରୁ ଅନନ୍ୟ। କଟକରେ ଆୟୋଜିତ ବାଲିଯାତ୍ରା ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ସମ୍ମିଳନୀ ଏକ ପାରିବାରିକ ପୁନର୍ମିଳନ ବୋଲି ସେ ମତ ଦେଇଛନ୍ତି। ଏହି ଅସରରେ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଣିଜ୍ୟ, କାରିଗରୀ, ପର୍ଯ୍ୟଟନ ଉପରେ ବେଶ୍ ଗୁରୁତ୍ୱାରୋପ କରୁଛନ୍ତି। ଓଡ଼ିଶାରେ ଶିଳ୍ପ, ବାଣିଜ୍ୟ, ପରିବହନ, ନିଯୁକ୍ତି ଆଦି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ପାଇଁ ଏହି ପ୍ରବାସୀ ସମ୍ମିଳନୀ ନିଶ୍ଚିତ ଭାବେ ସହାୟକ ହେବ। ଓଡ଼ିଶାର ଯୁବଶକ୍ତିକୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଇ ଦକ୍ଷ ମାନବସମ୍ବଳ ସୃଷ୍ଟି କରାଯାଇପାରିବ। କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ଅଭିଯାନରେ ଓଡ଼ିଶାର ପର୍ଯ୍ୟଟନକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ଯାହାଫଳରେ ସମଗ୍ର ବିକାଶ ଓ ବିପୁଳ ନିଯୁକ୍ତି ସୁଯୋଗ ପାଇଁ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ନିବେଶକମାନଙ୍କ • ପୃଷ୍ଠା ୫ ଦେଖନ୍ତୁ

# ସହଦେବଙ୍କ ହତ୍ୟା ଯୋଜନାବଦ୍ଧ: ଡିସିପି




ଭୁବନେଶ୍ୱର,୯।୧(ଭାସ୍କର ନ୍ୟୁଜ): ରାଜଧାନୀର ଛାତି ଉପରେ ବୁଧବାର ସକାଳେ ଘଟିଥିବା ପୋଲିସ ମିତ୍ର ସହଦେବ ନାୟକଙ୍କ ହତ୍ୟା ଘଟଣା ଯୋଜନାବଦ୍ଧ ବୋଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ହତ୍ୟାକାଣ୍ଡ ଘଟିବାର ଖୁବ୍ କମ୍ ସମୟ ମଧ୍ୟରେ ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୁଧବାର ଦୁଇଜଣଙ୍କୁ ଗିରଫ କରାଯାଇଥିବାବେଳେ ଏଥିରେ ସଂପୃକ୍ତ ଥିବା ଆଉ ୩ଜଣଙ୍କୁ ମଧ୍ୟ ଗୁରୁବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀଧର ନାୟକ, ତାଙ୍କ ପତ୍ନୀ ଲିପିକା ନାୟକ, ରତି ନାୟକ, ରାକେଶ ନାୟକ ଓ ତା ସ୍ତ୍ରୀ ଲକ୍ଷ୍ମୀ ନାୟକ। ତେବେ ଲକ୍ଷ୍ମୀଧର ଓ ଲିପିକା ହେଉଛନ୍ତି ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ। ଏହି ହତ୍ୟାକାଣ୍ଡରେ ଆଉ କେତେଜଣ ସଂପୃକ୍ତ ଅଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ମୁଖ୍ୟ ଅଭିଯୁକ୍ତ ଲିପିକା ଏକ ବ୍ରାଉନସୁଗର ମାମଲାରେ ଜେଲଯାଇ ଗତ ୫ ତାରିଖରେ ମୁକୁଳିଥିଲା। ଜେଲରେ ଥାଇ ସେ ସହଦେବକୁ ହତ୍ୟା କରିବା ପାଇଁ ଚିନ୍ତା କରିଥିଲା। ଜେଲରୁ ବାହାରିବାର ଦୁଇଦିନ ଭିତରେ ସେ ତା ମିଶନରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ସହଦେବଙ୍କୁ ହତ୍ୟା କରିବା ପାଇଁ ୭ ତାରିଖରେ ଯୋଜନା କରିଥିଲେ। ଯୋଜନାର ୨୪ ଘଣ୍ଟା ନ ପୁରୁଣୁ ସେମାନେ ସେମାନଙ୍କ ମିଶନରେ ସଫଳ ହୋଇଥିଲେ। ଘଟଣାସ୍ଥଳକୁ ଦୁଇଟି ବାଇକରେ ୫ ଅଭିଯୁକ୍ତ ପହଞ୍ଚିଥିଲେ। ଗୋଟିଏ ବାଇକରେ ଲକ୍ଷ୍ମୀଧର ଓ ଲିପିକା ରହିଥିବାବେଳେ ଅନ୍ୟ ବାଇକରେ ଆଉ ୩ଜଣ ରହିଥିଲେ। ପୋଲିସ ଅଭିଯୁକ୍ତଙ୍କଠାରୁ ଦୁଇଟି ବାଇକ୍, ୪ଟି ମୋବାଇଲ ଫୋନ୍ ଓ ୨ଟି ବ୍ୟାଗ୍ ମଧ୍ୟ ଜବତ କରିଛି। ଅନ୍ୟପକ୍ଷରେ ଗୁରୁବାର ଅପରାହ୍ଣରେ ଗିରଫ ଅଭିଯୁକ୍ତ ଲକ୍ଷ୍ମୀଧରକୁ ନେଇ କମିଶନରେଟ ପୋଲିସ ଦୟାନଦୀ କୂଳରେ କ୍ରାଇମ୍‌ସିନ୍ ରିକ୍ରିଏସନ କରିଛି। ସୂଚନାଯୋଗ୍ୟ ଯେ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ଆଇଟି ମନ୍ତ୍ରୀଙ୍କ ପ୍ରତିଶ୍ରୁତି

# ମେଗା ଆଇଟି ହବ୍ ହେବ ଓଡ଼ିଶା



ଭୁବନେଶ୍ୱର,୯।୧ (ଭାସ୍କର ନ୍ୟୁଜ): ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ କରିବା ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। ଓଡ଼ିଶାକୁ ଏକ ମେଗା ଆଇଟି ହବ୍‌ରେ ପରିଣତ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନିଆଯାଉଛି। ଗୁରୁବାର ଏଭଳି କିଛି ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏଥିସହିତ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ ନିର୍ମାଣାଧୀନ ଥିବା ସେ ସୂଚନା ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ବୈଷ୍ଣବ ଭେଟିବା ସହ ଓଡ଼ିଶାରେ ରେଳବାଇ ଓ ଆଇଟି କ୍ଷେତ୍ରରେ ବିକାଶ ନେଇ ଆଲୋଚନା ହୋଇଥିବା ସୂଚନା ଦିଆଯାଇଛି। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଓଡ଼ିଶାକୁ ଏକ ମେଗା ଆଇଟି ହବ୍‌ରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶାରେ ଆଇଟି ଷ୍ଟାର୍ଟଅପ୍‌ର ବିକାଶ ପାଇଁ ୪ଟି ବୈଷୟିକ ଅନୁଷ୍ଠାନରେ ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ କରାଯାଉଛି। ଏହି ଅନୁଷ୍ଠାନଗୁଡ଼ିକ ହେଲା ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଆଇଆଇଟି ଭୁବନେଶ୍ୱର ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ବ୍ରହ୍ମପୁର। ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପାଇଁ ଜମି ସହିତ ଅନ୍ୟାନ୍ୟ ସବୁପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆଲୋଚନାରୁ ଜଣାଯାଇଛି ଯେ ବର୍ତ୍ତମାନ ଓଡ଼ିଶାରେ ୪୮ଟି ନୂଆ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ୭୩,୭୨୩ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏଥିମଧ୍ୟରେ ନିକଟରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ୮ଟି ନୂଆ ପ୍ରକଳ୍ପ ମଧ୍ୟ ରହିଛି। ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ ଯେ ଆସନ୍ତା ୫ବର୍ଷ ମଧ୍ୟରେ ଓଡ଼ିଶାରେ ଆହୁରି ଅନେକ ନୂଆ ରେଳପ୍ରକଳ୍ପ ହାତକୁ ନିଆଯିବ। ୨୦୧୪ରୁ ୨୦୨୪ ମଧ୍ୟରେ ଓଡ଼ିଶାରେ ୧୮୨୭ କିଲୋମିଟର ଦୀର୍ଘ ରେଳ ଲାଇନ ନିର୍ମାଣ କରାଯାଇଛି, ଯାହା ଶ୍ରୀଲଙ୍କାର ରେଳ ନେଟ୍‌ୱାର୍କଠାରୁ ଅଧିକ। ଏହି ଅବଧି ମଧ୍ୟରେ ୪୨୭ଟି ରେଳ ଅଣ୍ଡରବ୍ରିଜ୍ ମଧ୍ୟ ନିର୍ମାଣ କରାଯାଇଛି। ଓଡ଼ିଶାରେ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଥିବାବେଳେ ଅମୃତ ଷ୍ଟେସନ ଯୋଜନାରେ ୫୯ଟି ଷ୍ଟେସନର ଉନ୍ନତି କରାଯିବ ବୋଲି ସେ କହିଥିଲେ।

## ଖାଦ୍ୟ ଯୋଗାଣମନ୍ତ୍ରୀଙ୍କ ଚେତାବନୀ

# ୩୧ ସୁଦ୍ଧା ଇ-କେୱାଇସି ନ କଲେ ରାସନକାର୍ଡ ଅକାମୀ



ଭୁବନେଶ୍ୱର,୯।୧(ଭାସ୍କର ନ୍ୟୁଜ): ଚଳିତମାସ ୩୧ ତାରିଖ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇନଥିଲେ ହିତାଧିକାରୀଙ୍କ ରାସନକାର୍ଡ ଅକାମୀ ହୋଇଯିବ। ଏ ନେଇ ଚେତାବନୀ ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଏହି କାର୍ଡର ଇ-କେୱାଇସି କରିନଥିବା ହିତାଧିକାରୀଙ୍କୁ ସରକାର ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏହି ପ୍ରକ୍ରିୟା ଶେଷ ହେବାପରେ ହିତାଧିକାରୀମାନଙ୍କୁ ନୂଆ ରାସନକାର୍ଡ ଯୋଗାଇ ଦିଆଯିବ। ଶ୍ରୀ ପାତ୍ର କହିଛନ୍ତି ଯେ ଏବେସୁଦ୍ଧା ୪୯ଲକ୍ଷ ରାସନକାର୍ଡ ହିତାଧିକାରୀ ନିଜର କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ କରିନାହାନ୍ତି। ଯେଉଁମାନେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଯାଞ୍ଚ ପ୍ରକ୍ରିୟା ଶେଷ କରିବେ ନାହିଁ ସେମାନଙ୍କ କାର୍ଡକୁ ଅକାମୀ କରି ଦିଆଯିବ। ତେଣୁ ହିତାଧିକାରୀମାନେ ନିଜ ଡିଲର ଅଥବା ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଇ ଏହି ପ୍ରକ୍ରିୟା ଶେଷ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟ ବାହାରେ ରହୁଥିବା ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବାକୁ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଭିତରେ ରାସନକାର୍ଡ ହିତାଧିକାରୀ ଥିବା ବୃଦ୍ଧ, ବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ସାକ୍ଷାତ କରି ସରକାରୀ କର୍ମଚାରୀମାନେ ଇ-କେୱାଇସି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟ ବାହାରେ ରହୁଥିବା ଶ୍ରମିକମାନେ ଯୋଗାଯୋଗ କଲେ ସରକାରୀ କର୍ମଚାରୀଙ୍କୁ ପଠାଯାଇ କାର୍ଯ୍ୟ ଶେଷ କରାଯିବ ବୋଲି ଶ୍ରୀ ପାତ୍ର କହିଥିଲେ। ଏବେସୁଦ୍ଧା ରାଜ୍ୟର ୮୬ ପ୍ରତିଶତ ରାସନକାର୍ଡର ଇ-କେୱାଇସି ଯାଞ୍ଚ ଶେଷ ହୋଇଛି। ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇ ସାରିଲେଣି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



# ପ୍ରବାସୀ ଭାରତୀୟଙ୍କ ମହାମିଳନ

## ଓଡ଼ିଶା ମାଟିରୁ ବିକାଶର ବାର୍ତ୍ତା

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଓଡ଼ିଶାର ରାଜଧାନୀ ଐତିହାସିକ ନଗରୀ ଭୁବନେଶ୍ୱର ହୋଇଉଠିଛି ଉତ୍ସବମୁଖର ଓ ଚଳଚଞ୍ଚଳ। ବିଦେଶରେ ବସବାସ କରୁଥିବା ଭାରତୀୟମାନଙ୍କର ଏହି ମହାମିଳନ ବୁଧବାର ଠାରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦିନ ଏହା ଉଦ୍‌ଯାପିତ ହେବାକୁ ଯାଉଛି। ବିଶ୍ୱର କୋଣ ଅନୁକୋଣରୁ ହଜାର ହଜାର ଭାରତୀୟ ଏହି ତ୍ରିଦିବସୀୟ ସମାରୋହରେ ସାମିଲ ହୋଇ ଓଡ଼ିଶାର ଆତିଥେୟତା ଗ୍ରହଣ କରିଛନ୍ତି। ସମାରୋହର ପ୍ରଥମ ଦିନଟି ଯୁବ ପ୍ରବାସୀ ଦିବସ ରୂପେ ପାଳିତ ହୋଇଥିଲା ଏବଂ ଏଥିରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କରଙ୍କ ସମେତ ଚାରିଜଣ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଉଦ୍‌ଘାଟନ ଅଭିଭାଷଣରେ ପ୍ରବାସୀ ଭାରତୀୟମାନଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଓଡ଼ିଶାର ବିକାଶ ଯାତ୍ରାରେ ସେମାନେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶାରେ ବୈଷୟିକ ଜ୍ଞାନକୌଶଳ, ଅକ୍ଷୟଶକ୍ତି, ଭିତ୍ତିଭୂମିର ବିକାଶ, ଶିକ୍ଷା ଓ ପର୍ଯ୍ୟଟନ ଆଦି କ୍ଷେତ୍ରରେ ବିପୁଳ ସୁଯୋଗ ଓ ସମ୍ଭାବନା ରହିଥିବାରୁ ପୁଞ୍ଜି ବିନିଯୋଗ ନିମନ୍ତେ ଏହା ଉପଯୁକ୍ତ ସ୍ଥାନ ବୋଲି ସେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି ସମାରୋହ ଆମ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଦେଶିକ ମନ୍ତ୍ରୀ ଜୟଶଙ୍କର ବିକଶିତ ଭାରତ ନିର୍ମାଣରେ ପ୍ରବାସୀଙ୍କ ସହଭାଗିତାକୁ ପ୍ରଶଂସା କରିଥିଲେ। ଗୁରୁବାର ଏକ ବର୍ଣ୍ଣାଢ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ ତ୍ରିନିଦାଦ୍ ଓ ଟୋବାଗୋର ମହିଳା ରାଷ୍ଟ୍ରପତି କ୍ରିଷ୍ଟିନ୍ କାର୍ଲା କାଙ୍ଗାଲୁ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କର ଉଦ୍‌ଘାଟନୀ ବକ୍ତବ୍ୟରେ ଓଡ଼ିଶାର ଗୌରବମୟ ଐତିହ୍ୟ ଓ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ଶହ ଶହ ବର୍ଷ ପୂର୍ବେ ଓଡ଼ିଶାର ସାଧବ ପୁଅ କିପରି ବୋଇତରେ ଜାଭା, ସୁମାତ୍ରା ଓ ବାଲି ଦ୍ୱୀପକୁ ବାଣିଜ୍ୟ ବ୍ୟବସାୟ କରିବାକୁ ଯାଉଥିଲେ ଏବଂ ତାହାର ସ୍ମାରକୀ ରୂପେ ବାଲିଯାତ୍ରା ପାଳିତ ହେଉଛି, ସେ ସମ୍ପର୍କରେ ସେ ପ୍ରବାସୀ ଭାରତୀୟଙ୍କୁ ଅବଗତ କରାଇଥିଲେ। ସେହିପରି ଧଉଳି ପୀଠରେ ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇ ସାରା ଦୁନିଆରେ କିପରି ଶାନ୍ତିର ବାଣୀ ପ୍ରଚାର କଲେ, ପ୍ରଧାନମନ୍ତ୍ରୀ ତାହା ଉଲ୍ଲେଖ କରିଥିଲେ। ଆଜି ଆମ ଦେଶ ସବୁ କ୍ଷେତ୍ରରେ କିପରି ପ୍ରଗତି ହାସଲ କରୁଛି ତାହାର ବିସ୍ତୃତ ତଥ୍ୟ ପ୍ରଦାନ କରି ସେ କହିଲେ ଯେ ବିଶ୍ୱର ଅର୍ଥବ୍ୟବସ୍ଥା କ୍ଷେତ୍ରରେ ଦଶମ ସ୍ଥାନରେ ଥିବା ଭାରତ ଏବେ ପଞ୍ଚମ ସ୍ଥାନକୁ ଆସିଛି ଏବଂ ଖୁବ୍‌ଶୀଘ୍ର ଏହା ତୃତୀୟ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି। ପ୍ରବାସୀ ଭାରତୀୟମାନେ ଏ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେବାକୁ ସେ ପରାମର୍ଶ ଦେଇଥିଲେ। କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ଏଥିରେ ବକ୍ତବ୍ୟ ରଖିଥିଲେ। ପ୍ରବାସୀ ଭାରତୀୟ ଦିବସ ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରାୟ ଦଶଟି ମହୋତ୍ସବ ଆୟୋଜିତ ହୋଇଥିବା ବେଳେ ପ୍ରତିନିଧିମାନେ ଏସବୁକୁ ମନଭରି ଉପଭୋଗ କରୁଛନ୍ତି। ଏହାଛଡ଼ା ଅନେକ ପ୍ରବାସୀ ଭାରତୀୟ ଦମ୍ପତି ଶ୍ରୀକ୍ଷେତ୍ର ପୁରୀ, ନିଳାମ୍ବୁ ଚିଲିକା, ଅର୍କକ୍ଷେତ୍ର କୋଣାର୍କ ଏବଂ ନନ୍ଦନକାନନ ଭ୍ରମଣରେ ଯାଇ ଏସବୁର କାରୁକାର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଛନ୍ତି। ଶୁକ୍ରବାର ପ୍ରବାସୀ ଭାରତୀୟ ସମ୍ମିଳନୀର ତୃତୀୟ ତଥା ଅନ୍ତିମ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦାନ କରି ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କେତେକ କୃତୀ ପ୍ରବାସୀ ଭାରତୀୟଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଭାରତ ସରକାରଙ୍କ ଦ୍ୱାରା ୨୦୦୩ ମସିହାରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ଦିବସ ମହୋତ୍ସବ ଆୟୋଜିତ ହୋଇଥିଲା। ସେହିବର୍ଷ ଠାରୁ ଅଦ୍ୟାବଧି ଦେଶର ୧୭ଟି ସହରରେ ଏହା ଅନୁଷ୍ଠିତ ହୋଇଥିବା ସ୍ଥଳେ ଓଡ଼ିଶା ଏହି ସୁଯୋଗରୁ ବଞ୍ଚିତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ଅଷ୍ଟାଦଶ ଉତ୍ସବ ସ୍ଥଳ ରୂପେ ଭୁବନେଶ୍ୱରକୁ ବାଛିଥିବାରୁ ବାସ୍ତବିକ୍ ଧନ୍ୟବାଦାର୍ହ। ରାଜ୍ୟ ସରକାର ଏହାର ସଫଳତା ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚଳାଇଥିଲେ। ବିଦେଶମାଟିରେ ବର୍ଷ ବର୍ଷ ଧରି ସମୟ ବିତାଇଥିବା ଭାରତୀୟଙ୍କୁ ମୂଳ ଜନ୍ମଭୂମି ସହ ଭାବଗତ ସମ୍ପର୍କ ଯୋଡ଼ିବାରେ ଏହି ମହୋତ୍ସବ ଯେ ଏକ ବଳିଷ୍ଠ ପଦକ୍ଷେପ, ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

# ସାମ୍ପ୍ରତିକ ସଦ୍‌ଭାବ ଓ ମୋହନ ଭାଗବତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବର ବୃଦ୍ଧି ପାଇଁ ଏକ ସାହାସିକ ପଦକ୍ଷେପ ନେଇଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ତାଙ୍କ ପ୍ରୟାସ ପ୍ରଶଂସନୀୟ। ଗତ ଡିସେମ୍ବର ମାସ ୧୯ ତାରିଖରେ ପୁନେ ଠାରେ ଭାରତର ବିଶ୍ୱଗୁରୁ ପ୍ରସଙ୍ଗରେ ଭାଷଣ ଅବସରରେ ମୋହନ ଭାଗବତ ହିନ୍ଦୁ ନେତୃତ୍ୱ ଏବଂ ସଂଘର ସ୍ୱୟଂସେବକମାନଙ୍କୁ ଏକ କଡ଼ା ସନ୍ଦେଶ ଦେଇଛନ୍ତି। ଭାଗବତ କହିଛନ୍ତି 'ଆମେ ସମୟ ସହ ତାଳ ମିଳାଇ ସଦ୍‌ଭାବ ସହ ରହୁଛେ, ଆମେ ଦୁନିଆକୁ ଏହି ସଦ୍‌ଭାବ ପ୍ରଦାନ କରିବା ଉଚିତ୍, ଏହାର ଏକ ମଡ଼େଲ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ରାମମନ୍ଦିରର ନିର୍ମାଣ ପରେ କିଛି ଲୋକ ଭାବୁଛନ୍ତି ଯେ ସେମାନେ ନୂଆ ନୂଆ ଜାଗାର ପ୍ରସଙ୍ଗ ଉଠାଇ ହିନ୍ଦୁଙ୍କ ନେତା ହୋଇଯିବେ। ଏହାକୁ ସ୍ୱୀକାର କରାଯାଇ ପାରିବ ନାହିଁ। 'ଦିବଂଗତ ସୁଷମା ସ୍ୱରାଜ ମଧ୍ୟ ୨୦୦୦ ମସିହା ଏପ୍ରିଲ ୧୪ ତାରିଖରେ ଭୋପାଳ ଠାରେ ଏକ ସମାବେଶରେ ଭାଷଣ ଦେବା ଅବସରରେ ସ୍ୱୀକାର କରିଥିଲେ ଯେ ମନ୍ଦିର ଆନ୍ଦୋଳନ ସଂପୂର୍ଣ୍ଣ ଭାବରେ ରାଜନୈତିକ ପ୍ରସଙ୍ଗ ଥିଲା ଏବଂ ଧର୍ମ ସହ ଏହାର କୌଣସି ନେଣ-ଦେଣ ନଥିଲା। ସଂଘ ପ୍ରମୁଖ ମୋହନ ଭାଗବତ ସାହାସିକତାର ସହ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଯୋଧ୍ୟା ପ୍ରସଙ୍ଗ ଆସ୍ଥାର ମାମଲା ଥିଲା। କିଛି ଲୋକ ବାସ୍ତବରେ ମନ୍ଦିରକୁ ପ୍ରସଙ୍ଗ କରି ରାଜନୀତିରେ ଉପରକୁ ଉଠି ପାରିଛନ୍ତି। ମୋହନ ଭାଗବତ ଯାହା କହିଛନ୍ତି ଯଦି ତାହା ପ୍ରକୃତରେ କାର୍ଯ୍ୟରେ ପରିଣତ ହୁଏ ତେବେ ଦେଶରେ ଶାନ୍ତି ସ୍ଥାପିତ ହେବ ନିଶ୍ଚୟ। ଯେଉଁ ସଦ୍‌ଭାବର କଥା ମହାତ୍ମା ଗାନ୍ଧୀ କହି ମଧ୍ୟ କାର୍ଯ୍ୟରେ ପରିଣତ କରିପାରିନଥିଲେ ସେଇ ମହାତ୍ମା ଗାନ୍ଧୀଙ୍କୁ ଘୋର ବିରୋଧ କରୁଥିବା ରାଷ୍ଟ୍ରୀୟ ସେବକ ସଂଘର ମୁଖ୍ୟ ତାଙ୍କ କଥାକୁ ପୂରଣ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ସଂଘ ପ୍ରମୁଖ ଯେ ପ୍ରଥମ ଥର ଏଭଳି ମନ୍ତବ୍ୟ ଦେଇଛି ତା' ନୁହେଁ। କିନ୍ତୁ ଡିସେମ୍ବର ୧୯ ତାରିଖର ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ଅଖିଳ ଭାରତୀୟ ସନ୍ଥ ସମିତିର ମହାସଚିବ ଜିତେନ୍ଦ୍ରାନନ୍ଦ ସରସ୍ୱତୀଙ୍କ ଠାରୁ ଆରମ୍ଭ କରି ରାମଭଦ୍ରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଏବଂ ଚକ୍ରପାଣିଙ୍କ ଠାରୁ ଦେବକୀନନ୍ଦନ ଠାକୁର ଭଳି ସନ୍ଥମାନେ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଅବିମୁକ୍ତେଶ୍ୱରାନନ୍ଦଙ୍କ ଭଳି ମହାମାନ୍ୟ ମଧ୍ୟ ଏହି ପ୍ରସଙ୍ଗରେ ଭାଗବତ ବିରୋଧୀଙ୍କ ସହ ମିଶିଯାଇଛନ୍ତି। ସ୍ପଷ୍ଟ ଭାବେ ଜଣାପଡିଯାଉଛି ଯେ ଭାଗବତଙ୍କ ବୟାନକୁ ନେଇ କିଏ ବିବାଦ ସୃଷ୍ଟି କରୁଛି। କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ସଂଘ ପ୍ରମୁଖ ଯାହା କରିପାରିବେ ହିନ୍ଦୁଧର୍ମଗୁରୁ ବା ଧର୍ମଗୁରୁ ସମୂହ ସେ କଥା କରିପାରିବେ ନାହିଁ। କୌଣସି ହିନ୍ଦୁ ମଠାଧିକାରିଙ୍କ ପାଖରେ ଏମିତି ସେନା (ସ୍ୱୟଂସେବକ) ନାହାଁନ୍ତି ଯେଉଁମାନେ ଲୋକଙ୍କ ସହ ଯୋଡି ହୋଇ ରହିଛନ୍ତ ଓ ଯେଉଁମାନଙ୍କର ଭୋଟ ରାଜନୀତିକୁ ପ୍ରଭାବିତ କରିବାର ପ୍ରବଳ କ୍ଷମତା ରହିଛି। ହୁଏତ ମୋହନ ଭାଗବତ ହିନ୍ଦୁଧର୍ମର ପ୍ରମୁଖ ହେବାର ଇଚ୍ଛା ରଖିଥାଇପାରନ୍ତି କିନ୍ତୁ ହିନ୍ଦୁ ମାନସକୁ ପ୍ରଭାବିତ କରିବା ଦିଗରେ ସେ ରାମଭଦ୍ରାଚାର୍ଯ୍ୟ ଓ ଅନ୍ୟ ମଠାଧିଶଙ୍କ ଠାରୁ ଅଧିକ ପ୍ରଭାବଶାଳୀ ନିଶ୍ଚୟ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆଗରେ ଅଖିଳ ଭାରତୀୟ ସନ୍ଥ ସମିତିର ସ୍ଥିତି ମଧ୍ୟ ନଗଣ୍ୟ। ଏଣୁ ହିନ୍ଦୁଙ୍କୁ ସଂଗଠିତ କରିବାର ଦାୟୀତ୍ୱ ଭାଗବତଙ୍କୁ କେହି ଦେଉ ବା ନଦେଉ ତାଙ୍କ ପାଖରେ ଏହି ଶକ୍ତି ସେତେବେଳେ ପର୍ଯ୍ୟନ୍ତ ରହିଛି ଯେତେବେଳେ ପର୍ଯ୍ୟନ୍ତ ସେ ସଂଘ ପ୍ରମୁଖ ଅଛନ୍ତି। ସେଇଥିପାଇଁ ୨୦୨୪ର ଲୋକସଭା ନିର୍ବାଚନ ବେଳେ ଯେତେବେଳେ ବିଜେପି ଅଧ୍ୟକ୍ଷ ଜଗତ୍‌ପ୍ରକାଶ ନଡ୍ଡା 'ଏବେ ବିଜେପି ସକ୍ଷମ; ନିର୍ବାଚନରେ ସଂଘର ସାହାଯ୍ୟର ଆବଶ୍ୟକତା ନାହିଁ' ବୋଲି କହିଥିଲେ ତା'ପରେ ମୋହନ ଭାଗବତ ଏମିତି ଓଲଟା ପୁରାଣ ପଢିଥିଲେ ଯେ ବିଜେପିର 'ଅବକି ବାର ୪୦୦ ପାର୍' ସ୍ଲୋଗାନ ମଧ୍ୟ ଭୁଲ୍ ପ୍ରମାଣିତ ହୋଇଥିଲା। ସନ୍ଥ ସମାଜ ଯେତେ ବି ଭାବନାତ୍ମକ ବୟାନ ବାଜି କରନ୍ତୁ ନା କାହିଁକି ବିଜେପି ପାଇଁ ଭୋଟ ବ୍ୟାଙ୍କ ସୃଷ୍ଟି କରିପାରିବେ ନାହିଁ।

ମୋହନ ଭାଗବତଙ୍କ ବୟାନ ପରେ ଦେଶର ମୁସଲିମ ସଂପ୍ରଦାୟ ଏବେ ନାଗପୁର (ସ୍ୱୟଂସେବକ ସଂଘର କାର୍ଯ୍ୟାଳୟ) ଆଡକୁ ଦେଖିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କୁ ଲାଗୁ ଥାଇପାରେ ଯେ ସଂଖ୍ୟା ଲଘୁକୁ ନେଇ ବିଜେପି ଏବଂ ସଂଘ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସଂଘ ପ୍ରଚ୍ଛଦପଟରେ ସାହାଯ୍ୟ କରିଥିଲା। ଯୋଗୀ ଆଦିତ୍ୟାନାଥଙ୍କ 'କଟେଙ୍ଗେ ତୋ ବଣ୍ଟେଙ୍ଗେ' ସ୍ଲୋଗାନ ପଛରେ ସଂଘର ସହମତି ମଧ୍ୟ ଥିଲା। ଇତିମଧ୍ୟରେ ସମ୍ଭଲ ଘଟଣା ଘଟିଗଲା। ଫଡନବିଶ ସରକାର ଗଠନ ଏବଂ ବିଭାଗ ବଣ୍ଟନ ପଛରେ ସଂଘର ହାତ ରହିଥିଲା। ଏସବୁ ଘଟଣା ସରିବା ପରେ ସଂଘ ପ୍ରମୁଖ ଏକ ନୂଆମନ୍ତ୍ର ସ୍ୱୟଂସେବକ ମାନଙ୍କୁ ଦେଇଛନ୍ତି ଯାହା କେବଳ ଯେ ସାଧୁ -ସନ୍ଥ ସମାଜ ଏବଂ ସଂଘ-ବିଜେପି କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଛି ତା'ନୁହେଁ ମୁସଲିମ ସଂଖ୍ୟା ଲଘୁଙ୍କୁ ମଧ୍ୟ ଏପ୍ରସଙ୍ଗରେ ଚିନ୍ତା କରିବା ପାଇଁ ବାଧ୍ୟ କରିଦେଇଛି। ଦୁଇବର୍ଷ ପୂର୍ବରୁ ଉପୁଜିଥିବା 'ଜ୍ଞାନବାପୀ' ବିବାଦ ପରେ ମୋହନ ଭାଗବତ କହିଥିଲେ ଯେ 'ସବୁ ମସଜିଦ୍‌ରେ ଶିବଲିଙ୍ଗ କାହିଁକି ଖୋଜା ଯାଉଛି ? ରାମମନ୍ଦିର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏଣୁ ଆଉ ଆନ୍ଦୋଳନ କରିବା ଉଚିତ୍ ନୁହେଁ' କିନ୍ତୁ ଭାଗବତଙ୍କ ଏହି ମନ୍ତବ୍ୟର କ'ଣ କିଛି ପ୍ରଭାବ ପଡିଥିଲା ? ବରଂ ସାମ୍ପ୍ରଦାୟିକ ଧ୍ରୁବୀକରଣ ମାଧ୍ୟମରେ ଗାଦି ପାଇଁ ରାଜନୀତି କରୁଥିବା ମହତ୍ୱାକାଂକ୍ଷୀ ମାନେ ସଂଘକୁ ସମାଲୋଚନା କରିଥିଲେ। ଏଭଳି ହୋଇନଥିଲେ ମୋହନ ଭାଗବତ ଡିସେମ୍ବର ୧୯ ତାରିଖରେ ଯାହା କହିଲେ ସେ କଥା କହିନଥାନ୍ତେ। ମୋହନ ଭାଗବତ ଯେଉଁ କଥା କହିଛନ୍ତି ତାହା ବିରୋଧୀ ଦଳଙ୍କ ଉଦ୍ଦେଶ୍ୟରେ ନୁହେଁ ନିଶ୍ଚୟ। ତେବେ ମୋହନ ଭାଗବତ କେଉଁମାନଙ୍କୁ ବୟାନ ମାଧ୍ୟମରେ ଟାର୍ଗେଟ କରିଛନ୍ତି ?

ମୋହନ ଭାଗବତ ତାଙ୍କ ବୟାନରେ କାହାରି ନାମ ନେଇ ନାହାଁନ୍ତି। ଭାଗବତ ମଧ୍ୟ ଏକଥା ସ୍ୱୀକାର କରିବାକୁ ପ୍ରସ୍ତୁତ ହେବେ ନାହିଁ ଯେ ସାଂପ୍ରଦାୟିକ ବୈମନସ୍ୟର ଯେଉଁ ମିଂ ଶାସନ ଗାଦି ପ୍ରାପ୍ତିର ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି ତାକୁ ନାଗପୁର (ସଂଘ) ଦୀର୍ଘବର୍ଷ ଧରି ମୌନ ସମର୍ଥନ କରି ଆସିଛି। ସେଇ ମି ଏବେ ବିଶାଳ ଦ୍ରୁମରେ ପରିଣତ ହେବାକୁ ବସିଲାଣି। ଏବେ ଏହି ମହାଦ୍ରୁମ ସଂଘକୁ ତା ତଳେ ଚପି ରଖିବାକୁ ଚାହିଁଲାଣି। ଭାଗବତଙ୍କ ବୟାନକୁ ସାଧୁସନ୍ଥ ମାନେ ହଜମ କରିପାରୁ ନାହାଁନ୍ତ ଏବଂ ସଂଘ ହିନ୍ଦୁମାନଙ୍କ ଠିକା ନେଇ ନାହିଁ ବୋଲି କହୁଛନ୍ତି। ସଂଘକୁ ନେଇ ବିଜେପି ଏବଂ ସାଧୁ-ସନ୍ଥ ସମାଜର ଧାରଣା ଏକପ୍ରକାର।

ଅଖିଳ ଭାରତୀୟ ସନ୍ଥ ସମିତି ସଂଘ ଏକ ସାଂସ୍କୃତିକ ସଂଗଠନ ବୋଲି କହିଲେଣି। ଏପରିକି ସମିତିର ମହାସଚିବ ସ୍ୱାମୀ ଜିତେନ୍ଦ୍ରାନନ୍ଦ ସରସ୍ୱତୀ କହିଛନ୍ତି ଯେ ଧର୍ମାଚାର୍ଯ୍ୟମାନେ ଯାହା ସ୍ଥିର କରିବେ ସେକଥାକୁ ସଂଘ ଏବଂ ବିଶ୍ୱ ହିନ୍ଦୁ ପରିଷଦ ମାନିବାକୁ ବାଧ୍ୟ। ଏହାର ସିଧା ସଳଖ ଅର୍ଥ ହେଉଛି ଭାଗବତଙ୍କ ବକ୍ତବ୍ୟ ପ୍ରଭାବହୀନ। ବିଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ କେତେକ ରାଜନୈତିକ ଦଳ ଏବଂ ସେମାନଙ୍କ ଶୀର୍ଷ ସଂଗଠନର ନେତୃତ୍ୱରେ ଲକ୍ଷ ଲକ୍ଷ କର୍ମକର୍ତ୍ତା, ପ୍ରବଚକ, ସାଧୁସନ୍ଥ ଏବଂ ଆଖଡ଼ାର ଗୋଷ୍ଠୀ ଏକତ୍ରିତ ହୋଇଯାଇଛନ୍ତି। ଏମାନଙ୍କ ପାଇଁ ମନ୍ଦିର ନିର୍ମାଣ ଓ ମନ୍ଦିରର ଅବଶେଷ ଖୋଜିବା ଏକ ଲାଭପ୍ରଦ ସଂଶାଧନ ବା ଉଦ୍ୟୋଗ ପାଲଟି ଯାଇଛି।

ମୋହନ ଭାଗବତଙ୍କ କଥାକୁ ଯଦି ଗ୍ରହଣ କରାଯିବ ତେବେ ଦେଶରେ ଧାର୍ମିକ ବେରୋଜଗାରୀର ଅରାଜକତା ସୃଷ୍ଟି ହୋଇଯିବ। କଥିତ ବିଧର୍ମଙ୍କ ମର୍ମସ୍ଥଳରେ ପ୍ରହାର କରି ଗାଦି ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରୁଥିବା ସେନାଙ୍କ ଅଭାବ ପଡିଯିବ। ହିନ୍ଦୁତ୍ୱବାଦୀ ସରକାର ଆଗରେ ଅସ୍ତିତ୍ୱର ସଙ୍କଟ ସୃଷ୍ଟି ହେବ। ଏବେ ପ୍ରଶ୍ନଉଠୁଛି ଯେ ବିଜେପି ସଂଘ ପ୍ରମୁଖଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦେବ କି ନାହିଁ? ଯଦି ଗୁରୁତ୍ୱ ନଦିଏ ସଂଘ ଆଗାମୀ ଦିନରେ ବିଜେପିର ପିତାମହର ଭୂମିକାରେ ରହିବ ନା ନାହିଁ? ଯାହାବି ହେଉ ମୋହନ ଭାଗବତ ସାହାସର ସହ ଯାହା କହିଛନ୍ତି ତାହା ଚିନ୍ତାର ବିଷୟ। ଏବେ ଦେଶରେ ଯେମିତି ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ବିଗିଡିବାରେ ଲାଗିଛି ସେ ସମୟରେ ଭାଗବତଙ୍କ ମନ୍ତବ୍ୟର ଗୁରୁତ୍ୱ ଅଧିକ ରହିଛି।

# ସ୍ଥିର ଓ ଜଣାଶୁଣା ଭୂତାଣୁ : ହ୍ୟୁମାନ ମେଟୋନ୍ୟୁମୋ ଭାଇରସ୍



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଦେଶରେ ହ୍ୟୁମାନ ମେଟୋନ୍ୟୁମୋ ଭାଇରସ୍‌ର ସଂକ୍ରମଣ ବଢ଼ିଛି। ଏବଂ କେନ୍ଦ୍ର ସରକାର ଏ ନେଇ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ଏହି ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ସରକାର ଉଚ୍ଚସ୍ତରୀୟ ବୈଠକ କରି ଏ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଜଣାଇଥିବାବେଳେ ବାସ୍ତବରେ ଏହା ଏକ ନୂଆ ଭୂତାଣୁ ନୁହଁ। ୨୦୦୧ ମସିହାରେ ପ୍ରଥମେ ଏହି ଭାଇରସ୍ ଠାବ ହୋଇଥିଲା। ତେବେ ଦେଶରେ ଏକାଧିକ ରାଜ୍ୟରେ କେତେକ ସ୍ଥାନରେ ଶିଶୁମାନେ ଏହି ଭୂତାଣରେ ଚିହ୍ନଟ ହେବା ପରେ ଲୋକମାନଙ୍କ ଭିତରେ କିଛିଟା ଭୟ ବଢ଼ିଛି। କରୋନା ପରି ପରିସ୍ଥିତି ନେଇ ଆଶଙ୍କା ସେମାନଙ୍କ ଭିତରେ ସୃଷ୍ଟି ହୋଇଥିଲେ ମଧ୍ୟ ଏହା ଅମୂଳକ। ଏହି ଭୂତାଣୁକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୌଣସି ନିର୍ଦ୍ଦେଶାବଳୀ ଜାରି ହୋଇନାହିଁ। ମାତ୍ର ଯେଉଁ ରାଜ୍ୟରେ ଏହି ଭୂତାଣୁ ଚିହ୍ନଟ ହୋଇଛି ସ୍ଥାନୀୟ ସରକାର ଲୋକମାନଙ୍କୁ ଗହଳି ଭିତରକୁ ଯାଉଥିଲେ ମାସ୍କ ବ୍ୟବହାର କରିବା ପାଇଁ ନିବେଦନ କରିଛନ୍ତି। ଦେଶବ୍ୟାପୀ ଇନଫ୍ଲୁଏଞ୍ଜା ଲକ୍ଷଣ ଭଳି ରୋଗ ଓ ଗୁରୁତର ଶ୍ୱାସ ଜନିତ ସମସ୍ୟାରେ ଅସାଧାରଣ ବୃଦ୍ଧି ନଜରକୁ ଆସିନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିୟମିତ ଭାବେ ସୂଚନା ଦିଆଯାଉଥିବାବେଳେ ଶ୍ୱାସଜନିତ ରୋଗର ମୁକାବିଲା ପାଇଁ ଦେଶ ପ୍ରସ୍ତୁତ ରହିଥିବା ନେଇ ଏନସିଡିସି ପକ୍ଷରୁ ସୂଚନା ଦିଆଯାଇଛି।

ମୂଳ କଥା ହେଉଛି ଏହା ନୂଆ ଭୂତାଣୁ ନୁହେଁ, ତେଣୁ ଲୋକମାନେ ଭୟଭୀତ ହୁଅନ୍ତୁନି। ପୂର୍ବରୁ ଭାରତ ସମେତ ବିଶ୍ୱରେ ଚିହ୍ନଟ ହୋଇଛି ଏହି ଭୂତାଣୁ। ଆଇଏଲଆଇ ଓ ଏସଆରଆଇ ମାମଲାରେ ଅସ୍ୱାଭାବିକ ବୃଦ୍ଧି ହୋଇନି। ଏହି ଭୂତାଣୁ ୨୦୦୧ ମସିହାରୁ ଭୂତାଣୁ ଚିହ୍ନଟ ହୋଇଛି। ପ୍ରାୟତଃ ବସନ୍ତ ଋତୁ କୁହାଯାଉଥିବା ଶୀତ ଋତୁ ସମୟରେ ଏହି ଭୂତାଣୁ ନଜରକୁ ଆସିଥାଏ। ଯାହାକି ଇନଫ୍ଲୁଏଞ୍ଜା ଭଳି ଏହା ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ଏହି ଅବସରରେ ଆମେରିକାର ରୋଗ ନିୟନ୍ତ୍ରଣ କେନ୍ଦ୍ରର ରିପୋର୍ଟକୁ ଅନୁଧ୍ୟାନ କଲେ ଯାହା ସୂଚୀତ ହୁଏ ସେଠାରେ ପ୍ରତିବର୍ଷ ଲକ୍ଷେରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି ଏବଂ ଯେଉଁଥିପାଇଁ ୧୦ ହଜାରରୁ ଅଧିକ ଲୋକଙ୍କ ଜୀବନ ହାନି ହୋଇଥାଏ। ସାଧାରଣରେ ଇନଫ୍ଲୁଏଞ୍ଜା ଭଳି ଏଚଏମପିଭିରେ ଥଣ୍ଡା, ଛିଙ୍କ, କାଶ ହେବା ସହ ୩ରୁ ୫ ଦିନ ଭିତରେ ଭଲ ହୋଇଯାଏ। କିନ୍ତୁ ୧୦ରୁ ୧୫% ରୋଗୀଙ୍କ କ୍ଷେତ୍ରରେ ଏହା ସ୍ୱାସ୍ଥ୍ୟଗତ ସମସ୍ୟା ଆଣିବାର ସମ୍ଭାବନା ରହିଛି। ପାଞ୍ଚ ବର୍ଷରୁ କମ୍ ପିଲା, ୬୫ ବର୍ଷରୁ ଅଧିକ ଲୋକଙ୍କ ଠାରେ ନିମୋନିଆ, ବ୍ରୋଙ୍କାଇଟିସର ଶିକାର ହୋଇପାରନ୍ତି। ପ୍ରତିବର୍ଷ ଛାତି ସଂକ୍ରମଣ ପାଇଁ ଯେତିକି ସଂଖ୍ୟକ ଛୋଟ ହସ୍ପିଟାଲରେ ଭର୍ତ୍ତି ହୋଇଥାନ୍ତି, ସେମାନଙ୍କ ଭିତରୁ ପ୍ରାୟ ୧୦% ଏହି ଭୂତାଣୁରେ କବଳିତ। ତେଣୁ ଏହା ଏକ ସ୍ଥିର ଭୂତାଣୁ ଓ ଜଣାଶୁଣା ଭୂତାଣୁ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ପ୍ରଭେଦ ହେଉଛି କରୋନା ଭଳି ଏହା ବାରମ୍ବାର ନିଜର ରୂପ ବଦଳାଏନାହିଁ। କାରଣ କରୋନା ବାରମ୍ବାର ରୂପ ବଦଳାଉଥିବାରୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସମସ୍ୟା ସୃଷ୍ଟି ହେଉଥିଲା। ମାତ୍ର ଏଚଏମପିଭିରେ ଥରେ ଆକ୍ରାନ୍ତ ହେଲେ ଦୀର୍ଘକାଳ ପର୍ଯ୍ୟନ୍ତ ରୋଗ ପ୍ରତିରୋଧକ ଶକ୍ତି ରହିଥାଏ। ଏଚଏମପିଭିର ଲକ୍ଷଣ ହେଉଛି ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ କାଶ, ଜ୍ୱର, ନାକ ଜାମ ହୋଇଯିବା ଓ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହୋଇଥାଏ। ଏହା ଛାତିରେ ଉଭୟ ଉପରେ ଓ ନିମ୍ନରେ ଶ୍ୱାସଜନିତ ସଂକ୍ରମଣ ସୃଷ୍ଟି କରିଥାଏ। ସଂକ୍ରମଣର ଗୁରୁତ୍ୱକୁ ନେଇ ରୋଗର ଅବଧି ନିର୍ଣ୍ଣୟ ହୋଇଥାଏ। ତେବେ ପ୍ରାୟତଃ ଏହା ୩ରୁ ୬ ଦିନ ପର୍ଯ୍ୟନ୍ତ ରହିଥାଏ।

କୋଭିଡ଼ ପାଇଁ ଏକାଧିକ ଟିକା ଉପଲବ୍ଧ ହେଉଛି। ମାତ୍ର ଏଚଏମପିଭି ପାଇଁ କୌଣସି ପ୍ରକାର ଟିକା କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ନାହିଁ। ଥଣ୍ଡା ଓ ଶୁଷ୍କ ପରିବେଶରେ ଭୂତାଣୁ ନିଜକୁ ବଞ୍ଚାଇ ରଖିପାରେ। ତେଣୁ ଶୀତ ଦିନେ ଏହା ବ୍ୟାପିଥାଏ। ଖରାଦିନେ ଲୋକମାନେ ଘର ଭିତରେ ରହିବାକୁ ପସନ୍ଦ କରୁଥିବାରୁ ଶରୀରରେ ସୂର୍ଯ୍ୟକିରଣ ପଡ଼ିବା ଦ୍ୱାରା ସୃଷ୍ଟି ହେଉଥିବା ଭିଟାମିନ ଡି ହ୍ରାସ ପାଇଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯିବା ଫଳରେ ଶୀତ ଦିନେ ଏହି ଭୂତାଣୁରେ ଆକ୍ରାନ୍ତ ହେବାର ଆଶଙ୍କା ବଢ଼ି ଯାଇଥାଏ। ଏହି ରୋଗ ପାଇଁ କୌଣସି ଆଣ୍ଟି ଭାଇରାଲ ନାହିଁ କି ଟିକା ବାହାରି ନାହିଁ। କିନ୍ତୁ ଏହା ଏକ ସାଧାରଣ ରୋଗ। ଏହାକୁ ନେଇ ଭୟଭୀତ ହେବା ଆବଶ୍ୟକ ନୁହେଁ। କୋଭିଡ଼ ଭଳି ସତର୍କତା ଅବଲମ୍ବନ କରି, ଶିଶୁ, ବୟସ୍କ ଓ ବିଭିନ୍ନ ରୋଗରେ ପୀଡ଼ିତ ରୋଗୀମାନେ ଅଧିକ ସତର୍କ ରହିବା ଉଚିତ୍। ଥଣ୍ଡା, କାଶ, ତଣ୍ଟି ବ୍ୟଥା, ସର୍ଦ୍ଦି, ଜ୍ୱର ଏହି ରୋଗର ଲକ୍ଷଣ। ବାହାରକୁ ବାହାରିଲେ ମାସ୍କ ପିନ୍ଧନ୍ତୁ। ସାନିଟାଇଜର ବ୍ୟବହାର କରନ୍ତୁ। ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ। ରୋଗକୁ ନ ଡରି ସତର୍କ ରୁହନ୍ତୁ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ଏ ନେଇ ସ୍ୱାସ୍ଥ୍ୟ ଭିତ୍ତିକ ସତର୍କତା। ଆପଣ ନିୟମିତ ଭାବେ କିମ୍ବା ୨୦ ସେକେଣ୍ଡ ଯାଏ ହାତ ପରିଷ୍କାର ରଖନ୍ତୁ, ଧୁଅନ୍ତୁ। କୌଣସି ପରିସ୍ଥିତିରେ ହାତ ନ ଧୋଇ ଆଖି, ନାକ ଓ ପାଟିରେ ହାତ ମାରନ୍ତୁ ନାହିଁ। ଜ୍ୱର-ଥଣ୍ଡା ଲକ୍ଷଣ ଥିବା ବ୍ୟକ୍ତିଙ୍କ ଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ। କାଶିବା କିମ୍ବା ଛିଙ୍କିବା ସମୟରେ ପାଟି ଓ ନାକକୁ ଘୋଡ଼ାଇ ରଖନ୍ତୁ। ବାସନକୁସନ କିମ୍ବା ଖାଇବା ପାତ୍ରକୁ ଅନ୍ୟ ସହ ଆଦାନପ୍ରଦାନରୁ ଦୂରେଇବା ଓ ସାମାନ୍ୟ ଭାବେ ଅସ୍ୱସ୍ତି ଅନୁଭବ କଲେ ବା ଦେହ ଖରାପ ରହିଲେ ଘରେ ରୁହନ୍ତୁ। ଏହି ଭୂତାଣୁଟି କିଭଳି ବ୍ୟାପିଥାଏ ଆସନ୍ତୁ ଜାଣିବା। ମନେରଖନ୍ତୁ କାଶ ଓ ଛିଙ୍କ ଦ୍ୱାରା ଏଚଏମପିଭି ବ୍ୟାପିଥାଏ। ଆକ୍ରାନ୍ତ ରୋଗୀଙ୍କ ସହ ହାତ ମିଳାଇବା କିମ୍ବା ତାଙ୍କୁ ଛୁଇଁବା ଦ୍ୱାରା ଏହା ବ୍ୟାପିଥାଏ। ଏହାସହ ସଂକ୍ରମିତ ବସ୍ତୁକୁ ଛୁଇଁବା ପରେ ପାଟି, ନାକ ଓ ଆଖିକୁ ଛୁଇଁଲେ ଏଥିରେ ମଧ୍ୟ ରୋଗ ସଂକ୍ରମିତ ହୋଇଥାଏ। ଏହି ନୂଆ ରୋଗଟିକୁ ନେଇ ସାଧାରଣରେ ଭୟଭୀତ ହୁଅନ୍ତୁ ନାହିଁ ଏବଂ ସରକାରୀ ପ୍ରଦତ୍ତ ସ୍ୱାସ୍ଥ୍ୟ ସୂଚନାକୁ ଭଲ ଭାବେ ଗ୍ରହଣ କରନ୍ତୁ। କୌଣସି ପରିସ୍ଥିତିରେ ତୁଟୁକା ତୁଟୁକି ବା ଗୁଣିଗାରେଡ଼ି ବିଶ୍ୱାସ କରନ୍ତୁ ନାହିଁ ବା ଗ୍ରହଣ କରନ୍ତୁ ନାହିଁ ଏବଂ ଗୋଟିଏ ସାମାଜିକ ଦାୟିତ୍ୱ ଭାବେ କୌଣସି ମିଛ ବା କାନକୁହା କଥାକୁ ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର କରନ୍ତୁ ନାହିଁ। ସରକାରୀ ଡାକ୍ତରଖାନାର ସୁବିଧା ସୁଯୋଗ ନିଅନ୍ତୁ ଓ ନିଜ ଇଷ୍ଟଙ୍କ ପ୍ରତି ଗଭୀର, ଅଖଣ୍ଡ ବିଶ୍ୱାସ ରଖି ଡାକ୍ତରଙ୍କ ଉପରେ ଭରଷା ରଖି ସମସ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାବଳୀ ଗ୍ରହଣ କରନ୍ତୁ।

# ବାରୁଦ ନିଆଁରେ ଶିଳ୍ପାଞ୍ଚଳ



ସତ୍ୟ ମହାପାତ୍ର
ସେକ୍ଟର-୬, କଟକ,
ମୋ : ୯୬୫୮୧୦୫୫୩୨

ଜଗତସିଂହପୁର ସହରର ବଡ଼ବାଗରେ ଭୟଙ୍କର ବାଣ ବିସ୍ଫୋରଣ ଘଟଣାରେ ଅକାରଣରେ ଦୁଇଜଣଙ୍କ ଜୀବନ ଦୀପ ଲିଭି ଯାଇଛି। ପୋଲିସ ଅନୁସନ୍ଧାନରୁ ଯାହା ଜଣାଯାଇଛି ଗଚ୍ଛିତ ବାଣ ବାରୁଦ ଏହି ଭୟାନୟ ଅଘଟଣର ବଡ଼ କାରଣ। ସେହିପରି ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଏକ ବଡ଼ ଘଟଣାଟି ଆମ ସାମ୍ନାରେ ରହିଛି ତାହା ହେଉଛି ୧୯୮୪ ଡିସେମ୍ବରରେ ମଧ୍ୟପ୍ରଦେଶର ଭୋପାଲ ସ୍ଥିତ ୟୁନିୟନ କାର୍ବାଇଟ ଇଣ୍ଡିଆ ଲିମିଟେଡର କୀଟନାଶକ ପ୍ଲାଣ୍ଟରେ ଗ୍ୟାସ ପ୍ଲାଣ୍ଟରେ ଆମୋନିଆ ଗ୍ୟାସ ଲିକ୍ ହୋଇ ଅକାରଣରେ ୩୭୮୪ଜଣଙ୍କ ଜୀବନ ଦୀପ ଲିଭିଯାଇଥିଲାବେଳେ ହଜାର ହଜାର ଲୋକ ବିକଳାଙ୍ଗ ହୋଇଯାଇଥିଲେ। ବିଶ୍ୱର ସବୁଠାରୁ ଭୟଙ୍କର ଶିଳ୍ପାଞ୍ଚଳ ବିପର୍ଯ୍ୟୟ ଏହାକୁ କୁହାଯାଏ। ତେବେ ଏହି ଘଟଣା ଘଟିବାର ଚାଳିଶ ବର୍ଷ ପରେ କାରଖାନା ପରିସରରୁ ୩୭୭ ଟନ୍ ଓଜନର ବିପର୍ଯ୍ୟନକ ବର୍ଜ୍ୟ ହଟାଯାଇଛି। ଯାହାପାଇଁ ୨୫୦ କିଲୋମିଟରର ରାସ୍ତାକୁ ଗ୍ରୀନ କରିଡ଼ର ଭାବେ ଘୋଷଣା କରାଯାଇଥିଲା ଏହାକୁ ୧୨ଟି କଣ୍ଟେନର ଟ୍ରକରେ ସିଲ କରି ୨୫୦ କିଲୋମିଟର ଦୂରରେ ଅବସ୍ଥିତ ଧର ଜିଲ୍ଲା ପୀଠମପୁର ଶିଳ୍ପାଞ୍ଚଳକୁ ନିଆଯାଇଛି। ଏହି ଦୁଇଟି ଘଟଣା ପ୍ରମାଣିତ କରୁଛି ଯେ ବିପଜ୍ଜନକ ବର୍ଜ୍ୟ ଓ ବାରୁଦ ଆମ ସାମାଜିକ ସ୍ଥିତି ପାଇଁ ଭୟାନକ ହୋଇପାରେ।

ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବଡ଼ ବଡ଼ ପ୍ରମୁଖ ସହରର ଶିଳ୍ପାଞ୍ଚଳରେ ଗଳିକନ୍ଦିରେ ଗୋଦାମ ଛାଇ ହୋଇଛି। ଛୋଟବଡ଼ ହୋଇ ପ୍ରାୟ ଅନେକ ଗୋଦାମ ରହିଛି। ପ୍ରାୟ ସବୁ ଗୋଦାମରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ଦହନଶୀଳ ସାମଗ୍ରୀ ଗଦା ହୋଇଛି। କହିବାକୁ ଗଲେ ବାରୁଦ ଗଦାରେ ପୁରା ଶିଳ୍ପାଞ୍ଚଳ ପଡ଼ିଛି। କିନ୍ତୁ ଅଳ୍ପ କେଇଟାକୁ ଛାଡ଼ିଦେଲେ, ବାକି ସବୁ ଗୋଦାମରେ ଫାୟାର ସେଫ୍ଟି ନାହିଁ। ନିକଟରେ ଭୁବନେଶ୍ୱରର ସତ୍ୟନଗରସ୍ଥିତ ପିଏସପି ଡିଷ୍ଟ୍ରିବ୍ୟୁଟର୍ସର ଗୋଦାମରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ କୋଟି କୋଟି ମୂଲ୍ୟର ଘରକରଣା ସାମଗ୍ରୀ ଜଳିଗଲା। ପୁରା ଗୋଦାମଟି ଛାରଖାର ହୋଇଗଲା। ଅଗ୍ନିଶମ ବାହିନୀର ଅଢ଼େଇଶହ ଆଗ୍ନିକ, ୧୫ଟି ଦମକଳ ବାହିନୀ ନିଆଁ ଲିଭାରେ ଲାଗିଥିଲେ। ଏମିତିକି ରୋବଟିକ୍ ମିନିଟର ବି ଗୋଦାମ ଭିତରେ ପଶି ନିଆଁ ଲିଭାଇଲା। ତଥାପି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାରେ ୫ ଘଣ୍ଟା ସମୟ ଲାଗିଲା। ଏହାପଛର ମୁଖ୍ୟ କାରଣ ଥିଲା, ପ୍ରାୟ ସବୁ ଦମକଳରୁ ପାଣି ସରିଯାଇଥିଲା। ୧୦ଟି ଦମକଳ ଗାଡ଼ି ଗୋଦାମ ଚାରିପାଖେ ପାଣି ସ୍ପ୍ରେ କରୁଥିଲେ। ବାକି ରିଜର୍ଭ ଥିବା ୫ଟି ଗାଡ଼ି ଜରିଆରେ କଳ୍ପନା, ସଚିବାଳୟ ଦମକଳ କେନ୍ଦ୍ର ସହ ବରମୁଣ୍ଡାସ୍ଥିତ ଓଡ଼ିଶା ଫାୟାର ଆଣ୍ଡ ଡିଜାଷ୍ଟର ରେସପୋନ୍ସ ଏକାଡ଼େମୀରୁ ପାଣି ଅଣାଯାଇଥିଲା। ଫୋରମ ମାର୍ଟରେ ଥିବା ପାଣି ଟ୍ୟାଙ୍କରରୁ ମଧ୍ୟ ପାଣି ସରିଯାଇଥିଲା। ଯଦି ଉକ୍ତ ଗୋଦାମରେ ପାଣି ଟ୍ୟାଙ୍କ ବ୍ୟବସ୍ଥା ଥାନ୍ତା, ତେବେ ଅଗ୍ନିକାଣ୍ଡକୁ ସହଜରେ ଆୟତ୍ତ କରାଯାଇ ପାରିଥାନ୍ତା ବୋଲି ଅଗ୍ନିଶମ ବାହିନୀ କହିଛି।

ନ୍ୟାସନାଲ ବିଲ୍ଡିଂ କୋଡ଼ ଅଫ୍ ଇଣ୍ଡିଆ ଓ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ଗାଇଡ଼ଲାଇନକୁ ମାନି ଗୋଦାମ ଗୃହ ନିର୍ମାଣ କରାଯିବା ବାଧ୍ୟତାମୂଳକ। ଏହି ନିୟମ ଅନୁସାରେ ଏକ ଛୋଟ ଆକାରର ଗୋଦାମରେ ଅତିକମ୍‌ରେ ୫ ହଜାର ଲିଟର ପାଟି ଟାଙ୍କି ରହିବ। ଗୋଦାମ ଆକାର ଅନୁସାରେ ପାଣିଟାଙ୍କିର କ୍ଷମତା ବଢ଼ିବ। ସର୍ବାଧିକ ଏକ ଲକ୍ଷ ୨୫ ଜହାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ରହିପାରିବ। କିନ୍ତୁ ଶିଳ୍ପାଞ୍ଚଳର ଅଧିକାଂଶ ଗୋଦାମରେ ପାଣି ଟାଙ୍କ ବ୍ୟବସ୍ଥା ନାହିଁ। ଗାଇଡ଼ଲାଇନ ମୁତାବକ, ଅଗ୍ନିଶମ ଗୋଦାମରେ ପର୍ଯ୍ୟାପ୍ତ ମାତ୍ରାରେ ଅଗ୍ନି ନିରାପତ୍ତା ଯନ୍ତ୍ର ରହିବ। ଗୋଦାମ ପରିସରରେ ପାଣି ପମ୍ପ ବ୍ୟବସ୍ଥା ନିହାତି ଦରକାର। ବଡ଼ ଗୋଦାମରେ ଫାୟାର ଆଲାର୍ମ ସହ ଅଟୋମେଟିକ ସ୍ପ୍ରିଙ୍କଲର ବ୍ୟବସ୍ଥା ରଖିବା ବାଧ୍ୟତାମୂଳକ। ଏକ ଦମକଳ ଗାଡ଼ି ଯିବା ଭଳି ଗୋଦାମ ଚାରିପାଖେ ବାଟ ରହିବା ନିହାତି ଦରକାର। ଖାଲି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ନୁହେଁ ରସୁଲଗଡ଼, ଭଗବାନପୁର ଓ ଚନ୍ଦକା ଶିଳ୍ପାଞ୍ଚଳ ଠାରୁ ରାଜ୍ୟର ତମାମ ଶିଳ୍ପାଞ୍ଚଳରେ ଥିବା ଗୋଦାମଗୁଡ଼ିକ ମଧ୍ୟ ଏସବୁ ଗାଇଡ଼ଲାଇନକୁ ଦଳିମକଚି ଦେଇଛନ୍ତି। ଅଧିକାଂଶ ଗୋଦାମରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ପ୍ଲାଏ, ଟାୟାର, କପଡ଼ା, ଘରୋଇକରଣ ସାମଗ୍ରୀ, କାଠରେ ପ୍ରସ୍ତୁତ ଫର୍ଣ୍ଣିଚର, ପେଟି ତଥା କାର୍ଟୁନ, ବୈଦ୍ୟୁତିକ ସାମଗ୍ରୀ, ପ୍ଲାଷ୍ଟିକ ସରଞ୍ଜାମ ଗଚ୍ଛିତ ରହୁଛି। ଅନେକ ସମୟରେ ଏହି ଘଟଣା ସାମ୍ପ୍ରତିକ କିଛିଦିନ ପାଇଁ ପ୍ରଶାସନକୁ ଚଳଚଞ୍ଚଳ କରିବା ସହ ଆମ୍ଭେମାନେ ଏ ନେଇ ସାମୟିକ ବ୍ୟସ୍ତ ହୋଇଥାଉ କିନ୍ତୁ ପରବର୍ତ୍ତୀ ସମୟରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା ହୋଇଥାଏ। ସବୁଠାରୁ ଉଦ୍‌ବେଗଜନକ କଥା ହେଉଛି ଯେକୌଣସି ଶିଳ୍ପାଞ୍ଚଳ ହେଉ ଏହା ସର୍ବାଧିକ ସୁରକ୍ଷା ଜୋନରେ ରହିବା କଥା। ଏ ନେଇ ବିଧିବଦ୍ଧ ଷ୍ଟାଣ୍ଡାର୍ଡ଼ ଗାଇଡ଼ ଲାଇନ ବ୍ୟବସ୍ଥା ରହିଛି କିନ୍ତୁ ଏହାକୁ ଅଣଦେଖା କରାଯାଇଥାଏ। ସେହିପରି ଅଣ ଓସାରିଆ, ସଂକୀର୍ଣ୍ଣ ରାସ୍ତା, ବଡ଼ କାରଣ ହୋଇଥିବାବେଳେ ଶିଳ୍ପ ସଂସ୍ଥା ଗୁଡ଼ିକ ଆବଶ୍ୟକୀୟ ଯଥେଷ୍ଟ ଶିଳ୍ପ ନିରାପତ୍ତା ବ୍ୟବସ୍ଥାକୁ ସେପରି ଆପଣାଇ ନଥାନ୍ତି। ଶିଳ୍ପ ସଂସ୍ଥାର ପ୍ରମୁଖ ଓ ଶ୍ରମିକମାନେ ଏ ନେଇ ସଚେତନ ମଧ୍ୟ ହୋଇନଥାନ୍ତି ଯାହାଫଳରେ ସାମାନ୍ୟ ଅଘଟଣରେ ହେଉ ବା ଇଲେକ୍ଟ୍ରି ସଟ୍‌ସର୍କିଟ କାରଣରୁ ବଡ଼ ବିପଦର କାରଣ ହୋଇଥାଏ। ତେଣୁ ଏ କ୍ଷେତ୍ରରେ ପ୍ରଶାସନ ଓ ଶିଳ୍ପ ବ୍ୟବସ୍ଥା ସହ ଜନସାଧାରଣଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ପ୍ରଶାସନିକ ଭାବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ବିଲଡିଂ କୋଡ଼ ଅଫ୍ ଇଣ୍ଡିଆ ଗାଇଡ଼ଲାଇନକୁ ବିଧିବଦ୍ଧ ଓ କଡ଼ାକଡ଼ି ଭାବେ ଗ୍ରହଣ କରାଗଲେ ଶିଳ୍ପାଞ୍ଚଳ ଗୁଡ଼ିକ ନିରାପଦ ରହିବା ସହ ଶିଳ୍ପ ପ୍ରଗତି ପାଇଁ ସହାୟକ ହେବ।

# ବନାଞ୍ଚଳର ସବୁଜ ଚିତ୍ର



ଅଲେଖ ଚନ୍ଦ୍ର ସାମଲ
ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର
ଯାଜପୁର, ମୋ: ୯୪୩୭୨୫୬୧୨୩

ଭାରତୀୟ ଜଙ୍ଗଲ ସର୍ବେକ୍ଷଣର ସଦ୍ୟତମ ରିପୋର୍ଟର ତଥ୍ୟାନୁଯାୟୀ ୨୦୨୧-୨୩ରେ ସମଗ୍ର ଦେଶରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଯଥାକ୍ରମେ ୧୫୬ ବର୍ଗକିମି ଓ ୧,୨୮୯ ବର୍ଗ କିମି ବୃଦ୍ଧି ପାଇଛି। ପ୍ରଥମଥର ପାଇଁ ଏହି ଅଭିବୃଦ୍ଧି ହାର ଧାର୍ଯ୍ୟ ଲକ୍ଷ୍ୟ ୨୫%ରୁ ଅଧିକ ହୋଇଛି। ସଦ୍ୟତମ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଭୂଭାଗର ୨୧.୭୬% ବା ୮୧୭୩୫୭ ବର୍ଗ କିମି ବନାଞ୍ଚଳ ହୋଇଥିବା ବେଳେ ଘଞ୍ଚ ବନାନୀ ଅଞ୍ଚଳ ପରିମାଣ ୪୧୦୧୭୫ ବର୍ଗ କିମି। ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ପରିମାଣ ମାତ୍ର ୩.୪୧%, ଯାହା ଆଦୌ ସନ୍ତୋଷଜନକ ନୁହେଁ। ଜଳବାୟୁ ପରିବର୍ତ୍ତନ ଏବଂ ତଦଜନିତ ବିଶ୍ୱ ଉତ୍ତାପ ବୃଦ୍ଧି, ଅନାବୃଷ୍ଟି, ବାୟୁ ପ୍ରଦୂଷଣ ଆଦି ବୃଦ୍ଧି ଦୃଷ୍ଟିରୁ ଏହି ସବୁଜ ଚିତ୍ର ସନ୍ତୋଷ ଅପେକ୍ଷା ଅଧିକ ନିରୁତ୍ସାହ ସୃଷ୍ଟି କରୁଛି ବୋଲି କୁହାଯାଇପାରେ।

୨୦୨୧ରୁ ୨୦୨୩ ମଧ୍ୟରେ ୧୫୬ ବର୍ଗ କିମି ବନାଞ୍ଚଳ ବଢ଼ିଥିବାବେଳେ ୩୯୧୩ ବର୍ଗ କିମିର ଘଞ୍ଚ ବାନନୀ ଉଭାନ ହୋଇଯାଇଛି। କେବଳ ସେତିକି ନୁହେଁ ଗତ ଦଶନ୍ଧିରେ ୧୭୫୦୦ ବର୍ଗ କିମି ଓ ବିଗତ ଦୁଇ ଦଶନ୍ଧି ମଧ୍ୟରେ ୨୪୬୫୧ ବର୍ଗ କିମି ଘଞ୍ଚ ବନାନୀ ସୃଷ୍ଟି ହୋଇଛି ତା ତୁଳନାରେ ଅଧିକ ବନାଞ୍ଚଳ ନଷ୍ଟ ହୋଇଛି। ସେହିପରି ଘଞ୍ଚ ବନାନୀରୁ ବନାନୀ ଓ ବନାନୀରୁ କେବଳ ସବୁଜ ବଳୟ କ୍ଷେତ୍ରକୁ ଦ୍ରୁତ ପରିବର୍ତ୍ତନ ହୋଇ ଚାଲିଥିବା ଭୂଭାଗ ପରିମାଣ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ରିପୋର୍ଟରେ ଉଲ୍ଲେଖ ଅଛି। ଗ୍ଲୋବାଲ ଫରେଷ୍ଟ ୱାଚର ରିପୋର୍ଟ ଅନୁଯାୟୀ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୨.୩୩ ନିୟୁତ ଗଛ କଟା ହୋଇଛି। ୨୦୧୬ରୁ ୨୦୧୯ରେ ଦ୍ୱିଗୁଣ ଗଛ କଟା ହୋଇଛି। କୋପେନହାଗେନ ବିଶ୍ୱବିଦ୍ୟାଳୟର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୧୯ରୁ ୨୦୨୨ ମଧ୍ୟରେ ୫.୮ ନିୟୁତ ଗଛ କଟା ହୋଇଛି। ଭାରତ ସରକାରଙ୍କ ରିପୋର୍ଟ ଅନୁଯାୟୀ ତେଲେଙ୍ଗାନାରେ ସର୍ବାଧିକ ଗଛ କଟାଯାଉଥିବା ବେଳେ ଓଡ଼ିଶା ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି।

ଭାରତର ଜଙ୍ଗଲ ସର୍ବେକ୍ଷଣର ଏହି ବିରୋଧାଭାସ ଚିତ୍ର କେବଳ ପରିସଂଖ୍ୟାନରେ ନୁହେଁ, ବାସ୍ତବ କ୍ଷେତ୍ରରେ ମଧ୍ୟ ପରିଦୃଷ୍ଟ। ଦେଶରେ କଂକ୍ରିଟ ଜଙ୍ଗଲ କ୍ରମଶଃ ସହରର ସୀମା ଡେଇଁ ଗ୍ରାମାଞ୍ଚଳରେ ଦ୍ରୁତଗତିରେ ପ୍ରବେଶ କରିବାରେ ଲାଗିଛି। ଏଥିଯୋଗୁଁ ବହୁବର୍ଷର ପୁରୁଣା ଗଛ ସବୁ ବଳି ପଡୁଛନ୍ତି। ଗମନାଗମନ ଓ ଭିତ୍ତିଭୂମିର ବିକାଶ ପାଇଁ ପ୍ରତିମିନିଟରେ କେଉଁଠି ନା କେଉଁଠି ଗଛ କଟା ଚାଲିଛି। ଖଣିଜ ବିକାଶ ଆଳରେ ଘଞ୍ଚ ବନାନୀ ବିନିଷ୍ଟ ହେଉଛି ପ୍ରତିଦିନ ୪୨ ଲକ୍ଷ ଏବଂ ପ୍ରତି ମିନିଟରେ ୨୪ ଗଛ ମଣିଷର ଅନ୍ୟାନ୍ୟ ଆବଶ୍ୟକତା ପାଇଁ କଟା ହେଉଛି। ଏଭଳି ପରିସ୍ଥିତିରେ ଭାରତର ଜଙ୍ଗଲାଞ୍ଚଳ ବୃଦ୍ଧି ପରିସଂଖ୍ୟାନ ବିଶ୍ୱାସଯୋଗ୍ୟ ହେବ କେମିତି ? ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ ସମ୍ପ୍ରସାରଣ ପାଇଁ କଟାଯାଉଥିବା ଶହ ଶହ ବର୍ଷର ପୁରୁଣା ଗଛ ବଦଳରେ ରାସ୍ତାମଝିରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି। ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ର ହେଉଛି ତାହାକୁ ପରିସଂଖ୍ୟାନବିତମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି। କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ।

ପରିସଂଖ୍ୟାନର ବିରୋଧାଭାସକୁ ପ୍ରମାଣିତ କରୁଥିବା ଆଉ ଏକ ତଥ୍ୟ ଉପରେ ଦୃଷ୍ଟି ଦିଆଯାଉ। ସଂସଦରେ ପ୍ରଦତ୍ତ ସରକାରୀ ତଥ୍ୟାନୁଯାୟୀ, ଛତିଶଗଡ଼ ହସଦେଓ ଆରାଣ୍ଡ ଜଙ୍ଗଲାଞ୍ଚଳରେ ୨୩ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ୨ଲକ୍ଷ ୭୪ ହଜାର ଗଛ କାଟିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଛତିଶଗଡ଼ର ଆରାଣ୍ଡ ବନାଞ୍ଚଳରେ ଯେଉଁ ୯୫ ହଜାର ଗଛ କଟାଯାଇଛି ତାହାର ଭରଣା ପାଇଁ ପ୍ରାୟ ୫୩ ଲକ୍ଷ ୪୦ ହଜାର ଚାରାରୋପଣ କରାଯାଇଥିବା ସରକାରୀ ଭାବେ କୁହାଯାଇଛି। ଏହିଭଳି ଭାରତର ସବୁଜ ବଳୟର ସବୁଜ ଚିତ୍ରକୁ ଜଙ୍ଗଲ ସର୍ବେକ୍ଷଣ ୨୦୨୩ ପ୍ରଦର୍ଶିତ କରୁଛି। କିନ୍ତୁ ପ୍ରାୟ ୨୦୦ ବର୍ଷର ପୁରୁଣା ଗଛର ବିକଳ୍ପ ହେବାକୁ ବର୍ତ୍ତମାନର ଏହି ଚାରା ଗୁଡ଼ିକୁ କେତେ ବର୍ଷ ଲାଗିବ ତାହା ଅନୁମେୟ। ସରକାରଙ୍କ ନୀତି ନିର୍ଦ୍ଧାରକମାନଙ୍କୁ ଏହା ଚେତାଇବା ଅନାବଶ୍ୟକ ଯେ ଅନ୍ୟୁନ ୫୦ ବର୍ଷ ପୁରୁଣା ଏକ ବୃକ୍ଷର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ୧ ଲକ୍ଷ ଚାରା ଠାରୁ କାହିଁ କେତେ ଅଧିକ। ତେଣୁ ବର୍ତ୍ତମାନ ଜଙ୍ଗଲ ବିସ୍ଥାପନ ଓ ଚାରା ସଂସ୍ଥାପନର ଯେଉଁ ନୂଆ ଧାରା ଆରମ୍ଭ ହୋଇଛି ସେଥିଯୋଗୁଁ ହିଁ ବିଶ୍ୱ ତାପମାନ ବୃଦ୍ଧି ପାଇ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ଆହୁରି ତୀବ୍ର କରୁଛି।



ନୂଆଦିଲ୍ଲୀ : ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଇଣ୍ଡିଆ' ମେଣ୍ଟ ଫାଟିଆଁ କଲାଣି। ପ୍ରଥମେ ମେଣ୍ଟର ଦୁଇ ସହଯୋଗୀ କଂଗ୍ରେସ ଓ ଆପ୍ ପରସ୍ପର ବିରୋଧରେ ଲଢ଼ିବାକୁ ଘୋଷଣା କରିଥିଲେ। ଏବେ ବିରୋଧୀ ମେଣ୍ଟର ଅନ୍ୟ ସହଯୋଗୀ ଦଳମାନେ କଂଗ୍ରେସକୁ ଏକପାଖିଆ କରି ଦିଲ୍ଲୀ ନିର୍ବାଚନରେ ଆମ୍ ଆଦମୀ ପାର୍ଟିକୁ ସମର୍ଥନ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ମେଣ୍ଟର ଅନ୍ୟତମ ସହଯୋଗୀ ତଥା ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଅସନ୍ତୋଷ ଝାଡ଼ିଛନ୍ତି। ଅବଦୁଲ୍ଲା କହିଛନ୍ତି ଯେ ଦିଲ୍ଲୀ ନିର୍ବାଚନରେ ଯେହେତୁ ଆମେ ଅଂଶଗ୍ରହଣ କରୁନାହୁଁ, ତେଣୁ ଏ ପ୍ରସଙ୍ଗରେ ମୋର କିଛି କହିବାର ନାହିଁ। ବିଜେପିକୁ କିପରି ହରାଇବାକୁ ହେବ, ସେକଥା ଆମ୍ ଆଦମୀ ପାର୍ଟି, କଂଗ୍ରେସ ଓ ନିର୍ବାଚନ ଲଢୁଥିବା ଅନ୍ୟ ଦଳ ଗୁଡ଼ିକ ଚିନ୍ତା କରିବେ। ହେଲେ ମୋର ଯେତିକି ମନେ ଅଛି, ଇଣ୍ଡିଆ ମେଣ୍ଟର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥିଲା।

### ଖଲିସ୍ତାନୀ ଆତଙ୍କବାଦୀ ହତ୍ୟା ମାମଲା

## ୪ ଭାରତୀୟଙ୍କୁ ଜାମିନ



ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ନିଜ୍ଜାରକୁ ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆର ସହରରେ ହତ୍ୟା କରାଯାଇଥିଲା। ଭାରତ ସରକାର ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଅଭିଯୋଗ କରିଥିଲେ କାନାଡା ସରକାର। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ କାନାଡାରେ ଗିରଫ ହୋଇଥିବା ୪ଜଣ ଭାରତୀୟଙ୍କୁ ମିଳିଛି ଆଶ୍ୱସ୍ତି। କାନାଡାର ଏକ କୋର୍ଟ ଏହି ୪ଜଣ ଭାରତୀୟଙ୍କୁ ଜାମିନ ମଂଜୁର କରିଛନ୍ତି। ମେ' ୨୦୨୪ରେ ଏ ସମସ୍ତଙ୍କୁ ଗିରଫ କରିଥିଲା ରୟାଲ୍ କାନାଡିଆନ ମାଉଣ୍ଟେଡ୍ ପୁଲିସ। କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ ଗିରଫ ହୋଇଥିବା ୪ଜଣ ଭାରତୀୟ ହେଉଛନ୍ତି କରନ ବ୍ରାର, ଅମନଦୀପ ସିଂହ, କମଲପ୍ରୀତ ସିଂହ ଓ କରନପ୍ରୀତ ସିଂହ। ଏ ସମସ୍ତଙ୍କ ବିରୋଧରେ ହତ୍ୟା ଓ ହତ୍ୟା ପାଇଁ ଷଡ଼ଯନ୍ତ୍ର ଭଳି ସଂଗୀନ ମାମଲା ରୁଜୁ କରିଥିଲା କାନାଡା ପୁଲିସ। ତେବେ ଏମାନଙ୍କୁ ଜାମିନ ମଂଜୁର କରିବା ପରେ ମାମଲାର ଶୁଣାଣି ବ୍ରିଟିଶ କଲମ୍ବିଆ ସୁପ୍ରିମକୋର୍ଟକୁ ସ୍ଥାନାନ୍ତରିତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୧୧ରେ ହେବ।

## ବିଷ ପିଇ ଆନ୍ଦୋଳନରତ ଚାଷୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ : ପଞ୍ଜାବ-ହରିୟାଣା ସୀମାନ୍ତ ଶମ୍ଭୁ ବର୍ଡରରେ ଆନ୍ଦୋଳନ କରୁଥିବା ଜଣେ ୫୫ ବର୍ଷୀୟ ଚାଷୀ ବିଷ ପିଇ ଜୀବନ ହାରିଛନ୍ତି। ସେ ଆନ୍ଦୋଳନସ୍ଥଳରେ ବିଷ ପିଇ ଦେଇଥିଲେ।ସୂଚନାଯୋଗ୍ୟ ଯେ, ୩ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏପରି ଘଟଣା ଘଟିଛି। ଶମ୍ଭୁ ସୀମାନ୍ତରେ ଚାଷୀମାନେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରେ ୫୫ ବର୍ଷୀୟ ରେଶମ ସିଂହ ମଧ୍ୟ ରହିଥିଲେ। ହେଲେ ସେ ହଠାତ୍ ଗୁରୁବାର ଆନ୍ଦୋଳନସ୍ଥଳରେ ବିଷ ପିଇ ଦେଇଥିଲେ। ତାଙ୍କୁ ତୁରନ୍ତ ପଟିଆଲାରେ ଥିବା ରାଜିନ୍ଦର ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏମଏସ୍‌ପିର ଆଇନଗତ ମାନ୍ୟତା ଦାବିରେ ଚାଷୀମାନେ ଆନ୍ଦୋଳନ କରୁଥିଲେ ହେଁ କେନ୍ଦ୍ର ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି। କେନ୍ଦ୍ର ସରକାରଙ୍କ ଉପରେ କ୍ଷୁବ୍ଧ ହୋଇ ରେଶମ ସିଂହ ଆତ୍ମହତ୍ୟା କରିଥିବା ଅନ୍ୟ ଚାଷୀମାନେ କହିଛନ୍ତି। ଏହାପୂର୍ବରୁ ଡିସେମ୍ବର ୧୮ରେ ରଣଯୋଧ ସିଂହ ନାମକ ଜଣେ ଚାଷୀ ଶମ୍ଭୁ ସୀମାରେ ଆତ୍ମହତ୍ୟା କରିଥିଲେ। ଚାଷୀ ନେତା ଜଗଜିତ ସିଂହ ନଭେମ୍ବର ୨୬ରୁ ଆମରଣ ଅନଶନ କରୁଥିବାରୁ ତାଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଛି। ଏଥିଯୋଗୁ ରଣଯୋଧ ମାନସିକ ଚାପରେ ରହିଥିଲେ। ତେଣୁ ସେ ଜୀବନ ହାରିଥିବା ଅଭିଯୋଗ ହୋଇଛି।

### ଭଗବାନ ଝୁଲେଲାଲଙ୍କ ପୂଜାର୍ଚ୍ଚନା କଲେ ବିଷ୍ଣୁଦେବ

## ରାଜ୍ୟର ସୁଖ ସମୃଦ୍ଧି କାମନା କଲେ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ବିଳାସପୁରର ଚକର ମଠରେ ପୂଜ୍ୟ ସିନ୍ଧୁ ସମାଜ ଦ୍ୱାରା ଆୟୋଜିତ ଚାଲିହା ମହୋତ୍ସବରେ ସାମିଲ ହୋଇ ଭଗବାନ ଝୁଲେଲାଲଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସେ ଭଗବାନ ଝୁଲେଲାଲଙ୍କ ଆଶୀର୍ବାଦ କରିବା ସହ ରାଜ୍ୟବାସୀଙ୍କ ସୁଖ ଓ ସମୃଦ୍ଧି ମଧ୍ୟ କାମନା କରିଥିଲେ। ଏହି ଅବସରରେ ସେ ପୂଜ୍ୟ ସିନ୍ଧୁ ଅମରନାଥ ଆଶ୍ରମରେ ସନ୍ଥ ଶ୍ରୀ ସାଇ ଲାଲ ଦାସ ସାହେବଙ୍କୁ ପ୍ରଣିପାତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ସାଏ କହିଥିଲେ ଶ୍ରୀ ପୂଜ୍ୟ ସନ୍ଥା ଲାଲ ଦାସଜୀ ୪୦ଦିନ ଧରି ଉପବାସ ରହିବା ପରେ ରାଜ୍ୟରେ ସମୃଦ୍ଧି ଆସିଛି। ତପ, ପୂଜାପାଠ ସହ ଭଗବାନଙ୍କୁ ପ୍ରାର୍ଥନା କରିବା ସେମାନଙ୍କର ଶକ୍ତି ଅଟେ। ସେ କହିଥିଲେ ବରୁଣରୂପି ଭଗବାନଙ୍କୁ ଝୁଲେଲାଲ ପୂଜାର୍ଚ୍ଚନା କରିବା ସହ ୪୦ଦିନ ଧରି ନିର୍ଜଳା ଉପବାସ ରହି ପୂଜାର୍ଚ୍ଚନା କରିଥିଲେ। ସିନ୍ଧି ସମାଜ ହେଉଛି ଧର୍ମର ପ୍ରତୀକ। ଏହି ଅବସରରେ ବିଧାୟକ ଧରମରାମ କୌଶିକ, ଅମର ଅଗ୍ରୱାଲଙ୍କ ସମେତ ବହୁ ଶ୍ରଦ୍ଧାଳୁ ଓ ମାନ୍ୟଗଣ୍ୟ ନାଗରିକ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ କି ସିନ୍ଧି ସମାଜର ଲୋକମାନେ ଶିକ୍ଷିତ, ସମୃଦ୍ଧି ଓ ସେବା ମନୋଭାବି। ଅଧିକାଂଶ ସମୟ ସେମାନେ ସମାଜସେବାରେ ନିଜକୁ ନିୟୋଜିତ କରିଥାନ୍ତି। ସେମାନଙ୍କ ପୂର୍ବପୁରୁଷଙ୍କ ଆଶୀର୍ବାଦ ଫଳରେ ସେମାନେ ବଡ ସଫଳତା ମଧ୍ୟ ହାସଲ କରିପାରୁଛନ୍ତି। ସେମାନେ ବହୁ କଷ୍ଟ ସହି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ଆଗକୁ ନିରନ୍ତର ଅଗ୍ରସର ହେବାରେ ଲାଗିଛନ୍ତି। ବିଧାୟକ ଧରମଲାଲ କୌଶିକ କହିଥିଲେ ଯେ, ସିନ୍ଧୁ ଅମରଧାମରେ ଯେଉଁ ପୂଜାର୍ଚ୍ଚନା କରାଯାଏ ସେଥିରେ ଦେଶବିଦେଶରୁ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥାନ୍ତି। ସେମାନେ ଏଠାକାର ସେବା ଦେଖି ଖୁସି ପ୍ରକଟ କରିଥାନ୍ତି।

### ଜଳୁଛି ଜଙ୍ଗଲ: ୬ ମୃତ

## ୩୦ହଜାର ଲୋକ ସ୍ଥାନାନ୍ତର

ନୂଆଦିଲ୍ଲୀ : ହୁହୁ ହୋଇ ଜଳୁଛି ଜଙ୍ଗଲ। ଏଥିରେ ୬ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ହଜାର ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। କାଲିଫର୍ଣ୍ଣିଆ ଜଙ୍ଗଲରୁ ନିଆଁ ବ୍ୟାପି ଏକ ହଜାରରୁ ବି ଅଧିକ ଘର ଜଳି ଯାଇଛି। ପବନ ବହିବା ହେତୁ ଦ୍ରୁତ ଗତିରେ ନିଆଁ ବ୍ୟାପିବାରେ ଲାଗିଛି। ସାଣ୍ଟା ମୋନିକା ଏବଂ ମାଲିବୁ ମଧ୍ୟରେ ପାସିଫିକ୍ ପାଲିସେଡ୍ସ ଅଞ୍ଚଳରେ ପ୍ରାୟ ୧୨୬୨ ଏକର ଜଙ୍ଗଲ ଅଞ୍ଚଳ ଜଳି ପୋଡ଼ି ଛାରଖାର ହୋଇଯାଇଛି। ୫ ହଜାର ଏକରରୁ ବି ଅଧିକ ଜମିରେ ଏହି ନିଆଁ ବ୍ୟାପିଛି। ଏଥିଯୋଗୁ ନିଆଁ ବ୍ୟାପୁଥିବା ଅଞ୍ଚଳରୁ ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଖାଲି କରାଯାଇଥିଲେ ମଧ୍ୟ ଆହୁରି ଅନେକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନିଆଁ ବ୍ୟାପିବା ଫଳରେ ହଲଉଡ ଷ୍ଟାର ସମେତ ଅନେକ ଲୋକମାନେ ଟୋପାଙ୍ଗା କାନ୍ୟନ୍ ପାର୍ବତ୍ୟାଞ୍ଚଳ ଛାଡ଼ି ଦେଇଛନ୍ତି। ରାସ୍ତାରେ ଯିବା ବେଳେ ନିଆଁ କବଳକୁ ଚାଲିଆସିବାରୁ ଲୋକେ ସେମାନଙ୍କ କାର୍ ଛାଡ଼ି ଦୌଡ଼ିଥିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ନିଆଁକୁ ଆୟତ୍ତ କରିବାକୁ ଆକାଶ ମାର୍ଗରୁ ପାଣି ବର୍ଷା କରାଯାଉଛି।

## ଭୁଶୁଡ଼ିଲା ପ୍ଲାଣ୍ଟର ଚିମିନି : ୪ ଶ୍ରମିକ ମୃତ



ମୁଙ୍ଗେଲି : ଛତିଶଗଡ଼ର ମୁଙ୍ଗେଲି ଜିଲ୍ଲାରେ ଥିବା ଗୋଟିଏ ଷ୍ଟିଲ ପ୍ଲାଣ୍ଟର ସିଲୋ ଭୁଶୁଡ଼ି ପଡିବା ଫଳରେ ୪ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ୨ ଜଣଙ୍କୁ ଜୀବିତ ଅବସ୍ଥାରେ ଧ୍ୱଂସାବଶେଷ ତଳୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ଏବେ ବି ଅନେକ ଶ୍ରମିକ ଭୁଶୁଡ଼ି ପଡ଼ିଥିବା ଚିମିନି ତଳେ ରହିଥିବା ଆଶଙ୍କା କରାଯାଉଛି। ଚିମିନି ହେଉଛି ଲୁହାରେ ତିଆରି ହୋଇଥିବା ବିରାଟକାୟ ସିଲଣ୍ଡର ଆକୃତିର ଷ୍ଟ୍ରକଚର। ଷ୍ଟିଲ ପ୍ଲାଟର ଜିନିଷ ରଖିବାକୁ ଚିମିନିର ବ୍ୟବହାର ହୋଇଥାଏ। ମୁଙ୍ଗେଲି ଏସ୍‌ପି ଭୋଜରାମ ପଟେଲ କହିଛନ୍ତି, ସାରଗାଓଁ ଅଞ୍ଚଳରେ ଥିବା କୁସୁମ ଷ୍ଟିଲ ପ୍ଲାଣ୍ଟରେ କାମ ଚାଲୁଥିବା ବେଳେ ମଧ୍ୟାହ୍ନ ସମୟରେ ପୂରା ଘଟଣା ଘଟିଛି। ଘଟଣା ବେଳେ ଚିମିନି ନିକଟରେ ୮ରୁ ୧୦ ଜଣ ଶ୍ରମିକ କାମ କରୁଥିଲେ। ଚିମିନି ଭୁଶୁଡ଼ି ପଡ଼ିବାରୁ ଏହା ତଳେ ସମସ୍ତେ ଚାପି ହୋଇ ରହିଯାଇଥିଲେ। ପୁଲିସ୍‌ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟରେ ମେସିନ ମଧ୍ୟ ବ୍ୟବହାର କରାଯାଉଛି। ଧ୍ୱଂସାବଶେଷ ତଳକୁ ୨ ଜଣଙ୍କୁ ଉଦ୍ଧାର କରାଯାଇ ବିଳାସପୁରକୁ ଚିକିତ୍ସା ପାଇଁ ପଠାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି।

## ଚାରି ନକ୍ସଲ ମୃତ

ମାଲକାନଗିରି: ସୀମାନ୍ତ ଛତିଶଗଡ଼ର ବିଜାପୁର ଏବଂ ସୁକମା ସୀମାନ୍ତରେ ଗୁରୁବାର ପୁଣି ସୁରକ୍ଷା ବାହିନୀର ଯବାନ ଏବଂ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ୪ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ଗତ ୬ ତାରିଖରେ ନକ୍ସଲ ଆକ୍ରମଣରେ ୮ ଜଣ ଡିଆରଜି ଯବାନ ସହିଦ ହୋଇଥିବା ବେଳେ ଜଣେ ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ଏହାର ଜବାବରେ ଯବାନ ୩ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି। ଗୁଇନ୍ଦା ସୂତ୍ରରୁ ଖବର ପାଇ ସୁକମା ଏବଂ ବିଜାପୁର ଜିଲ୍ଲା ପୁଲିସ ସମେତ ଡିଆରଜି, ସିଆରପିଏଫ ଯବାନ ସୀମାନ୍ତ ଜଂଗଲରେ ସର୍ଚ୍ଚ ଅପରେସନ୍ କରିଥିଲେ। ଯବାନଙ୍କୁ ଦେଖି ନକ୍ସଲ ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଘାଇଲା ଯବାନ ନକ୍ସଲଙ୍କୁ ମାରିବା ପାଇଁ ଏକ ପ୍ରକାର ଉଗ୍ରରୂପ ନେଇଥିଲେ। ଜଂଗଲରେ ଏବେ ବି ଯବାନ ସର୍ଚ୍ଚ ଅପରେସନ ଜୋରଦାର କରିଛନ୍ତି। ସର୍ଚ୍ଚ ଅପରେସନ ବେଳେ ୩ ଜଣ ନକ୍ସଲଙ୍କର ମୃତଦେହ ଜବତ କରାଯାଇଛି। ଏଥିସହ ବନ୍ଧୁକ ଏବଂ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ସୁକମା ଏବଂ ବିଜାପୁର ଜିଲ୍ଲା ପୁଲିସ ସମେତ ଡିଆରଜି, ସିଆରପିଏଫ ଯବାନ ସୀମାନ୍ତ ଜଂଗଲରେ ସର୍ଚ୍ଚ ଅପରେସନ୍ କରିଥିଲେ। ଯବାନଙ୍କୁ ଦେଖି ନକ୍ସଲ ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଶେଷରେ ନକ୍ସଲଙ୍କ ଟାର୍ଗେଟ୍ ବିଫଳ ହୋଇଥିଲା।

## ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା: ସଞ୍ଜୟଙ୍କ ମୃତ୍ୟୁ ଦଣ୍ଡ ଦାବି କଲା ସିବିଆଇ



ନୂଆଦିଲ୍ଲୀ: କୋଲକାତାର ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଶୁଣାଣି ଗୁରୁବାର ଶେଷ ହୋଇଛି । କୋଲକାତାର ସିୟାଲଦହ କୋର୍ଟ ଏହି ମାମଲାରେ ଶୁଣାଣି ଚାଲିଥିଲା । ଏବେ କୋର୍ଟ ଜାନୁଆରୀ ୧୮ରେ ଏହି ମାମଲାରେ ରାୟ ଶୁଣାଣି କରିବେ । ସିବିଆଇ ଏହି ମାମଲାରେ ଗିରଫ ଏକମାତ୍ର ଅଭିଯୁକ୍ତ ସଂଜୟ ରାୟ ପାଇଁ ମୃତ୍ୟୁ ଦଣ୍ଡ ଦାବି କରିଛି। ଏହି ଜଘନ୍ୟ କାଣ୍ଡରେ ସିବିଆଇର ଭୂମିକାକୁ ନେଇ କୋଲକାତା ଡାକ୍ତର ଲଗାତାର ପ୍ରଦର୍ଶନ କରୁଛନ୍ତି । ତଦନ୍ତରେ ଆନାବଶ୍ୟକୀୟ ବିଳମ୍ବ ଏବଂ ଅପରାଧୀଙ୍କୁ ବଞ୍ଚାଇବା ପାଇଁ ପୋଲିସ ମିଶି ସିବିଆଇ କାମ କରୁଥିବା ଡାକ୍ତରମାନେ ଅଭିଯୋଗ କରିଛନ୍ତି। ଏହାସହ ମାମଲାର ତଦନ୍ତ ଶୀଘ୍ର ସାରିବା ପାଇଁ ଦାବି କରିଥିଲେ । ଏବେ କୋର୍ଟଙ୍କ ରାୟ ଉପରେ ସମସ୍ତଙ୍କ ନଜର ରହିଛି । ଅତିରିକ୍ତ ଜିଲ୍ଲା ଏବଂ ସେସନ ଜଜ୍ ଅନିର୍ବାନ ଦାସଙ୍କ ଅଦାଲତରେ ଏହି ମାମଲାର ଶୁଣାଣି ହୋଇଛି। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ସଂଜୟ ରାୟ ଷଡ଼ଯନ୍ତ୍ରକାରୀ ଭାବେ କୋଲକାତାର ପୂର୍ବତନ ପୋଲିସ କମିଶନର ଭିନୀତ ଗୋୟଲ ଏବଂ ସ୍ପେଶାଲ ଡେପୁଟୀ କମିଶନରଙ୍କ ନାଁ ନେଇଥିଲା । ଏହି ମାମଲାରେ ତାଙ୍କୁ ଫସାଯାଇଛି ଏବଂ ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ସଂଜୟ ରାୟ କୋର୍ଟରେ ବୟାନ ଦେଇଥିଲା। ସିବିଆଇ ଚାର୍ଜସିଟ୍ ଅନୁସାରେ ସିଭିକ୍ ଭଲିଣ୍ଟିୟର ସଞ୍ଜୟ ରାୟ ହିଁ ଏହି ଜଘନ୍ୟ କାଣ୍ଡ ଘଟାଇଛି। ପୀଡ଼ିତାରୁ ନିଆଯାଇଥିବା ସିମନର ସମ୍ପଲ ସହ ସଞ୍ଜୟ ସହ ମେଳ ଖାଉଛି । ସିବିଆଇ ଦାବି କରିଛି ଯେ ସିଏଫ୍‌ଏସ୍‌ଏଲ୍ ରିପୋର୍ଟରୁ ସିମନ ସଞ୍ଜୟର ବୋଲି ସ୍ପଷ୍ଟ ହୋଇଛି । ଅନେକ ଭୌତିକ ପ୍ରମାଣ, ପରିସ୍ଥିତିଜନିତ ପ୍ରମାଣ, ଫରେନ୍ସିକ ରିପୋର୍ଟ ଆଧାରରେ ସଞ୍ଜୟ ହିଁ ଏହି ଜଘନ୍ୟ କାଣ୍ଡ ଘଟାଇଥିବା ପ୍ରମାଣିତ ହେଉଛି।





ନୂଆଦିଲ୍ଲୀ: ନିବେଶକ ହରାଇଲେ ୪ ଲକ୍ଷ କୋଟି ଟଙ୍କା । କମ୍ପାନିଗୁଡ଼ିକର ଡିସେମ୍ବର ତ୍ରୈମାସ ରେଜଲ୍ଟ ଆସିବା ପୂର୍ବରୁ ସେୟାର ବଜାର ଗୁରୁବାର ପୁଣି ଥରେ ବଡ଼ ହ୍ରାସ ସହ ବନ୍ଦ ହୋଇଛି । ସେନସେକ୍ସ ୫୨୮ ଅଙ୍କ ହ୍ରାସ ପାଇ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ୨୩,୫୫୦ ସ୍ତର ତଳେ ବନ୍ଦ ହୋଇଛି । ଆଜିର ଏହି ହ୍ରାସ ଯୋଗୁ ନିବେଶକଙ୍କୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ବ୍ରଡର ମାର୍କେଟରେ ବି ବିକ୍ରିର ଚାପ ଦେଖିବାକୁ ମିଳିଛି । ବିଏସ୍‌ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୯୬ ପ୍ରତିଶତ ଏବଂ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୧.୧୭ ପ୍ରତିଶତ ହ୍ରାସ ପାଇଛି । ଋଗଉଏକୁ ଛାଡ଼ି ଅନ୍ୟ ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । କାରବାର ଶେଷରେ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୫୨୮.୨୮ ଅଙ୍କ ବା ୦.୬୮ ପ୍ରତିଶତ ହ୍ରାସ ପାଇ ୭୭,୬୨୦.୨୧ ଅଙ୍କରେ ବନ୍ଦ ହୋଇଛି । ଅନ୍ୟପଟେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୧୬୨.୪୫ ଅଙ୍କ ବା ୦.୬୯ ପ୍ରତିଶତ ହ୍ରାସ ପାଇ ୨୩,୫୨୬.୫୦ ସ୍ତରରେ ବନ୍ଦ ହୋଇଛି ।

## 'ଦୀର୍ଘକାଳୀନ ଅବସର ସଫଳତା ପାଇଁ ନିବେଶ ଜାରି ରଖିବା ଗୁରୁତ୍ୱପୂର୍ଣ୍ଣ'



ନୂଆଦିଲ୍ଲୀ : ଦୀର୍ଘକାଳୀନ ସଫଳ ଅବସର ସମୟ ପାଇଁ ନିବେଶ ବଜାୟ ରଖିବା ଜରୁରୀ । ଶୃଙ୍ଖଳିତ ଉପାୟରେ ରଣନୀତି ପ୍ରସ୍ତୁତ କରିବା ଜଣେ ନିବେଶକଙ୍କୁ ଅବସର ପାଇଁ ଏକ ମଜବୁତ ଆର୍ଥିକ ମୂଳଦୁଆ ପ୍ରଦାନ କରିଥାଏ । ନିୟମିତ ନିବେଶ ବଜାୟ ରଖିବାର ସବୁଠାରୁ ବଡ ଲାଭ ହେଉଛି ଚକ୍ରବୃଦ୍ଧି । ଏହା ସେତେବେଳେ ଘଟିଥାଏ ଯେତେବେଳେ ଆପଣଙ୍କ ରିଟର୍ଣ୍ଣ ନିଜର ରିଟର୍ଣ୍ଣରୁ ଆୟ କରିବା ଆରମ୍ଭ କରିଥାଏ, ଯାହା ଆପଣଙ୍କ ନିବେଶର ଅଭିବୃଦ୍ଧିକୁ ବହୁଗୁଣିତ କରିଥାଏ । ଏହାକୁ ପର୍ଯ୍ୟାପ୍ତ ସମୟ ଦିଅନ୍ତୁ ଏବଂ ବିଶେଷ କରି ଯଦି ଆପଣ ଶୀଘ୍ର ଆରମ୍ଭ କରନ୍ତି ଓ ବାରମ୍ବାର ପୁନଃନିବେଶ କରନ୍ତି ଏହି ଚକ୍ରବୃଦ୍ଧି ବା ଯୌଗିକ ପ୍ରଭାବ ଆପଣଙ୍କର ନିବେଶ ମୂଲ୍ୟକୁ ବହୁମାତ୍ରାରେ ପ୍ରଭାବିତ କରିପାରିବ । ଏକ ସ୍ଥିର ନିବେଶ ଅାଭିମୁଖ୍ୟ ଲୋକମାନଙ୍କୁ ଯୌଗିକ ସୁଧ, ବିବିଧକରଣ ଓ ଦୀର୍ଘକାଳିନ ବଜାର ଧାରାକୁ ହାସଲ କରିବାରେ ସାହାଯ୍ୟ କରିବା ସହ ମୁଦ୍ରାସ୍ଫୀତି ବିରୋଧରେ ସେମାନଙ୍କର ପୋର୍ଟଫୋଲିଓଗୁଡିକୁ ସୁରକ୍ଷତି ରଖିଥାଏ ବୋଲି ବନ୍ଧନ ଏଏମ୍‌ସିର ସେଲ୍‌ସ ଓ ମାର୍କେଟିଂ ବିଭାଗର ମୁଖ୍ୟ ଗୌରବ ପରିଜା କହିଛନ୍ତି । ଅବସର ସମୟର ଯୋଜନାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରକ ହେଉଛି ମୁଦ୍ରାସ୍ଫୀତି, କାରଣ ଏହା ଯୋଗୁଁ ଦରଦାମ ବୃଦ୍ଧି ହେଉଥିବା ବେଳେ ଟଙ୍କାର କ୍ରୟ ଶକ୍ତି ନିରନ୍ତର ଭାବେ ହ୍ରାସ ପାଇଥାଏ। ଯଦି ଆପଣଙ୍କର ନିବେଶ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ନହୁଏ ତେବେ ଆପଣଙ୍କର ସଂଚୟର ମୂଲ୍ୟ ଆପେ ଆପେ ହ୍ରାସ ପାଇଥାଏ। ଏକ ଉତ୍ତମ ବିବିଧ ପୋର୍ଟଫୋଲିଓରେ ନିବେଶ ଆପଣଙ୍କୁ ଏଭଳି କ୍ଷତିରୁ ସୁରକ୍ଷା ଦେଇଥାଏ ଏବଂ ସମୟ ସହିତ ଆପଣଙ୍କ ଅର୍ଥ ନିଜର ମୂଲ୍ୟ ବଜାୟ ରଖିଥାଏ। ଶ୍ରୀଯୁକ୍ତ ପରିଜାଙ୍କ ମତରେ, କିଛି ନିବେଶକ ବଜାର ନିମ୍ନଗାମୀ ହେଲେ ଭୟଭୀତ ହୋଇ ସେୟାର ବିକ୍ରି କରିଥାନ୍ତି, ଯାହାଫଳରେ ସେମାନେ କ୍ଷତିରେ ପଡିଥାନ୍ତି, ଅନ୍ୟପକ୍ଷରେ ଅନ୍ୟ ନିବେଶକମାନେ କିଛି ହରାଇ ଦେବା ଭୟରେ ବଜାରର ଉଚ୍ଚ ସ୍ଥିତି ପଛରେ ଗୋଡାଇଥାନ୍ତି। ତେଣୁ ନିୟମିତ ନିବେଶ ଜାରି ରଖିବା ଦ୍ୱାରା ତାହା ଆପଣଙ୍କୁ ଏଭଳି ପ୍ରତିକ୍ରିୟାକୁ ଏଡାଇବାରେ ସାହାଯ୍ୟ କରିଥାଏ। ଜଣେ ଶୃଙ୍ଖଳିତ ନିବେଶକ ଏକ ଯତ୍ନଶୀଳ ଭାବେ ପ୍ରସ୍ତୁତ ଯୋଜନାକୁ ଅନୁସରଣ କରିଥାନ୍ତି, ସେ ସ୍ୱଳ୍ପାବଧି ଭାବନା ଆଧାରରେ କୌଣସି ନିଷ୍ପତ୍ତି ନେଇନଥାନ୍ତି। ଦୀର୍ଘାବଧି ଅବସରକାଳୀନ ସଫଳତା ନିରନ୍ତର ନିବେଶ ବଜାୟ ରଖିବାରେ ଅନ୍ତର୍ନିହିତ ରହିଛି। ଏହା ଆପଣଙ୍କୁ ଚକ୍ରବୃଦ୍ଧିର ଶକ୍ତିକୁ ହାସଲ କରିବା, ବଜାରର ଅନିଶ୍ଚିତ ସ୍ଥିତିର ମୁକାବିଲା କରିବା, ଭାବନାର ବଶବର୍ତ୍ତୀ ହୋଇ ନିଷ୍ପତି ନେବାରୁ ଦୂରେଇ ରହିବା, ନିଜକୁ ମୁଦ୍ରାସ୍ଫୀତ ବିରୋଧରେ ସୁରକ୍ଷିତ ରଖିବା ଏବଂ ପୋର୍ଟଫୋଲିଓର ବିବିଧକରଣକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ସଫଳ ଓ ଆରାମଦାୟକ ଅବସର କ୍ଷେତ୍ରରେ ଧୈର୍ଯ୍ୟ ଓ ନିରନ୍ତରତା ପ୍ରମୁଖ ସହଯୋଗୀ ଅଟନ୍ତି ବୋଲି ଶେଷରେ ଶ୍ରୀଯୁକ୍ତ ପରିଜା କହିଛନ୍ତି।

### ରାଜସ୍ୱ ସଚିବ ଭାବରେ ଦାୟିତ୍ୱ ଗ୍ରହଣ ତୁହିନ କାନ୍ତ ପାଣ୍ଡେ



ନୂଆଦିଲ୍ଲୀ: ଓଡ଼ିଶା କ୍ୟାଡର ଆଇଏସ ଅଫିସର ତଥା କେନ୍ଦ୍ର ଅର୍ଥ ସଚିବ ତୁହିନ୍ କାନ୍ତ ପାଣ୍ଡେ ଗୁରୁବାର ଅର୍ଥ ମନ୍ତ୍ରଣାଳୟରେ ରାଜସ୍ୱ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର କ୍ୟାବିନେଟର ନିଯୁକ୍ତି କମିଟି ପାଣ୍ଡେଙ୍କୁ ରାଜସ୍ୱ ସଚିବ ଭାବେ ନିଯୁକ୍ତ ଦେଇଥିଲା। ଗୁରୁବାର ସେ ତାଙ୍କ ଦାୟିତ୍ୱ ସମ୍ଭାଳିଛନ୍ତି। ପାଣ୍ଡେ ନିବେଶ ଏବଂ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ବିଭାଗ ଏବଂ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗର ଦାୟିତ୍ୱ ତୁଲାଉଥିଲେ। ଏବେ ନୂଆ ଦାୟିତ୍ୱ ମିଳିବା ସତ୍ତ୍ୱେ ବି ସେ ଅର୍ଥ ସଚିବ ରହିବେ ବୋଲି କେନ୍ଦ୍ର କ୍ୟାବିନେଟ୍ ନିର୍ଦ୍ଦେଶ ଦେଇଛି। ଅର୍ଥ ମନ୍ତ୍ରଣାଳୟର ୬ ଟି ବିଭାଗ ରହିଛି।

## 'ଆରସିଏଫ୍ ଏକ୍ସପର୍ଟ' ସିମେଣ୍ଟ ଉନ୍ମୋଚିତ




ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଗର୍ବର ସହିତ 'ରୁଫ୍, କଲମ, ଫାଉଣ୍ଡେସନ (ଆରସିଏଫ) ଏକ୍ସପର୍ଟ' ବ୍ରାଣ୍ଡ ଅବସ୍ଥିତି ଅଧୀନରେ ତାହାର ସଦ୍ୟତମ ସିମେଣ୍ଟ ବର୍ଗମାଳା ଭାରତର ସମସ୍ତ ପ୍ରମୁଖ ବଜାରରେ ଉନ୍ମୋଚନ କରିଛି। ଏହାର ଫ୍ଲାଗସିପ ଉତ୍ପାଦସମୂହ ଡାଲମିଆ ଡିଏସ୍‌ପି ଆରସିଏଫ ଏକ୍ସପର୍ଟ ++ ଏବଂ ଡାଲମିଆ ସିମେଣ୍ଟ (ଡିସି) ଆରସିଏଫ୍ ଏକ୍ସପର୍ଟ ବର୍ଦ୍ଧିତ ଫର୍ମୁଲେସନ ଏବଂ ସର୍ବାଧୁନିକ ନାନୋ ବର୍ଣ୍ଣିଂ ଟେକ୍ନୋଲୋଜି (ଏନବିଟି)ରେ ସମୃଦ୍ଧ, ଯାହା ଆଧୁନିକ ନିର୍ମାଣର ପରିବର୍ତ୍ତିତ ଆବଶ୍ୟକତା ପୂରଣ ନିମନ୍ତେ ଡିଜାଇନ କରାଯାଇଛି। ଆରସିଏଫ୍ ଏକ୍ସପର୍ଟ ବର୍ଗ ସମୟ ସ୍ରୋତକୁ ମୁକାବିଲା କରି ମଜଭୁତ ଭାବରେ ଛିଡ଼ା ହେବାକୁ ଅଧିକ ସାମର୍ଥ୍ୟ, ଉଚ୍ଚତର ଅବକ୍ଷୟ ପ୍ରତିରୋଧୀ ଏବଂ କଠିନ ନିର୍ମାଣକୁ ସୁନିଶ୍ଚିତ କରୁଛି। ୮୦ବର୍ଷରୁ ଅଧିକ କାଳର ବିଶ୍ୱସନୀୟ ପରମ୍ପରା ସହିତ ମୂଳ ବ୍ରାଣ୍ଡ ଡାଲମିଆ ସିମେଣ୍ଟ (ଡିସି) ଏହାର ନିରନ୍ତର ଗୁଣବତ୍ତା ଏବଂ ପ୍ରମାଣିତ ଭରସାଯୋଗ୍ୟତା ପାଇଁ ଭିନ୍ନ ହୋଇ ଛିଡ଼ା ହୋଇଛି, ଯାହା ଏହାକୁ ବହୁବିଧ ନିର୍ମାଣ ଆବଶ୍ୟକତା ନିମନ୍ତେ ପସନ୍ଦଯୋଗ୍ୟ କରି ଗଢିତୋଳୁଛି। ଏହି ବର୍ଗମାଳାର ପ୍ରିମିୟମ ଉତ୍ପାଦ ଡାଲମିଆ ଡିଏସ୍‌ପି ଆରସିଏଫ୍ ++କୁ ଅଲ୍‌ଟିମେଟ କଂକ୍ରିଟ ଏକ୍ସପର୍ଟ ଭାବରେ ଅବସ୍ଥାପିତ କରାଯାଇଛି। ଏଥିରେ ହାଇ ରିଆକ୍ଟିଭ ସିଲିକା ଏବଂ ପୋର୍ ରିଡକ୍‌ସନ ଟେକ୍‌ନୋଲୋଜି (ପିଆରଟି)ର ଏନ୍‌ବିଟି ସମ୍ମିଶ୍ରିତ ରହିଛି, ଯାହା ମଜଭୁତ ଛାତ, କଲମ୍ ଏବଂ ମୂଳଦୁଆ ନିମନ୍ତେ ସର୍ବୋଚ୍ଚ ସ୍ତରର ଶକ୍ତି ଓ ଦୀର୍ଘସ୍ଥାୟିତ୍ୱ ପ୍ରଦାନ କରୁଛି। ଏହି ପ୍ରୟାସକୁ ଡାଲମିଆ ସିମେଣ୍ଟର ଆରସିଏଫ ପାଇଁ ରହିଥିବା ଉତ୍ସର୍ଗୀକୃତ ଟିମ୍ ସମର୍ଥନ ଯୋଗାଇ ଦେଉଛନ୍ତି, ଯେଉଁମାନେ ନିର୍ମାଣରେ ସମସ୍ତ ବିଷୟ ପ୍ରତି ଟିକିନିଖି ବିଷୟ ସୁନିଶ୍ଚିତ କରିବାକୁ ନିର୍ମାଣ ସ୍ଥଳରେ ମାର୍ଗଦର୍ଶନ ଯୋଗାଇ ଦେଉଛନ୍ତି। ଉତ୍ପାଦ ଉନ୍ମୋଚନ କାର୍ଯ୍ୟକ୍ରମ ଡାଲମିଆ ସିମେଣ୍ଟର ରାଷ୍ଟ୍ରବ୍ୟାପୀ ରହିଥିବା ୫୦୦୦୦ରୁ ଅଧିକ ଚାନେଲ ପାର୍ଟନରଙ୍କ ସମର୍ଥନରେ ଆୟୋଜିତ ହୋଇଥିବାବେଳେ ଏଥିରେ ପ୍ରମୁଖ ଡିଲର, ଠିକାଦାର ଏବଂ ରାଜମିସ୍ତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ନିର୍ମାଣ କାର୍ଯ୍ୟରେ ନିରନ୍ତର ପରିବର୍ତ୍ତନ ଘଟୁଥିବାବେଳେ ଗୃହ ନିର୍ମାତାମାନେ ସମ୍ପ୍ରତି ଦ୍ରୁତତର ସେଟିଂ ସମୟ, ଉଚ୍ଚମାନର କାର୍ଯ୍ୟଦକ୍ଷତା ଏବଂ ପରିବେଶଗତ ଆପଦଗୁଡ଼ିକ ପ୍ରତିରୋଧ କରିବାର ବର୍ଦ୍ଧିତ ସାମର୍ଥ୍ୟ ଭଳି ଉନ୍ନତ ବୈଶିଷ୍ଟ୍ୟ ଆବଶ୍ୟକ କରୁଛନ୍ତି। ପୂର୍ବ ଭାରତରେ କମ୍ପାନୀ ଏହି ଅଞ୍ଚଳରେ ସର୍ବବୃହତ ସିମେଣ୍ଟ ଉତ୍ପାଦନକାରୀ ଭାବରେ ଅଗ୍ରଣୀ ରହିଛି ଏବଂ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟରେ ୨୦୧୨ରୁ ଅଧିକ ଚାନେଲ ସହଭାଗୀଙ୍କ ଜରିଆରେ ମଜଭୁତ ଉପସ୍ଥିତି ଜାହିର କରୁଛି।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ସିଏସ୍‌ଆର୍ ବିଭାଗ ଥେଲକୋଲୋଇ ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ କରିଥିଲା, ଯାହା ସମ୍ପ୍ରଦାୟର ବିବାହ, ସାଂସ୍କୃତିକ ସମାବେଶ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଭଳି ବଡ଼ ଧରଣର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ ଉତ୍ସର୍ଗୀକୃତ ସୁବିଧାର ଆବଶ୍ୟକତାକୁ ସମ୍ବୋଧିତ କରିଥିଲା। ଏହି ଉତ୍ସବରେ ଥେଲକୋଲୋଇର ସରପଞ୍ଚ ଅବନ୍ତୀ ନାୟକ, ମିହିର କୁମାର ମିଶ୍ର, ଏଭିପି-ସିଭିଲାଣ୍ଡ ବିଶାଲ ରାଜ, ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ସିଏସ୍‌ଆର୍ ମୁଖ୍ୟ, ସ୍ଥାନୀୟ ବାସିନ୍ଦା ଏବଂ ଅଧିକାରୀମାନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କଲ୍ୟାଣ ମଣ୍ଡପ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ପାଇଁ ଏକ ବହୁମୁଖୀ ସ୍ଥାନ ପ୍ରଦାନ କରିବ, ଯାହା ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ସମ୍ପ୍ରଦାୟ କଲ୍ୟାଣ ଏବଂ ଏହାର ପ୍ରଭାବଶାଳୀ ସିଏସ୍‌ଆର୍ କାର୍ଯ୍ୟକଳାପ ମାଧ୍ୟମରେ ଏହି ଅଞ୍ଚଳକୁ ଉନ୍ନତ କରିବାରେ ଔଝଡ ଫାଉଣ୍ଡେସନର ନିରନ୍ତର ପ୍ରୟାସ ପାଇଁ ଗ୍ରାମବାସୀ ଏବଂ ସମ୍ପ୍ରଦାୟ ନେତାମାନେ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପ ଥେଲକୋଲୋଇ ଏବଂ ଆଖପାଖ ଅଞ୍ଚଳର ସାମାଜିକ ଗଠନ ଉପରେ ଏକ ସ୍ଥାୟୀ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ଶ୍ରୀମତୀ ନାୟକ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପ୍ରତି କୃତଜ୍ଞତା ପ୍ରକାଶ କରି ସାମାଜିକ ବନ୍ଧନକୁ ସୁଦୃଢ କରିବାରେ ପ୍ରକଳ୍ପର ଭୂମିକା ଉପରେ ଆଲୋକପାତ କରିଥିଲେ। ଶ୍ରୀ ରାଜ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ସ୍ଥାୟୀ ସମ୍ପ୍ରଦାୟ ବିକାଶ ମିଶନ ସହିତ ଏହି ପଦକ୍ଷେପର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଲଞ୍ଚ୍ ହେଲା ମର୍ସିଡିଜ୍-ବେଞ୍ଜର ଇଲେକ୍ଟ୍ରିକ୍ ଜି-କ୍ଲାସ୍




ନୂଆଦିଲ୍ଲୀ: ଦେଶରେ ମର୍ସିଡିଜ୍-ବେଞ୍ଜର ଇଲେକ୍ଟ୍ରିକ୍ ଜି-କ୍ଲାସ୍ ଲଞ୍ଚ ହୋଇଛି। ମର୍ସିଡିଜ ଇକ୍ୟୁ ପ୍ରଯୁକ୍ତିବିଦ୍ୟା ସହିତ ନୂତନ କାର ଜି୫୮୦ ଲଞ୍ଚ କରିଛି। ଏବେ ଏହି କାରଟି ଭାରତରେ ଅଫ-ରୋଡର ଯାନ ତାଲିକାରେ ମଧ୍ୟ ସାମିଲ ହୋଇଛି। ପ୍ରଥମ ଥର ପାଇଁ ଏପରି ଅଫ-ରୋଡର ଯାନ ଯାହାକୁ ବୈଦ୍ୟୁତିକ ଭାରିଆଣ୍ଟରେ ଅଣାଯାଇଛି। ଏହି ମର୍ସିଡିଜ୍ କାରର ଚାରି ଚକରେ ଗୋଟିଏ ଗୋଟିଏ ବୈଦ୍ୟୁତିକ ମୋଟର ଲଗାଯାଇଛି। ମର୍ସିଡିଜ୍-ବେଞ୍ଜର ଏହି ନୂତନ ଇଲେକ୍ଟ୍ରିକ୍ କାରରେ ୧୧୬ କିଲୋ ୱାଟ ୟୁନିଟ୍ ବ୍ୟାଟେରୀ ଦିଆଯାଇଥିବାବେଳେ ଥରେ ଚାର୍ଜରେ ଏହି କାରଟି ୪୭୦ କିଲୋମିଟର ରେଞ୍ଜ ପ୍ରଦାନ କରେ । ଜି୫୮୦, ୫୮୭ ଏଚପି ପାୱାର ସହ ୧୧୬୫ ଏନଏମର ଟର୍କ ସୃଷ୍ଟି କରେ। ମର୍ସିଡିଜ୍-ବେଞ୍ଜ ଇଲେକ୍ଟ୍ରିକ୍ ଜି ୱାଗନର ମୂଲ୍ୟ ୩ କୋଟି ଟଙ୍କା ଏବଂ ଗତ ବର୍ଷ ଶେଷ ସୁଦ୍ଧା ଏହି କାରଟି ବହୁତ ବୁକିଂ ପାଇସାରିଛି ବୋଲି ଜଣାପଡିଛି ।

## ସୁନା କିଣିବାରେ ଭାରତ ଦ୍ୱିତୀୟ

ନୂଆଦିଲ୍ଲୀ : ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ୭୩ ଟନ୍ ସୁନା କିଣିଛି। କେବଳ ନଭେମ୍ବରରେ ଆରବିଆଇ ୮ ଟନ ସୁନା କିଣିଥିବା ସୂଚନା ରହିଛି। ୨୦୨୪ ଶେଷ ସୁଦ୍ଧା ଆରବିଆଇର ମୋଟ ସୁନା ପରିମାଣ ୮୭୬ ଟନ୍‌କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ନଭେମ୍ବରରେ ଭାରତ ସୁନା କ୍ରୟ କ୍ଷେତ୍ରରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ ପୋଲାଣ୍ଡ (ଏନ୍‌ବିପି) ବିଶ୍ୱରେ ସୁନା ଭଣ୍ଡାର କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ୱାର୍ଲଡ ଗୋଲ୍ଡ କାଉନସିଲ ଅନୁଯାୟୀ, ଏନ୍‌ବିପି ନଭେମ୍ବରରେ ୨୧ ଟନ୍ ସୁନା କିଣିଛି, ଯାହା ପରେ ଜାନୁଆରୀରୁ ନଭେମ୍ବର ମଧ୍ୟରେ ଏହାର ମୋଟ ସୁନା କ୍ରୟ ୯୦ ଟନ୍ ହୋଇଯାଇଛି। ଏହାର ସମୁଦାୟ ସୁନା ସଂରକ୍ଷଣ ୪୪୮ ଟନ୍‌ରେ ରହିବ, ଯାହାକି ଏହାର ସମୁଦାୟ ଭଣ୍ଡାରର ୧୮ ପ୍ରତିଶତ । ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ୬ ମାସ ପରେ ସୁନା କ୍ରୟ ଆରମ୍ଭ କରିଛି ଏବଂ ଏହାର ଭଣ୍ଡାରରେ ୬ ଟନ୍ ଯୋଡ଼ିଛି। ନଭେମ୍ବର ପର୍ଯ୍ୟନ୍ତ ଏହା ସମୁଦାୟ ୩୪ ଟନ୍ ସୁନା କିଣିଛି। ଏହା ପରେ ଏହାର ମୋଟ ସୁନା ସଂରକ୍ଷଣ ୨୨୬୪ ଟନ୍‌କୁ ବୃଦ୍ଧି ପାଇଛି ଏବଂ ଏହା ଚାଇନାର ମୋଟ ସଂରକ୍ଷଣର ୫ ପ୍ରତିଶତ । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଉଜ୍‌ବେକିସ୍ତାନ ମଧ୍ୟ ୩ ମାସ ପରେ ସୁନା କିଣିଛି ଏବଂ ଏହା ଅଧୀନରେ ନଭେମ୍ବର ୨୦୨୪ ରେ ୯ ଟନ୍ ସୁନା କିଣିଛି। ଏହିପରି ନଭେମ୍ବର ୨୦୨୪ ସୁଦ୍ଧା ଏହାର ମୋଟ ସୁନା କ୍ରୟ ୧୧ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ଏବଂ ଏହାର ମୋଟ ସୁନା ସଂରକ୍ଷଣ ପରିମାଣ ୩୮୨ ଟନ୍‌ରେ ପହଞ୍ଚିଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ କାଜାଖସ୍ତାନ ନଭେମ୍ବରରେ ୫ ଟନ୍ ସୁନା କିଣିଛି ଏବଂ ଏହା ପରେ ଏହି ଦେଶର ମୋଟ ସୁନା ସଂରକ୍ଷଣ ୨୯୫ ଟନ୍‌କୁ ବୃଦ୍ଧି ପାଇଛି। ସେହିପରି ତୁର୍କୀର ସେଣ୍ଟ୍ରାଲ ବ୍ୟାଙ୍କ ୩ ଟନ୍ ସୁନା ଏବଂ ଚେକ୍ ନ୍ୟାଶନାଲ ବ୍ୟାଙ୍କ (ଚେକ୍ ରିପବ୍ଲିକ୍‌ର କେନ୍ଦ୍ରୀୟ ବ୍ୟାଙ୍କ) ୨ ଟନ ସୁନା କିଣିଛି।



ବାରିପଦା, (ଭାସ୍କର ନ୍ୟୁଜ) ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ପ୍ରଶିକ୍ଷଣ ନିମନ୍ତେ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ଗୋଷ୍ଠୀ ସାଧନ କର୍ମୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆ ପ୍ରଶିକ୍ଷଣ ପେଟିକାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିଷ୍ଣୋଇ, ଶିକ୍ଷକ ପ୍ରଶିକ୍ଷକ ସାଗର କୁମାର ଦଳନାଏକ, ଶିକ୍ଷକ ପ୍ରଶିକ୍ଷିକା ହରପ୍ରିୟା ନାୟକ ଓ ଶିକ୍ଷକ ପ୍ରଶିକ୍ଷକ ଦିଲୀପ କୁମାର ସିଂ ସାଧନକର୍ମୀ ଭାବରେ କର୍ମଶାଳାକୁ ସୂଚାରୁରୂପେ ପରିଚାଳନା କରିଥିଲେ । ଏହି କର୍ମଶାଳାରେ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ବୃତ୍ତିଗତ ବିକାଶ କରିବା, ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ କରିବା, ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତି କରିବା, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

# ଅବହେଳିତ ଅବସ୍ଥାରେ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର



ବାଲିମେଲା, (ଭାସ୍କର ନ୍ୟୁଜ୍) : ମେଡ଼ିକାଲ ଛାତରୁ ଖସୁଛି ସିମେଣ୍ଟ କଂକ୍ରିଟ, ବିପଦଜନକ ପରିସ୍ଥିତିରେ ଚାଲିଛି ସ୍ୱାସ୍ଥ୍ୟସେବା। ଏପରି ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲା ବାଲିମେଲା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ତେବେ ଆଜିକୁ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ମେଡ଼ିକାଲର ପୁରୁଷ ୱାର୍ଡ ଏବଂ ମହିଳା ୱାର୍ଡ ରୁମର ଛାତରୁ କଂକ୍ରିଟ ଖସି ବିଭିନ୍ନ ସମୟରେ ଶଯ୍ୟାଶାୟୀ ରୋଗୀଙ୍କ ଉପରେ ପଡିଥିବାର ନଜିର ରହିଛି। କିନ୍ତୁ ତଥାପି ହାତବାନ୍ଧି ଚୁପ ବସିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମେତ ଜିଲ୍ଲା ପ୍ରଶାସନ। ତେବେ ନୀରବଦ୍ରଷ୍ଟା ସାଜିବାର କାରଣ ଏହିକି ଯେ, ବାଲିମେଲାରେ ନୂତନ କରି ୩୦ ଶଯ୍ୟା ବିଶିଷ୍ଟ ମେଡ଼ିକାଲ ଜବାହାର ନବୋଦୟ-୨ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣ ହେଉଛି। ଯାହାକି ବର୍ତ୍ତମାନ ନିର୍ମାଣାଧିନ ଅବସ୍ଥାରେ ରହିଥିବା ବେଳେ ନୂତନ କୋଠା ଟି ସମ୍ପୂର୍ଣ୍ଣ ହେବା ନିମନ୍ତେ ଆହୁରି ୪ ରୁ ୫ ବର୍ଷ ଲାଗିଯିବ। କିନ୍ତୁ ବର୍ତ୍ତମାନର ବାଲିମେଲା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ରୁମ ଗୁଡିକର ଛାତରୁ କଂକ୍ରିଟ ଖସି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ବେଳେ ଜାଣିଶୁଣି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନାହିଁ। ଯାହା ଫଳରେ ଦୈନିକ ଆସୁଥିବା ୩୦୦ ରୁ ଉର୍ଦ୍ଧ୍ୱ ଆଉଟଡୋର ରୋଗୀ ଏବଂ ୧୦ ରୁ ଉର୍ଦ୍ଧ୍ୱ ଇନଡୋର ରୋଗୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏପରିକି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀମାନଙ୍କ ନିମନ୍ତେ ଶୌଚାଳୟ ନଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ମେଡ଼ିକାଲ ପରିସର ମଧ୍ୟରେ ଖୋଲା ସ୍ଥାନରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନେ ପରିଶ୍ରା କରୁଛନ୍ତି। ଏଥି ସହିତ ମେଡିକାଲ ଚାରିପାଖରେ ଆବର୍ଜନା ସହିତ ଅନାବନା ଗଛ ଓ ଅଳିଆ ପଡି ରହିଛି । ତେବେ ଏନେଇ ମେଡ଼ିକାଲ ଅଫିସର ସମ୍ବିତ କୁମାର ପ୍ରଧାନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଜଣାପଡିଛି। ତେଣୁ ଲୋକେ ବାଧହୋଇ ଏପରି ମରଣାନ୍ତକ ଅବସ୍ଥାରେ ଚିକିତ୍ସା ହେଉଥିବା ଦେଖିବାକୁ ମିଳୁଛି। ତେବେ ମେଡ଼ିକାଲରେ ଏପରି ଅବସ୍ଥାରେ ଯଦି ସ୍ୱାସ୍ଥ୍ୟସେବା ଚାଲେ ତାହେଲେ ଆଗାମୀ ଦିନରେ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସି ରୋଗୀ ନିଶ୍ଚୟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ମୃତ୍ୟୁ ମୁଖରେ ପଡିବାକୁ ଏଡାଇ ଦିଆଯାଇନପାରେ ବୋଲି ଅନୁମାନ କରାଯାଉଛି।

# ଆଧାର କେନ୍ଦ୍ର ବନ୍ଦ, ହଇରାଣ ହେଉଛନ୍ତି ଲୋକେ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ରେ ଥିବା ବିଭିନ୍ନ ସ୍ଥାନର ଆଧାର କେନ୍ଦ୍ର ବନ୍ଦ ଥିବାରୁ ହିତାଧୀକାରୀ, ଛାତ୍ରୀଛାତ୍ର ସାଧାରଣ ଲୋକ ହଇରାଣ ହେଉଛନ୍ତି । ସରକାରଙ୍କ ସୁଭଦ୍ରା ଯୋଜନାରୁ ବଣ୍ଡାଘାଟିର ବହୁ ମହିଳା ବଞ୍ଚିତ ହୋଇଥିବା ବେଳେ ପିଏମ୍ ଜନଧନ ଯୋଜନାରେ ଆଦିମ ଜନଜାତିର ବହୁ ହିତାଧୀକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି ଓ ହିତାକାରୀମାନଙ୍କ ଆଧାରଜନିତ ତ୍ରୁଟି ହିଁ ଏହାର ମୂଳ କାରଣ। ବହୁ ଲୋକଙ୍କ ଆଧାର ସଂଶୋଧନ ଆବଶ୍ୟକ ପଡୁଛି, କିନ୍ତୁ ଏହି ଖଇରପୁଟ ବ୍ଲକ୍‌ର କୌଣସିଠାରେ ଗୋଟିଏ ବି ଆଧାର କେନ୍ଦ୍ର ନ ଥିବାରୁ ଲୋକେ ନିଜ ନିଜର ଆଧାର ସଂଶୋଧନ ଓ ପଞ୍ଜୀକରଣ କରିପାରୁନାହାନ୍ତି। ଫଳରେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେବା ସହ ସ୍କୁଲ ପିଲାଙ୍କ ଆପରେ ଆଇଡି ହୋଇପାରୁନାହିଁ। ବ୍ଲକ୍‌ରେ ଗତ ଦିନରେ କାର୍ଯ୍ୟ କରୁଥିବା ଆଧାର କେନ୍ଦ୍ର କୌଣସି କାରଣ ନ ଦର୍ଶାଇ ଅକାମୀ କରି ଦିଆଯାଇ ଥିବା ଅଭିଯୋଗ ହେଉଛି। ଫଳରେ ଲୋକେ ହଇରାଣ ହେଉଛନ୍ତି । ଏ ସମ୍ପର୍କରେ ଏଜେନ୍ସିର ଜିଲା ସଂଯୋଜକ ଅବିନାଶ ପରିଡ଼ାଙ୍କୁ ପଚାରିବାରୁ କୌଣସି କାରଣ ବଶତଃ କେତେକ ଆଧାର କେନ୍ଦ୍ରର ଆଇଡି ଗୁଡ଼ିକ ବନ୍ଦ ରହିଛି। କିନ୍ତୁ ବ୍ଲକ୍‌ର ଦୁଇଟି କେନ୍ଦ୍ର ଚାଲିଛି। ବନ୍ଦ ଥିବା କେନ୍ଦ୍ରଗୁଡ଼ିକୁ ପୁଣି କାର୍ଯ୍ୟକ୍ଷମ କରିବା ପ୍ରୋସେସିଂରେ ଅଛି। ଆଗକୁ ଆଇଡିଗୁଡ଼ିକ ସକ୍ରିୟ ହୋଇଗଲେ ପୁଣି କେନ୍ଦ୍ର ଗୁଡ଼ିକ ଠିକ୍ ସେ ଚାଲୁ ହେବ ବୋଲି କହିଥିଲେ।

# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମେଡିକାଲ ସୁପରିଟେଣ୍ଡେ ଡାକ୍ତର ନାରାୟଣ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ସମିତିସଭ୍ୟ ଅଜୟ ସେଠ୍, ଆର୍‌କେଏସ୍ ସଦସ୍ୟ ଜ୍ୟୋତି କୁମାର ଲାଠ, ଦିପକ ଖଣ୍ଡେଲବାଲ, ବସନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତେ ମିଶି ଡାକ୍ତରଖାନା ପରିସରରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡାକ୍ତର ପ୍ରଭୁପାଦ ମିଶ୍ର, ଡାକ୍ତର ଦେବବ୍ରତ ସାହୁ, ଫାର୍ମାସିଷ୍ଟ ଲଳିତ ମୋହନ ଦେହୁରୀ, ବିଏଏମ୍ ଅମରନାଥ ଗୁପ୍ତା, ସ୍ୱାସ୍ଥ୍ୟ କର୍ମୀ ଶୁଭ୍ରାଂଶୁ ପଣ୍ଡା, ଷ୍ଟାଫନର୍ସ ରେଶମା କଡିଆ, କଳ୍ପନା ପଟେଲ, ତୃପ୍ତିମୟୀ ନାୟକ, ଏଲ୍ ଟି ସପ୍ନା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସାତପଡ଼ାରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସାତପଡ଼ାଠାରେ ପ୍ରଭାସୀ ଭାରତୀୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଭାସୀ ଭାରତୀୟ ମାନେ ଚିଲିକା ସାତପଡ଼ା ଠାରେ ପହଞ୍ଚିବା ପରେ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଅମୀୟ କୁମାର ପଣ୍ଡା ସହକାରୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ ଯନ୍ତ୍ରୀ ପଙ୍କଜ କୁମାର ମିଞ୍ଜ ସମେତ ସମସ୍ତ ଯନ୍ତ୍ରୀ ଓ ଉପସ୍ଥିତ କର୍ମଚାରୀ ମାନେ ପ୍ରଭାସୀ ଭାରତୀୟଙ୍କୁ ସମ୍ବର୍ଦ୍ଧନା ଜଣାଇ ଥିଲେ। ପରେ ସାତପଡ଼ା ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରାଇଥିଲେ। ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ଅପରୂପା ସୌନ୍ଦର୍ଯ୍ୟ ସାଙ୍ଗକୁ ରଙ୍ଗବେରଙ୍ଗ ପକ୍ଷୀଙ୍କ କଳରବ, ଡଲଫିନଙ୍କ ଜଳକ୍ରୀଡ଼ା ଓ ଚିଲିକା ନୀଳ ଜଳ ରାଶିରେ ନୌବିହାର ପ୍ରଭାସୀ ଭାରତୀୟଙ୍କୁ ବହୁ ଆକୃଷ୍ଟ କରିଥିଲା। ପରେ ଚିଲିକା ଉର୍ଣ୍ଣୟନ କର୍ତ୍ତୃପକ୍ଷ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ଭୁବନେଶ୍ୱର ଫେରି ଯାଇଥିଲେ।

# ଆତ୍ମରକ୍ଷା ତାଲିମ ଶିବିର

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଥିଲି ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୮ ଦିନ ପର୍ଯ୍ୟନ୍ତ ଚାଲିବ । ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରାଯାଉଛି। ଏଥିରେ ମୁଖ୍ୟଅତିଥି ଭାବେ ମାଥିଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡ. ସୁବ୍ରତ କୁମାର ଉତ୍କଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ଦୀପମାଳା ଦାସ, ମନୀଷା ଗଉଡ, କାବେରୀ ପରିଡ଼ା, ଅଧ୍ୟାପକ ପ୍ରଦୀପ୍ତ କୁମାର ଦାଶ, ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଜ୍ୟୋତିର୍ମୟୀ ଖରା ଓ ସସ୍ମିତା କିଷାନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି



ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଡିଏନକେ ଖେଳପଡିଆ ପରିସରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହେବ। ଏଥର ଏହାକୁ କିପରି ଅଧିକ ଭଲ କରିହେବ, ବିଶେଷକରି ପ୍ୟାରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ଦିବସ ପାଳନ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌରୋହିତ୍ୟ କରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏହା କହିଛନ୍ତି। ବୈଠକ ନିଷ୍ପତ୍ତି ଅନୁଯାୟୀ, ଜାନୁଆରୀ ୨୨, ୨୩ରେ ପ୍ରତ୍ୟେହ ଅପରାହ୍ନ ୩ ଟା ଏବଂ ୨୪ ତାରିଖ ସକାଳ ୭ ଟା ୩୦ରେ ଡିଏନକେ ଖେଳ ପଡିଆ ପରିସରରେ ଅଭ୍ୟାସ ପ୍ୟାରେଡ୍ ଅନୁଷ୍ଠିତ ହେବ। ପ୍ୟାରେଡରେ ସପ୍ତମ ରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିବେ। ଏହା ବାଦ୍ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଆୟୋଜନ କରାଯିବ। ଜାନୁଆରୀ ୨୬ ପ୍ରାତଃ ୪ ଟା ୩୦ ରେ ରାମଧୁନ, ସକାଳ ୭ ଟା ୩୦ ରେ ବିଭିନ୍ନ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୯ ଟାରେ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗ ଦ୍ୱାରା ପ୍ରଜ୍ଞାପନ ମେଢ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ଜାନୁଆରୀ-୨୦୨୫ ପାଳିତ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : ପଟ୍ଟାମୁଣ୍ଡାଇ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ତରଫରୁ ଛାତ୍ରଛାତ୍ରୀ ମାନେ 'ସଡ଼କ ସୁରକ୍ଷା ଜାନୁଆରୀ-୨୦୨୫' ପାଳିତ ହୋଇଯାଇଛି। ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଅଧକ୍ଷ ଲକ୍ଷ୍ମୀକାନ୍ତ ବିଶ୍ୱାଳଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମେତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ସୁଶାନ୍ତ କୁମାର ସାହୁ, ରୋଡ ଟ୍ରାନ୍ସପୋର୍ଟ୍ ଅଫିସର ଧିରେନ କୁମାର ନାୟକ, ମୋଟର ଭାଇକିଲ ଇନ୍ସପେକ୍ଟର କାଜଲ ପ୍ରଧାନ, ରୋଡ ଟ୍ରାନ୍ସପୋର୍ଟ ସେକସନ ଅଫିସର ଭାରତ ମହାନ୍ତ. ଟ୍ରାଫିକ ଇନସ୍ପେକଟର ରାଜନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ଆଦର୍ଶ ଥାନାର ଅଧିକାରୀମାନେ ରାଲି କରି ସଡ଼କ ସୁରକ୍ଷା ସ୍ଲୋଗାନ ସହିତ ପଟ୍ଟାମୁଣ୍ଡାଇ ସରକାରୀ ଶିକ୍ଷ ଅନୁଷ୍ଠାନ କଲେଜ ପରିସରରୁ ବାହାରି ପଟ୍ଟାମୁଣ୍ଡାଇ ବାଇପାସ ଓ ପଟ୍ଟାମୁଣ୍ଡାଇ ଆମ୍ବେଦକର ଛକ ନିକଟରୁ ବଜାର ପରିକ୍ରମା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଗାଡି ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା ଓ ମୋବାଇଲ ଫୋନ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ ସଡ଼କ ସୁରକ୍ଷା ନିୟମ ମାନିଲେ ନିଜର ମୂଲ୍ୟବାନ ଜୀବନ ସୁରକ୍ଷା ହେବା ସହିତ ନିଜ ପରିବାର ସୁରକ୍ଷା ହୋଇ ପାରିବ। ମାନବ ଜୀବନର ମୂଲ୍ୟ ଏକ ଅମୁଲ୍ୟ ସମ୍ପଦ ଏହାକୁ ଲକ୍ଷ୍ୟ କରି ଛାତ୍ରଛାତ୍ରୀ ମାନେ ସଡ଼କ ସୁରକ୍ଷା ସ୍ଲୋଗାନ ମଧ୍ୟରେ ଜନସଚେତନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରକୁ ସହଯୋଗ କରି ସରକାରୀ ଶିକ୍ଷ ଅନୁଷ୍ଠାନର ଶିକ୍ଷକ ପ୍ରମୁଖ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିଛନ୍ତି ।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତହସିଲଦାର ମେଘବାନ ବାଗଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଗଣଶିକ୍ଷା ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି ସାଂସଦ ପ୍ରତିନିଧି ରାମ ନାୟକ, ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଶିକ୍ଷକ, ଶିକ୍ଷୟତ୍ରୀ, ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ପ୍ରତିନିଧି ଓ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରାଜସ୍ୱ ନିରୀକ୍ଷକ ରାଜେଶ ଦ୍ୱିବେରି ସାଧାରଣତନ୍ତ୍ର ଦିନସ ଅବସରରେ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅନୁଷ୍ଠାନର ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଏହି ବୈଠକର ନିଷ୍ପତ୍ତି କ୍ରମେ ରାମ ଧୂନ ଗାଡି ସକାଳ ୫ଘଣ୍ଟା ସମୟରେ ସହର ପରିକ୍ରମା କରିବ। ସହରରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଏବଂ ଡିଏନ୍‌କେ ଖେଳପଡିଆ ଠାରେ ସକାଳ ୮.୪୫ରେ ପତାକା ଉତ୍ତୋଳନ କରାଯିବ। ସହ ବିଭିନ୍ନ ସ୍କୁଲର ପିଲ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ଅବସରରେ ୨୩ ଟି ବିଦ୍ୟାଳୟ ଓ ମହା ବିଦ୍ୟାଳୟର ପିଲାମାନେ ପ୍ୟାରେଡ଼ କରିବେ। ପିଲାଙ୍କ ପାଇଁ ଚିତ୍ରାଙ୍କନ, ବକ୍ତୃତା, ଗୀତ, ସାଧାରଣଜ୍ଞାନ ଉପରେ ବିଦ୍ୟାଳୟର ପିଲାଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜିତ କରାଯିବ ଏବଂ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ।

# କିଡ଼ନୀ ରୋଗରେ ପୀଡିତା ସସ୍ମିତାଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ପଞ୍ଚାୟତର ବେହେଡା ଗ୍ରାମର କିଡନୀ ରୋଗରେ ପୀଡିତା ସସ୍ମିତା ରାଉତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ସସ୍ମିତା ଗତ କିଛି ମାସ ହେବ କିଡ଼ନୀ ରୋଗରେ ପୀଡିତ ହୋଇ ବର୍ତ୍ତମାନ ସେ ଶଯ୍ୟାଶାୟୀ। ଗୋଡ ହାତ ସବୁ ଫୁଲି ଯାଉଛି। ଏ ବିପଦ ସମୟରେ ସ୍ୱାମୀ ତାଙ୍କୁ ପଚାରୁନାହାନ୍ତି। ସେଥିଲାଗି ସେ ତାଙ୍କ ବାପାଙ୍କ ଘରେ ରହି ଚିକିତ୍ସିତ ହେଉଛନ୍ତି। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ସ୍ୱପ୍ନ ରଞ୍ଜନ ଦାସ, ସସ୍ମିତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ ସାମଗ୍ରୀ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ସସ୍ମିତା ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟୀୟସୀ ପ୍ରଶଂସା କରାଯାଇଛି।

# ମିଶନ ଶକ୍ତି କାର୍ଯ୍ୟାଳୟରେ ବିଡିଓ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ୍ ଦାଶ ସମସ୍ତ ୧୬ ଗୋଟି ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମସ୍ତ ଯୋଜନା କିପରି ଭାବରେ ସାଧାରଣ ଲୋକଙ୍କ ପାଖରେ ପହଁଞ୍ଚିବ ଓ ପଞ୍ଚାୟତର କିଭଳି ଭାବରେ ଉନ୍ନତି କରାଯାଇପାରିବ ସେଥିପ୍ରତି ସମସ୍ତେ ମିଳିତ ଉଦ୍ୟମ କରିବା ପାଇଁ ଲୋକ ପ୍ରତିନିଧି ମାନଙ୍କୁ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ସମସ୍ତ କାର୍ଯ୍ୟ ସଫଳ ରୂପାୟନ ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ମାନଙ୍କ ସହଯୋଗ ଲୋଡିଛନ୍ତି। ନଗରୀ ଗ୍ରାମ ପଞ୍ଚାୟତ ଗ୍ରସ୍ତ ସମୟରେ ନଗରୀ ଗ୍ରାମ ପଞ୍ଚାୟତ ମହାସଂଘ କାର୍ଯ୍ୟାଳୟ ପରିସରରେ ପହଞ୍ଚି ମିଶନ ଶକ୍ତି କାର୍ଯ୍ୟ ସୂଚାର ରୂପେ କରିବା ପାଇଁ ମିଶନ ଶକ୍ତି ସଭ୍ୟା ମାନଙ୍କୁ ପରମର୍ଶ ଦେଇଛନ୍ତି। ସଭାନେତ୍ରୀ କାଦମ୍ବିନୀ ଦାଶ ଉପଢୌକନ ପ୍ରଦାନ କରିବା ସହ ସମ୍ପାଦିକା ସଂଯୁକ୍ତା ମହାପାତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ମହାସଂଘର ସମସ୍ତ କାର୍ଯ୍ୟକାରି ସଦସ୍ୟା, ସି.ଆର୍‌ପିସିଏମ୍, ଏମ୍.ବି.କେ ଓ ବ୍ୟାଙ୍କ ମିତ୍ର ଉପସ୍ଥିତ ରହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହୋଦୟଙ୍କୁ ଭବ୍ୟ ସ୍ୱାଗତ୍ ଓ ସମ୍ବର୍ଦ୍ଧନା କରିଛନ୍ତି। ତତ୍ ପରେ କୁରାଙ୍ଗ ପ୍ରଧାନ ଓ କୁରାଙ୍ଗ ଶାସନ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ସମୀକ୍ଷା ବୈଠକରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ସରପଞ୍ଚ ରୋହିଣି ଭୋଇ, ସୁରେଶ ଚନ୍ଦ୍ର ଭୋଇ, ସହକାରୀ ଯନ୍ତ୍ରୀ ବେଳାଭୂମି ସାହୁ, କନିଷ୍ଠ ଯନ୍ତ୍ରୀ ଜୟଶ୍ରୀ ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଭୂୟାଁ, ରବିନ୍ଦ୍ର କୁମାର ସାହୁ, ଏଡ଼ିଇ ଓ କିରଣ ଚନ୍ଦ୍ର ସାହୁ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ସମିତି ସଭ୍ୟ ସତ୍ୟବ୍ରତ ଜେନା, ବିଶ୍ୱରଞ୍ଜନ ସାହୁ, ସୁବାସ ବେହେରା, ମହମ୍ମଦ ନୁର, ଜୟନ୍ତ କୁମାର ଜେନା ଯୋଗଦାନ କରିଥିଲେ।

# ଜିଲ୍ଲାପରିଷଦ ପୂର୍ବତନ ଅଧକ୍ଷଙ୍କ ସ୍ମୃତିଚାରଣ



ଫୁଲନଖରା, (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମର ସମାଜସେବୀ, ବରିଷ୍ଠ ରାଜନେତା, ଦୃଢ଼ ସଂଗଠକ, କଟକ ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷ ସ୍ୱର୍ଗତ ଦେବପ୍ରସାଦ ପ୍ରଧାନଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠକ ବିପ୍ରଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ପ୍ରଫେସର ଡ଼ଃ ପ୍ରମୋଦ କୁମାର ମଲ୍ଲିକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବାରଙ୍ଗ ବ୍ଲକ ଅଧକ୍ଷ ଦିଗମ୍ବର ମହାପାତ୍ର, ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ, ଶ୍ରମିକ ନେତା ସୁଧାକର ସ୍ୱାଇଁ, ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂ, ଶେଷଦେବ ପାତ୍ର, ସାହିତ୍ୟିକ ଅକ୍ଷୟ ମହାନ୍ତି, କେଦାରନାଥ ଜେନା, ରବିନାରାୟଣ ହୋତା, ତପନ କୁମାର ସ୍ୱାଇଁ, ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ପ୍ରଧାନଶିକ୍ଷକ ଚନ୍ଦ୍ରମଣୀ ପ୍ରଧାନ, ବନ୍ଧୁଚରଣ ସାହୁ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ରାଜନୈତିକ, ସାମାଜିକ ଜୀବନଶୈଳୀର ସ୍ମୃତିଚାରଣ କରିଥିଲେ ଏବଂ ଅଞ୍ଚଳ ଜଣେ ଭଲ ଲୋକଙ୍କୁ ହରାଇଲା ବୋଲି ଦୁଃଖ ପ୍ରକାଶ କରିଥିଲେ। ପ୍ରଣୟ ସାମନ୍ତରାୟ, ଦିବ୍ୟସିଂହ ପାତ୍ର, ସମରେନ୍ଦ୍ର ହାତୀ, କଳ୍ପତର ଖୁଣ୍ଟିଆ, ଅଶୋକ କୁମାର ରଥ, କ୍ଷୀରୋଦ ପଟ୍ଟନାୟକ, ଗଗନ ଜେନା, ଗଣେଶଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଧୁବାନ୍ଧବ ଓ ପରିବାର ଲୋକ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ ।

# ଗୁଆଲିପୁର ମହେଶ୍ୱର ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ




ରଘୁନାଥପୁର, (ଭାସ୍କର ନ୍ୟୁଜ) : ରଘୁନାଥପୁର ଶିକ୍ଷାମଣ୍ଡଳ ଅଧିନ ଗୁଆଲିପୁର ମହେଶ୍ୱର ବିଦ୍ୟାପୀଠରେ ବାର୍ଷିକ କ୍ରିଡା ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଜେନାଙ୍କ ସଭାପତିତ୍ୟରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଆଲୁମିନି କମିଟି ସଭାପତି ଅଲେଖ ବିହାରୀ ସାହୁ ଯୋଗ ଦେଇ କ୍ରିଡାକୁ ଉଦ୍‌ଘାଟନ କରିବା ସହ କ୍ରିଡାଦ୍ୱାରା ମଣିସ ପ୍ରଫୁଲ ରହିଥାଏ। ଏହା ଶରୀର ଗଠନରେ ମଧ୍ୟ ଅନେକ ଭୂମିକା ଗ୍ରହଣ କରିଥାଏ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପଦେଷ୍ଟା ସମାଜସେବୀ ଜ୍ଞାନରଂଜନ ପଟ୍ଟନାୟକ, ମୋ ସ୍କୁଲ ଅଭିଯାନର ଇଲାବନ୍ତ ନାୟକ, ଏସ୍‌ଏମସି ପ୍ରେସିଡେଣ୍ଟ ସୀମା ସ୍ୱାଇଁ, ପୂର୍ବତନ କ୍ରିଡା ଶିକ୍ଷକ ରାଜକିଶୋର ସାହୁ, ଗୁଆଲିପୁର ସେବାସମବାୟ ସମିତି ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ କ୍ରିଡା ସମ୍ପର୍କୀୟ ମହତ୍ତ୍ୱ ଉପାଦେୟ ମାନ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ଆଗରେ ରଖିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ପରେଷ କୁମାର ମହାପାତ୍ର ଓ ବେଣୁଗୋପାଳ ମିଶ୍ର ଏହାକୁ ପରିଚାଳନା କରିଥିବାବେଳେ ଶିକ୍ଷକ ଜ୍ଞାନରଂଜନ ଖଟୁଆ, ଶିକ୍ଷୟତ୍ରୀ ସରୀତା ଦାସ, ମୋନାଲିସା ପାଢୀ, ଦେବଜାନୀ ମହାପାତ୍ର, ଅମିଶା ସ୍ୱାଇଁ, ଲିପା ଚୌଧୁରୀ, ସୀମା କାନୁଗୋ, ଭାରତୀ ନାୟକ, ଗୀତା ରାଉତ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

# ଭବାନୀ ମାର୍କେଟ ସମ୍ପାଦକଙ୍କ ବିୟୋଗରେ ଶୋକସଭା



କନ୍ଧମାଳ,(ଭାସ୍କର ନ୍ୟୁଜ୍): ଫୁଲବାଣୀ ସହରର ଜଣାଶୁଣା ସ୍ପୋର୍ଟ୍ସ ଦୋକାନୀ ପ୍ରଶାନ୍ତ ପ୍ରଧାନ ଓ ଭାବାନୀ ମାର୍କେଟର ସମ୍ପାଦକଙ୍କ ଅକାଳ ବିୟୋଗ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ହୋଇଥିଲା। ସଭାପତିଙ୍କ ଏକ ମାତ୍ର ୭ ବର୍ଷର ଝିଅ ରହିଛି। ସେ ଆଜକୁ ବହୁଦିନ ହେବ ମାଦିକୁନ୍ଦା ଛକ ଠାରେ ସ୍ପୋର୍ଟ୍ସ ଦୋକାନ କରି ସାନ ବଡ ସମସ୍ତଙ୍କ ପ୍ରିୟ ପାତ୍ର ହୋଇଥିଲେ। ସେହିପରି ଭାବାନୀ ମାର୍କେଟର ସମ୍ପାଦକ ରହିଥିଲେ। ସେ ଜଣେ ଶାନ୍ତଶିଷ୍ଟ, ଅସୁବିଧାରେ ଠିଆ ହେଉଥିଲେ ଓ ମେଳାପୀ ମଣିଷ ଥିଲେ। ତାଙ୍କରି ବିୟୋଗରେ ଭବାନୀ ମାର୍କେଟ ପକ୍ଷରୁ ମାର୍କେଟ ସଭାପତି ସନକ ନାୟକଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ୍ ମଧ୍ୟରେ କୋଷାଧ୍ୟକ୍ଷ ଅରୁଣ ପ୍ରଧାନ, ଉପଦେଷ୍ଟା ମନୋଜ ପଟ୍ଟନାୟକ, ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସୁଜିତ ପାତ୍ରଙ୍କ ସମେତ ସମସ୍ତ ମାର୍କେଟ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କର ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଜାଳି ଦୁଇ ମିନିଟ ନୀରବ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଅରୁଣ ପ୍ରଧାନ ଓ ଅନ୍ୟ ସଭ୍ୟ ମାନେ ଦୁଃଖ ପ୍ରକାଶ କରିଥିଲେ।

# ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବାର୍ଷିକୋତ୍ସବ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାଂଶପାଳ ବ୍ଲକର ଶୁଆକାଟି ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ମାହାସମାରୋହରେ ପାଳିତ ହୋଇଯାଇଛି। ସର୍ବ ପ୍ରଥମେ କେନ୍ଦୁଝରର ଆରାଧ୍ୟ ଦେବୀ ମା'ତାରିଣୀଙ୍କ ଫଟୋ ନିକଟରେ ଧୂପ ଦୀପ ପ୍ରଜ୍ୱଳନ କରାଯାଇ ଓ ବେଦପାଠ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କେନ୍ଦୁଝର ସହରର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ବିଦ୍ୟାଳୟର ସଂଗୀତ ଶିକ୍ଷୟତ୍ରୀ ସୁନିତା ପଟ୍ଟନାୟକଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବିନୋଦିନୀ ସାମଲ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝରମଣ୍ଡଳ ଶିକ୍ଷାନିରୀକ୍ଷକ ସଞ୍ଚିତା ବେହେରା ଯୋଗଦେଇ ଛାତ୍ରୀମାନେ ଭଲ ମଣିଷ ହେବା ସହିତ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଦୋଳଗୋବିନ୍ଦ ରାଉତ ସବୁ ଜ୍ଞାନର ଅନ୍ତିମ ସତ୍ୟ ହିଁ ଈଶ୍ୱର । ସଭାପତି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଛାତ୍ରୀମାନଙ୍କୁ ବାର୍ଷିକ ଉତ୍ସବ ପାଳନର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଶ୍ରୀଯୁକ୍ତ ସଞ୍ଜୟ କୁମାର ଧଳ କର୍ମ ଏବଂ ଭାଗ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ ସାମନ୍ତସିଂହାର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଗୁରୁଜନଙ୍କୁ ସମ୍ମାନ ଦେବାସହ ଅହଂକାର ମନୋଭାବ ପରିତ୍ୟାଗ କରିବାପାଇଁ ପରାମର୍ଶ ଦେଇଥିଲେ। ଓଡିଶା ଖଣି ନିଗମର ଉଚ୍ଚ ପଦସ୍ଥ ଅଧିକାରୀ ଅନୁରାଗ ବରାଳ ଛାତ୍ରୀମାନଙ୍କୁ ସୁପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଖିଳ ବାରିକ ବିଦ୍ୟାଳୟର ଅସୁବିଧା ସମ୍ପର୍କରେ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଗୋବର୍ଦ୍ଧନ ବେହେରା ମଞ୍ଚ ପରିଚାଳଣକ୍ଷ କରିଥିଲେ। ସଭା ସାଙ୍ଗହେବାପରେ ବିଦ୍ୟାଳୟର ସଂଗୀତ ଶିକ୍ଷୟତ୍ରୀ ସୁନିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ବରିଷ୍ଠ ବିଭାଗର ଚମ୍ପିୟାନ ଭାବେ କୁମାରୀ ଶୋଭାଗିନୀ ପାତ୍ର ଏବଂ କନିଷ୍ଠ ବିଭାଗର ଚମ୍ପିୟାନ ଭାବେ କୁମାରୀ ମୋନାଲିନ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ କୁମାରୀ ରିତା କାର୍ଜି ଏବଂ କୁମାରୀ ଦ୍ରୋପଦୀ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ଶେଷରେ ଅମୁଲ୍ୟ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଆଠଦିନିଆ ଆତ୍ମରକ୍ଷା କୌଶଳ ତାଲିମ ଗତ ୦୭.୦୧.୨୫ ରିଖରେ ଉଦ୍‌ଘାଟିତ ହୋଇ ଆସନ୍ତା ୧୬.୦୧.୨୫ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପରୀକ୍ଷିତ ସାହୁ ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ କିଶୋର କୁମାର ପାଲ, ଅଧ୍ୟାପକ ଦିବାକର ଚନ୍ଦ୍ର ଦେ, ଅଧ୍ୟାପକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ରେଣୁକା ସାମଲ ମଞ୍ଚାସିନ ହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଅତିଥି ଅଧ୍ୟାପିକା ରୁକ୍ମିଣୀ ଟାକ୍ରୀ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗ୍ରନ୍ଥଗାରିକ ସତ୍ୟନାରାୟଣ ନାୟକ ପ୍ରଲ୍ଲୀଭା ଭୂୟାଁ, ଦିଲୀପ କୁମାର ପଦ୍ଧାର, ଶକ୍ତିକାନ୍ତ ଜେନା, ସଦାରାମ କେଉଟ, ବୁଦ୍ଧଶ୍ୱର ମଣ୍ଡଳ, ବିଭୀଷଣ ଗଣ୍ଡ, ଭବାନୀ ପନକା ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୧୭୧ଜଣ ଛାତ୍ରୀଙ୍କୁ ଏଥିରେ ତାଲିମ ଦିଆଯାଉଥିବା ବେଳେ ସୁଶୀଳା ବାଘ ତାଲିମଦାତା ଭାବେ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ଜଣାପଡିଛି।

# ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ଧାରଣା



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିର୍ଦ୍ଦେଶକୁ କ୍ରୋମାଇଟ ପରିବହନ ବେଳେ ନମାନିବା, କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳଙ୍କ ନିଷ୍ପତିକୁ ଅବମାନନା ଓ ୩୦ ପ୍ରତିଶୋଧ ଟ୍ରକ୍‌କୁ ସ୍ପେସାଲ ଲୋଡ଼ିଂ ଦେବା ପ୍ରତିବାଦରେ ଆଜି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ୧୬ ନମ୍ବର୍ ଜାତୀୟ ରାଜପଥ ଶାନ୍ତିଲତା ପେଟ୍ରୋଲ ପମ୍ପ ନିକଟରେ ଧାରଣା ଦିଆଯାଇଛି। ଏହି ଧାରଣାରେ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କୀର୍ତ୍ତିରାଜ୍ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଟ୍ରକ୍ ମାଲିକ ଧାରଣାରେ ସାମିଲ ହୋଇଛନ୍ତି। ମାଲିକ ମାନଙ୍କ ଅଭିଯୋଗ ଅନୁଯାୟୀ ସୁକିନ୍ଦା କ୍ରୋମ୍ ଭାଲିରେ ୨୦୧୯ମସିହାରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ କାର୍ଯ୍ୟକାରୀ ହୋଇଆସୁଥିଲା। ମାତ୍ର ଅକ୍ଟୋବର ୪ତାରିଖ ଏଥିରେ ବ୍ୟତିକ୍ରମ ହୋଇ ସ୍ଥାନୀୟ ମୁଷ୍ଟିମେୟ ଗାଡ଼ି ମାଲିକମାନେ ଫାଷ୍ଟକମ୍ ଫାଷ୍ଟ ଲୋଡ୍‌କୁ ଉଲ୍ଲଙ୍ଘନ କରି ୩୦ ଶତକଡା ସ୍ପେସାଲ୍ ଲୋଡ୍ ନେଲେ। ଏଥିପାଇଁ କ୍ଷତିଗ୍ରସ୍ତ ଗାଡ଼ି ମାଲିକମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କଲେ। ଅଭିଯୋଗ ଅନୁସାରେ ଜିଲ୍ଲା ପ୍ରଶାସନ ଡ଼ିସେମ୍ବର ୨୧ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଉପସ୍ଥିତ ଥିବା କାଳିଆପାଣି ଥାନାଧିକାରୀ ସ୍ୱୀକାର କଲେ ଯେ ଖଣି ଅଞ୍ଚଳରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଖୋଲାଖୋଲି ଉଲ୍ଲଙ୍ଘନ ହେବା ସହ ୩୦ଶତକଡା ସ୍ପେସାଲ୍ ଲୋଡ୍ ଦିଆଯାଉଛି। ପରବର୍ତ୍ତୀ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସ୍ପେସାଲ୍ ଲୋଡ଼ିଂ ବନ୍ଦ ରହିବ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ସ୍ଥାନୀୟ ଗାଡ଼ି ମାଲିକମାନେ ବେଖାତିର୍ କରିବା ସହିତ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗରେ ସ୍ଥାନୀୟ ଗାଡ଼ି ମାଲିକମାନେ ୩୦ଶତକଡ଼ା ସ୍ପେସାଲ୍ ଲୋଡ୍ ନେଉଛନ୍ତି। ଫଳରେ ଚଣ୍ଡିଖୋଲ, ବ୍ରାହ୍ମଣୀ ବ୍ରିଜ, ଯାଜପୁର ରୋଡ଼ ଗାଡିମାଲିକ ମାନେ ଲୋଡିଂରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଆଜି ଚଣ୍ଡିଖୋଲ, ଯାଜପୁରରୋଡ ବ୍ରାହ୍ମଣୀବ୍ରିଜ୍‌ର ଗାଡିମାଲିକ ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ସହିତ ଖଣି ଅଞ୍ଚଳରୁ କ୍ରୋମାଇଟ ଲୋଡ୍ କରି ଆସୁଥିବା ଗାଡ଼ି ଗୁଡ଼ିକୁ ଅଟକାଇବେ ବୋଲି ନିଷ୍ପତ୍ତି ନେବା ସହିତ ଉପଯୁକ୍ତ ନ୍ୟାୟ ନ ପାଇଲା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି କହିଥିଲେ। ପରେ ଦର୍ପଣ ତହସିଲଦାର୍ ମାନସ ରଞ୍ଜନ ତ୍ରିପାଠୀ ଓ ବଡ଼ଚଣା ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ ଧାରଣାସ୍ଥଳରେ ପହଞ୍ଚି ଆଜି ୪ଟା ୩୦ମିନିଟ୍ ସମୟରେ ଯାଜପୁର ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ଡାକି ଥିବାରୁ ଏହାକୁ ସମ୍ମାନ ଜଣାଇ ଧାରଣାକୁ ସାମୟିକ ସ୍ଥଗିତ ରଖିଥିଲେ।

## ଯୁବଚାଷୀଙ୍କ ଆତ୍ମହତ୍ୟା ଘଟଣା

# ପରିବାରକୁ ୩୦ଲକ୍ଷ ଟଙ୍କା ସରକାରୀ ସହାୟତା ପାଇଁ ଦାବି




## ଧାନ ଓ ରବିଫସଲ କ୍ଷତି ପାଇଁ ୫୦ଭାଗ କ୍ଷତିପୂରଣ ଦାବିରେ ତହସିଲ ଘେରିଲେ ଚାଷୀ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ଅଞ୍ଚଳର ଶତାଧିକ ଚାଷୀ ଗୁରୁବାର ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ପ୍ରକାଶ ଥାଉକି ତାଙ୍କରା ଗ୍ରାମ ବିଲସାହିର ଯୁବଚାଷୀ ଅଶୋକ ପରିଡାଙ୍କ ଧାନ ଫସଲ ଲଗାଣ ବର୍ଷାରେ ବ୍ୟାପକ କ୍ଷତି ହୋଇଥିଲା। ଫସଲ ପାଇଁ ଆଣିଥିବା କରଜକୁ କିପରି ଶୁଝିବେ, ଚିନ୍ତାରେ ଗତ ବୁଧବାର ସକାଳେ ବେକରେ ଗାମୁଛା ଲଗାଇ ସେ ଆତ୍ମହତ୍ୟା କରିଥିଲେ। ତାଙ୍କ ପରିବାରକୁ କ୍ଷତିପୂରଣ ଦାବିକୁ ନେଇ ଗୁରୁବାର ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ଅଞ୍ଚଳର ଶହ ଶହ ଚାଷୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମୃତ ଅଶୋକଙ୍କ ଫଟଚିତ୍ରକୁ ରଖି ତାଙ୍କର ୭ବର୍ଷର ଝିଅ ଶୁଭଶ୍ରୀ ଓ ଭାଇ ପ୍ରମୋଦ ପରିଡାଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ଦର୍ଶାଯାଇଛି ଲଘୁଚାପ ବର୍ଷାରେ ଧାନ ଓ ରବିଫସଲ ଶତକଡା ୫୦ଭାଗ କ୍ଷତି ଘଟିବାରୁ ଆମ୍ଭେମାନେ ଜୀବିକା ହରାଇଛୁ। ଉଭୟ ଫସଲ ପାଇଁ ଏକର ପିଛା ୨୫ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ସହ ମୃତ ଯୁବଚାଷୀ ସ୍ୱର୍ଗତ ଅଶୋକ ପରିଡାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ସରକାରୀ ସହାୟତା ଯୋଗାଇ ଦିଆଯାଉ। ତେବେ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଦାବିପତ୍ର ଗ୍ରହଣ କରି ସରକାରଙ୍କ ନିକଟକୁ ପଠାଇବା ସହିତ ଫସଲ କ୍ଷୟକ୍ଷତିର ସଠିକ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରୀପାଠୀ, ତାଙ୍କରା ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ସରପଞ୍ଚ ନଳିନୀ ପ୍ରଭା ମୁଦୁଲି, ଜଗବନ୍ଧୁ ମଲ୍ଲିକ, କୃଷକ ସଂଗଠନର ସମ୍ପାଦକ ବାବାଜୀ ଜେନା, ଚାଷୀ ଅନ୍ତର୍ଯ୍ୟାମି ରାଉତ, ନିହାର ରଞ୍ଜନ ସାହୁ, ରବିନ୍ଦ୍ର ନାଥ ସ୍ୱାଇଁ, ଗୌତମ ପାଲିତ, ଅଭୟ ସାମନ୍ତରାୟ, କମଳା କାନ୍ତ ପରିଡା, ଅଶୋକ ବେହେରା, ପ୍ରମୋଦ ସ୍ୱାଇଁ, ମନୋଜ ମହାନ୍ତି, ପରମାନନ୍ଦ ସ୍ୱାଇଁ, କୃତିବାସ ମହାପାତ୍ର, ରବିନ୍ଦ୍ର ବିଶ୍ୱାଳ, ତାରାକାନ୍ତ ଜେନା, ପବିତ୍ର ଖୁଣ୍ଟିଆ, ସଚିତ୍ର ସ୍ୱାଇଁ, ଗୋବିନ୍ଦ ବାରିକ, ରାମ ଚନ୍ଦ୍ରମହାପାତ୍ର, ବିଶ୍ୱଜିତ ଦାସ, ଜୋସେଫ ସ୍ୱାଇଁ, ପ୍ରତାପ ପଟ୍ଟନାୟକ, ପ୍ରତାପ ମୁଦୁଲି, ଅନିଲ ଖଟୁଆ, ଜାହାଙ୍ଗୀର ବେଗ, ପ୍ରଭାକର ମଲ୍ଲିକ, ଅନୁପ ପ୍ରସାଦ ସ୍ୱାଇଁ, ଅଜୟ ଶାମଲ ପ୍ରମୁଖ ଶତାଧିକ ଚାଷୀ ବିକ୍ଷୋଭରେ ସାମିଲ ହୋଇଥିଲେ।

# ସଂଗ୍ରାମୀ ବିଧାଧର ହେଲେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବରିଷ୍ଠ ସଂଗ୍ରାମୀ ବିଧାଧର ମଦୁଲିଙ୍କୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ଭାବେ ମନୋନୀତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ବିଧାଧରଙ୍କୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି। ଆଜି ବ୍ଲକ ଅଧିନ କାଉପଡା ପଞ୍ଚାୟତ ନିଳିକଣା ସ୍ଥିତ ତାଙ୍କ ବାସଭବନକୁ ଯାଇ ବହୁ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମ ଉତ୍ତର ଦାୟାଦ ସଂଘର କର୍ମକର୍ତ୍ତା, ଶିକ୍ଷାବିତ୍, ଚାଷୀନେତା ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ବିଧାଧରଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଗାନ୍ଧୀ ସ୍ମୃତି ପରିଷଦର ସମ୍ପାଦକ ରାଜେଶ କୁମାର ପଣ୍ଡା, ଶିକ୍ଷକ ନେତା ପ୍ରମୋଦ କୁମାର ବେହେରା, ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡାଙ୍କ ସମେତ ବହୁ ବ୍ୟକ୍ତି ବିଧାଧରଙ୍କୁ ଶେଭେଚ୍ଛା ଜଣାଇବା ସହ ଦୀର୍ଘାୟୁ କାମନା କରିଥିଲେ। ସୂଚନାଯୋଗ୍ୟ ୧୯୩୪ ମସିହାରେ ଗାନ୍ଧିଜୀ କେନ୍ଦ୍ରାପଡା ଅଞ୍ଚଳକୁ ହରିଜନ ପଦଯାତ୍ରରେ ଆସିଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ସଂଗ୍ରାମୀଙ୍କ ସମେତ ବିଧାଧର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଡେରାବିଶ ବ୍ଲକ ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର, ଅସ୍ପୃଶ୍ୟତା ଓ ନିଶା ନିବାରଣ ପାଇଁ ବିଭିନ୍ନ ଗ୍ରାମରେ ଯୁବକମାନଙ୍କୁ ସଚେତନର ବାର୍ତ୍ତା ପହଞ୍ଚାଇବା ସହ ଗାନ୍ଧିଜୀଙ୍କ ଜୀବନାଦର୍ଶନରେ ଅନୁପ୍ରାଣୀତ ହେବାକୁ ପ୍ରେରଣା ଯୋଗାଉଥିଲେ।



# ଚନ୍ଦ୍ରଭାଗା ଠାରେ ତ୍ରିଦିବସୀୟ ବିଶ୍ୱଶାନ୍ତି ନବଗ୍ରହ ଯଜ୍ଞ ଉଦ୍‌ଯାପିତ



କୋଣାର୍କ (ଭାସ୍କର ନ୍ୟୁଜ୍) : ରାଜ୍ୟ ଶାକଦ୍ୱୀପ ଦୈବଜ୍ଞ ବ୍ରାହ୍ମଣ ମହାସଙ୍ଘ ଦ୍ୱାରା ଶାମ୍ବ ଦଶମୀର ପରମ ପୂଣ୍ୟତମ ତିଥିରେ ଅର୍କକ୍ଷେତ୍ର ଚନ୍ଦ୍ରଭାଗା ଠାରେ ବିଶ୍ୱ ଶାନ୍ତି ମୈତ୍ରୀ ପ୍ରଗତି କଲ୍ୟାଣ ନିମନ୍ତେ ତ୍ରିଦିବସୀୟ ବିଶ୍ୱଶାନ୍ତି ନବଗ୍ରହ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଜନସମାବେଶ ହୋଇ ଉତ୍ସବର ଆକର୍ଷଣକୁ ବହୁଗୁଣିତ କରିଥିଲେ। ପୁରାଣ କହେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବବାନ ଶାପଗ୍ରସ୍ତ ହୋଇ ଦୂରାରୋଗ୍ୟ କୋଷ ବ୍ୟାଧିରେ ପୀଡିତ ଥିଲେ। କୃଷ୍ଣ, ନାରଦ ତଥା ଦେବଗଣଙ୍କ ପରାମର୍ଶ କ୍ରମେ ଶାକଦ୍ୱୀପରୁ ନୈଷ୍ଠିକ ସୌରାଂଶୀ ବ୍ରାହ୍ମଣ(ଦୈବଜ୍ଞ)ମାନଙ୍କୁ ଅଣାଇ ବିଶେଷ ସୌର ଉପଚାର ଓ ସୌର ପୂଜନରେ ବ୍ୟାଧିମୁକ୍ତ କରାଇ ଥିଲେ। ସେହିଦିନ ଠାରୁ ସକଳ ଶକ୍ତିର ଆଧାର ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଶାମ୍ବ ଦଶମୀ ତିଥିରେ ଅର୍କ କ୍ଷେତ୍ରରେ ଶାକଦ୍ୱୀପୀ ବ୍ରାହ୍ମଣମାନଙ୍କ ଦ୍ୱାରା ବିଶେଷ ସୂର୍ଯ୍ୟ ପୂଜନ କରାଯାଇ ଆସୁଛି। ଏହି କାର୍ଯ୍ୟକ୍ରମରେ ମହାସଂଘର କୋଣ ଅନୁକୋଣରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଛୁଟି ଆସି ଏକ ଅନନ୍ୟ ବୈଦିକ ଆଧ୍ୟାତ୍ମିକ ଯାଜ୍ଞିକ ପରିବେଶ ସୃଷ୍ଟି କରିଛନ୍ତି। ସଭାପତି ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ, ସମ୍ପାଦକ ପଣ୍ଡିତ ରମାକାନ୍ତ ମହାପାତ୍ର, ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ପ୍ରେମାନନ୍ଦ ସେନାପତି, ରଙ୍ଗାଧର ମହାପାତ୍ର, ମନୋରଞ୍ଜନ ନାୟକ, ବିନୋଦ କୁମାର ସେନାପତି, ସନ୍ତୋଷ କୁମାର ମହାପାତ୍ର, ପବିତ୍ର ମୋହନ ନାୟକ, ତାପସ କୁମାର ମହାପାତ୍ର, କାଳନ୍ଦୀ ଚରଣ ମହାପାତ୍ର, ଶଶିଭୂଷଣ ନାୟକ, କୁଳମଣି ପଣ୍ଡିତ, ପଶ୍ଚିମ ଓଡ଼ିଶାରୁ ପଣ୍ଡିତ ଦୟାନିଧି ଖଡ଼ିରତ୍ନ ତଥା ଅନେକ ବିଶିଷ୍ଟ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ।

# ଗୋପାଳପୁର ପୋର୍ଟ ମଜଦୂର ୟୁନିଅନର ସାଧାରଣ ସଭା




ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ସ୍ଥିତ ରୋଟାରି କ୍ଲବ ପରିସରରେ ଗୋପାଳପୁର ପୋର୍ଟ ମଜଦୂର ୟୁନିଅନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୟୁନିଅନର ସଭାପତି କେ ଏଲେୟା ଏଥିରେ ଅଧ୍ୟକ୍ଷତାରେ କରିଥିଲେ। ନୂତନ ବର୍ଷ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ୟୁନିୟନର ବିଭିନ୍ନ ବିଷୟ ନେଇ ସଦସ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଗୋପାଳପୁର ପୋର୍ଟ ବର୍ତ୍ତମାନ ଆଦାନୀ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିବା ବେଳେ କମ୍ପାନୀକୁ ସ୍ୱାଗତ ଜଣାଇବା, ୟୁନିଅନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବା ଏବଂ ଶ୍ରମିକଙ୍କ ସ୍ୱାର୍ଥକୁ ନେଇ ୟୁନିଅନ କାର୍ଯ୍ୟ କରିବ ବୋଲି ଏହି ସଭାରେ ଆଲୋଚନା ହୋଇଥିଲା। ଏହା ସହିତ ୟୁନିୟନ ସଦସ୍ୟ ନଥାଇ ଯେଉଁମାନେ ୟୁନିୟନ ବିରୋଧରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏ ସଂକ୍ରାନ୍ତରେ କମ୍ପାନୀ ଓ ଶ୍ରମ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୟୁନିଅନର ସମ୍ପାଦକ ପି. ରାମବାବୁ, କୋଷାଧକ୍ଷ ଭି. ମାସିଆନ, ବରିଷ୍ଠ ଆଇନଜୀବୀ ପଦ୍ମ ଚରଣ ସାହୁ, ବିଜୟ କୁମାର ମୁଦୁଲି, ରାଜେନ୍ଦ୍ର ଦାଶ, ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ବାପି ଦାସ, ଏମ. ତାତେୟ, ଟି. ଗାଉରିଆ ରେଡ୍ଡୀ, ଚନ୍ଦ୍ର ବେହେରା, ପି. ଗୌରୀ, ଜେ. ଦାଶରଥି ପ୍ରମୁଖ ମଞ୍ଚାସୀନ ଥିଲେ। ଏନ. ଦୀନବନ୍ଧୁ ରେଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଳିତ

କୋରାପୁଟ (ଭାସ୍କର ନ୍ୟୁଜ୍) : ଜିଲ୍ଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଏବଂ ସମ୍ମାନିତ ଅତିଥି ଭାବେ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଡିଓ ଦେବାଶିଷ ଗୌଡ, ବିଇଓ ଶ୍ରୀକାନ୍ତ ଜାନୀ, ଏଡିଇଓ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରବାସୀ ଭାରତୀୟମାନଙ୍କ ଭାରତ ପ୍ରତି ରହିଥିବା ଅବଦାନ ଏବଂ ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୦୪୦ମସିହା ଭିତରେ ଭାରତ ଏକ ବିକଶିତ ଭାରତ ହେବା ନେଇ ସ୍ୱପ୍ନ ଦେଖୁଛି। ଭାରତ ବିକଶିତ ହେବାକୁ ଯାଉଥିବା ବେଳେ ଏଥିରେ ଓଡ଼ିଶାର ମଧ୍ୟ ମୁଖ୍ୟ ଭୂମିକା ରହିଛି। ପ୍ରବାସୀ ଭାରତୀୟମାନେ ଅନ୍ୟଦେଶରେ ବିଭିନ୍ନ ଉଚ୍ଚ ପଦପଦବୀରେ ରହି ଆସୁଛନ୍ତି। ଭାରତ ନିର୍ମାଣରେ ପ୍ରବାସୀ ଭାରତୀୟମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମତପ୍ରକାଶ ପାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରବାସୀ ଭାରତୀୟ ବିଷୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।




# ଓଡ଼ିଶା ଆଇନଜୀବୀ ସଂଘର ନବନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ନିଖିଳ ଓଡ଼ିଶା ଆଇନଜୀବୀ ରାଜ୍ୟ ସଂଘର ଉପ ସଭାପତି ଭାବେ ମନୋନୀତ ହେଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଓକିଲ ସଙ୍ଘର ସଭାପତି ସ୍ୱରାଜ୍ୟ ପାଣିଗ୍ରାହୀ। ଏହି ଅବସରରେ ପୁରୁଷୋତ୍ତମପୁର ଓକିଲ ସଙ୍ଘ ତରଫରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁରୁଷୋତ୍ତମପୁର ଓକିଲ ସଂଘ ଅଫିସ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ଉପେନ୍ଦ୍ର ପଣ୍ଡାଙ୍କ ସଂଯୋଜୋନରେ ଆୟୋଜିତ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ରାଜ୍ୟ ସଭାପତି ଶିଶିର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନବ ନିର୍ବାଚିତ ରାଜ୍ୟ ସଦସ୍ୟ ଭାବେ ଗଞ୍ଜାମ ଜିଲ୍ଲା ସଭାପତି ନୟନ ମହାପାତ୍ର, ପୀତବାସ ପଣ୍ଡା, ସ୍ୱରାଜ୍ୟ ପାଣିଗ୍ରାହୀ ଓ ରଘୁନାଥ ପାଣିଗ୍ରାହୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସଂଘ ସହ ସମ୍ପାଦକ କୁଞ୍ଜ ବିହାରି ପଣ୍ଡା ସହ– ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଯୋଗୁ ଆଜି ପୁରୁଷୋତ୍ତମପୁର ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧନା ଉତ୍ସବ ଅୟୋଜନ ହୋଇଥିଲା। ଅତିଥିମାନେ ମଞ୍ଚରେ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ଓକିଲ ବନ୍ଧୁଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଶୁଭେଚ୍ଛା ଜଣାଇ ଥିଲେ। ଓକିଲମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ଆଇନ ଓ ଜୀବନ ବୀମା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ରାଜ୍ୟ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଆଇନଜୀବୀ କେଦାରନାଥ ପଟ୍ଟନାୟକ, ଦେବେନ୍ଦ୍ର ମହାପାତ୍ର, ଗୌରୀ ଶଙ୍କର ରାଉଳ, ପ୍ରଦ୍ୟୁମ୍ନ କୁମାର ବାହିନୀପତି, ବାସୁଦେବ ଜେନା, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ଗୌଡ଼, ସୀତାରାମ ପାଣିଗ୍ରାହୀ, ପ୍ରଭାତ କୁମାର ପଟ୍ଟନାୟକ, ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ, ଉପ ସଭାପତି ଦୁର୍ଗା ଚରଣ ଦାସ, ସହ ସମ୍ପାଦକ ନିରଞ୍ଜନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କିଡ୍‌ନୀ ରୋଗରେ ଆକ୍ରାନ୍ତ ରଞ୍ଜନଙ୍କୁ ସହାୟତା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ନରଣପୁର(ବାଘିଲୋ) ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ରଞ୍ଜନ(୩୫) ଦୀର୍ଘ ବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଆର୍ଥିକ ଦୂରାବସ୍ଥା ମଧ୍ୟରେ ଗତି କରୁଥିବା ରଞ୍ଜନଙ୍କୁ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଆଜି ସହାୟତା କରାଯାଇଛି। ସୋସାଇଟିର ସଭାପତି ତଥା ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ ଆଜି ସକାଳେ ରଞ୍ଜନଙ୍କ ଘରେ ପହଞ୍ଚି ତାଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରୀ ସାହୁଙ୍କ ସହ ମୁଖ୍ୟ ଶାଖା ପରିଚାଳକ ପଙ୍କଜ ମଲ୍ଲିକ, କର୍ମଚାରୀ ରାଜକିଶୋର କର ଓ ସମାଜସେବୀ ଲିଜାରାଣୀ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସାହୁ ନିଜ ପ୍ରତିକ୍ରିୟା ରଖି ଗରିବ ଅସହାୟ ବ୍ୟକ୍ତିଙ୍କ ସମେତ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସୋସାଇଟି ପକ୍ଷରୁ ସହାୟତା ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ରଞ୍ଜନ ଦୀର୍ଘ ବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ପ୍ରତ୍ୟେକ ମାସରେ ୧୦ରୁ ୧୨ ଥର କଟକକୁ ଯାଇ ଡାଇଲୋସିସ କରାଇଥାନ୍ତି। ବାପା ହରେକୃଷ୍ଣ ଓ ମାଆ କମଳାଙ୍କ ସମେତ ସ୍ତ୍ରୀ ସୁବାସିନୀ, ୧୦ ବର୍ଷୀୟ ଝିଅ ଓ ୭ବର୍ଷର ପୁଅଙ୍କ ଭରଣପୋଷଣ ସଂପୂର୍ଣ୍ଣ ରଞ୍ଜନଙ୍କ ଉପରେ ନିର୍ଭର କରୁଥିଲା। ଦହିବରା ବେପାର କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ରଞ୍ଜନଙ୍କ ଉପରେ ଯେପରି ହଠାତ୍ କଳା ବାଦଲ ଘୋଟି ଆସିଥିଲା। ଭାଗ ଚାଷ କରି ଖୁସିରେ ପ୍ରତିପୋଷଣ କରୁଥିବା ବେଳେ ହଠାତ୍ କିଡ୍‌ନୀ ରୋଗରୁ ସୁସ୍ଥ ହେବା ପାଇଁ ମାସିକ ୧୦ରୁ ୧୨ ହଜାର ଟଙ୍କା ଯୋଗାଡ କରିବା ପରିବାର ପାଇଁ ସଂପୂର୍ଣ୍ଣ ଅସମ୍ଭବ ହୋଇ ପଡିଛି। ଘରର ସମସ୍ତ ଆସବାବପତ୍ର ବନ୍ଧା ପକାଇ କିମ୍ବା ବିକ୍ରି କରି ପୁଅକୁ ଆରୋଗ୍ୟ କରିବା ପାଇଁ ହରେକୃଷ୍ଣ ଅର୍ଥ ବ୍ୟୟ କରୁଥିବା ବେଳେ ଅନ୍ୟଠୁ ଧାର କରଜ କରି ଏକ ପ୍ରକାର ସର୍ବସ୍ୱାନ୍ତ ହୋଇପଡିଥିବା ଜଣାଯାଇଛି। ଏପରି ବିପଦ ସମୟରେ ସୋସାଇଟି ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ପାଇଁ ପରିବାର ଓ ଗ୍ରାମବାସୀ ପ୍ରମୋଦଙ୍କୁ ସାଧୁବାଦ ଜଣାଇଛନ୍ତି।

# ରାଶିଫଳ

ଶୁକ୍ରବାର, ୧୦ ଜାନୁଆରୀ ୨୦୨୫



**ମେଷ:** ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ। କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପାଇବେ। ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିବ। ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ବିବାହିତ ଜୀବନ ସୁଖୀ ହେବ।



**ବୃଷ:** ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। ସ୍ୱାସ୍ଥ୍ୟ ଭଲ ହେବ। ସ୍ଥଗିତ କାର୍ଯ୍ୟ କରାଯାଇପାରିବ। ପ୍ରେମ କାର୍ଯ୍ୟରେ ସଫଳତା ପାଇବେ।



**ମିଥୁନ:** ପରିଶ୍ରମ କରିବା ଅପେକ୍ଷା କର୍ମକ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଅଧିକାରୀମାନଙ୍କର ସହାୟତା ପାଇବେ। ପୁରୁଣା ଋଣରୁ ମୁକ୍ତି ମିଳିପାରେ। ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ।



**କର୍କଟ:** ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି। ପରିବାରର କାହା ସହିତ ମତଭେଦ ହେବାର ସମ୍ଭାବନା ରହିବ।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ। କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ତଥାପି, ସେଠାରେ ଅଧିକ କାର୍ଯ୍ୟ ଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ। ବିବାହିତ ଜୀବନ ମଧ୍ୟ ସୁଖୀ ହେବ। ସ୍ୱାସ୍ଥ୍ୟ ଭଲ ହେବ।



**କନ୍ୟା:** କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢ଼ିବ। ରିଅଲ୍ ଇଷ୍ଟେଟ୍ ଏବଂ ପୁଞ୍ଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ। ଯେକୌଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି। ପରିବାରର ପରିବେଶ ଭଲ ରହିବ।



**ତୁଳା:** କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ। ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ। ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ। ବେକାରମାନେ ରୋଜଗାରର ସୁଯୋଗ ପାଇବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ। ପାରିବାରିକ ପରିବେଶ ଭଲ ରହିବ।



**ବିଛା:** ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ। ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି। ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ। ବିବାହିତ ଜୀବନ ମଧ୍ୟ ସୁଖଦ ହେବ। କ୍ରୋଧକୁ ନିୟନ୍ତ୍ରଣ କର, ଅନ୍ୟମାନେ ଏକ ବିବାଦରେ ପଡ଼ିପାରନ୍ତି। ସାମାଜିକ ଏବଂ ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ। ପରିଶ୍ରମ କର। କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ। ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ। ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହେବ।



**ମକର:** ଆଜି ଏକ ସାଧାରଣ ଦିନ ହେବ। କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ପରିବାରର ସମ୍ପୂର୍ଣ୍ଣ ସମର୍ଥନ ରହିବ।



**କୁମ୍ଭ:** ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପୁରୀ (ଭାସ୍କର ନ୍ୟୁଜ) : ବିଚ ସ୍ପୋର୍ଟସର ଦ୍ୱିତୀୟ ଦିନରେ କବାଡି, ବିଚ ଫୁଟବଲ, ଥ୍ରୋ ବଲ ଖେଳ ଅନୁଷ୍ଠିତ ହୋଇଯାଇଅଛି । ପର୍ଯ୍ୟଟକଙ୍କ ଗହଳି ମଧ୍ୟରେ ସିନିୟର କବାଡି ଖେଳରେ ପୁରୀ ଜିଲ୍ଲା ସ୍କୁଲ ସ୍ପୋର୍ଟସ ଜୋନ ଚମ୍ପିୟାନ ହୋଇଥିବା ସ୍ଥଳେ ନିତା ସ୍ପୋର୍ଟସ ଏକାଡେମୀ ରନର୍ସଅପ ହୋଇଅଛି ବେଳେ ସବ ଜୁନିୟର ପ୍ରତିଯୋଗିତାରେ ନିତା ଏକାଡେମୀ ସମ୍ପୂର୍ଣ୍ଣ ଭାବରେ ଆଧିପତ୍ୟ ବିସ୍ତାର କରି ମ୍ୟାଚକୁ କରାୟତ୍ତ କରିବାରେ ସକ୍ଷମ ହୋଇପାରିଅଛି । ଏହି ପ୍ରତିଯୋଗିତାକୁ ବହୁମାତ୍ରାରେ ପର୍ଯ୍ୟଟକ ଉପଭୋଗ କରିବା ସହିତ ଛୋଟ ଛୋଟ ପିଲାଙ୍କ ଖେଳରେ ବିମୋହିତ ହୋଇଥିଲେ । ପ୍ରତିଯୋଗିତାରେ ଯଥାକ୍ରମେ ମ୍ୟାନ ଅଫ ଦି ମ୍ୟାଚ ଭାବରେ ପ୍ରଦିପ ନାୟକ ଓ ଓମ ପ୍ରକାଶ ସୋରେନ ବିବେଚିତ ହୋଇଥିଲେ ।ଥ୍ରୋ ବଲ ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ଯଥାକ୍ରମେ ପୁରୀ ଜିଲ୍ଲା ଓ ଝାଡେଶ୍ୱରୀ କ୍ଲବ ଚମ୍ପିୟାନ ଓ ରନର୍ସଅପ ହୋଇଥିଲେ। ସର୍ବଶେଷରେ ବିଚ ଫୁଟବଲ ଖେଳ ସମସ୍ତ ଦର୍ଶକଙ୍କୁ ବିମୋହିତ କରିଥିଲା ।ଅତିଥି ଭାବରେ ମଞ୍ଚରେ ପୁରୀ ଜିଲ୍ଲା ଖେଳ ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ। କ୍ରିଡା ଅଧିକାରୀ ନିଜ ଅଭିଭାଷଣରେ ଖେଳ ପରିଚାଳନା କରୁଥିବା କବାଡି କୋଚ ଜିତେନ୍ଦ୍ର ବେହେରା, ଶେଫାଳି ପତି ଓ ରେଫରୀ ଗାୟତ୍ରି ସେଠିକୁଂ ଭୂୟସୀ ପ୍ରଶଂସା କରିଥିଲେ।

# ଜେଏସପିର ସଚେତନତା ରଥ: ବାଲ୍ୟ ବିବାହର ମୁକାବିଲା ପାଇଁ ଅଭିଯାନ ଆରମ୍ଭ




ଅନୁଗୁଳ(ଭାସ୍କର ନ୍ୟୁଜ) : ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ତୁଲାଉଥିବା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବାଲ୍ୟ ବିବାହର ମୁକାବିଲା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବାଲ୍ୟ ବିବାହର ସଂକଟ ସମ୍ପର୍କରେ ସମାଜକୁ ଅବଗତ କରିବା ସହ ଜିଲ୍ଲାରେ ଏହି ବେଆଇନ କାର୍ଯ୍ୟକୁ ରୋକିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଅନୁଗୁଳ ଜିଲ୍ଲାପାଳ ଅବଦାଲ ଅଖତର ଆନୁଷ୍ଠାନିକ ଭାବେ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ) ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତି ନିରୁପମା ପାଣି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଆଇସିଡିଏସର କର୍ମଚାରୀ ଏବଂ ଜିନ୍ଦଲ ଫାଉଣ୍ଡେସନର ସଦସ୍ୟମାନେ ସାମିଲ ହୋଇଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶା ସମୃଦ୍ଧ...

ରାମେଶ୍ୱରମ, ମଦୁରାଇ, କୋଚି, ଗୋଆ, ଏକତାନଗର, ଆଜମେର, ପୁଷ୍କର ଓ ଆଗ୍ରା ଆଦି ଦର୍ଶନୀୟ ସ୍ଥାନ ବୁଲିପାରିବେ ବୋଲି ମୋଦୀ କହିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବୈଦେଶିକ ବ୍ୟାପାରମନ୍ତ୍ରୀ ଏସ.ଜୟଶଙ୍କର, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ସାମିଲ ହୋଇଥିଲେ।

### ଓଡ଼ିଶାର କଳା...

ପାଇଁ ଲାଭଦାୟକ ହେବ। ସେ ଆହୁରି କହିଥିଲେ ଯେ କୌଣସି ଦେଶ ଏକାକୀ ବିକଶିତ ହୋଇପାରି ନାହିଁ। ସବୁଦେଶ ବିକାଶ ପାଇଁ ଅନ୍ୟର ସହଯୋଗ ଲୋଡ଼ିଥାନ୍ତି। ଆମେ ପ୍ରବାସୀ ଭାରତୀୟଙ୍କ ସହଯୋଗରେ ଏକ ବିକଶିତ ଭାରତ ଗଠନ ପାଇଁ ପ୍ରୟାସରତ ବୋଲି ଜୟଶଙ୍କର କହିଥିଲେ।

### ସହଦେବଙ୍କ...

ବୁଧବାର ସକାଳେ ମୃତ ସହଦେବ ଝିଅକୁ ସ୍କୁଲରେ ଛାଡ଼ି ଫେରିବା ବାଟରେ ହତ୍ୟାର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ବୀଭତ୍ସଭାବେ ହତ୍ୟା କରିଥିଲେ। ତୁରନ୍ତ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପୋଲିସ ଖୋର୍ଦ୍ଧା ଓ ନୟାଗଡ଼ ଅଭିମୁଖେ ବାହାରିଥିଲା।


**AFFIDAVIT**

By virtue of an affidavit sworn before the Executive magistrate tentulikhunti Dtd : 18.12.2024 I sri G.gupteswar rao 31 yrs. S/o G. Ramakrushna rao At/po-charamula PS-tentulikhunti Dist-nabarangpur , declare that I have changed my name from Guntreddy gupteswar rao to G.gupteswar rao. Guntreddy gupteswar rao and G.guptesqar rao being one and same person .this affidavit is required to be produce before the concerned bank Authorty for necessary action .

**OFFICE OF THE MUNICIPAL COUNCIL: BRAJRAJNAGAR**

C-1433

**CORRIGENDUM**

With reference to the Tender Call Notice No.4643/Dt.13.12.2024, Bid Identification No.BRJNRM-5/2024-25, Tender ID No.2025_ORULB_108954. Due to technical issues the last date of Online Bid Closing date has been rescheduled as on Dt.20.01.2025 at 5.00P.M. instead of dt.13.01.2025 at.5.00P.M. and Online Bid Opening Dt.21.01.2025 at 11.00A.M. instead of dt.15.01.2025 at.11.00 A.M. All other term and conditions remain same. Further details please visit: - www.tendersodisha.gov.in

Sd/-Executive Officer
Brajrajnagar. Municipality.

OIPR 13099/11/0022/2425

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
AT/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

CAD-2124

No.-CHEP/TW-320/98 Date: 08.01.2025

**TENDER CALL NOTICE NO.-CHEP-55/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Channel Partners / Reputed Suppliers meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of 11KV Resin Cast Current Transformers & Potential Transformers for CHEP, Chiplima | Rs.2,360/- (Rs.2,000/- + GST @18%) | 3,300/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.01.2025 up to 12:30 PM of dtd.27.01.2025.

OIPR 04006/11/0056/2425 Sd/- C & P Head, CHEP, Chiplima

OFFICE OF THE
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail seec.bbsr2010 @ gmail.com
Bid Identification No.S.E.E.C (R&B) 13/2024-25

B-827

No. 99 /Date 08.01.2025

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for E.I. works as detailed in the table given below.

| Sl. No. | Name of the work | Approximate Estimated cost put to Tender (Rs.) | Cost of Bid Document | Bid Security | Class of Contractor | Period of Completion |
|---|---|---|---|---|---|---|
| 1. | External Power Supply to 650 Bedded Teaching Hospital at Bhawanipatna in the district of Kalahandi | Rs.1,50,27,428.00 (Excluding GST) | Rs.10,000.00 (Online) | Rs.1,50,274.00 (Online) | HT or Above | 6 (Six) Calendar Months |
| 2. | Supply and Installation of Solar Street Lights on L.C. No.45 Near Jaleswar Station at Laxmannath Railway Station of S.E. Railway at 1st KM on Jaleswar-Batagram-Chandaneswar Raoad (S.H.) in the District of Balasore. | Rs..1,33,20,980.00 (Excluding GST) | Rs.10,000.00 (Online) | Rs.1,33,210.00 (Online) | MV/HT or Above | 6 (Six) Calendar Months |

Date & Time of available of bid document in the portal / online: - From dt.16.01.2025 at 05.00 P.M. to dt.30.01.2025 up to 05.00 P.M.
Date of Opening: - dt.31.01.2025 at 11.30 A.M.
Name and address of officer inviting Bid: -Superintending Engineer, Electrical Circle (R&B) Odisha, BBSR.
Further details can be seen from the e-procurement portal: https://tendersodisha.gov.in.

Sd/- Superintending Engineer
Electrical Circle (R&B) Odisha, BBSR

OIPR 34006/11/0017/2425

**Government of Odisha "e" Procurement Notice**

O-1182

**Bid Identification No. : Online-AGL- 16 of 2024-2025**

| | | |
|---|---|---|
| 1. | Name of the Work | : Building Works |
| 2. | Estimated Cost. | : Rs. 1.68 Lakhs to Rs. 5.04 Lakhs |
| 3. | Period of Completion | : 01 (one) Calendar Month |
| 4. | Date & time of availability of bid document in the portal | : From 16.01.2025. to 23.01.2025 upto 5.00 P.M |
| 5. | Last Date/time for receipt of bids In the portal | : 23.01.2025. upto 5.00 P.M. |
| 6. | Name & Address of the OIT | : Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

Sd/-Executive Engineer
R.W.Division,Angul.

OIPR 25096/11/0018/2425

Phone-06842-253708
E-mail: rw_phulbani@yahoo.co.in

O-1025

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
*******

No……5854……………..RWDP, Dated the 24.12.2024

**Government of Odisha e-Procurement Notice**
**Bid Identification No. Online Tender/ 11 /SERWD PHULBANI/ 2024-25**

| | | | |
|---|---|---|---|
| 1 | Name of the work | :: | Road Work (1No.) |
| 2 | Estimated cost | :: | Rs. 94.55 Lakhs |
| 3 | Period of Completion | :: | 06 (Six) Calendar Months |
| 4 | Date & Time of availability of Bid documents in the Portal | :: | From 15.01.2025 10.00 AM to 27.01.2025 Up to 5.00 PM |
| 5 | Last Date/ Time for receipt of Bids in the Portal | :: | 27.01.2025 up to 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

Sd/-Superintending Engineer
Rural Works Division
Phulbani

OIPR 25077/11/0012/2425

**ESAF SMALL FINANCE BANK**
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

DATE OF AUCTION: 20-01-2025 TIME: 2 PM TO 5 PM
AUCTION VENUE: THROUGH E-AUCTION
AUCTION ADDRESS: https://egold.auctiontiger.net
Contact Number: 9099013705/6351896640

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES & LOAN ACCOUNT NUMBERS**

**Balangir**: 63230000543864, 546679, 75230002505345, 2514668, 2517583, 75240001660770, **Bhubaneshwar**: 63230000553985, 75240001599264, 1940234, **Chandanpur**: 63240000413791, 75240001693837, **Cuttack**: 75230002522913, 75240001780594, **Jeypore**: 63240000271626, **Nabrangpur**: 63230000543114, 547057, **Nayagarh**: 75240001594194.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur Sd/-
Date: 10-01-2025 Authorized Signatory

**PARADIP PORT AUTHORITY**
ADMINISTRATIVE DEPARTMENT
e-TENDER CALL NOTICE No.
AD/OE/GL-07/13(Vol. VI)/2787 Dtd. 31.12.2024

Name of the work :- "Providing Secretarial and other assistance for official works of Administrative Department". Estimated cost put to tender ₹ 1,95,50,947.00 (excluding GST @ 18% & Contractor's Commission). The last date & time of submission of bid is 20.01.2025 upto 1700 Hrs. for details please refer our website www.paradipport.gov.in/https://eprocure.gov.in/eprocure/app.

Sd/-
Asst. Secretary (Admn.),
Paradip Port Authority

PPA/PR/ 57/2024-2025
09/01/2025

**ପୌରପାଳିକା, ନବରଙ୍ଗପୁର**

C-1435

**OFFICE OF THE MUNICIPALITY, NABARANGPUR**
NABARANGPUR (ODISHA) PIN - 764059
TEL / FAX NO-06858-222031. E-mail-municipalityngpr@gmail.com

**Quotation Call Notice**

No. 35 Date- 09.01.2025

Nabarangpur Municipality is seeking sealed quotations from reputable suppliers, dealers, firms, and contractors for the supply and installation of various materials, including a **Trackless Toy Train, Haunted House, LED Strip Lights, Laser Show, Barbed Wire, Hexagonal / Octagonal Cast Iron Gazebo, Koi Fish, FRP Animal, and more.** All details are listed in the quotation document. The quotations must be submitted to the office of the Executive Officer of Nabarangpur Municipality during office hours on all working days until **20.01.2025 at 1:00 PM** from the date of publication. Any quotations received after the due date will not be considered. The quotations will be opened on **20.01.2025 at 4:00 PM** in the presence of the quoters or their authorized agents. A refundable **Earnest Money Deposit** (EMD) of **Rs. 50,000/-** in the form of a Bank Draft or Banker's Cheque made out to the **Executive Officer, Nabarangpur Municipality** must be submitted along with the quotations. Quotations lacking valid documentation are subject to rejection.

The quotation/tender document contains essential bid Technical and Financial information, along with terms and conditions for the procurement of **various materials such as a Trackless Toy Train, Haunted House, LED Strip Lights, Laser Show, Barbed Wire, Hexagonal / Octagonal Cast Iron Gazebo, Koi Fish, FRP Animal, and more**. All the necessary details are outlined in the quotation document, which will be available for purchase on any working day during office hours (10 AM to 4 PM) from **January 10, 2025, to January 20, 2025**, at Nabarangpur Municipality. The cost of the document is **Rs. 10,000.00.**

The authority reserves the right to accept or reject any or all the Tender without assigning any reason thereof.

Sd/- Executive Officer
Nabarangpur Municipality

OIPR 13065/11/0014/2425

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**
**OFFICE OF THE CHIEF DISTRICT AGRICULTURE OFFICER: BARGARH**
E-mail ID- ddabargarh.dag@nic.in

Letter No. 51 / Agril. Dated the. 09.01.2025

୭୭ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଉପଲକ୍ଷେ ମଥୁରା ନଗରୀ ର ଚାଷୀ ଭାଇ ଓ ଭଉଣୀ ମାନଙ୍କ ନିମନ୍ତେ ବାର୍ତ୍ତା -

୭୭ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଉପଲକ୍ଷେ ସମସ୍ତ ମଥୁରା ନଗରୀ ର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଆସନ୍ତା ନବ ବର୍ଷ ୨୦୨୫ ଆପଣଙ୍କ ନିମନ୍ତେ ତଥା ସମଗ୍ର କୃଷି ପରିବାର ପାଇଁ ଖୁସି ଓ ସମୃଦ୍ଧି ର ସମ୍ଭାର ନେଇ ଆସୁ ଏହା ହିଁ ମା ସମଲେଶ୍ୱରୀଙ୍କ ନିକଟରେ ମୋର ପ୍ରାର୍ଥନା ।

ଉଚ୍ଚ,ଅଣ ଜଳସେଚିତ ଜମିରେ ଧାନ ପରିବର୍ତ୍ତେ ଅଣ ଧାନ ଫସଲ ଚାଷ କରନ୍ତୁ, କୃଷି ରେ ଯାନ୍ତ୍ରିକକରଣ କରନ୍ତୁ, ନିଜର ଖାଲି ପଡ଼ିଥିବା ଜମିରେ ସମନ୍ୱିତ କୃଷି ପଦ୍ଧତି ଅପଣାନ୍ତୁ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ରିହାତି ର ଲାଭ ଉଠାଇ ମାଛ ଚାଷ, କୁକୁଡ଼ା ପାଳନ, ଗୋପାଳନ ଓ ଛତୁ ଚାଷ କରି ନିଜର ଆୟ ଦ୍ୱିଗୁଣ କରନ୍ତୁ। ଏଥି ସହିତ ପୁଷ୍ଟି ଶସ୍ୟ(ମାଣ୍ଡିଆ) ଚାଷ କରି ନିଜର ଦୈନିକ ଖାଦ୍ୟରେ ଅନ୍ୟ ସମସ୍ତ ଶସ୍ୟ ସହିତ ପୁଷ୍ଟି ଶସ୍ୟ(ମାଣ୍ଡିଆ)କୁ ମଧ୍ୟ ସାମିଲ କରନ୍ତୁ ଏବଂ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରନ୍ତୁ। ରାସାୟନିକ ସାର ଓ କୀଟନାଶକ ର ବ୍ୟବହାର କୁ ସୀମିତ କରି ତତ ପରିବର୍ତ୍ତେ ଜୈବିକ ସାର ଏବଂ କୀଟନାଶକ ବ୍ୟବହାର କରି ଏକ ସୁସ୍ଥ ମଥୁରା ନଗରୀ ଗଠନ କରିବାରେ ନିଜର ସହଭାଗିତା କରନ୍ତୁ ।

**JAP-IT**
Jharkhand Agency for Promotion of Information Technology
(An Autonomous body under Department of Information Technology & e-Governance, Govt of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044, 2401047 email: japit_doit@rediffmail.com

**CORRIGENDUM-II**

**Rate Contract for Supply, Installation & Support for Endpoint, IT Equipment's & Services for JAP-IT. (Tender Ref No.: JAP-IT/RC-01/2024)**

With reference to the above tender, please be informed that the tender (JAP-IT/RC-01/2024) has been cancelled due to unavoidable circumstances.
For further details, please visit https://jharkhand tenders.gov.in.
PR Ref No. 341310, 341876 & 342428.

PR 343934 Information Technology(24-25).D Sd/- (OSD, JAP-IT)

**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमण्डल, कोडरमा**

अल्प कालीन ई–पुर्ननिविदा आमंत्रण सूचना

ई–निविदा संख्या:- 09(RI)/2024-25/RWD/EE/KODERMA दिनांक :-08.01.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/KODERMA/ 28/2024-25 | प्रखण्ड सतगांवां अन्तर्गत पंचायत टेहरो में ग्राम नन्दुडीह से ग्राम भूताही स्कूल होते हुए आर0सी0डी0 रोड ग्राम खाब तक पथ निर्माण कार्य। (लं0–2.300 कि0मी0) | 2,24,26,700/- | दो करोड़ चौबीस लाख छब्बीस हजार सात सौ रू0 मात्र। | 09 (नौ) माह | द्वितीय |

1. वेबसाईट में निविदा प्रकाशन की तिथि :–11.01.2025
2. ई–निविदा प्राप्ति की अंतिम तिथि एवं समय :–25.01.2025 अपराह्न 5.00 बजे तक।
3. निविदा खोलने की तिथि एवं समय :–27.01.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग,कार्य प्रमण्डल, कोडरमा झारखण्ड, पिन– 825410
5. ई–निविदा प्रकोष्ठ का दूरभाष सं0– 8709561933 / 06534–297102
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा।

PR.NO.343870 Rural Work Department(24-25):D

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा**
email- rwdchaibasa64@gmail.com

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के **पत्रांक– 35(अनु0) दिनांक**–04.01.2025 द्वारा आमंत्रित ई निविदा आमंत्रण सूचना सं0–**12/2024-25 /RWD/EE/CHAIBASA** जिसके शुद्धि पत्र का **PR No–343593 West Singhbhum (24-25): D** में निकाली गई निविदा को आंशिक रूप से संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | वेबसाईट में निविदा प्रकाशन की तिथि :–08.01.2025 | वेबसाईट में निविदा प्रकाशन की तिथि –11.01.2025 |
| 2 | ई–निविदा प्राप्ति की अंतिम तिथि एवं समय :– 18.01.2025 अपराह्न 05:00 बजे तक। | ई–निविदा प्राप्ति की अंतिम तिथि एवं समय :– 21.01.2025 अपराह्न 05:00 बजे तक। |
| 3 | निविदा खोलने की तिथि एवं समय :– 20.01.2025 अपराह्न 05:00 बजे। | निविदा खोलने की तिथि एवं समय :– 22.01.2025 अपराह्न 05:00 बजे। |

निविदा की शेष कंडिकाएँ एवं शर्तें यथावत् रहेंगी।

विश्वासभाजन,
कार्यपालक अभियंता
ग्रामीण कार्य विभाग, कार्य प्रमण्डल,चाईबासा

PR 343901 (West Singhbhum)24-25*D

Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement Very Short Notice (2nd Call)**

e-Tender Reference No .-RCD/FSD /AP/ RAN/48/24-25 Dated 08.01.2025

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of – Kodarjanna (NH-80) to Mirzachowki RCD road (MDR-207) via Raksi asthan road including replacement of culverts and bridges, proposal of new culverts and bridges, complete Land Acquisition Proposal including ownership details , Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Sahebganj in the state of Jharkhand. from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 45 Days |
| 3- | Tentative Length | 6.00 km |
| 4- | Cost of Tender Document & Earnest Money Depsit (EMD) | **Cost of Tender Document** - Rs 5,000/- (Rupees Five Thousand)(Non-Refundable) through online mode only. **EMD :**- Rs- 20,000/- (Rupees Twenty Thousand) through online mode only.As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 13.01.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 21.01.2025, 12.30 PM |
| 7- | Date and Timing of Bid opening | 22.01.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | Pr No | 338130 Road (24-25) |

For further information please go through the website http://jharkhandtenders.gov.in

Executive Engineer
Field Survey Division, A.P
Road Construction Department, Ranchi

PR 343915 Road (24-25)_D

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

अति अल्पकालीन ई–निविदा आमंत्रण सूचना

ई– निविदा सूचना संख्या – RDD/SD/CHAIBASA/13/2024-25(5th Call) (MMGSY)

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के मनोहरपुर प्रखण्ड अन्तर्गत दिघा पंचायत के ग्राम मारंगपोंगा एवं होलोंगउली गाँव के बीच नदी पर पुल का निर्माण। | 30719400.00 | 615000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 13.01.2025
3. ई–निविदा प्राप्ति की तिथि एवं समय–दिनांक 13.01.2025 से दिनांक 20.01.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –21.01.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति / दावा दर्ज कराये अन्यथा अवधि बीतने के पश्चात् कोई भी आपत्ति / दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा।

PR.NO.343906 West Singhbhum(24-25):D

Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002 , e-mail--- eercdapfsdran-jhr@nic.in

**e-Procurement Very Short Notice**
**2nd Call**
**e-Tender Reference No .-RCD/FSD /AP/ RAN/47/24-25 Dated 08.01.2025**

| | | |
|---|---|---|
| 1- | Name of Work | Preparation of Detailed Project Report (DPR) for H.L. RCC bridge over Koyal river at 61st Km of Khunti-Torpa-Kolebira road in Gumla District in the state of Jharkhand. from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 60 Days |
| 3- | Tentative Length | 180 m |
| 4- | Cost of Tender Document & Earnest Money Deposit (EMD) | **Cost of Tender Document**: - Rs 5,000/- (Rupees Five Thousand) (Non-Refundable) through online mode only. **EMD :**- Rs- 25,000/- (Rupees Twenty Five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 13.01.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 21.01.2025, 12.30 PM |
| 7- | Date and Timing of Bid opening | 22.01.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhawan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | Pr No | 337809 Road (24-25) |

For further information please go through the website http://jharkhandtenders.gov.in

Executive Engineer
Field Survey Division,A.P
Road Construction Department,Ranchi

PR 343919 Road(24-25).D



କଟକ(ଭାସ୍କର ନ୍ୟୁଜ୍): ନୂଆବଜାର ହାଇସ୍କୁଲର ୪୧ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ କହିଲେ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା । ଏହି କାରଖାନାରୁ ଭଲ ମଣିଷ କରି ଗଢି ତୋଳି ବାରେ ଶିକ୍ଷକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କର୍ତ୍ତବ୍ୟକୁ ଠିକ୍ ଭାବେ ନିଭାଇ ପାରିଲେ ଛାତ୍ର ଛାତ୍ରୀ ମାନେ ଭଲ ମଣିଷ ହୋଇ ତିଆରି ହୋଇ ପାରିବେ । ଶିକ୍ଷା ସହିତ ସୁସ୍ଥ ରହିବା ପାଇଁ ପ୍ରତ୍ୟେକ ଦିନ ଛାତ୍ର ଛାତ୍ରୀ ମାନେ ଖେଳ କସରତ କରିବା ଦରକାର । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଆଇନ୍ମୁନି କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ, ପରିଚାଳନା କମିଟିର ସଭାପତି ପ୍ରଭାତୀ ମଲ୍ଲିକ, ସ୍ମୃତି ରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷର କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

### ଭୁବନେଶ୍ୱରରେ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ରେ କେନ୍ଦ୍ରମନ୍ତ୍ରୀ

# ବିଶ୍ୱ ମାନଚିତ୍ରରେ ଓଡ଼ିଶାର ପରିଚୟ ଆହୁରି ବଢ଼ିବ: ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ସମାରୋହ କେବଳ ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ମୂଳ ପରିଚୟକୁ ପରିଚିତ କରାଇବାର ଅବସର ନୁହେଁ, ବରଂ ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ଦେବାର ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ର ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଯୋଗଦେବା ସହ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି ତଥା ମନ୍ଦିର ମାଳିନୀ ଭୁବନେଶ୍ୱରରେ ସମବେତ ହୋଇଥିବା ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରବାସୀ ଭାରତୀୟ ଆୟୋଜନ ଦ୍ୱାରା ଓଡ଼ିଶା ଆଜି ବିଶ୍ୱବିଦିତ ହୋଇଛି । ଓଡ଼ିଶାର ପରିବେଶ, ଓ ଆତିଥେୟତାକୁ ବୈଶ୍ୱିକ ସ୍ତରର ଲୋକମାନେ ସମସ୍ତେ ପସନ୍ଦ କରୁଛନ୍ତି । ଆଜି ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସଫଳତାର ସମାରୋହରେ ପ୍ରଧାନମନ୍ତ୍ରୀ ଉଦୟଗିରି, କୋଣାର୍କ, ଆମର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଐତିହାସିକ ବାଲିଯାତ୍ରା, ବୌଦ୍ଧ ସର୍କିଟ୍ ତଥା ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଗୌରବମୟ ଇତିହାସ ଓ ଅନନ୍ୟ ଐତିହ୍ୟକୁ ଉପସ୍ଥାପନ କରିଛନ୍ତି । ଓଡ଼ିଶା ହେଉଛି ଶାନ୍ତିର ମାଟି । କଳିଙ୍ଗ ଯୁଦ୍ଧର ପରିଚୟ ଶାନ୍ତି ପାଇଁ ଖ୍ୟାତି ଅର୍ଜନ କରିଛି । ପ୍ରଧାନମନ୍ତ୍ରୀ ଯୁଦ୍ଧ ନୁହେଁ ବରଂ ବୁଦ୍ଧର ଆହ୍ୱାନ ଦେଇ ଆମର ବହୁତ ପୁରୁଣା ଐତିହାସିକ ତଥ୍ୟ ଓ ସମାଜରେ ତା'ର ମୂଳ ଚରିତ୍ର କଣ ଥିଲା ତାକୁ ଦର୍ଶାଇଛନ୍ତି । ଶାନ୍ତିର ଚରିତ୍ର ହିଁ ଆମ ସମାଜରେ ଥିଲା । ତେଣୁ ଆମ ସମାଜର ଚରିତ୍ରକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରରେ ତଥା ରାଜନୈତିକ ଓ କୂଟନୈତିକ ସ୍ତରରେ ରଖି ଆମ ଓଡ଼ିଶାର ମର୍ଯ୍ୟାଦା ବଢ଼ାଇଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନମୂଳକ କମିଟି ବୈଠକ

# ରାଜସ୍ୱ ଆୟ ବୃଦ୍ଧି ଉପରେ ଗୁରୁତ୍ୱ




କଟକ(ଭାସ୍କର ନ୍ୟୁଜ୍): ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ ମୂଳକ କମିଟିର ବୈଠକ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଂଚାୟତରେ ରାଜସ୍ୱ ଆୟ କିପରି ବୃଦ୍ଧି ପାଇବ, ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ପିଡ଼ିଏସ ରେ ଇ-କେଓ୍ୱାଇସି କରିପାରିବେ ଏବଂ ସେଥିରୁ ଜଣେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତ ସେ ବିଷୟରେ ଗୁରୁତ୍ୱ ଦେବା ସହ ସାମାଜିକ ସୁରକ୍ଷା ବିଭାଗ ଅଧିନରେ ବିଭିନ୍ନ ଭତା ପାଉଥିବା ଏବଂ ଆଶାୟୀ ଥିବା ଯୋଗ୍ୟ ହିତାଧିକାରୀ ଯେପରି ଅଧିକରୁ ଅଧିକ ସାମିଲ ହେବେ ସେ ଦିଗରେ ସମ୍ପୃକ୍ତ ଅଧିକାରୀ ତତ୍ପରତାର ସହ କାର୍ଯ୍ୟ ନିର୍ବାହ କରିବା ଉପରେ ବିଧାୟକ ଗୁରୁତ୍ୱ ଆରୋପ କରିଥିଲେ । ଏଥିସହ ଅଙ୍ଗନୱାଡି କେନ୍ଦ୍ରର ସୁପରିଚାଳନା ଓ ନିଯୁକ୍ତିର ନୀତିନିୟମ, ଅନୁସୂଚିତ ଜାତି ଓ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଅଧିକରୁ ଅଧିକ ସରକାରୀ ସହାୟତା ପ୍ରଦାନ ତଥା ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କ ଛାତ୍ରବୃତି, ସୁଭଦ୍ରା ଯୋଜନାରେ ଖର୍ଚ୍ଚ ବିବରଣୀ ସହ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଓ ଜଙ୍ଗଲ ଜମିପଟ୍ଟା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନା ସମ୍ବନ୍ଧରେ ବିଧାୟକ ସମୀକ୍ଷାପୂର୍ବକ ଯାଞ୍ଚ କରି ଉପସ୍ଥିତ ସମ୍ପୃକ୍ତ ଅଧିକାରୀଙ୍କୁ ସମୟ ସାପେକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ ପ୍ରଧାନମନ୍ତ୍ରୀ ଆବାସ ବାସଗୃହରୁ ବାସହୀନ ଲୋକେ ଯେପରି ଗୃହ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ତର୍ଜମା କରି ରିପୋର୍ଟ ଦାଖଲ କରିବାକୁ ବିଧାୟକ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ସଂଯୋଜନା କରିବା ସହ ପଂଚାୟତ ସ୍ତରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା- ଜିପିଡିପି, ସିଏମ୍‌ଏସ୍‌ଏ, ଏଫ୍‌ଡିଆର, ଏମ୍‌ଏଲ୍‌ଏ ଲ୍ୟାଡ ଆଦିରେ କାର୍ଯ୍ୟଗୁଡିକ ଯଥାଶୀଘ୍ର ତଥା ସମୟସୀମା ମଧ୍ୟରେ ସମାପ୍ତ କରାଯିବା ଉପରେ ଆଲୋଚନା ପୂର୍ବକ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ସୁବାଷ ଚନ୍ଦ୍ର ରାୟ, ଉପ-ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗ, ବିଶ୍ୱରଞ୍ଜନ ଦାଶ ଉପସ୍ଥିତ ଥିବାବେଳେ ବିଡିଓ, ଆଠଗଡ଼, ତିଗିରିଆ, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବିଡିଓ ଓ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଯୋଗଦେଇ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ସମ୍ପର୍କରେ ସୂଚନା ଓ ତଥ୍ୟ ପ୍ରଦାନ କରିଥିଲେ ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ସମ୍ମେଳନ ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ସହ ଶାରୀରିକ ଓ ବୌଦ୍ଧିକ ବିକାଶ ହିଁ ସେମାନଙ୍କୁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବାରେ ସହାୟକ ହୋଇଥାଏ ବୋଲି ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କେନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଅଶୋକ କୁମାର ନେଗି ମତବ୍ୟକ୍ତ କରିଛନ୍ତି । ଆଜି ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ପଞ୍ଚଦିବସୀୟ ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ଛାତ୍ରଛାତ୍ରୀ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ । ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଶ୍ରେଣୀ ଗୃହରେ ଆବଦ୍ଧ ନଥାଏ ବୋଲି ମତଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବଭାରତୀୟ ସ୍ତରର ଦ୍ୱିତୀୟଥର ପାଇଁ ଆୟୋଜିତ ହେଉଥିବା ସମ୍ମିଳନ ପ୍ରତିଷ୍ଠାନର ଗୌରବ ବୋଲି ମତବ୍ୟକ୍ତ କରି ଭୋପାଳ, ଆଜମେର, ମୈସୁର,ଶିଲଂରୁ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ରୀତାଞ୍ଜଳି ଦାଶ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ପରିଶେଷରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀବୃନ୍ଦ ଆସାମର ବିହୁ ସହ ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବରେ ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀର ଉପ ମହାନିର୍ଦ୍ଦେଶକ ରାଣା ଯୁଦ୍ଧବୀର ସିଂ, ପ୍ରତିଷ୍ଠାନର ଡିନ ପ୍ରଫେସର ମାନସୀ ଗୋସ୍ୱାମୀ, ଏନସିଇଆରଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ । ଉଦ୍‌ଘାଟନ ଅବସରରେ ଦୌଡ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୩ରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଏଣିକି ମହାନଦୀ ପଠାରେ ବଣଭୋଜି ମନା

କଟକ(ଭାସ୍କର ନ୍ୟୁଜ୍): ବଢୁଥିବା ପ୍ରଦୁଷଣକୁ ଦୃଷ୍ଟିରେ ରଖି ମହାନଦୀ ପଠାରେ ବଣଭୋଜି ଉପରେ କଟକ ମହାନଗର ନିଗମ ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି । ଫଳରେ ଏଣିକି ମହାନଦୀ ପଠାରେ ପିକ୍‌ନିକ୍ ହୋଇପାରିବ ନାହିଁ । ସେହିପରି ଏଠାରେ ମଧ୍ୟ କୌଣସି ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ ମଧ୍ୟ କରାଯିବ ନାହିଁ । ମହାନଦୀରେ ବୃଦ୍ଧି ପାଉଥିବା ପ୍ରଦୂଷଣ ରୋକିବା ଲାଗି କଟକ ମହାନଗର ନିଗମ କର୍ତ୍ତୃପକ୍ଷ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ପ୍ରକାଶିତ ବିଜ୍ଞପ୍ତିରେ ସିଲଭର ସିଟିବୋଟ୍ କ୍ଲବ୍‌ଠାରୁ କଟକ ଇନ୍ କଟକ ଏବଂ ତଳ ବାଲିଯାତ୍ରା ପଡିଆରୁ ଚହଟା ଘାଟ ଯାଏଁ, ମହାନଦୀ ପଠାରେ କୌଣସି ଭୋଜିଭାତର ଆୟୋଜନ କରାଯାଇପାରିବ ନାହିଁ ବୋଲି ଦର୍ଶାଯାଇଛି । ସଫେଇ ସଂସ୍ଥା ଓ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିକୁ ନିୟମିତଭାବେ ମନିଟରିଂ କରିବାକୁ ଆଦେଶ ଦିଆଯାଇଛି । ତେବେ ନିୟମକୁ ଉଲଂଘନ କରି ଭୋଜିଭାତ କଲେ ଉଲଂଘନାକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି ।

## ଯୁକ୍ତ ୨ ପରୀକ୍ଷାରେ କପି ରୋକିବାକୁ ଗଠନ ହେବ ଜିଲ୍ଲାସ୍ତରୀୟ ସ୍କ୍ୱାଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁକ୍ତ ଦୁଇ ପରୀକ୍ଷାରେ କପି ରୋକିବାକୁ ଗଠନ ହେବ ଜିଲ୍ଲା ସ୍ତରୀୟ ସ୍କ୍ୱାର୍ଡ । ଏନେଇ ସୂଚନା ଦେଇଛନ୍ତି ସିଏଚଏସଇ ଅଧକ୍ଷ ଡ.ପ୍ରଶାନ୍ତ ପରିଡା । ପୂର୍ବରୁ ବିଭିନ୍ନ ଜିଲ୍ଲାରେ ସ୍କ୍ୱାର୍ଡ ପହଂଚି ପାରୁନଥିଲେ । ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ଗଠନ ହେଉଥିଲା । ଗତ ବର୍ଷ ପରୀକ୍ଷାମୂଳକ ଭାବେ ମାଲକାନଗିରି, କୋରାପୁଟ, ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ କରି ସଫଳତା ପାଇଥିଲୁ । ତାକୁ ଦୃଷ୍ଟିରେ ରଖି ଚଳିତ ଥର ସବୁ ଜିଲ୍ଲାରେ ସ୍କ୍ୱାର୍ଡ ମୁତୟନ ହେବେ । ବଡ଼ ଜିଲ୍ଲାରେ ଦୁଇଟି ଓ ଛୋଟ ଜିଲ୍ଲାରେ ଗୋଟେ ଗ୍ରୁପ ରହିବେ । ସମସ୍ତ ଖର୍ଚ୍ଚ ସିଏଚଏସଇ ବହନ କରିବ । ଏଥର କଡାକଡି ଭାବେ ଦେଖାଯିବ ଯେ ପରୀକ୍ଷାର୍ଥୀଙ୍କ ସମ୍ପର୍କୀୟ ଯେପରି ପରୀକ୍ଷା ପରିଚାଳନାରେ ରହିବେ ନାହିଁ ।

### ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ମୋହିଲା ମୋହିନୀୟାଟ୍ଟମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ । ଘୁଙ୍ଗୁରର ତାଳେ ତାଳେ ପ୍ରକମ୍ପିତ ହୋଇଉଠୁଛି ମୁକ୍ତେଶ୍ୱର ମୁକ୍ତାକାଶ ରଙ୍ଗମଞ୍ଚ । ଗୁରୁବାର ତୃତୀୟ ସନ୍ଧ୍ୟାରେ ସମସ୍ତ ଦର୍ଶକଙ୍କ ମନ ମୋହିଛି ଦିବ୍ୟା ଓ୍ୱାରୀର ଏବଂ ବିଦ୍ୟା ପ୍ରଦୀପଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ମୋହିନୀୟାଟ୍ଟମ୍ ଶାସ୍ତ୍ରୀୟ ନୃତ୍ୟ । ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଏଥିସହ ସ୍ୱୟଂପ୍ରଜ୍ଞା ସାହୁ ଏବଂ ଗ୍ରୁପଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଗୁରୁ ସୁରେନ୍ଦ୍ର କୁମାର ତ୍ରିପାଠୀ ଏବଂ ଗ୍ରୁପ ଶ୍ରୀ ଶିବବନ୍ଦନାର ପରିବେଷଣ ମାଧ୍ୟମରେ ମହାଦେବଙ୍କ ଆରାଧନା କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ଚଳଚ୍ଚିତ୍ର



ଅଭିନେତ୍ରୀ ତଥା ଶିକ୍ଷାବିତ୍ ମାଳାବିକା ରାୟ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର, ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପୋଲିସ ମିତ୍ରଙ୍କ ହତ୍ୟା ଘଟଣା

# ପରିବାରକୁ ୧ କୋଟିର କ୍ଷତିପୂରଣ ଦାବି କଲା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ତରଫରୁ ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ ଗତକାଲି ଘଟିଥିବା ସଫେଇ କର୍ମଚାରୀ ସଙ୍ଘର ସଭାପତି ସହଦେବ ନାୟକଙ୍କ ବିଭତ୍ସ ହତ୍ୟା ଘଟଣାରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ପୋଲିସ ଖୋଜି ବାହାର କରିବାର ଆବଶ୍ୟକ ଅଛି ବୋଲି କହିବା ସହିତ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ସହ ତାଙ୍କ ପତ୍ନୀଙ୍କୁ ଚାକିରୀ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଅନନ୍ତ ନାରାୟଣ ଜେନା କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଚାଲିଥିବା ବେଳେ, ଜଣେ ପୋଲିସ ମିତ୍ରଙ୍କ ବିଭତ୍ସ ହତ୍ୟାକାଣ୍ଡ ଘଟିବା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି । ଜଣେ ପୋଲିସ ମିତ୍ରଙ୍କୁ ସୁରକ୍ଷା ପ୍ରଦାନ କରିବାରେ ପୋଲିସ ବିଫଳ ହେବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ । ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଯଦି ଜଣେ ପୋଲିସ ମିତ୍ରଙ୍କୁ ସୁରକ୍ଷା ଦେବାରେ ପୋଲିସ ବିଫଳ ହେଉଛି ତାହେଲେ ସାଧାରଣ ଲୋକଙ୍କୁ ପୋଲିସ କିପରି ସୁରକ୍ଷା ପ୍ରଦାନ କରିବ । ଶ୍ରୀ ଜେନା ଆହୁରି କହିଥିଲେ, ହତ୍ୟା ଘଟଣାରୁ ରାଜ୍ୟରେ ବ୍ରାଉନ ସୁଗାର ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି ବୋଲି ସ୍ପଷ୍ଟ ହେଉଛି । ଗତ କାଲି ହତ୍ୟାରେ ବ୍ରାଉନ ସୁଗାର ବେପାରରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଛି । ପୋଲିସ ଜଣେ ପୋଲିସ ମିତ୍ରକୁ ସୁରକ୍ଷା ଦେବାରେ ବିଫଳ ହୋଇଛି, ଯେଉଁଥିପାଇଁ ରାଜ୍ୟବାସୀଙ୍କ ମନରେ ପୋଲିସ ପ୍ରତି ଥିବା ଭରସାରେ ଆଞ୍ଚ ଆସିଛି । ତେଣୁ, ମୃତକ ସହଦେବଙ୍କ ପରିବାରକୁ ରାଜ୍ୟ ପୋଲିସ ତରଫରୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ ବୋଲି ବିଜୁ ଜନତା ଦଳ ତରଫରୁ ଆମେ ଦାବି କରୁଛୁ ।

## ପୁସ୍ତକ 'ଫିଜି ମେଁ ଭାରତୀୟୋଁ କା ଇତିହାସ ତଥା ଉନ୍‌କା ଜୀବନ' ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବାସୀ ଭାରତୀୟ ଦିବସ ଅବସରରେ ବିଶିଷ୍ଟ ଲେଖିକା ତଥା ଶିକ୍ଷାବିତ୍ ଡକ୍ଟର ରେଖା ଚତୁର୍ବେଦୀଙ୍କ ପୁସ୍ତକ 'ଫିଜି ମେଁ ଭାରତୀୟୋଁ କା ଇତିହାସ ତଥା ଉନ୍‌କା ଜୀବନ' ଉନ୍ମୋଚିତ ହୋଇଛି । ୨୦୨୫ ଜାନୁଆରି ୯ରେ ୧୮ତମ ପ୍ରବାସୀ ଭାରତୀୟ ଦିବସକୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ଡକ୍ଟର ରେଖା ଚତୁର୍ବେଦୀ ହେଉଛନ୍ତି ସ୍ୱର୍ଗତ ଶ୍ରୀ ପଣ୍ଡିତ ବନାରସୀ ଦାସ ଚତୁର୍ବେଦୀଙ୍କ ନାତୁଣୀ । ରାଜ୍ୟସଭା ସାଂସଦ ବନାରସୀ ଦାସ ଚତୁର୍ବେଦୀ ପ୍ରବାସୀ ଭାରତୀୟଙ୍କ ପାଇଁ ଅନେକ କାମ କରିଛନ୍ତି । ରେଖା ଚତୁର୍ବେଦୀ କହିଛନ୍ତି ଯେ, 'ଫିଜି ମେଁ ଭାରତିୟୋଁ କା ଇତିହାସ



ତଥା ଉନ୍‌କା ଜୀବନ (୧୮୭୯ - ୧୯୪୭)' ଭାରତରୁ ଆସିଥିବା ଶ୍ରମିକଙ୍କ ଜୀବନ ଓ ଦୁଃଖ ବିଷୟରେ ଉପସ୍ଥାପନା କରାଯାଇଛି । ଡକ୍ଟର ଚତୁର୍ବେଦୀଙ୍କ ଐତିହାସିକ ପ୍ରକାଶନ ୨୦୨୫ ପ୍ରବାସୀ ଭାରତୀୟ ଦିବସ ଅବସରରେ ଭାରତୀୟ ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଉନ୍ମୋଚନ କରିଛି । ପ୍ରବାସୀ ଭାରତୀୟ ଦିବସ ଉପରେ ପୁସ୍ତକର ଉନ୍ମୋଚନ ଭାରତୀୟ ପ୍ରବାସୀଙ୍କ ପାଇଁ ଏହାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରୁଛି ଏବଂ ସେମାନଙ୍କ ସ୍ଥିରତା ଓ ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଭାବେ କାର୍ଯ୍ୟ କରୁଛି । ପୁସ୍ତକ ପ୍ରବାସୀ ଭାରତୀୟଙ୍କ ବଳିଦାନକୁ ସ୍ୱୀକୃତି ଦେବା ଓ ସମ୍ମାନ ଦେବା ଏବଂ ଭବିଷ୍ୟତ ପିଢ଼ି ପାଇଁ କାହାଣୀକୁ ସଂରକ୍ଷିତ ରଖିବାକୁ ସୁନିଶ୍ଚିତ କରିବା ପାଇଁ ଏକ ଆହ୍ୱାନ ।

## ହଂସିକା ଓ ଅନିଲ୍‌ଙ୍କୁ ମାରାଥନ୍ ଜେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହାଇ ପ୍ରୋଫାଇଲ ଠକେଇ ମାମଲାରେ ହଂସିକା ଅଭିଲିପ୍ସା ଓ ଅନିଲ ମହାନ୍ତିଙ୍କୁ କମିଶନରେଟ ପୋଲିସ ମାରାଥନ ଜେରା କରିଛି । କୋଟି କୋଟି ଟଙ୍କା ସାମ୍ରାଜ୍ୟ ପଛର ଚେର ଖୋଜୁଛି ସ୍ପେଶାଲ କ୍ରାଇମ୍ ୟୁନିଟ । ଏଥିପାଇଁ ଜେଡ୍- ୧ରେ ଥିବା ଆପାର୍ଟମେଣ୍ଟକୁ ଅନିଲ ଓ ହଂସିକାକୁ ନେଇ ପଚରାଉଚୁରା କରୁଛି । ଗତ ୨ ଦିନ ହେଲା ଭୁବନେଶ୍ୱର, ଦିଲ୍ଲୀ, ଝାରଖଣ୍ଡ ସହ ବିଭିନ୍ନ ସ୍ଥାନରେ ରେଡ କରିଥିଲା ଆୟକର ବିଭାଗ ।

# ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ତୃତୀୟ ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଗୁରୁବାର ଥିଲା ତୃତୀୟ ଦିବସ । ତୃତୀୟ ଦିବସରେ ରବିନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ୧୮ ତମ ପ୍ରବାସୀ ଭାରତୀୟ ଦିବସରେ ଅଂଶଗ୍ରହଣ କରିଥିବା ପ୍ରତିନିଧି ତଥା ପ୍ରବାସୀଗଣ ଓ ଓଡ଼ିଶୀ ପ୍ରେମୀ ଦର୍ଶକ ବହୁ ସଖ୍ୟାରେ ଉପସ୍ଥିତ ରହି ଓଡ଼ିଶୀ ନୃତ୍ୟର ଅତୁଳନୀୟ ପ୍ରଦର୍ଶନରେ ଉଲ୍ଲସିତ ହୋଇଥିଲେ । ପୂର୍ବାହ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା କୋକିଳା ଡ୍ୟାନ୍ସ ଓ ମ୍ୟୁଜିକ୍ ଏକାଡ଼େମୀର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟାଭିନୟ ନାରୀ ପରିବେଷଣରୁ । ପରେ ଓଡ଼ିଶୀ ଏକକ ନୃତ୍ୟ ପର୍ଯ୍ୟାୟରେ ବିନାୟକ ଜେନାଙ୍କ ଦ୍ୱାରା ଅଭିନୟ ଶିବ ପଞ୍ଚକ, ରୂପାଲୀ ଦାସଙ୍କ ଦ୍ୱାରା ଅଭିନୟ ଚମକେ ଚପଳା ପରିବେଷିତ ହୋଇଥିଲା । ଓଡ଼ିଶୀ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ପୂଜା ମାଇତି ଓ ମାନସୀ ସିଂହଙ୍କ ଦ୍ୱାରା ଅଭିନୟ ଗୀତ ଗୋବିନ୍ଦ, ଏକକ ନୃତ୍ୟରେ ପ୍ରଜ୍ଞା ପ୍ରୀୟଦର୍ଶିନୀ ସାମଲଙ୍କ ଦ୍ୱାରା ଅୟିଗିରି ନନ୍ଦିନୀ ବନ୍ଦିତ ମେଦିନୀ, ବିଦିଶା ମିଶ୍ରଙ୍କ ଦ୍ୱାରା ଅଭିନୟ ଅଷ୍ଟପଦୀ ପରିବେଷିତ ହୋଇଥିଲା । ଦ୍ୱୈତ ନୃତ୍ୟରେ ସଂପ୍ରତି ପୌଲ ଓ ଦେବସ୍ମିତା କରଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି ଏବଂ ଶେଷରେ ଏକକ ନୃତ୍ୟରେ ଇତିଶ୍ରୀ ରାୟଙ୍କ ଦ୍ୱାରା ମଙ୍ଗଳା ଚରଣ କଦାଚିତ୍ କାଳନ୍ଦୀ ତଟ ବିପିନେ ପରିବେଷିତ ହୋଇଥିଲା । ସଂଧ୍ୟା ଅଧିବେଶନର ଅତିଥିମାନେ ଥିଲେ ନ୍ୟାୟମୂର୍ତ୍ତି ଡ଼ି.ପି ଚୌଧୁରୀ, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର । ସଂଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବିଶିଷ୍ଟ ନୃତ୍ୟାଙ୍ଗନା, ଲେଖିକା ତଥା ଗୁରୁ କେଳୁଚରଣ ମହାପାତ୍ରଙ୍କ ଶିଷ୍ୟା ଗୁରୁ ଡକ୍ଟର ଇଲିଆନା ଚିତାରିଷ୍ଟଙ୍କ ଦ୍ୱାରା ଚର୍ଯ୍ୟାପଦ ପ୍ରସ୍ତୁତିରୁ, ଯାହା ରାଗ ବରଦି ଓ ତାଳ ଖେମଟା ଉପରେ ନିବଦ୍ଧ ଥିଲା । ପରେ ପରେ ସମ୍ଭାବୀ ନାୟକ ଓ ସତ୍ୟପ୍ରକାଶ ମଲ୍ଲିକଙ୍କ ଦ୍ୱାରା ଶ୍ରୀପଲ୍ଲବୀ, ଆକାଂକ୍ଷା ଦାଶଙ୍କ ଦ୍ୱାରା ଏକକ ନୃତ୍ୟ, ସୌମେନ୍ଦ୍ର ବଳବନ୍ତରାୟଙ୍କ ଦ୍ୱାରା ନାଚନ୍ତି ରଙ୍ଗେ ଶ୍ରୀହରୀ, ସୁଦୂର କଲିକତାରୁ ଆସିଥିବା ସୟ ସଅ ଓ ଅନିଷା ମଣ୍ଡଳଙ୍କ ଦ୍ୱାରା ବେହାଗ ପଲ୍ଲବୀ, ଉପାସନା ମହାନ୍ତିଙ୍କ ଦ୍ୱାରା ରାଧା, ସୟମିତା ଦାଶଗୁପ୍ତାଙ୍କ ଦ୍ୱାରା ଅଷ୍ଟପଦୀ ସଖୀ ହେ କେଶୀ ମଥନମ୍ ଉଦାରମ୍ ଏବଂ ଶେଷରେ ସ୍ୱପ୍ନାରାଣୀ ସିହ୍ନାଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟନିଳୟ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଗ୍ନିସ୍ତୁତି ପରିବେଷିତ ହୋଇଥିଲା । ଶିଳ୍ପୀମାନଙ୍କର ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟିର ଏବଂ ମନମୁଗ୍ଧକର ଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ଆନନ୍ଦ ନେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ।

DSPL - 313

ଓଡ଼ିଶାରେ ମତ୍ସ୍ୟକ୍ଷେତ୍ରର ଅଗ୍ରଗତି ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା



ମତ୍ସ୍ୟ ପୋଖରୀ ଯୋଜନା: ନୂତନ ପୋଖରୀ ଖନନ ଓ ମାଛଚାଷ ପାଇଁ ଆବଶ୍ୟକ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୧୧,୦୦,୦୦୦ ଟଙ୍କା ଏବଂ ବିଗତ ୫ ବର୍ଷ ପୂର୍ବରୁ ଖୋଳାଯାଇଥିବା ପୋଖରୀରେ ଉନ୍ନତ ପ୍ରଣାଳୀରେ ମାଛଚାଷ ପାଇଁ ହେକ୍ଟର ପ୍ରତି ୪ ଲକ୍ଷ ଟଙ୍କା ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି । ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଏବଂ ମହିଳା ତଥା ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ ଓ ଟ୍ରାନସ୍‌ଜେଣ୍ଡରଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି ।



ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ମାଛ ଚାଷ: ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘମିଆଦି ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି । ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୪,୦୦,୦୦୦ ଟଙ୍କା ରଖାଯାଇଛି । ପ୍ରକଳ୍ପମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ୨,୪୦,୦୦୦ ଟଙ୍କା ରିହାତିର ପ୍ରାବଧାନ ରହିଛି ।



ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତିର ବହୁଳ ବ୍ୟବହାର: ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ଯନ୍ତ୍ର (Aerator), ବାୟୁ ସଞ୍ଚାଳନ ଯନ୍ତ୍ର (Air Blower), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ, ଜେନ୍-ସେଟ୍, ସୌର ଚାଳିତ ଆଧୁନିକ ଯନ୍ତ୍ରପାତି ଇତ୍ୟାଦି ସରଞ୍ଜାମ କିଣିବା ପାଇଁ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି ।



ବାୟୋଫ୍ଲକ ପଦ୍ଧତିରେ ମାଛଚାଷ: କମ୍ ଜାଗା, କମ ଜଳ ଓ କମ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳ ଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଏବଂ ମହିଳା, ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ ଓ ଟ୍ରାନସ୍‌ଜେଣ୍ଡରଙ୍କ ପାଇଁ ୬୦ ପ୍ରତିଶତ ରିହାତି ର ପ୍ରାବଧାନ ରହିଛି ।



ଖାରିଜଳରେ ମାଛ ଓ ଚିଙ୍ଗୁଡ଼ିଚାଷ ନିମନ୍ତେ ପ୍ରୋତ୍ସାହନ: ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡ଼ି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୧୪ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଏବଂ ମହିଳା, ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ ଓ ଟ୍ରାନସ୍‌ଜେଣ୍ଡରଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି ।



ଡଙ୍ଗା, ଇଞ୍ଜିନ୍ ଓ ଜାଲ ନିମନ୍ତେ ସହାୟତା: ସାମୁଦ୍ରିକ ମତ୍ସ୍ୟଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ନୂତନ ଡଙ୍ଗା, ଜାଲ, ଇଞ୍ଜିନ୍ ଓ ଜୀବନ ସୁରକ୍ଷା ସରଞ୍ଜାମ ଯୋଗାଇ ଦିଆଯାଉଛି । ଏଥିରେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ଅନୁସୂଚିତ ଜାତି, ଜନଜାତି, ମହିଳା, ଦିବ୍ୟାଙ୍ଗ ଓ ଟ୍ରାନସ୍‌ଜେଣ୍ଡରଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି ।

ଅଧିକ ବିବରଣୀ ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

OIPR 06030/13/0025/2425

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ବର୍ତ୍ତମାନ ସମୟରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ହୁହୁ ହୋଇ ବଢିବାରେ ଲାଗିଛି । ତେବେ ଏକ ରିସର୍ଚ୍ଚରୁ ଜଣାପଡିଛି ଯେ, ସକାଳର ଗୋଟିଏ ଭୁଲ ଏହି ବିପଦକୁ ବୃଦ୍ଧି କରିପାରେ । ନିୟମିତ ଭାବରେ ଦାନ୍ତ ଘଷିବା ଏବଂ କୁଳି କରିବା ଦ୍ୱାରା ମୁଣ୍ଡ ଏବଂ ଗଳା କର୍କଟ ରୋଗ ହେବାର ଆଶଙ୍କା କମିଯାଏ। ଆମେରିକୀୟ ବୈଜ୍ଞାନିକଙ୍କ ଅଧ୍ୟୟନ ଅନୁଯାୟୀ, ପାଟି ସଫା ନକରିବା ଦ୍ୱାରା କେବଳ ମଧୁମେହ ଏବଂ ଉଚ୍ଚ ରକ୍ତଚାପର ଆଶଙ୍କା ବୃଦ୍ଧି ହେବ ତାହା ନୁହେଁ ବରଂ ମୁଣ୍ଡ ଏବଂ ବେକ କର୍କଟ ରୋଗ ମଧ୍ୟ ବଢିଥାଏ । ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ପ୍ରତିଦିନ ସକାଳୁ ଶୀଘ୍ର ବ୍ରସ କରିବା ଜରୁରୀ ଅଟେ । କର୍କଟ ରୋଗର ଆଶଙ୍କା ଏବଂ ପାଟିରେ ଥିବା କେତେକ ଜୀବାଣୁ ମଧ୍ୟରେ ଥିବା ସମ୍ପର୍କକୁ ଚିହ୍ନିବା ପାଇଁ ଏହି ଅଧ୍ୟୟନ କରାଯାଇଥିଲା । ଘଣଟ ଲାଙ୍ଗୋନ୍ ହେଲଥ ଏବଂ ଏହାର ପର୍ଲମୁଟର କର୍କଟ କେନ୍ଦ୍ରର ଅନୁସନ୍ଧାନକାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ ପାଟିରେ ରହୁଥିବା ଶହ ଶହ ପ୍ରକାରର ଜୀବାଣୁ ମୁଣ୍ଡ ଏବଂ ବେକ ସ୍କ୍ୱାମସ୍ କୋଷ ବୃଦ୍ଧି ହେବାର ଆଶଙ୍କା ୫୦ ପ୍ରତିଶତ ବଢାଇଥାଏ । ଏଥିରୁ ସ୍ପଷ୍ଟ ହୋଇଛି ଯେ, ପାଟିରେ ଥିବା ଜୀବାଣୁ କ୍ୟାନ୍ସର ଆଶଙ୍କା ବୃଦ୍ଧି କରିପାରେ ।

## 'ଆଶିକୀ-୩'ରୁ ବାହାରିବାର କାରଣ କହିଲେ ତୃପ୍ତି



ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ତାଙ୍କ ଚଳଚ୍ଚିତ୍ରକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ଶେଷ ଥର ପାଇଁ 'ଭୁଲ ଭୁଲେୟା-୩'ରେ ନଜର ଆସିଥିବା କାର୍ତ୍ତିକ ଆଗକୁ ଫିଲ୍ମ 'ଆଶିକୀ-୩'ରେ ନଜର ଆସିବେ। ଅନୁରାଗ ବାସୁ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ। ଖୁବଶୀଘ୍ର ଫିଲ୍ମର ସୁଟିଂ ଆରମ୍ଭ ହେବ ବୋଲି କୁହାଯାଉଥିବା ବେଳେ ଏବେ ଫିଲ୍ମର ସୁଟିଂ ତାରିଖ ଘୁଞ୍ଚିଥିବା ଜଣାପଡ଼ିଛି। ଫିଲ୍ମରେ ଅଭିନେତ୍ରୀ ତୃପ୍ତି ଡିମ୍ରି ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ନିର୍ମାତା ସ୍ଥିର କରିଥିଲେ। ହେଲେ ଏବେ ତାଙ୍କୁ ଫିଲ୍ମରୁ ବାହାର କରାଯାଇଛି। ଚରିତ୍ର ପାଇଁ ସେ ଫିଟ୍ ନୁହନ୍ତି ବୋଲି କହି ତାଙ୍କୁ ବାହାର କରାଯାଇଥିବା ଜଣାପଡ଼ିଛି। ଏଥିପାଇଁ ସୁଟିଂ ବିଳମ୍ବରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। କୁହାଯାଉଛି ଯେ, ତୃପ୍ତିଙ୍କ ଲୋକପ୍ରିୟତାକୁ ଦେଖି ନିର୍ମାତା ତାଙ୍କୁ ଫିଲ୍ମରେ କାଷ୍ଟ କରିଥିଲେ। କିନ୍ତୁ ଲଗାତାର ତାଙ୍କ ଫିଲ୍ମ ଫ୍ଲପ ହେବା ସହ ତାଙ୍କର କ୍ରେଜ୍ କମିବାରୁ ଏବେ ନିର୍ମାତାଙ୍କ ମନ ବଦଳିଛି। ସେ ଫିଲ୍ମ ପାଇଁ ଏକ ନୂଆ ମୁହଁ ଖୋଜୁଛନ୍ତି। ଫିଲ୍ମର କାହାଣୀ ବଦଳାଯିବା ସହ ଏକ ନୂଆ ମୁହଁକୁ ନିର୍ମାତା ଆଣିବାକୁ ଯୋଜନା କରୁଥିବା ଜଣାଯାଇଛି। ତେବେ ଏଥିରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହୋଇନାହିଁ।

## ଛାଡ଼ପତ୍ରକୁ ନେଇ ଜବାବ ଦେଲେ ଧନଶ୍ରୀ





କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ସାମିଙ୍କ ପରେ ଏବେ ଦଳର ଷ୍ଟାର୍ ସ୍ପିନ୍‌ର ଯୁଜବେନ୍ଦ୍ର ଚହଲଙ୍କ ଛାଡପତ୍ରକୁ ନେଇ ଜୋରଦାର ଚର୍ଚ୍ଚା ପତ୍ନୀ ଧନଶ୍ରୀଙ୍କ ସହ ତାଙ୍କର କୁଆଡେ ଆଉ ସମ୍ପର୍କ ଭଲ ନାହିଁ। ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଗଲାଣି। ଏପରିକୁ ଦୁହେଁ ଛାଡପତ୍ର ନେବା ନେଇ ମଧ୍ୟ ସୋଶାଲ ମିଡିଆରେ ଖବର ଭାଇରାଲ ହେଉଛି। ଏସବୁ ଭିତରେ ଏବେ ମୁହଁ ଖୋଲିଛନ୍ତି ଯୁଜିଙ୍କ ପତ୍ନୀ ଧନଶ୍ରୀ। ନିକଟରେ ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିଥିଲେ। ଏପରିକି ଦୁହେଁ ନିଜ ନିଜ ଆକାଉଣ୍ଟରୁ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି। ଏହାକୁ ନେଇ ଉଭୟଙ୍କ ଛାଡ଼ପତ୍ର ନେବା ଚର୍ଚ୍ଚା ଆହୁରି ଜୋର ଧରିଥିଲା। ଏବେ ଧନଶ୍ରୀ ବର୍ମା ପ୍ରଥମ ଥର ପାଇଁ ଛାଡ଼ପତ୍ର ଖବର ସାମ୍ନାକୁ ଆସିବା ପରେ ନୀରବତା ଭାଙ୍ଗିଛନ୍ତି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଟ୍ରୋଲର୍ସଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, 'ମୋ ନୀରବତା ହେଉଛି ମୋର ଶକ୍ତି। ଗତ କିଛି ଦିନ ମୋ ପରିବାର ଏବଂ ମୋ ପାଇଁ ବହୁତ କଷ୍ଟଦାୟକ ଥିଲା। ପ୍ରକୃତରେ ଚିନ୍ତାଜନକ ବିଷୟ ହେଉଛି ଭିତ୍ତିହୀନ ଲେଖା ମାଧ୍ୟମରେ ମୋତେ ବଦନାମ କରାଯାଉଛି। ତଥ୍ୟହୀନ ଏବଂ ଘୃଣା ପ୍ରସାର କରାଯାଉଛି। ସତ ନ ଜାଣି ମୋ ଚରିତ୍ର ହରଣ କରାଯାଉଛି। ଯେଉଁଥିପାଇଁ ମତେ ଟ୍ରୋଲ କରାଯାଉଛି।' ସେ ଆହୁରି କହିଛନ୍ତି, 'ମୁଁ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରି ମୋର ନାମ ଏବଂ ସଚ୍ଚୋଟତା ସୃଷ୍ଟି କରିଥିଲି। କିନ୍ତୁ ଏବେ ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମୋ ମୁହଁ ଦେଖିନଥିବା ଲୋକେ ମୋର ଚରିତ୍ର ଉପରେ ଆଙ୍ଗୁଠି ଉଠାଉଛନ୍ତି। ମୋର ନୀରବତାକୁ ମୋର ଦୁର୍ବଳତା ଭାବନ୍ତୁ ନାହିଁ, ଏହା ମୋର ଶକ୍ତି। ମୁଁ ମୋସଚ୍ଚୋଟତା ସହ ଆଗକୁ ବଢୁଛି। ସତକୁ କାହା ଜଷ୍ଟିଫିକେସନର ଆବଶ୍ୟକତା ନାହିଁ।' ଉଲ୍ଲେଖଯୋଗ୍ୟ, ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମା ଛାଡ଼ପତ୍ରକୁ ନେଇ ଏପର୍ଯ୍ୟନ୍ତ ଅନୁଷ୍ଠାନିକ ରୂପେ କୌଣସି ଘୋଷଣା କରିନାହାନ୍ତି। କିନ୍ତୁ ଉଭୟ ଅଲଗା ହୋଇଥିବା କଥା ସୋଶାଲ ମିଡିଆରେ ଭାଇରାଲ ହେଉଛି। ଏହି ଚର୍ଚ୍ଚା ୨୦୨୨ରୁ ଆରମ୍ଭ ହେଲାଣି। ଧନଶ୍ରୀ ନିଜ ନାମରୁ ଚହଲ ଉପନାମ ହଟାଇବା ପରେ ଛାଡ଼ପତ୍ର ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏକ ଡ୍ୟାନ୍ସ କ୍ଲାସ୍‌ରେ ଧନଶ୍ରୀଙ୍କୁ ପ୍ରଥମେ ଭେଟିଥିଲେ ଯୁଜବେନ୍ଦ୍ର ଚହଲ। ସେବେଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ୨୦୨୦ କରୋନା ଲକଡାଉନ୍ ବେଳେ ଉଭୟ ବିବାହ କରିଥିଲେ।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଓ ଜିଲ୍ଲା ବିକାଶ ନିଯୋଜନ ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇ ଯାଇଛି।ଏହି କ୍ଷେତ୍ରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, ବିଡ଼ିଓ ଗୁରେଶ୍ୱର ଭୋଇ, ଉପାଧ୍ୟକ୍ଷା ଆରତୀ କୁଲଦୀପ ଓ ଜିଲ୍ଲା ବିକାଶ ନିଯୋଜନ ଅଧିକାରୀ ସତ୍ୟ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ଅତିଥି ରିବନ କାଟି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ପରାମର୍ଶ ଶିବିର ଉପଲକ୍ଷେ ଜିଲ୍ଲାର ନଅଟି ତାଲିମ୍ ପ୍ରଦାନକାରି ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ରହି ଚାକିରୀ ଆଶାୟୀ ଯୁବକ ଯୁବତୀଙ୍କ ସହ ପରାମର୍ଶ କରିଥିଲେ। ଏହି ଶିବିରରେ ସର୍ବମୋଟ ୧୭୬ ଜଣ ଯୁବକ ଯୁବତୀ ନାମ ପଞ୍ଜିକରଣ କରିଥିବା ଜଣା ପଡିଛି। ଏହି ଶିବିର ଓଡିଶା ଜୀବିକା ମିଶନ ବିପିଏମଓ ଟୁନା ଖଟେଇ ପରିଚାଳନା କରିଥିବା ବେଳେ ଜିପିଓ ସ୍ୱଧିର ବେହେରା, ବିଆରସି ଦାମଦର କନ୍ଦପାନ, ବିପିସି ରଜତ ବିଡ଼ିକା ଓ ବିଏଲସି ପ୍ରକାଶ ଚନ୍ଦ୍ର ସେଠି ସହଯୋଗ କରିଥିଲେ ।



## ଓଭରହେଡ଼ ପାଣି ଟାଙ୍କିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଲୁଣି ଓ ଖାରି ପାଣି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ। ଖରା ଦିନେ ଆସିଲେ ମାଇଲ ମାଇଲ ବାଟ ଚାଲିବାକୁ ପଡୁଛି। ନଚେତ କିଣା ପାଣି ଶୋଷ ମେଣ୍ଟାଉଛି। ଏଣୁ ଏହି ପାନୀୟଜଳ ସମସ୍ୟାକୁ ଆଖି ଆଗରେ ରଖି ପୂର୍ବ ସରକାର ଜଳ ଜୀବନ ମିଶନ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ମେଗା ପାନୀୟଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜସ୍ୱ ଗ୍ରାମ ବାଲିପନ୍ତାଳରୁ ପାଇପି ପଡ଼ିବାକୁ ଆରମ୍ଭ ହୋଇଥିବା ବେଳେ ଓଭରହେଡ଼ ଟାଙ୍କି ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି। ପ୍ରଶାସନ ତରଫରୁ ବାଲିପନ୍ତାଳରେ ଓଭରହେଡ଼ ଟାଙ୍କି ନିର୍ମାଣ ହେବାକୁ ନିଷ୍ପତ୍ତି ଥିବା ବେଳେ ଗୁରୁବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତିଙ୍କ ଉପସ୍ଥିତରେ ବାଲିପନ୍ତାଳ ଗ୍ରାମରେ ଏକ ପଲ୍ଲୀସଭା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପଲ୍ଲୀ ସଭା ପୂର୍ବରୁ ନଗର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗ୍ରାମର କିଛି ବ୍ୟକ୍ତି ବିଶେଷ ନଗର ପଞ୍ଚାୟତର ଅନ୍ୟ ଏକ ଜାଗାରେ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଡ଼ି ବସିଥିଲେ। ଯାହାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପରେ ସ୍ଥାନୀୟ ସରପଞ୍ଚ ବିଜୟ ଖଣ୍ଡୁଆଳ, କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ମହାପାତ୍ର ଓ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତିଙ୍କ ଉପସ୍ଥିତରେ ଜରୁରୀକାଳୀନ ବୈଠକ ନଗର ରେଡକ୍ରସ ନିକଟରେ ବୈଠକ ବସିଥିଲା। ଅନ୍ୟ ପଟେ ବାଲିପନ୍ତାଳ ଗ୍ରାମରେ ଆୟୋଜିତ ପଲ୍ଲୀ ସଭା ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ବିଡ଼ିଓ ଙ୍କୁ ଲିଖିତ ଦାବିପତ୍ର ମଧ୍ୟ ଦିଆଯାଇଛି । କିନ୍ତୁ ଗ୍ରାମବାସୀଙ୍କ ସୁବିଧା ପାଇଁ ସରକାରଙ୍କ ତରଫରୁ ନିର୍ମାଣ ହେଉଥିବା ଓଭର ହେଡ଼ ପାଣି ଟାଙ୍କିକୁ ନେଇ ରାଜନୀତିକରଣ ହେବାରୁ ସ୍ଥାନୀୟ ଅଞ୍ଚଳରେ ସାଧାରଣ ଲୋକେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ନିଷ୍ପତ୍ତି ହେଉଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି।

## ବିଜେପିରେ ମିଶୁଛନ୍ତି ବିଜେଡି ନେତା, ସଂଗଠନ ଚିନ୍ତାରେ ବରିଷ୍ଠ

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ବିଜେପିରେ ଏବେ ମିଶିଛନ୍ତି ବହୁ ବିଜେଡି ନେତା । ଯାହା ଏବେ ବରିଷ୍ଠ ନେତାଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି । ରାଜନଗର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ୨୦୨୪ ନିର୍ବାଚନ ପୂର୍ବରୁ କହିଥିଲେ ଯେ, ମୁଁ ଜିତିଲେ ଏହି ଦଶଗୋଟି ସଂକଳ୍ପ ନିଶ୍ଚୟ ପୂରଣ କରିବି । ତେବେ ନିର୍ବାଚନ ସରିଯାଇଛି ସର୍ବ ବହୁମତ ପାଇଁ ବିଜେଡି ନେତା ଧ୍ରୁବ ସାହୁ ବିଧାୟକ ହୋଇଛନ୍ତି କିନ୍ତୁ ସେ ଦେଇଥିବା ଦଶ ଗୋଟି ସଂକଳ୍ପ କେବେ କାର୍ଯ୍ୟକାରୀ ହେବ ତାହା ଲୋକେ ଏବେ ପ୍ରଶ୍ନ କଲେଣି । ଯଦି କୁହା ଯାଏ ବିଧାୟକ ଧ୍ରୁବ ସାହୁ କରିଥିବା ଏହି ଦଶଗୋଟି ସଙ୍କଳ୍ପ ମଧ୍ୟରେ ଅଧିକ ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ରହିଥିଲା । ତେବେ ନିର୍ବାଚନ ସରିବାର ୬ ମାସ ବିତିଥିଲେ ମଧ୍ୟ ବିଧାୟକଙ୍କ ସେହି ପ୍ରକଳ୍ପ ଓ ସଙ୍କଳ୍ପର ଗୋଟିଏ ବି କାର୍ଯ୍ୟ ପଟ୍ଟାମୁଣ୍ଡାଇ ଠାରେ ଦେଖିବାକୁ ମିଳିଲା ନାହିଁ । ଏହାର କାରଣ କଣ ହେଉଛି ସରକାର ବଦଳିଗଲା । ଏହି ପ୍ରଶ୍ନ ଏବେ ରାଜନଗର ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଜନତାଙ୍କ ମନରେ କୋଣ ଅନୁକୋଣରେ ଉଙ୍କି ମାରୁଛି । ବିଧାୟକ ଯଦି ତାଙ୍କ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ଅକ୍ଷମ ହେବେ, ଆଗକୁ ପଞ୍ଚାୟତ ନିର୍ବାଚନରେ ବିଧାୟକଙ୍କ ପଞ୍ଚାୟତ ଅଙ୍କ କଷା ଭୁଲ ହେଇଯିବ। ରାଜନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବା ପାଇଁ ବିଧାନସଭା ନିର୍ବାଚନରେ ଜନସାଧାରଣଙ୍କୁ ଯେଉଁ ପ୍ରତିଶୃତି ଦେଇ ଥିଲେ ତାହା ପାଳନ କରିବା ଦରକାର। ବର୍ତ୍ତମାନ ବିଜେପି ନେତା ଲଳିତ ବେହେରା ରାଜନଗର ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଧ୍ରୁବ ସାହୁଙ୍କ ଠାରୁ ଖୁବ୍ କମ୍ ଭୋଟରେ ହାରି ଥିଲେ ମଧ୍ୟ ଯେହେତୁ ବିଜେପି ଓଡ଼ିଶା ର ଶାସକ ଦଳ ରେ ଅଛି ତାହାର ସମ୍ପୂର୍ଣ୍ଣ ଫାଇଦା ନେବାକୁ ଅନାଇ ବସିଛନ୍ତି ବିଜେପି ନେତା ଲଳିତ ବେହେରା। ସେହିପରି ରାଜନଗର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତା ଅଶୋକ ପ୍ରତିହାରୀ ମଧ୍ୟ ତାଙ୍କ ସଂଗଠନକୁ ବଢାଇବାରେ ଲାଗିଛନ୍ତି। କିଛି ଦିନ ତଳେ ବହୁ ବିଜେଡି ନେତା ବିଜେପିରେ ମିଶିବା ସହିତ ପଞ୍ଚାୟତ ନିର୍ବାଚନ ଆଗରୁ ଆହୁରି ବିଜେଡି ନେତା ବିଜେପିରେ ମିଶି ବିଜେପିରୁ ପ୍ରାର୍ଥୀ ହେବେ ବୋଲି ଶୁଣିବାକୁ ମିଳୁଛି। ଏଥି ପାଇଁ ବିଜେଡି ନେତାଙ୍କ ଚିନ୍ତା ବଢ଼ି ଯାଇଛି। କଂଗ୍ରେସ ନେତା ମଧ୍ୟ ପଛରେ ନ ପଡ଼ି ଦଳ କେମିତି ରାଜନଗର ନିର୍ବାଚନ ମଣ୍ଡଳୀରେ ଶକ୍ତିଶାଳୀ ହେବ ତାହାର କର୍ମୀଙ୍କ ସଂଖ୍ୟା ବଢ଼ାଇବାରେ ଲାଗିଛି। ଯାହା ବରିଷ୍ଠ ବିଜେଡ଼ି ନେତାଙ୍କ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି ।

## କାୟାକଳ୍ପ ଟିମ୍‌ର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



କଣାସ (ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟସେବା ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପରେଶଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଆଜି ରାଜ୍ୟ ସ୍ତରୀୟ କାୟାକଳ୍ପ ଟିମ୍ କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଅନୁଧାନ କରି ଫେରିଯାଇଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟର ପରାମର୍ଶଦାତା ମାନସ କୁମାର ଏବଂ ୟୁନିସେଫ୍‌ର ସଂଯୋଜକ ହେମନ୍ତ କୁମାର ଦାସ, ଡାକ୍ତର ପରେଶ କୁମାର ମିଶ୍ରଙ୍କ ସହିତ ମିଶି ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ଅନୁଧାନ କରିବା ସହିତ କର୍ମଚାରୀ ଓ ରୋଗୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣବେକ୍ଷଣ, ପରିଷ୍କାର, ପରିଚ୍ଛନ୍ନତା, ସ୍ୱଚ୍ଛତା, ପୋସାହ୍ନ, ଡାକ୍ତରଖାନା ବର୍ଯ୍ୟବସ୍ତୁ ପରିଚାଳନା, ସଂକ୍ରମଣ ପ୍ରତିରୋଧ, ରୋଗୀ ସହଯୋଗ ସେବା ଓ ଡାକ୍ତରଖାନା ପରିସର ବାହାର ସହଯୋଗ ଏବଂ ପରିବେଶ ଉପଯୋଗି ଡାକ୍ତରଖାନା ଆଦି ୮ଗୋଟି ବିଭାଗୀୟ ମାନଦଣ୍ଡକୁ ରାଜ୍ୟସ୍ତରୀୟ ଅନୁଧ୍ୟାନ ଟିମ୍ ଅନୁଧ୍ୟାନ କରିଥିଲେ । ଜିଲ୍ଲାରୁ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର୍ ଟି. ନାରାୟଣ ରାଓ, କୋଲିଟ୍ ମ୍ୟାନେଜର୍ କସ୍ତୁରୀ ପ୍ରିୟମ୍ବଦା ଟିମ୍ ସଦସ୍ୟଙ୍କୁ ସହଯୋଗ କରିଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷ ଡାକ୍ତର ସମିରୀରଂଜନ ଜେନା, ଡାକ୍ତର ସୌମ୍ୟରଂଜନ ସେଠୀ, ଡାକ୍ତର ସ୍ମୃତିରେଖା ବଳିୟାରସିଂହ, ଡାକ୍ତର ଶ୍ରେଷ୍ଠା ମହାପାତ୍ର, ଡାକ୍ତର ଅବନିରଂଜନ ପାତ୍ର, ଡାକ୍ତର ଜଗନ୍ନାଥ ବେହେରା, ବିପିଏମ୍ ଧନେଶ୍ୱର ସ୍ୱାଇଁ, ଆକାଉଣ୍ଟ ମ୍ୟାନେଜର ଶିବପ୍ରସାଦ ଦିକ୍ଷିତ୍, ଟାଟା ମ୍ୟାନେଜର କୃଷ୍ଣଚନ୍ଦ୍ର ବରାଳ, ଜନସ୍ୱାସ୍ଥ୍ୟ ସଂମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣଲତା ରଥ, ତପନ କୁମାର ଚୌଧରୀ, କଳିଙ୍ଗ କୁମାର ଉପାଧ୍ୟାୟ ଏବଂ ସମସ୍ତ ନର୍ସଙ୍ଗି ଅଫିସର, ଫାର୍ମାସି ଅଫିସର, ଲ୍ୟାବେରୋଟେରିଆନ୍, ନିର୍ମଳକର୍ମଚାରୀ ଉପସ୍ଥିତ ରହିଥିଲେ।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ପାଟଯୋଶୀପୁର ଗ୍ରାମର ପ୍ରଶାନ୍ତ ସେଠୀ ୪୦ବର୍ଷ ବାଙ୍ଗାଲୋର ଯାଇ ନିଖୋଜ ହୋଇଯାଇଥିବା ସଂପର୍କରେ ତାଙ୍କର ପତ୍ନୀ ଇତିଶ୍ରୀ ସେଠୀ ଗଡିଶାଗୋଡା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଇତିଶ୍ରୀଙ୍କ ଅଭିଯୋଗରେ ପ୍ରଶାନ୍ତଙ୍କୁ ବାଙ୍ଗାଲୋରରେ କାମ କରାଇବା ପାଇଁ ବାଲିଗାଁ ଅଞ୍ଚଳର ଜଣେ ବ୍ୟକ୍ତି ଗତ ୨୫ତାରିଖ ଦିନ ନେଇ ଯାଇଥିଲେ। ଉକ୍ତ ବ୍ୟକ୍ତିଙ୍କୁ ପତ୍ନୀ ବାରମ୍ବାର ଟେଲିଫୋନ୍ କଲେ ମଧ୍ୟ ପ୍ରଶାନ୍ତ ଟେଲିଫୋନ୍ ଉଠାଇନଥିଲେ। ବହୁ ଖୋଜାଖୋଜି କରିବାପରେ ପ୍ରଶାନ୍ତଙ୍କ କୌଣସି ସନ୍ଧାନ ନ ମିଳିବାରୁ ପତ୍ନୀ ଇତିଶ୍ରୀ ଗତ ୩୧ତାରିଖ ଦିନ ଗଡିଶାଗୋଡା ଥାନାରେ ଏତେଲା ଦେଇଛନ୍ତି । ଗଡିଶାଗୋଡା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଏତେଲା ପାଇବାପରେ ଏକ ନିଖୋଜ କେସ୍ ଦାୟର କରି ତଦନ୍ତ ଚାଲୁରଖିଛନ୍ତି ।

## ନିୟର-ମିସ୍ ମାମଲା ରିପୋର୍ଟ ନିମନ୍ତେ କର୍ମଚାରୀ ପୁରସ୍କୃତ




ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା କାର୍ଯ୍ୟସ୍ଥଳ ସୁରକ୍ଷାରେ ଉନ୍ନତି ଉଦ୍ଦେଶ୍ୟରେ, ନିୟର-ମିସ୍ ମାମଲା ରିପୋର୍ଟ କରିବା ପାଇଁ ଏକ ପୁରସ୍କାର ଯୋଜନା ଆରମ୍ଭ କରିଛି । କାରଣ ଏହା ଦୁର୍ଘଟଣା ରୋକିବାରେ ସାହାଯ୍ୟ କରିବ। ଏହି ଯୋଜନା ଅନୁଯାୟୀ ଜାନୁଆରୀ ୭ ତାରିଖରେ ହଟ୍ ଷ୍ଟ୍ରିପ୍ ମିଲ୍ - ୨ ର ସମ୍ମିଳନୀ ହଲରେ ଏକ ନିୟର ମିସ୍ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଚଏସଏମ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଅଧ୍ୟକ୍ଷତା କରି ସକ୍ରିୟ ନିୟର-ମିସ୍ ରିପୋର୍ଟିଂ ମାଧ୍ୟମରେ ସୁରକ୍ଷା ପ୍ରତି ସେମାନଙ୍କର ଅସାଧାରଣ ପ୍ରତିବଦ୍ଧତା ପାଇଁ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ ଇନ ଚାର୍ଜ ଆର କୁଜୁର, ଅପରେସନ ବିଭାଗର ଜିଏମ୍ ଇନ-ଚାର୍ଜ ଦୀପକ କୁମାର, ମେକାନିକାଲ୍ ବିଭାଗର ଜିଏମ୍ ଇନ-ଚାର୍ଜ ସୁବ୍ରତ କାନୁନଗୋ ଏବଂ ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଜୟନ୍ତ କୁମାର ଦାଶ ତଥା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚଏସଏମ-୨ ମେକାନିକାଲ୍ ବିଭାଗର ସିନିୟର ମ୍ୟାନେଜର ଧନଞ୍ଜୟ ପ୍ରଦୀପ ସର୍ବାଧିକ ସଂଖ୍ୟକ ନିୟର-ମିସ୍ କେସ୍ ରିପୋର୍ଟ ଦାଖଲ ପାଇଁ ପୁରସ୍କୃତ ହୋଇଥିବା ବେଳେ ଇଲେକ୍ଟ୍ରିକାଲ୍ ବିଭାଗର ସିନିୟର ମ୍ୟାନେଜର ଟି.ବି. ସେଠ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ରିପୋର୍ଟ ପାଇଁ ପୁରସ୍କୃତ ହୋଇଥିଲେ। ସାପ ଫ୍ଲୋରରେ ଏବଂ କାର୍ଯ୍ୟାଳୟରେ ନିୟର - ମିସ୍ ମାମଲାର ନିରନ୍ତର ରିପୋର୍ଟିଂ ଏବଂ ସୁରକ୍ଷା ପ୍ରୋଟୋକଲ୍ ପାଳନକୁ ପ୍ରେରଣା ଏବଂ ଉତ୍ସାହିତ କରିବା ପାଇଁ ଅନ୍ୟ ଛଅ ଜଣ କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଚକରା ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ




ଭଞ୍ଜନଗର (ଭାସ୍କର ନ୍ୟୁଜ): ସ୍ଥାନୀୟ ରୋଟାରୀ କ୍ଲବ, କାର୍ଯ୍ୟାଳୟ ଠାରେ ସପ୍ତାହବ୍ୟାପି ଚାଲିଥିବା ବିପ୍ଲବୀ ବୀର ଚକରା ବିଷୋୟୀଙ୍କ ଜୟନ୍ତୀ ସଭାପତି ପ୍ରଫେସର କୃତିବାସ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବିନୋଦ ଆଚାର୍ଯ୍ୟ, ଦକ୍ଷିଣ ବନଖଣ୍ଡ ଅଧିକାରୀ, ଭଞ୍ଜନଗର ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜଗବନ୍ଧୁ ଜେନା, ସମ୍ମାନିତ ଅତିଥିଭାବେ ରୋଟାରୀଆନ ବସନ୍ତ କୁମାର ପାତ୍ର ଓ ରଂଜିତ କୁମାର ବାରିକ ମଂଚାସୀନ ହୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ବାଦ ସାହିତ୍ୟଘରର ଦୁଇ ଉପଦେଷ୍ଟା ମନୁନନ୍ଦ ପତି, ଶୂଳପାଣି ଶତପଥି, ନେତାଜୀ ବିଷୋୟୀ, ଜଗବନ୍ଧୁ ଜେନା ନିଜର ବକ୍ତବ୍ୟ ରଖିଥିଲ । ଏହିଅବସରରେ ସଂଗଠନ ସମ୍ପାଦକ ବିଶ୍ୱମ୍ବର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ରୀ ବିଶ୍ୱଜିତା ରାଉତରାୟ ସ୍ୱାଗତ ଓ ଅନ୍ତିମ ସଂଗୀତ ଗାନ କରିଥିଲେ । ସମ୍ପାଦକ ସନ୍ତୋଷ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିପ୍ଲବୀ ବୀର ଚକରା ବିଷୋୟୀଙ୍କୁ ପ୍ରଚାର, ପ୍ରସାର ସହ ତାଙ୍କର ସଂଗ୍ରାମୀ ଜୀବନର ଗାଥାକୁ ସଂମାନ ଦେଇ ଆସୁଥିବା ଦକ୍ଷିଣ ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କୁ କାର୍ଯ୍ୟକ୍ରମ ତରଫରୁ ଚକରା ବିଷୋୟୀ ସମ୍ମାନ -୨୦୨୫ରେ ସମ୍ମାନିତ କରାଯାଇଥିଲା । ରୋଟାରୀ କ୍ଲବ ତରଫରୁ ସମ୍ବାଦ ସାହିତ୍ୟଘରର ଚାରିଜଣ କବି, ଗୀତିକାର ସୁବାସ ଚନ୍ଦ୍ର ତାରିଣୀ, ଜ୍ୟୋଛନା ଦେବୀ, ଦୀପ୍ତଂକ୍ଷଶୁପ୍ରଭା ଦେବୀ ଓ ରୀନା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରୋଟାରିଆନ ରଂଜିତ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

### ଚତୁର୍ଥ ଦିନରେ ଖଣିବନ୍ଦ ଆନ୍ଦୋଳନ

## ଧାରଣାସ୍ଥଳରେ ସୁଦଶା ବ୍ରତ କଲେ ମହିଳା



କଣିହାଁ(ଭାସ୍କର ନ୍ୟୁଜ): ଥଇଥାନ ଦାବିରେ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡା ଗ୍ରାମବାସୀ କରିଥିବା ଖଣି ବନ୍ଦ ଆନ୍ଦୋଳନ ୪ର୍ଥଦିନରେ ପହଞ୍ଚିଛି । ଆନ୍ଦୋଳନରେ ସାମିଲ ହୋଇଛନ୍ତି ଗ୍ରାମର ମହିଳା । ଗୁରୁବାର ସୁଦଶାବ୍ରତ ଥିବାବେଳେ ଗ୍ରାମର ଶହ ଶହ ମହିଳା ଧାରଣାସ୍ଥଳରେ ବସି ରହି ସୁଦଶାବ୍ରତ କରିଛନ୍ତି । ପ୍ରସ୍ତାବିତ ପଥରମୁଣ୍ଡା ବିସ୍ଥାପନ ଜାଗାରେ ଥଇଥାନ ନହେବା ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମର ମହିଳା ଗଣ । ସୂଚନାଯୋଗ୍ୟ ଯେ, ପ୍ରସ୍ତାବିତ ପଥରମୁଣ୍ଡା ବିସ୍ଥାପନ ସ୍ଥାନରେ ଥଇଥାନ ଦାବିରେ ସୋମବାର ସକାଳେ ଜରଡା ଗ୍ରାମବାସୀ କଣିହାଁ କୋଇଲାଖଣି ମେନ୍ ଗେଟ୍ ସମ୍ମୁଖରେ ବସି ରହି ଗାନ୍ଧୀଙ୍କ ଫୋଟୋ ରଖି ଖଣିବନ୍ଦ ଆନ୍ଦୋଳନ କରିଛନ୍ତି । ଫଳରେ ସେହିଦିନ ଅପରାହ୍ନରେ ତାଳଚେର ଠାରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା । ବୈଠକରେ ଆନ୍ଦୋଳନକାରୀଙ୍କୁ ଆରଫିଡିଏସି ବୈଠକରେ ବସି ସମାଧାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ମାତ୍ର ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିନଥିଲେ ଗ୍ରାମବାସୀ । ଫଳରେ ଆନ୍ଦୋଳନ ଚାଲୁରହିଛି । ଆନ୍ଦୋଳନ ଯୋଗୁଁ କୋଇଲା ପରିବହନ ଓ ଉତ୍ପାଦନ ବନ୍ଦ ରହିଛି ।

## ମହାକୁମ୍ଭ ମେଳା ପାଇଁ ସେଲ୍ ଦ୍ୱାରା ୪୫ ହଜାର ଟନ୍ ଇସ୍ପାତ ଯୋଗାଣ

ରାଉରକେଲା (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଇସ୍ପାତ ନିର୍ମାଣକାରୀ ସାର୍ବଜନୀନ କ୍ଷେତ୍ର ମହାରତ୍ନ କମ୍ପାନୀ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍), ପ୍ରୟାଗରାଜରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ମହାକୁମ୍ଭ ମେଳା ୨୦୨୫ ପାଇଁ ପ୍ରାୟ ୪୫,୦୦୦ ଟନ୍ ଇସ୍ପାତ ଯୋଗାଇଛି। ଯୋଗାଣ ହୋଇଥିବା ଇସ୍ପାତର ମୋଟ ପରିମାଣରେ ଚେକର୍ଡ ପ୍ଲେଟ୍, ହଟ୍ ଷ୍ଟ୍ରିପ୍ ମିଲ୍ ପ୍ଲେଟ୍, ମାଇଲ୍ଡ ଷ୍ଟିଲ୍ ପ୍ଲେଟ୍, ଆଙ୍ଗଲ୍ ଏବଂ ଯଏଷ୍ଟସ ଅନ୍ତର୍ଭୁକ୍ତ। ପୂର୍ବରୁ ମଧ୍ୟ, ସେଲ୍ ୨୦୧୩ର ମହାକୁମ୍ଭ ମେଳା ସମୟରେ ଇସ୍ପାତ ଯୋଗାଇଥିଲା, ଯାହା ଉଲ୍ଲେଖନୀୟ ସାର୍ବଜନୀନ କାର୍ଯ୍ୟକ୍ରମ ପାଇଁ କମ୍ପାନୀର ନିରନ୍ତର ସମର୍ଥନକୁ ପ୍ରଦର୍ଶନ କରିଥିଲା। ସେଲ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ଇସ୍ପାତ ୨୦୨୫ ମହାକୁମ୍ଭ ମେଳାର ସୁଗମ ଏବଂ ସଫଳ ପରିଚାଳନା ପାଇଁ ଆବଶ୍ୟକ ବିଭିନ୍ନ ଅସ୍ଥାୟୀ ସଂରଚନା ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିରେ ପଣ୍ଟୁନ୍ ସେତୁ, ପାସେଜ୍, ଅସ୍ଥାୟୀ ଇସ୍ପାତ ସେତୁ, ସବଷ୍ଟେସନ୍ ଏବଂ ଫ୍ଲାଏଓଭର ଅନ୍ତର୍ଭୁକ୍ତ। ଏହି ଇସ୍ପାତ ଯୋଗାଣର ପ୍ରମୁଖ ଗ୍ରାହକଙ୍କ ମଧ୍ୟରେ ପବ୍ଲିକ୍ ୱର୍କସ୍ ବିଭାଗ, ଉତ୍ତର ପ୍ରଦେଶ ରାଜ୍ୟ ସେତୁ ନିଗମ, ବିଦ୍ୟୁତ୍ ବୋର୍ଡ ଏବଂ ସେମାନଙ୍କର ଯୋଗାଣକାରୀ ଅନ୍ତର୍ଭୁକ୍ତ। ସେଲ୍ ଏଭଳି ଏକ ବୃହତ କାର୍ଯ୍ୟକ୍ରମ ପାଇଁ ଇସ୍ପାତ ଯୋଗଦାନକୁ ନେଇ ଗର୍ବିତ, ଯାହା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତୀକ ମଧ୍ୟ ଅଟେ । କମ୍ପାନୀ ଦେଶର ଭିତ୍ତିଭୂମିକୁ ସୁଦୃଢ କରୁଥିବା ଏବଂ ଏହାର ସାଂସ୍କୃତିକ ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରୁଥିବା ଜାତୀୟ ପ୍ରକଳ୍ପଗୁଡ଼ିକରେ ଯୋଗଦାନ ଦେବାକୁ ପ୍ରତିବଦ୍ଧ ଅଟେ।

## ଦଗ୍ଧ ଅବସ୍ଥାରେ ଅର୍ଦ୍ଧ କଙ୍କାଳ ଉଦ୍ଧାର

ଉମରକୋଟ (ଭାସ୍କର ନ୍ୟୁଜ): ଦଗ୍ଧ ଅବସ୍ଥାରେ ଅଧା ଶରୀରର କଙ୍କାଳ ଜଙ୍ଗଲ ମଧ୍ୟରେ ଉଦ୍ଧାର କରିଛି ଉମରକୋଟ ପୋଲିସ । ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ହୀରାପୁର ପଞ୍ଚାୟତ ଅଧୀନରେ ଥିବା ବୃନ୍ଦାକେନ୍ଦୁ ଜଙ୍ଗଲକୁ ଗ୍ରାମର କିଛି ମହିଳା କାଠ ସଂଗ୍ରହ କରିବାକୁ ଯାଇଥିଲେ । ସେଠାରେ ଏକ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ମୁଣ୍ଡ ଓ ହାତର କଙ୍କାଳ ଦେଖିବାକୁ ପାଇଥିଲେ । ଏବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇବାରୁ ସରପଞ୍ଚ ଏକ ଲିଖିତ ଅଭିଯୋଗ ଉମରକୋଟ ଥାନାରେ ଦେଇଥିଲେ । ଅଭିଯୋଗକୁ ଭିତ୍ତି କରି ଭାରପ୍ରାପ୍ତ ଥାନା ଅଧିକାରୀ ଶିବଜୀ ପଣ୍ଡା, ଏସଆଇ ଅକ୍ଷୟ ମିଶ୍ର ଓ ଫୋର୍ସ ଘଟଣାସ୍ଥଳକୁ ଯାଇ କେସ ନଂ ୩/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

## କଂଗ୍ରେସ ଭବନରେ ବନ୍ଧୁମିଳନ କାର୍ଯ୍ୟକ୍ରମ



କେନ୍ଦୁଝର (ଭାସ୍କର ନ୍ୟୁଜ): ନୂଆ ଇଂରାଜୀ ନୂଆ ବର୍ଷ ୨୦୨୫ ଆସିଛି, ସବୁ ପୁରୁଣା ଦୁଃଖ କଷ୍ଟ ଭୁଲି ନୂଆ ବର୍ଷକୁ ଉପଭୋଗ କରିବା ବେଳ ଆସିଛି ଅନୁଚିନ୍ତା ୨୦୨୫ ରେ କିପରି ଆହୁରି ଭଲ କାମ କରାଯିବ ସଂଗଠନକୁ ଦୃଢ଼ କରାଯିବ। ବର୍ତ୍ତମାନ ରାଜ୍ୟ ରାଜନୀତିକୁ ଦେଖି କେନ୍ଦୁଝର କଂଗ୍ରେସ ମଧ୍ୟ ଖୁବ୍ ଉତ୍ସାହିତ ହୋଇଛି ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାରୁ ଯାଇଥିବାରୁ ଗୋଟେ ଦୃଢ଼ ବିରୋଧ ଦଳ ଭାବେ କେନ୍ଦୁଝର କଂଗ୍ରେସର ଦାୟିତ୍ୱ ବଢ଼ି ଯାଇଛି। ତେଣୁ ଗତକାଲି ଯୁବ ନେତା ଐତିହ୍ୟ ଦିବ୍ୟ ସିଂହଙ୍କ ଅନୁରୋଧ କ୍ରମେ ଜିଲ୍ଲାର କଂଗ୍ରେସ ସଦସ୍ୟମାନେ ଜିଲ୍ଲା କଂଗ୍ରେସ ଭବନରେ ଏକାଠି ହୋଇ ବନ୍ଧୁ ମିଳନ କରିଥିଲେ। ପରସ୍ପର ଭିତରେ କଥାବାର୍ତ୍ତା ଭାବ ବିନିମୟ କରି ଖୁସି ହୋଇଥିଲେ। ଆଗାମୀ ଦିନରେ କିପରି ଲୋକଙ୍କ ପାଖେ ପହଞ୍ଚି ପାରିବେ ଆଲୋଚନା କରିଥିଲେ। ଭୋଜିଭାତ ମଧ୍ୟରେ ଏହି ବନ୍ଧୁ ମିଳନ ଜିଲ୍ଲା କଂଗ୍ରେସକୁ ମଜବୁତ୍ କରିବ ବୋଲି ଆଲୋଚନା ହୋଇଥିଲା। ଏହି ବନ୍ଧୁ ମିଳନରେ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରି, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା ପ୍ରତିଭା ମଞ୍ଜରୀ ନାୟକ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ମୋହନ ଚରଣ ପରିଡ଼ା, ବସନ୍ତ ଦାସ, ନିର୍ମଳ ନାୟକ, ଐତିହ୍ୟ ଦିବ୍ୟ ସିଂହ, ସୁଢ଼ଳ କୁମାର ସେଠୀ, ଉତ୍ତମ କୁମାର ସାହୁ, ଅଶୋକ ଠକ୍କର, ମନୋରଞ୍ଜନ ରାଉତ, ଆର୍ତ୍ତତ୍ରାଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ପ୍ରବାସୀ ଭାରତୀୟ ଦିବସ ପାଳିତ






ଛତ୍ରପୁର (ଭାସ୍କର ନ୍ୟୁଜ): ବ୍ରହ୍ମପୁର ସ୍ଥିତ ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ଠାରେ ସମଗ୍ର ଶିକ୍ଷା ଗଞ୍ଜାମ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ଅମିତା ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏହି ଉଦଘାଟନ ପର୍ବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ବୃନ୍ଦାବନ ବିଦ୍ୟାପୀଠ ହିଂଜିଳିର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, କିଆଫୁଲ ସମିତି ଉଚ୍ଚ ବିଦ୍ୟାଳୟ, କେଲୁଆପଲ୍ଲୀର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପାତ୍ର ଓ ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଇକେଲ ଚାଳନା, କୁଇଜ, ପ୍ରବନ୍ଧ, ପୋଷ୍ଟର ପ୍ରଦର୍ଶନ ଆଦି ପ୍ରତିଯୋଗୀତା କରଯାଇଥିଲା। ଏଥିରେ ସମଗ୍ର ଜିଲ୍ଲାର ୨୨ଟି ବ୍ଲକରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡଃ. ସରୋଜ ମୋହନ ପାଳ, ଜିଲ୍ଲା ଅନୁସୂଚିତ ଜାତି / ଜନଜାତି ସଂଯୋଜକ, ସମଗ୍ର ଶିକ୍ଷା ଗଞ୍ଜାମ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ ପ୍ରବାସୀ ଭାରତୀୟ ମାନଙ୍କ ସାହାଯ୍ୟ ସହଯୋଗରେ ଓଡିଶାର ସ୍ୱାସ୍ଥ୍ୟ, ଶିକ୍ଷା, କଳକାରଖାନାର ଅଭିବୃଦ୍ଧି ଦ୍ୱାରା ବେକାରି ସମସ୍ୟା ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ବ୍ରହ୍ମପୁର ମହାନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉନ୍ନତ ରାଷ୍ଟ୍ର ଗଠନ କରିବାପାଇଁ ଦିଗ ଦର୍ଶନ ଦେଇଥିଲେ।

**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଅଠର ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ବିଜୁ ମୁଦୁଲିଙ୍କ ଅଧକ୍ଷତାରେ ଏକ ଗଣ ଦୌଡ କାର୍ଯ୍ୟକ୍ରମ ସକାଳ ଛଅଟାରେ ଶୁଭାରମ୍ଭ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଯୋଗଦେଇ ଭାଗ ନେଇଥିବା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ପରେ ମହାବିଦ୍ୟାଳୟ ଠାରେ କୁଇଜ୍, ଚିତ୍ରାଙ୍କନ ଓ ରଚନା ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ କୁ ଅଧ୍ୟାପିକା ତିଳତ୍ତମା ପଟନାୟକ ପରିଚାଳନା କରିଥିବା ବେଳେ ନୋଡାଲ ଅଫିସର ଦୁର୍ଯ୍ୟୋଧନ ସାହୁ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହ ଯୋଗ କରିଥିଲେ।

**ରାୟଗଡ଼ା:** ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ପ୍ରବାସୀ ଭାରତୀୟ ଦିବସର ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା, ୱାକାଥନ୍ ଏବଂ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବବିଲତା ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜିକା ଡ. ସରସ୍ୱତୀ ରାୟ ଏବଂ ମୁଖ୍ୟ ବକ୍ତା ଭାବରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ପି. ଅରୁଣ କୁମାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଡ. ଅରୁଣ କୁମାର ତାଙ୍କ ଅଭିଭାଷଣ ପ୍ରଦାନ କରି ଭାରତର ବିକାଶ ଦିଗରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଭବେଶ ମହାନ୍ତି, ଏମ ଶ୍ରୀନିବାସ ଆଚାରି, ଉଦୟ ନାୟକ, ଅଧ୍ୟାପିକା କେ. କେ ଜାନୀ, ତୃପ୍ତୀମୟୀ ଭୋଇ, ପି ବିନୟକୁମାରଙ୍କ ସହ ଅନ୍ୟମାନେ ସାହାଯ୍ୟ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି କାୟାକଳ୍ପ ଟିମ। ଟିମରେ ଥିବା ତିନିଜଣ ସଦସ୍ୟ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗ ସହ ହର୍ବାଲ ଗାର୍ଡେନ ଓ ଗାମ୍ଭସିଆ କୁଣ୍ଡ,ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ପରିଷ୍କାର ପରିଛନ୍ନତା ସହ ରୋଗୀଙ୍କୁ ଠିକ ଭାବେ ଔଷଧ ବିତରଣ କରା ଯାଉଛିକି ନାହିଁ ସବୁ ବୁଲି ଦେଖିବା ସହ ମେଡିକାଲରେ ଥିବା ଏକ୍ସପରି ମେଡ଼ିସିନ କିପରି ନଷ୍ଟ କରାଯାଉଛି ତାହା ପଚାରି ବୁଝିଥିଲେ। ଏହି ଟିମର ମୁଖ୍ୟ ଡ.ଶୁଭାଂଶୁ ପ୍ରଧାନ, ପ୍ରଣୟ କୁମାର ମହାପାତ୍ର, ଦେବବ୍ରତ ପତି ଓ ପୂର୍ଣ୍ଣଚନ୍ଦ୍ର ଭୋଇ ଫେରିଲା ବେଳେ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖି ଖୁସି ବ୍ୟକ୍ତ କରିଥିବା କହିଥିଲେ। କାୟାକଳ୍ପ ଟିମ ଆସିବା ପୂର୍ବରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚକାଚକ ରଖିବା ସହ ସମସ୍ତ କର୍ମଚାରୀ ୟୁନିଫର୍ମ ରେ ଥିବା ଦେଖିବାକୁ ମିଳିଥିଲା। କାୟାକଳ୍ପ ଟିମର ପରିଦର୍ଶନ ସମୟରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରି ଡ.ନବକିଶୋର କୁଣ୍ଡୁ, ବିପିଏମଓ ସନ୍ତୋଷିନୀ ପଣ୍ଡା, ପିଏଚଯୁ ଗୀତାଞ୍ଜଳି ଦାସଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଅବସରକାଳୀନ ପ୍ରୋତ୍ସାହନ ରାଶି ନପାଇ ଶିକ୍ଷକଙ୍କ ପରିବାର ହଟହଟା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପରିବାର ପ୍ରୋତ୍ସାହନ ରାଶି ପାଇନପାରି ଚରମ ହଟହଟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ଅବସରକାଳୀନ ସରକାରୀ ପ୍ରୋତ୍ସାହନ ସୁବିଧା ସୁଯୋଗ ସରକାର ଅବସର ଗ୍ରହଣ ଦିବସରେ ପ୍ରଦାନ କରିବାକୁ ଡିଣ୍ଡିମ ପିଟୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଦାୟିତ୍ୱ ହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପରିବାର ପ୍ରୋତ୍ସାହନ ରାଶି ପାଇନପାରି ଚରମ ହଟହଟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ତିଳୋତ୍ତମା ରାଉତ ଗତ ୨୦୨୪ ମସିହା ଫେବ୍ରୁଆରୀ ୨୯ ତାରିଖ ଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଜଣକ ଗତ ୨୦୨୨ ମାର୍ଚ୍ଚ ମାସରେ ତାଙ୍କର ୩୦ ବର୍ଷିୟା ଏମଏସିପି ପାଇବାର ଥିଲା। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ଟାଳଟୁଳ ନୀତି ଯୋଗୁ ଅବସର ଗ୍ରହଣ କରିବାର ୫ମାସ ପରେ ମଧ୍ୟ ଅଫିସ ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ମଞ୍ଜୁର କରିବାକୁ ପଠାଯାଇଥିବାର ଅଭିଯୋଗ ହୋଇଛି। ସରକାରୀ ନିୟମରେ ବର୍ଷକୁ ୨ଥର ଜୁଲାଇ ଓ ଜାନୁଆରୀରେ ୧୦/୨୦/୩୦ ବର୍ଷିୟା ଏମଏସିପି ମଞ୍ଜୁର କରିବାର ରହିଛି। ମାତ୍ର ବିଭାଗୀୟ ସ୍ତରରେ ଏଥିପ୍ରତି କେହିହେଲେ ଦୃଷ୍ଟି ଦେଉନଥିବାର ଅଭିଯୋଗ ହୋଇଛି। ସରକାରଙ୍କ ପତ୍ରସଂଖ୍ୟା ୩୨୫୯୧ ତା ୧୭/୧୨/୨୦୨୪ ବଳରେ ଅବସର ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏମଏସିପିକୁ ଅଗ୍ରାଧିକାର ଭିତିରେ କରିବାର ଥିଲେ ମଧ୍ୟ ଏହା କରାଯାଉନଥିବାର ଅଭିଯୋଗ ହୋଇଛି। ଫଳରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ ପେନସନ ସୁବିଧା ପାଇନପାରି ମାନସିକ ନିର୍ଯ୍ୟାତନାର ଶୀକାର ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ ଗତ ୨୦୨୪ ଜୁନ ମାସରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ପୂର୍ଣ୍ଣ ପେନସନ ପାଇ ପାରିନାହାନ୍ତି। ଇତି ମଧ୍ୟରେ ତାଙ୍କର ମୃତ୍ୟୁ ହୋଇସାରିଲାଣି । ସେହିପରି ଭାବେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦଳେଇ ୧ବର୍ଷରୁ ଊର୍ଦ୍ଧ ଦିନ ହେଲା ମୃତ୍ୟୁ ବରଣ କରିଥିଲେ ମଧ୍ୟ ତାଙ୍କ ପରିବାର ବର୍ଗ ଏପର୍ଯ୍ୟନ୍ତ ସମସ୍ତ ପ୍ରୋତ୍ସାହନ ରାଶି ପାଇପାରିନଥିବାର ଅଭିଯୋଗ ହୋଇଛି। ଏହି ବ୍ଲକରେ ୩-୪ଜଣ ଶିକ୍ଷକଙ୍କ ସେବା ପୁସ୍ତିକା ଏମଏସିପି ମଞ୍ଜୁର ପାଇଁ ଯାଇଥିଲା ବେଳେ ସେମାନେ ଅବସରକାଳୀନ ପ୍ରୋତ୍ସାହନ ରାଶି ଏପର୍ଯ୍ୟନ୍ତ ପାଇପାରିନଥିବାର ଅଭିଯୋଗ ହୋଇଛି। ଏପରିକି ଅବସରପ୍ରାପ୍ତ ଓ ମୃତ ଶିକ୍ଷକଙ୍କ ପରିବାର ବର୍ଗ ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶରେ ଫେରୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନଥିବାର ଅଭିଯୋଗ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସର୍ବୋପରି ଗଣ ଶିକ୍ଷା ସଚିବ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶିକ୍ଷକ ମହଲରେ ଦାବି ହୋଇଛି।

## ଯୁବତୀକୁ ପ୍ରେମକରି ଅଡୁଆରେ ବିବାହିତ ଯୁବକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଯୁବତୀକୁ ପ୍ରେମ କରିଜଣେ ବିବାହିତ ଯୁବକ ଅଡୁଆରେ ପଡିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଯୁବକକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ଯୁବକଙ୍କ ପତ୍ନୀ ଯୁବତୀଙ୍କ ନାମରେ ଏକ ପାଲଟା ଅଭିଯୋଗ କରିବା ଘଟଣାଟି ବିସ୍ମୟ ସୃଷ୍ଟି କରିଛି। ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ଅଞ୍ଚଳର ସୁନିତ କୁମାର ସିଂ ଜଣେ ବିବାହିତ ଯୁବକ ଅଟନ୍ତି। ସୁନିତ ଭୁବନେଶ୍ୱରରେ ରହି କାର୍ଯ୍ୟ କରିଆସୁଥିଲେ। ତାଙ୍କର କାର୍ଯ୍ୟାଳୟ ନିକଟରେ କେନ୍ଦ୍ରାପଡା ଜିଲ୍ଲା ବଡହାଟର ଚନ୍ଦ୍ରଭାନୁ ସିଂହଙ୍କ କନ୍ୟା ଅମ୍ରିତା ସିଂ ଏକ କମ୍ପାନୀରେ ରହି କାର୍ଯ୍ୟ କରିଆସୁଥିଲେ। ତେବେ ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ ଓ ଫେସବୁକରୁ ବନ୍ଧୁତା ସୃଷ୍ଟି ହୋଇଥିଲା। ବନ୍ଧୁତାରୁ ଧିରେ ଧିରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏପରିକି ସୁମିତ ଅମ୍ରିତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିବାର ଅଭିଯୋଗ ହୋଇଛି। ସୁମିତ ଅମ୍ରିତାଙ୍କର ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋ ନିଜର ମୋବାଇଲ ଯୋଗେ ଉତ୍ତୋଳନ କରି ଖିଥିଲେ। ଏପରିକି ସୁମିତ ଅମ୍ରିତାଙ୍କ ଠାରୁ ବିଭିନ୍ନ ସମୟରେ ବ୍ଲାକମେଲ କରି ଲକ୍ଷାଧିକ ଟଙ୍କା ଫେନପେ ଓ କ୍ୟାସ ଆକାରରେ ନେଇଥିବାର ଅଭିଯୋଗ ହୋଇଛି। ତେବେ ଏକ ବିଶ୍ୱସ୍ତ ସୂତ୍ରରୁ ସୁମିତ ପୂର୍ବରୁ ବିବାହିତ ଥିବାର ଅମ୍ରିତା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଏପରିକି ମହଜୁଦ ଥିବା ଅନ୍ତରଙ୍ଗ ମୂହୁର୍ତ୍ତର ଭିଡିଓକୁ ପ୍ରଘଟ କରିଦେବା ନିମନ୍ତେ ସୁମିତ ଅମ୍ରିତାଙ୍କୁ ଧମକ ଚମକ ଦେଇ ଭୟଭୀତ କରିଆସୁଥିଲେ। ଏପରିକି ତାଙ୍କ ପରିବାର ବର୍ଗଙ୍କୁ ଜୀବନରୁ ମାରିଦେବାକୁ ସୁମିତ ଧମକ ଦେଇ ଆସୁଥିବାର ଅମ୍ରିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅମ୍ରିତାଙ୍କ ଅଭିଯୋଗକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ସୁମିତଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିବାର ଜଣାଯାଇଛି। ଅପରପକ୍ଷରେ ସୁମିତଙ୍କ ନାମରେ ମିଥ୍ୟା ଆରୋପ କରାଯାଇ ତାଙ୍କୁ ବ୍ଲାକମେଲ କରାଯାଉଥିବାର ପତ୍ନୀ ଶ୍ରଦ୍ଧାଞ୍ଜଳୀ ସିଂ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ତେବେ ଦୁଇଟି ଅଭିଯୋଗକୁ ନେଇ ଥାନା ପୋଲିସ ଧର୍ମସଙ୍କଟରେ ପଡିଛି।

## ପ୍ରାଣୀ ଚିକିତ୍ସାଳୟର ଗ୍ୟାରେଜ ନିର୍ମାଣରେ ଦୁର୍ନୀତି ଅଭିଯୋଗ




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ଗ୍ୟାରେଜ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟର ଗ୍ୟାରେଜ ନିର୍ମାଣ ନିମନ୍ତେ ସରକାର ଦେଢଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟାଦେଶ ବ୍ଲକ ବିଭାଗୀୟ ନାମରେ ଦିଆଯାଇଥିଲା। ଏହି ଗ୍ୟାରେଜ ନିର୍ମାଣ ଅଟକଳ ଅନୁଯାଇ କରାଯାଇନଥିବାର ଅଭିଯୋଗ ହୋଇଛି। ଏପରିକି ଏହି ପ୍ରକଳ୍ପରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି ।ଫଳରେ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭାଗୀୟ ଯନ୍ତ୍ରୀ ଅସାଧୁ ମେଂଟ କରି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଲୁଟି ନେବା ନିମନ୍ତେ ମସୁଧା ଚଳାଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଗଲେ ଦୁର୍ନୀତିଖୋର ଯନ୍ତ୍ରୀଙ୍କର ଅସଲ ମୁଖାର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।ଅପରପକ୍ଷରେ ଏହି ବ୍ଲକର ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି କରାଯାଇ ଅସାଧୁ ଉପାୟରେ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ଘଟଣା କାହାରିକୁ ଅଛପା ନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ ନିକଟରେ ଏହି ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ମିଥ୍ୟା ବିଲ କରିଥିବାର ଆରୋପ ଲଗାଯାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ବ୍ଲକରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରୁଥିବା ଅନ୍ୟ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମକର ପାଇଁ ଚଳଚଞ୍ଚଳ କରଞ୍ଜିଆ

କରଞ୍ଜିଆ (ଭାସ୍କର ନ୍ୟୁଜ): ଓଡିଶା ରେ ୧୨ ମାସ ରେ ୧୩ ପର୍ବ ପାଳିତ ହୁଏ । ମକର ପର୍ବ ହେଉଛି ମୟୁରଭଞ୍ଜ ଜିଲ୍ଲାର ଗଣ ପର୍ବ । ଏହା ଏକ କୃଷିଭିତିକ ପର୍ବ, ଚାଷୀ ମାନେ ଏହିପର୍ବ ପାଳନ କରିବା ନିମନ୍ତେ ବର୍ଷେ ଅପେକ୍ଷା କରିଥାନ୍ତି । ଏହି ପର୍ବରେ ସମସ୍ତଙ୍କ ଘରେ ପିଠା ପଣା ପ୍ରସ୍ତୁତ ହେବା ସହିତ ଘରର ସମସ୍ତ ସଦଶ୍ୟ ମାନେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି । ଏହିସବୁ ଜିନିଷ କିଣିବାକୁ ଲୋକେ ଅପେକ୍ଷା କରିଥାନ୍ତି ସାପ୍ତାହିକ ହାଟକୁ । ଆଜି ଥିଲା କରଞ୍ଜିଆର ସାପ୍ତାହିକ ହାଟ । ଏହି ହାଟରେ ଆଜି ଭଳିକି ଭଳି ଦୋକାନ ଲାଗିଥିଲା । ଲୁଗା, ଡ୍ରେସ, ଗୁଡ଼ ଘିଅ, ଜୋତା ର ଦୋକାନ ଏ ସବୁ କିଣିବା ପାଇଁ ହାଟରେ ପ୍ରବଳ ଭିଡ଼ ଥିଲା । ସେପଟେ ମହାନ୍ତ ଲଳନା ମାନେ ଟୁସୁ ମୂର୍ତ୍ତି କିଣିବାକୁ ମୂର୍ତ୍ତି ଦୋକାନରେ ଭିଡ଼ କରିଥିଲେ । ଭିଡ଼କୁ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।

## ନିଶା କାରବାର ରୋକିବା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ କଂଗ୍ରେସ ନେତା



ଯାଜପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ଦଶରଥପୁର ଓ ମଙ୍ଗଳପୁର ଥାନା ଅଂଚଳରେ ଧଳା ଜହର କୁହାଯାଉଥିବା ମାରାତ୍ମକ ନିଶା ସାମଗ୍ରୀ ବ୍ରାଉନ ସୁଗାର ଅବାଧ ଭାବେ କାରବାର ଚାଲିଛି। ଶିକ୍ଷିତ ବେକାର ଯୁବକଙ୍କ ଠାରୁ ଆରମ୍ଭ କରି ଅର୍ଦ୍ଧ ଶିକ୍ଷିତ, ଶ୍ରମିକ, କଲେଜ ଓ ହାଇସ୍କୁଲ ଛାତ୍ର ମାନେ ଏହି ନିଶା ରାକ୍ଷସ କବଳରେ ପଡ଼ି ନିଜ ପରିବାର ପାଇଁ ବୋଝ ପାଲଟି ଯାଉଛନ୍ତି। ଏହି ମାରାତ୍ମକ ନିଶା ସେବନ ନିମନ୍ତେ ଅର୍ଥ ଯୋଗାଡ଼ ପାଇଁ ନିଶା କବଳିତ ଯୁବକ ମାନେ ଅପରାଧ ମଧ୍ୟ କରି ବସୁଛନ୍ତି। ଏହି ଧଳା ଜହର ବାଲେଶ୍ୱରରୁ ଭଣ୍ଡାରୀପୋଖରୀ,ଧୁଷୁରୀ ଓ ଧାମନଗର ଥାନା ଅଂଚଳ ଦେଇ ମଙ୍ଗଳପୁର, ଦଶରଥପୁର ଓ ବିଂଝାରପୁର ଥାନା ଅଞ୍ଚଳକୁ ଚାଲାଣ ହେଉଛି। ଅବକାରୀ ବିଭାଗ ର କିଛି ଅସାଧୁ କର୍ମଚାରୀ ମଧ୍ୟ ଧଳା ଜହର କାରବାର କୁ ପ୍ରୋତ୍ସାହନ ଦେଉଥିବା ଆଲୋଚନା ହୁଏ। ଏହି ନିଶା କାରବାର ରୋକିବା ପାଇଁ ଯେତେ ବେଳେ ଏହି ବିଭାଗ ର ବରିଷ୍ଠ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଏ ସେତେବେଳେ କର୍ମଚାରୀ ଏବଂ ଗାଡ଼ି ମଟର ତଥା ଅସ୍ତ୍ରଶସ୍ତ୍ର ର ଅଭାବ ର ଆଳ ଦେଖାଇ ବିଭାଗ ଟି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇ ଥାଏ ।ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ମୁଖ୍ୟ ଯଦି ଏହାକୁ ରୋକିବାକୁ ଆଗେଇ ଆସିବେ ନାହିଁ, ସମୟ ଆସିବ ଆଇନ ଶୃଙ୍ଖଳାର ଏପରି ଚରମ ଅଧୋଗତି ଘଟିବ ଯେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିବ ବୋଲି ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଭରତ ଚନ୍ଦ୍ର ପରିଡା, ଚନ୍ଦ୍ରଶେଖର ସାହୁ, ଅନନ୍ତ କୁମାର ଜେନା, ଛାତ୍ର ନେତା ରାଜୀବ ମଲିକ ପ୍ରମୁଖ ଜିଲ୍ଲାପାଳ ପି, ଅନ୍ବେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି।

## ୨୮ ଗୋସମ୍ପଦ ଉଦ୍ଧାର କଲା ବଜରଙ୍ଗୀ ଦଳ

ବୋଲଗଡ଼ (ଭାସ୍କର ନ୍ୟୁଜ): ସରକାର ଗୋସମ୍ପଦ ଚାଲାଣ ନିଷେଧ ନିମନ୍ତେ ନାରବାଜି ଦେଉଥିବା ବେଳେ ଦିନକୁ ଦିନ ଅଧିକ ପଶୁସମ୍ପଦ ଚାଲାଣ ହେଉଥିବା ଦୃଷ୍ଟିକୁ ଆସୁଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳୁ ଏକ ଗୋସମ୍ପଦ ଚାଲାଣ ଗାଡିକୁ ଜବତ କରାଯାଇଅଛି। ଘଟଣାକ୍ରମେ ଏକ ରାଜସ୍ଥାନ କଣ୍ଟେନର ଗାଡିରେ ୨୮ଗୋଟି ଗୋସମ୍ପଦକୁ ହାଇଦ୍ରାବାଦରୁ କଲିକତାକୁ ଚାଲାଣ କରାଯାଉଥିଲା। ତେବେ କୌଣସି ସୂତ୍ରରୁ ଖୋର୍ଦ୍ଧା ଶାଖା ବଜାରଙ୍ଗୀ ଦଳର ବରିଷ୍ଠ ସଦସ୍ୟ ସୌମ୍ୟ ରଞ୍ଜନ ସ୍ୱାଇଁ ଜିଲ୍ଲା ପୋଲିସକୁ ଖବର ଦେଇଥିଲେ। ଜିଲ୍ଲା ପୋଲିସର ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ରହ୍ମପୁରା ଗୋଶାଳାରେ ଭର୍ତ୍ତି କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯିବା ସହ ଗାଡି ଚାଳକ ସମେତ ୩ଜଣ ଗୋସମ୍ପଦ ଚାଲାଣକାରୀଙ୍କୁ ଗିରଫ କରାଯାଇଅଛି। ଗୋସମ୍ପଦ ଚାଲାଣ ଗାଡି ବାଲଗଡ଼ରେ ପହଂଚିବା କ୍ଷଣି ବୋଲଗଡ଼ ଶାଖା ବଜାରଙ୍ଗୀ ଦଳ ପକ୍ଷରୁ ବରିଷ୍ଠ ସଦସ୍ୟ ମୁକେଶ ସାମନ୍ତରାୟ, ଇତେଶ ବେହେରା, ତରୁଣ ସାହୁ ଓ ଅମ୍ଳାନ ଜ୍ୟୋତି ସାହୁଙ୍କ ବଳିଷ୍ଠ ଉଦ୍ୟମ ତଥା ତତ୍ୱବଧାନରେ ଗୋମାତା ଗୁଡିକୁ କଣ୍ଟେନରୁ ଉଦ୍ଧାର କରାଯାଇ ଗୋଶାଳାରେ ଭର୍ତ୍ତି କରାଯାଇଥିଲା।

## କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା, ଗିରଫ ହେଲେ ଆଦୁ ମାଝୀ

ମାଲକାନଗିରି (ଭାସ୍କର ନ୍ୟୁଜ): କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ଆଜି କୋରୁକୋଣ୍ଡା ବ୍ଲକ ସୋମନାଥ ପୁର ପଞ୍ଚାୟତ ଅଧିନସ୍ତ ସଦାଶିବ ପୁର ଗ୍ରାମରେ ରହୁଥିବା ଆଦୁ ମାଝୀ ନାମକ ବ୍ୟକ୍ତିକୁ ପୋଲିସ ତାଙ୍କ ଗାଁରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ସଦାଶିବପୁର ଗାଁରେ ରହୁଥିବା ଆଦୁ ମାଝୀ ଗତ ତା-୯-୭-୨୦୨୩ ମସିହାରେ ବସ ଯୋଗେ ଗଞ୍ଜେଇ ବେଆଇନ ଭାବେ ଅନ୍ୟ ସହରକୁ ନେଉଥିବା ବେଳେ ମୁଦୁଲିପଡ଼ା ପୋଲିସ ହାତରେ ଧରା ପଡ଼ିଥିଲେ। ଏନେଇ ମୁଦୁଲିପଡ଼ା ଥାନାରେ ଏକ ମାମଲା କେସ ନମ୍ବର ୬୩/୨୦୨୩-ୟୁ/ଏସ-୨୦(ବି), (ସସ)(ବି)ଏନଡିପିଏସ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଘଟଣାର କିଛି ମାସ ପରେ ଆଦୁ ଜମାନତରେ ଘରକୁ ଆସିଥିଲେ। ବର୍ତ୍ତମାନ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। କିନ୍ତୁ ଧାର୍ଯ୍ୟ ତାରିଖରେ କୋର୍ଟରେ ହଜାର ହେବା ପାଇଁ ମାନ୍ୟବର ଅଦାଲତଙ୍କ ପକ୍ଷରୁ ଆଦୁଙ୍କୁ ବାରମ୍ବାର ନୋଟିସ ପଠାଯାଉଥିଲେ ମଧ୍ୟ ଆଦୁ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଆଦୌ କୋର୍ଟରେ ହାଜର ହେଉନଥିଲେ। ଶେଷରେ ମାନ୍ୟବର କୋର୍ଟ ଆଦୁଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରୀ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ଆଦୁ ମାଝୀଙ୍କୁ ତାଙ୍କ ଗାଁରୁ ଗିରଫ କରି ଆଣିବା ପରେ କୋର୍ଟ ଚାଲାଣ କରାଯାଇଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ କହିଛନ୍ତି।

## ଯୁବକଙ୍କୁ ହତ୍ୟା, ୬ ଜଣ କୋର୍ଟଚାଲାଣ

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ୪୮ଘଣ୍ଟା ମଧ୍ୟରେ କୋଡ଼ିଙ୍ଗା ପୋଲିସ ବରୱାଡ଼ା ଗାଁର ହତ୍ୟାରେ ସମ୍ପୃକ୍ତ ୬ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି । ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ବରୱାଡ଼ା ଗ୍ରାମରେ ପରକୀୟା ପ୍ରେମ ସନ୍ଦେହରେ ସଂଘବଦ୍ଧ ଆକ୍ରମଣ ଯୋଗୁଁ ମଙ୍ଗଳବାର ରାତିରେ ଉମାକାନ୍ତ ହରିଜନ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗୁରୁବାର ସନ୍ଧ୍ୟାରେ ନବରଙ୍ଗପୁର କୋର୍ଟଚାଲାଣ କରିଛି । ମଇଦଲପୁର ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମର ଉମାକାନ୍ତ ହରିଜନ ଧାନ ଅମଳ ପାଇଁ ଥେସର୍ ମେସିନ୍ ନେଇ ଗତ ଶନିବାର ଦିନ ବରୱାଡ଼ା ଗ୍ରାମକୁ ଆସିଥିଲେ। ସୋମବାର ରାତିରେ କୌଣସି କାମ ପାଇଁ ନିକଟସ୍ଥ ଜଣଙ୍କ ଘରକୁ ଯାଇଥିଲେ । ମୋବାଇଲ୍ ଚାର୍ଜ କରିବା ସମୟରେ କିଛି ବ୍ୟକ୍ତି ତାଙ୍କୁ କାବୁ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଯାହାଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ପାହାନ୍ତିଆ ସମୟରେ ପରିବାର ଲୋକେ ଖବର ପାଇ ତାଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କୋଡ଼ିଙ୍ଗା ଥାନାରେ ମୃତକଙ୍କ ଭାଇ ଚଇନୁ ହରିଜନ ଏତଲା ଦେଇଥିଲେ। କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ଏବଂ ତାଙ୍କ ଟିମ ଏସ ଆଇ-ବିକ୍ରମ କେଶରୀ ସାହୁଙ୍କ ସହ ସାଇଣ୍ଟିଫିକ୍ ଟିମ୍ ପାପଡ଼ାହାଣ୍ଡି ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସମସ୍ତ ଅପରାଧୀ ଘଟଣା ଦିନ ଠାରୁ ଫେରାର ଥିଲେ । ବୁଧବାର ଦିନ ଏହି ଘଟଣାରେ ପୋଲିସ ୫ ଜଣଙ୍କୁ କାବୁ କରିଥିବା ବେଳେ ଗୁରୁବାର ଆଉ ଜଣକୁ ଗିରଫ କରି ୬ଜଣ ତଥା ଶିବ ଯାନୀ(୩୦),ତ୍ରିନାଥ ଯାନୀ(୨୩),ଘେନୁ ଯାନୀ(୨୩),ନକୁଳ ଯାନୀ(୪୫),ଧନୁର୍ଜୟ ଯାନୀ(୨୩),ନିରଞ୍ଜନ ଯାନୀ(୨୬)ଙ୍କୁ ନବରଙ୍ଗପୁର କୋର୍ଟ ଚାଲାଣ କରିଛି ।

## ହାତିବାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ହାତୀବାରି ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଝୁମୁକାକୁଦର୍ ସିଆରସିସି ପଦ୍ମ ଲୋଚନ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରବୀଣ କୁମାର ବାଣୁଆ, ମୁଖ୍ୟ ବକ୍ତା ଭାବେ ଝୁମୁକାକୁଦର୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଡାଟ ମେଡ଼ିକାଲ ଅଫିସର ସୁଶ୍ରୀତ ଦାସ, କରଞ୍ଜିଆ ଡବ୍ଲ୍ୟୁ ଦେବଦର୍ଶନୀ ପ୍ରୀତିରେଖା, କରାଟେ କୋଚ ଆଶିଷ ରଞ୍ଜନ ମହାନ୍ତ, ଉମାବତି ପାତ୍ର, ମିରିଗୀନେଣ୍ଡି ପଞ୍ଚାୟତର ସରପଞ୍ଚ ବୀରେନ୍ଦ୍ର ସୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଶେଶ୍ୱର ପାତ୍ର, ୱାର୍ଡ ମେମ୍ବର ପୂର୍ଣ୍ଣ ଚନ୍ଦ୍ର ସୟ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଛାତ୍ରୀମାନେ ଆବାହନୀ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରଧାନ ଶିକ୍ଷକ ମୋନୋଜ କୁମାର ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସଫଳତା, ଅଗ୍ରଗତି ଓ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ ।ବିଦ୍ୟାଳୟ ହେଉଛି ଏକ ଅନୁଷ୍ଠାନ, ଯେଉଁଥିରେକି ପାଠ ପଢ଼ା ସହିତ ସମସ୍ତ ପ୍ରକାର ସୁଯୋଗ ରହିଛି, ଏହି ସୁଯୋଗ ହାତଛଡା ନକରି ଲକ୍ଷସ୍ଥଳସରେ ପହଂଚିବାକୁ ଅତିଥିଗଣ ପରାମର୍ଶ ଦେଇଥିଲେ ।

## ମକଡ୍ରିଲ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବୋଲଗଡ଼ (ଭାସ୍କର ନ୍ୟୁଜ): କଟକ ଜିଲ୍ଲା ମୁଣ୍ଡଳି ସ୍ଥିତ ୦୩ ବାଟାଲିଅନ ସହାୟତାରେ ଓ ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ବାଂକୋଇ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଏକଦିବସିୟ ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ବିପାକ ସୁରକ୍ଷା ନିମନ୍ତେ ଏକ ପ୍ରଶିକ୍ଷଣ ମକ ଡ୍ରିଲ ଶିବିର ବିଦ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ପ୍ରଶିକ୍ଷକଭାବେ ସବଇନ୍ସପେକ୍ଟର ହେମରାଜ ପାଣ୍ଡେ ଓ ସମ୍ମାନିତ ଅତିଥିଭାବେ ସମସ୍ତ ପୋଲିସ କର୍ମଚାରୀ ମାନେ ଯୋଗଦେଇ ସହଯୋଗ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଭୂମିକମ୍ପ, ବଜ୍ରପାତ,ଅଗ୍ନିକାଣ୍ଡ ଓ ସର୍ପଘାତ ସମ୍ପର୍କରେ ଏହାର ନିରାକରଣ ପାଇଁ ମୁଖ୍ୟ ପ୍ରଶିକ୍ଷକ ହେମରାଜ ପାଣ୍ଡେ ବିଭିନ୍ନ ଉପାୟମାନ ଉଦାହରଣ ମାଧ୍ୟମରେ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ । ବାଂକୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦୁଲ ହାଁସନ ଖାଁଙ୍କ ସଭାପତିତ୍ୱରେ ଏକ ପ୍ରାକୃତିକ ବିପର୍ଯ୍ୟୟ ସୁରକ୍ଷା ଓ ବିଦ୍ୟାଳୟ ସୁରକ୍ଷାର ଆଲୋଚନା ଚକ୍ର ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ସଭାପତି ଶ୍ରୀ ଖାଁ ସମସ୍ତଙ୍କୁ ୨୦୨୫ ନୂତନ ବର୍ଷର ଅଭିନନ୍ଦନ, ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ନିରୋଗ ଜୀବନ ଯାପନ କାମନା କରି ସ୍ୱାଗତ ଭାଷଣ ଦେଇଥିଲେ ।

## ସରସ୍ୱତୀ ଶିଶୁମନ୍ଦିରର ଖେଳକୁଦ ସମାରୋହ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ସଦର ମହକୁମା ସରସ୍ୱତୀ ଶିଶୁ ମନ୍ଦିର ବୋଲଗଡ଼ର ବାର୍ଷିକ ଖେଳକୁଦ୍ ସମାରୋହ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭ ଉଦଘାଟନ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗାନ୍ଧୀ କୁମାର ସାହୁ ଓ ସମ୍ପାଦକ ରାମଚନ୍ଦ୍ର ସାହୁ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଦୁଇ ଦିନ ଧରି କ୍ରୀଡା ଉତ୍ସବରେ ବିଦ୍ୟାଳୟର ୩୮୬ଜଣ ଶିଶୁ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବ ବୋଲଗଡ ବ୍ଲକ ବିଡ଼ିଓ ଶରତ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଗେଡିଆପଲ୍ଲୀ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅର୍ଜୁନ କୁମାର ବେହେରା ପରିଚାଳନା ସମିତିର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ବିଜେତା ଭାଇ ଭଉଣୀ ମାନଙ୍କୁ ମେଡାଲ ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ବିଚ ଫେଷ୍ଟିଭାଲର ତୃତୀୟ ସଂଧ୍ୟା, ଉଦ୍‌ଘାଟନ କଲେ ସାଂସଦ




ପୁରୀ (ଭାସ୍କର ନ୍ୟୁଜ): ପୁରୀ ବିଚ ଫେଷ୍ଟିଭାଲର ତୃତୀୟ ସଂଧ୍ୟା କୁ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଉଦଘାଟନ କରିଛନ୍ତି। ନିଜ ବକ୍ତବ୍ୟ ରେ ଡା ପାତ୍ର ଚଳିତ ପ୍ରବାସୀ ଭାରତୀୟ ଦିବସ ଓଡିଶାରେ ଆୟୋଜନ ଏକ ବଡ ଉପଲବ୍ଧି ଓ ଏହା ଆମ ପର୍ଯ୍ୟଟନ ଶିଳ୍ପକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଆଜି ପ୍ରବାସୀ ଭାରତୀୟ ସମ୍ମିଳନୀରେ ପ୍ରବାସୀ ମାନଙ୍କୁ ସମ୍ବୋଧିତ କରି ୨୦୪୭ ସୁଦ୍ଧା ଭାରତ କୁ ବିକଶିତ ରାଷ୍ଟ୍ର ରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରତିଟି ଭାରତୀୟ ଓ ପ୍ରବାସୀ ଭାରତୀୟଙ୍କ ସହଯୋଗ ଏହାକୁ ସାକାର କରିବ। ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ୨୦୩୬ ସୁଦ୍ଧା ଓଡିଶାକୁ ବିକଶିତ ରୂପ ଦେବାକୁ ଆହ୍ୱାନ ଦେଇଛନ୍ତି। ଆମ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ଏହାକୁ ସଫଳ କରିବ। ପୁରୀ ବିଚ ଫେଷ୍ଟିଭାଲ ଆମ ସଂସ୍କୃତି ଓ ପରମ୍ପରା ର ମହାନ ଗାଥାର ନୂତନ ଫର୍ଦ୍ଦ ।ଏହା ଲୋକକଳା, ହସ୍ତକଳା,କଳାକାର ମାନଙ୍କ ଏକ ସମୃଦ୍ଧ ସମାହାର ବୋଲି କହିବା ସହ ବିକାଶ ପଥରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମିନା ପୁରୀ ମହାପ୍ରଭୁଙ୍କ ପାଇଁ ପ୍ରସିଦ୍ଧ ଓ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ରହିଛି। ପ୍ରବସୀ ଭାରତୀୟ ମାନଙ୍କର ପୁରୀ ପ୍ରତି ଅନେକ ଆକର୍ଷଣ ରହିଛି। ଏହି ବିଚ ଫେଷ୍ଟିଭାଲ ରେ ପଲ୍ଲିଶ୍ରୀ ମେଳା, ବିଚ ସ୍ପୋର୍ଟ୍ସ, ଆର୍ଟ ପ୍ରଦର୍ଶନୀ, ଗୁଡି ପ୍ରଦର୍ଶନୀ ସବୁ ବର୍ଗଙ୍କୁ ଆକୃଷ୍ଟ କରିଛି। ଏହି ସୁନ୍ଦର ମହୋତ୍ସବ ପାଇଁ ସେ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ଡିଏଫଓ ବିବେକ କୁମାର ପ୍ରମୁଖ ମହୋତ୍ସବରେ ଉପସ୍ଥିତ ଥିଲେ। ଶେଷରେ ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଆଦିବାସୀ ପିଲାଙ୍କୁ ଲୟର ଆସୋସିଏସନ ପକ୍ଷରୁ କମ୍ବଳ ବଣ୍ଟନ




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ସଦର ନୂଆଗୁଡା ସ୍ଥିତ ଡ.ବାବା ସାହେବ ଆମ୍ବେଦକର ବିଦ୍ୟାଳୟରେ ଆଜି କମ୍ବଳ ବଣ୍ଟନ କରାଯାଇଛି । ମାଲକାନଗିରି ଲୟର ଆସୋସିଏସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨ ଶହ ରୁ ଅଧିକ ଆଦିବାସୀ ପିଲାଙ୍କୁ କମ୍ବଳ ଓ ବେଡସିଟ୍ ଯୋଗାଇ ଦିଆଯାଇଛି । ଜିଲା ଲୋଏର ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ଓ ଜିଲାର ଆଇନଜୀବୀମାନେ ଏଥିରେ ସାମିଲ ହୋଇଥିଲେ । ସାଧାରଣ ଓ ଗରିବ ଶ୍ରେଣୀର ଆଦିବାସୀ ଛାତ୍ରଛାତ୍ରୀମାନେ ଶୀତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମାଥିଲିର ଉପାନ୍ତର ଆଦିବାସୀ ପିଲାଙ୍କୁ ନେଇ ମାଥିଲି ଠାରେ ଡ. ଭୀମାରାଓ ଆମ୍ବେଦକରଙ୍କ ନାମ ରେ ଇଂରାଜୀ ବିଦ୍ୟାଳୟ ହୋଇଛି । ତେବେ ବିଦ୍ୟାଳୟର ସମସ୍ତ ଗରିବ ପିଲାଙ୍କ ପାଇଁ ଲୋଏର ଆସୋସିଏସନ୍ ତରଫରୁ କମ୍ବଳ ଓ ବେଡସିଟ୍ ଯୋଗାଇ ଦିଆଯାଇଥିଲା । ୨ ଶହ ରୁ ଅଧିକ ପିଲାଙ୍କୁ ଶୀତ ଜାଡରୁ ରକ୍ଷା ପାଇଁ ଏହି ପ୍ରୟାସ କରାଯାଇଛି । ମାଲକାନଗିରି ଜିଲା ଲୋଏର ଆସୋସିଏସନ୍ ତରଫରୁ ଅନେକ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିବାବେଳେ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କ ଆଇନ ସମ୍ବତ କାର୍ଯ୍ୟ କରି ନ୍ୟାୟ ଦେବାକୁ ପଦକ୍ଷେପ ନିଆଯିବ ବୋଲି ଆସୋସିଏସନ ତରଫରୁ ସୂଚନା ଦିଆଯାଇଛି । କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍‌ର ଉପ ସଭାପତି ଅମିତ କୁମାର ବେବର୍ତ୍ତା, ଆଇନଜୀବୀ ହେମନ୍ତ କୁମାର ରାଜୁ, ଜୋସେବ ଜେମ୍ପସ, ବିଜୁ ସରକାର, ଭୂଦେବ ମହାନିନ୍ଦିଆ, ବସନ୍ତ ସଗରିଆ, ରୁମ୍ପା ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆଜି ବେତନଟୀ ସ୍ଥିତ ଡାକବଙ୍ଗଳା ଠାରେ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସ୍ଥାୟୀ ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଥମେ ଗତ ସ୍ୱାଧୀନତା ଦିବସର ଆୟବ୍ୟୟର ହିସାବ ବିଷୟରେ ଆଲୋଚନା କରାଯାଇଥିଲା। ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ସମସ୍ତ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସ୍ଥାୟୀ ସଭାପତି ଭାବେ ଜୟନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଭାବେ ଉଜ୍ଜ୍ୱଳ କୁମାର ବେହେରା, ଉପସଭାପତି ଭାବେ ପ୍ରକାଶ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଯୁବସଂଗଠକ ଚନ୍ଦ୍ରଶେଖର ବେରା, ସହ ସମ୍ପାଦକ ମନୋଜ ପଣ୍ଡା ଓ ସର୍ବେଶ୍ୱର ଦାସ, କୋଷାଧ୍ୟକ୍ଷ ଭାବେ ଉଦିତ କୁମାର ପରିଡ଼ା ସହ କୋଷାଧ୍ୟକ୍ଷ ଭାବେ ସଞ୍ଜୀବ ଜେନା, ଉପଦେଷ୍ଟା ଭାବେ ସୁଶାନ୍ତ ବଳ, ଜନମନ ବେହେରା, ପ୍ରଭାତୀ ମହାନ୍ତି, ଅନୁପ ଦଣ୍ଡପାଟଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଆଗାମୀ ଜାନୁଆରୀ ୧୭ତାରିଖ ଦିନ ୧୨ଟା ସମୟରେ ବ୍ଲକ୍ ସଭାଗୃହରେ ବ୍ଲକସ୍ତରୀୟ ବୈଠକ ହେବା ନେଇ ସ୍ଥିର କରାଯାଇଥିଲା। ଏହି ବୈଠକରେ ସମସ୍ତେ ନୂତନ କର୍ମକର୍ତ୍ତାଙ୍କ ସମେତ ସଠିଲୋ ସମିତି ସଭ୍ୟ କିଶୋର ନାୟକ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ ପ୍ରମୁଖ ଉପସ୍ଥିତ ରହି ବୈଠକକୁ ସଫଳ କରାଇଥିଲେ।

# ବୃହତ୍ ଜଳସେଚନ ପ୍ରକଳ୍ପ ୨୫ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ଷମ



କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ତଥା ଜିଲ୍ଲାର ୫ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପରିବାର ପ୍ରତ୍ୟକ୍ଷ ଭାବରେ ଉପକୃତ ହେବାକୁ ଥିବା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ କେବେ ସରିବ ତାହାକୁ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। କେବଳ ବର୍ଷା ଜଳ ଉପରେ କେନ୍ଦୁଝର ଜିଲ୍ଲାର ଚାଷୀମାନେ ନିର୍ଭରଶୀଳ ନ ହୋଇ ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଅଧିକ ଚାଷୀ ଉପକୃତ ହୋଇପାରବେ। ଧାନ ଚାଷ ସହ ରବି ଫସଲ କରି ଚାଷୀକୂଳ ଲାଭବାନ ହୋଇପାରିବା ସହ ପନିପରିବା ଚାଷ କରି ଉତ୍ପାଦନ କ୍ଷେତ୍ରରେ ଏହି ଜିଲ୍ଲାର ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିବେ। କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ସ୍ପିଲ ଓ୍ୱେ କାର୍ଯ୍ୟରେ ନିୟୋଜିତ ଥିବା ସଂସ୍ଥାକୁ ସାତଥର ଇଓଟି ବା ଏକ୍ସଟେନ୍ସନସ୍ ଅଫ ଟାଇମ ବା ଶେଷ ହେବା ପାଇଁ ସମୟର ବୃଦ୍ଧିକୁ ଅନୁମୋଦନ କରାଯାଇଛି। ଏହା ସହିତ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ପାଇଁ ୯୪ କୋଟି ୩୫ ଲକ୍ଷ ୪୫ହଜାର ଟଙ୍କା ପ୍ରଦାନ କରାଯିବା ସହିତ ଠିକ ସମୟରେ କାମ ନ ସରିବାରୁ ମାତ୍ର ୬ ଲକ୍ଷ ୪୦ ଲକ୍ଷ ଟଙ୍କାର ଜୋରିମାନା କରାଯାଇଛି। ଏବେ ସୁଦ୍ଧା ସ୍ପିଲ ଓ୍ୱେର ଆହୁରି କିଛି ଅଂଶ ବାକିଥିବା ଜଣାପଡ଼ିଛି। କୃଷି ଉପରେ ନିର୍ଭର କରୁଥିବା କେନ୍ଦୁଝର ଜିଲ୍ଲାର ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା ଓ କେନ୍ଦୁଝର ସଦର ଆଦି ପାଞ୍ଚଗୋଟି ବ୍ଲକ୍‌ର ଲକ୍ଷାଧିକ କୃଷକ ଏହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ କାର୍ଯ୍ୟକୁ ଅନାଇ ବସିଥିବାବେଳେ ଏହାର ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଛି। ଏହି ସ୍ପିଲ ଓ୍ୱେ ର କାର୍ଯ୍ୟ ଚୁକ୍ତି ସଂଖ୍ୟା ୧୯ଏଫ୨ ୨୦୦୭-୨୦୦୮ରେ ହୋଇଥିଲା। କାଯ୍ୟର ସମୟ ସୀମା ରହିଥିଲା ୩୦.୧୧.୨୦୦୭ ଏବଂ କାର୍ଯ୍ୟ ଶେଷ ଦିବସ ଥିଲା ୨୦୧୦ ମସିହା ମେ ମାସ ୨୯ ତାରିଖ। ଏହି ସମୟ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଅହେତୁକ ବିଳମ୍ବ ହେଉଥିବାରୁ ସପ୍ତମଥର ପାଇଁ ସମୟ ଅବଧି ବଢ଼ି ୨୦୨୫ମସିହା ଜୁନ ୩୦ ତାରିଖରେ ଏହା ଶେଷ ହେବାକୁ ଧାର୍ଯ୍ୟ ହୋଇଛି। ତେବେ ଆଗକୁ ଆହୁରି ଅବଧି ବଢ଼ିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାସୁଦେବପୁର ଠାରେ ଥିବା ବୈତରଣୀ ନଦୀରେ ନିର୍ମାଣାଧିନ ଏହି ବୃହତ୍ ଜଳସେଚନ ପ୍ରକଳ୍ପ। ମାତ୍ର ୪୩୧ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୦୪ରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୨୦୧୧ ମସିହାରେ ଏହାର ଅଟକଳ ବୃଦ୍ଧି ପାଇ ୪୫୦ କୋଟି ଟଙ୍କାରେ ପହଞ୍ଚିଥିଲା। ପୁଣି ୨୦୧୩-୧୪ ରେ ଏହାର ଅଟକଳ ବୃଦ୍ଧି ପାଇ ୧୦୬୭ କୋଟି ଟଙ୍କାରେ ପହଞ୍ଚିଥିଲା। ଅଦ୍ୟାବଧି ଏହି ପ୍ରକଳ୍ପରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଜରୁରୀ ସମୟରେ ପାଣି ନିଷ୍କାସନ ପାଇଁ ୨ଟି ସ୍ଲୁଇସ ଗେଟ ଆବଶ୍ୟକତା ରହିଛି। ଏହି କାମ ଓଡ଼ିଶା ନିର୍ମାଣ ନିଗମ ଲିଃ(ଓସିସି) ଦ୍ୱାରା କରାଯିବାକୁ ପ୍ରସ୍ତାବ ରହିଛି। ଏହି ଦୁଇଟି ଗେଟ ସହ ବାକି ଥିବା କାମ ପାଇଁ ଆଉ ୧୦୦୦ କୋଟି ଟଙ୍କାର କାମ ରହିଛି। ତେବେ ଏହି କାମ ଶୀଘ୍ର ହେଲେ ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ ହେବ ଏବଂ ଚାଷୀଙ୍କ କାମରେ ଲାଗିପାରିବ ବୋଲି ମତ ପ୍ରକାଶ ପାଇଛି। କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୫ଟି ବ୍ଲକର ୨୯୫୭୮ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରିବା ସହ ୩ ମେଗାଓ୍ୱାଟ ହାଇଡ୍ରୋ ପାଓ୍ୱାର ଉତ୍ପାଦନ ହେବ। ସଦ୍ୟତମ ସୂଚନା ଅନୁଯାୟୀ ସ୍ପିଲ ଓ୍ୱେ କାର୍ଯ୍ୟ ଶତକଡ଼ା ୯୮.୧୧ ପ୍ରତିଶତ, ସ୍ପିଲ ଚ୍ୟାନେଲର କାର୍ଯ୍ୟ ୭୮.୬୭ ପ୍ରତିଶତ, ରିଭର ଗ୍ୟାପ କ୍ଲୋଜିଙ୍ଗ କାମ ଶତକଡ଼ା ଶତ ପ୍ରତିଶତ ଶେଷ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଖୁବଶୀଘ୍ର କାନପୁର ଜଳସଚେନ ପ୍ରକଳ୍ପ କାର୍ଯ୍ୟ ଜୁଲାଇ ୨୫ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଥିବା ବେଳେ ଏହି ପ୍ରକଳ୍ପ କେନ୍ଦୁଝର ଚାଷୀଙ୍କର ଅନେକ ମାତ୍ରାରେ ଦୁଃଖ ଦୂର କରିପାରିବ ବୋଲି ମତପୋଷଣ ହୋଇଛି।

# ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ସାଇକେଲ ରାଲି ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗୁରୁବାର ଦିନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କ ଦ୍ୱାରା ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଏକ ସାଇକେଲ ରାଲିର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଆଲବର୍ଟିନା ତିର୍କୀ ଉଦ୍‌ଘାଟନ କରିଥିଲେ। ଏହା ପରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ଏକ ବିଶାଳ ସାଇକେଲ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଠାରୁ ଆଇନ୍ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ସାଧାରଣ ଜନତାଙ୍କୁ ପ୍ରବାସୀ ଭାରତୀୟ ଦିବସର ମହତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏଡ଼ମିନିଷ୍ଟ୍ରେଟିଭ ବର୍ସର ଡ. ଦୀପକ କୁମାର ବେହେରା, ଆକାଉଣ୍ଟ ବର୍ସର ଡ. ଆଶୁତୋଷ ପ୍ରୟାସ ଦାଶ, ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ, ଯୁବ ରେଡକ୍ରସ୍ ସଂସ୍ଥାର କାଉନସିଲର ଆଲେକ୍ସ ହେମ୍ବ୍ରମ, ଏନ୍.ସି.ସି ଅଧିକାରୀ ଡ.ନରେନ୍ଦ୍ର କୁମାର ବେହେରା, ଏନ୍.ଏସ .ଏସ ଅଧିକାରୀ ଡ. ପ୍ରିୟବ୍ରତ ବେହେରା, ମିସ୍ ମହେଶ୍ୱେତା ମହାନ୍ତ ତଥା ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ।

## ରାସ୍ତାନିର୍ମାଣ ଯୋଗୁଁ ନାଳଅବରୋଧ

କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ସଦର ତହସିଲ ଧ୍ରୁବପଦା ନିକଟରେ ରାସ୍ତାନିର୍ମାଣ ପାଇଁ ବର୍ଜ୍ୟବସ୍ତୁ ପକାଇ ନାଳ ଅବରୋଧ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥ ୪୯କଡ଼ ମୋଟିଗାଁରେ ସରକାରୀ ଜମି ଜବରଦଖଲ କରି ଏହି ରାସ୍ତା ନିର୍ମାଣ ଚାଲିଛି। ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ ବ୍ୟବହାର କରାଯାଉ ଥିବାରୁ ଉକ୍ତ ଅଞ୍ଚଳରେ ଜଳ, ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେଉଛି। ଏ ନେଇ ପୂର୍ବରୁ ଅଭିଯୋଗ ହୋଇଥିବାରୁ ତହସିଲ ପକ୍ଷରୁ ସଦର ରାଜସ୍ୱ ନୀରିକ୍ଷକ ଏବଂ ଅନ୍ୟ କର୍ମଚାରୀ ତଦନ୍ତ କରି ରାସ୍ତା ବନ୍ଦ କରିଥିଲେ। ଏବେ ପୁଣି ଜମି ମାଫିଆ ମାନେ ନାଳ ଉପରେ କଳାଗୁଣ୍ଡ ପକାଇ ରାସ୍ତା ନିର୍ମାଣ କରୁଛନ୍ତି। ସେହିପରି ରାଜପଥ ପାର୍ଶ୍ୱରେ କୋଟିକୋଟି ଟଙ୍କା ବ୍ୟୟରେ ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା କରାଯାଇ ଥିବା ବନୀକରଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଜମି ମାଫିଆମାନେ ଓଡ଼ିଶା ବନ ଉନ୍ନୟନ ନିଗମ ତରଫରୁ କରାଯାଇଥିବା ବନୀକରଣ ନିକଟରେ କଳାଗୁଣ୍ଡ ପକାଇ ରାସ୍ତା କରୁଛନ୍ତି। ନାଳ ପୋତି ହୋଇଯାଇ ଥିବାରୁ ବର୍ଷା ଦିନରେ ସହରର ପାଣି ନିଷ୍କାସନରେ ସମସ୍ୟା ହେବାର ଆଶଙ୍କା ରହିଛି। ଏ ନେଇ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ଯାଞ୍ଚ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଆୟୋଜିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପ ପରିସରରେ ପ୍ରାଣୀ ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ତିନିଦିନିଆ ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷିକେଶ ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା.ତରୁଣ କୁମାର ମଲ୍ଲିକ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ଭୂୟାଁ, ଚାନ୍ଦବାଲି ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସତ୍ୟଜିତ ସାହୁ ଯୋଗଦେଇ କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ହେବା ସହିତ ପ୍ରତିଦିନ ୪ଲକ୍ଷ ଅଣ୍ଡା ଉତ୍ପାଦନ କରିବା ଉପରେ କୁକୁଡ଼ା ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଦୈନିକ ମୋଟ ୪ଲକ୍ଷ ଅଣ୍ଡାର ଆବଶ୍ୟକତା ଥିବାବେଳେ ୩ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ଆହୁରି ୧ଲକ୍ଷ ଅଣ୍ଡାର ଆବଶ୍ୟକତା ପୂରଣ ପାଇଁ କୁକୁଡ଼ା ଚାଷୀମାନେ ଅଧିକ ଯତ୍ନଶୀଳ ହେବାକୁ କହିଥିଲେ। ଏହାଛଡ଼ା କୁକୁଡ଼ା ପାଳନ ଦିଗରେ ଅଧିକ ଚାଷୀ କିପରି ମନୋନିବେଶ କରିବେ ସେ ଦିଗରେ ତାଲିମ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ମୋଟ ୨୦ଜଣ କୁକୁଡ଼ାଚାଷୀ ଶିବିରରେ ଯୋଗ ଦେଇଥିଲେ। ସେମାନଙ୍କୁ ଅଣ୍ଡାର ଉପାଦେୟତା, ଅଣ୍ଡାର ଉତ୍ପାଦନ, କୁକୁଡ଼ା ପାଳନର କୌଶଳ, ସରକାରୀ ସହାୟତା ଉପରେ ସୂଚନା ଦିଆଯାଇଥିଲା। ଶେଷ ଦିନରେ ଚାଷୀମାନଙ୍କୁ ଜିଲ୍ଲାରେ ଥିବା ଅଗ୍ରଣୀ କୁକୁଡ଼ା ଫାର୍ମକୁ ପରିଦର୍ଶନରେ ନିଆଯାଇଥିଲା। ପ୍ରାଣୀ ଚିକିତ୍ସକ ଡା. ଶୁଭମ କୁମାର ସାହୁ, ପ୍ରାଣୀଧନ ନିରୀକ୍ଷକ ଅନିରୁଦ୍ଧ ନାୟକ, ସଞ୍ଜୀବ କୁମାର ବାରିକ, ସତ୍ୟାନନ୍ଦ କବାଟ, ପ୍ରଭାତ ସେଠୀ, ସଦାନନ୍ଦ ମଲିକ, ପୀତବାସ ପଣ୍ଡା, ପ୍ରମୋଦ ମହାନ୍ତି, ପ୍ରଭାକର ପଲାଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା କଲେ ଜିଲ୍ଲାପାଳ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସ୍ଥାନିୟ ଦକ୍ଷତା ବିକାଶ କେନ୍ଦ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା ଅଧୀନରେ ଚାଲିଥିବା ସ୍ୱାସ୍ଥ୍ୟ ସେବାର ଅଗ୍ରଗତି ଏବଂ ଜିଲ୍ଲାରେ ମାତୃ ଓ ଶିଶୁ କଲ୍ୟାଣ ଦିଗରେ ବିଭାଗ କ'ଣ ପଦକ୍ଷେପ ନେଇଛି ତାହାର ସମୀକ୍ଷା କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଆନୁଷଙ୍ଗିକ ଭିତ୍ତିଭୂମି ଯଥା ଗୃହ ନିର୍ମାଣ ସମ୍ପର୍କରେ ପଚାରି ବୁଝିବା ସହିତ ନିର୍ମାଣ କାମ ଯେଭଳି ଗୁଣାତ୍ମକମାନ ଓ ସ୍ୱଚ୍ଛ ରହିବ ସେଥିପାଇଁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବରଦାକନ୍ତ ମିଶ୍ର, ପରିବାର କଲ୍ୟାଣ ଏଡିଏମଓ ଡ.ନୀଳମଣି ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

# ଭିନ୍ନକ୍ଷମ ଅଧିକାର ଆଇନ କର୍ମଶାଳା




କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଅଧ୍ୟାପନା ପ୍ରକୋଷ୍ଠରେ ଭିନ୍ନକ୍ଷମ ଅଧିକାର ଆଇନ -୨୦୧୬ ସମ୍ବନ୍ଧେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ପ୍ରଦୀପ ପ୍ରଜ୍ଜଳନ କରି କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ଭିନ୍ନକ୍ଷମମାନଙ୍କ ସୁରକ୍ଷା, ଅଧିକାର ଏବଂ ବିଭିନ୍ନ ଆଇନ ଉପରେ ସଚେତନ କରି ସେମାନଙ୍କ ଜରିଆରେ ସମାଜର ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ.ମୁକ୍ତିକାନ୍ତ ଖଟୁଆ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପଟ୍ଟନାୟକ, କୋରାପୁଟ ଏଲଡିଏମ ଦେବେନ୍ଦ୍ର ତ୍ରିପାଠି, ଓରମାସ ଡେପୁଟି ସିଇଓ, ରୋଶନ କାର୍ତ୍ତିକ, ଡିପିଏମ ଓ ଏଲ୍ଏମ୍ ପ୍ରିୟାଙ୍କ ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ। ମୟୂରଭଞ୍ଜର ସାଧନା ବେସରକାରୀ ସଂସ୍ଥାର ରିତ କୁମାର ମହାପାତ୍ର ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ଅଧିକାର ଆଇନ ନେଇ ବୁଝାଇଥିଲେ। ଜିଲ୍ଲାର ୧୪ବ୍ଲକ୍ ଏବଂ ୪ ପୌରପାଳିକାରୁ ୯୦ଜଣ ଦିବ୍ୟାଙ୍ଗ କର୍ମଶାଳାରେ ଯୋଗ ଦେଇଥିଲେ। ତରୁଣ ତପନ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆହାନ ବୈଦ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, କୋରାପୁଟ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଚାଳନା କରିଥିଲେ।

# ୪ନଂ ଜୋନ୍ ବିଜେପି ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ଡେରାବିଶ, (ଭାସ୍କର ନ୍ୟୁଜ୍):ରାଜ୍ୟରେ ବିଜେପିର ସାଙ୍ଗଠନିକ ନିର୍ବାଚନ ଚାଲିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ୧୪ନଂ (ଚାନ୍ଦୋଳ) ଜିଲ୍ଲା ପରିଷଦ ଜୋନ୍‌ର ସଭାପତି ଭାବେ ତାପସ ରଞ୍ଜନ ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନାୟକ ଏହା ପୂର୍ବରୁ କାମଚଳା ସଭାପତି ଭାବେ କିଛିମାସ କାର୍ଯ୍ୟନିର୍ବାହ କରିଥିଲେ। ଏବେ ନିର୍ବାଚିତ ହେବା ପରେ ୧୪ ନଂ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତର କାର୍ଯ୍ୟକର୍ତ୍ତା, ଜିଲ୍ଲାର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାୟକ ଜଣେ ଦକ୍ଷ ଓ ଯୁବ ସଙ୍ଗଠକ। ସେ ଦଳର ସଙ୍ଗଠନକୁ ଦୃଢ଼ କରିବେ ବୋଲି ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସେ ତାଙ୍କର ଏହି ବିଜୟ ପାଇଁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବରିଷ୍ଠ ବିଜେପି ନେତ୍ରୀ ମନିଷା ପଣ୍ଡା, ମମତା ସେଠୀ, ସରୋଜକାନ୍ତ ପଣ୍ଡା, ସୁରେଶ ପଟ୍ଟନାୟକ, ଧିରେନ୍ଦ୍ର ଶତପଥୀ, ପ୍ରୀୟଦର୍ଶନ ସ୍ୱାଇଁ ଓ ଅଜୟ ମଲ୍ଲ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ଆକ୍ସନ ମୋଡ଼ରେ କୋରେଇ ଥାନା ଅଧିକାରୀ !



କୋରେଇ,(ଭାସ୍କର ନ୍ୟୁଜ୍) : ସରକାର ବଦଳିବାର ଛ'ମାସ ବିତିଯାଇଥିଲେ ମଧ୍ୟ ଯାଜପୁର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ି ଯାଉଥିବା ଦେଖିବାକୁ ମିଳିଥିଲା। ବେଶେଷ କରି କୋରେଇ ଅଞ୍ଚଳରେ ଚୋରୀ, ଡକାୟତି, ରାହାଜାନି ଆଦି ବିଭିର୍ନ୍ନ ପ୍ରକାର ଅପରାଧ ଦିନକୁଦିନ ବଢ଼ି ଚାଲିଥିବା ବେଳେ ଏହାକୁ ସୁଧାରିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସେଥିପାଇଁ ଜିଲ୍ଲା ପୋଲିସ ପ୍ରଶାସନ ନିର୍ବାଚନ ସମୟରୁ କୋରେଇ ଥାନାରୁ ଦୁଇ-ଦୁଇ ଥର ଅଧିକାରୀମାନଙ୍କୁ ପରିବର୍ତ୍ତନ କରିଛି। ଏବେ ଏକ ସପ୍ତାହ ହେବ କୋରେଇ ଥାନା ଅଧିକାରୀ ସଞ୍ଜୀବ ପରିଡ଼ାଙ୍କୁ ପରିବର୍ତ୍ତନ କରାଯାଇ ରାକେଶ ତ୍ରିପାଠୀଙ୍କୁ କୋରେଇ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରିଯାଇଛି। ଶ୍ରୀ ତ୍ରିପାଠୀ କାର୍ଯ୍ୟରେ ଯୋଗଦେବା ପରେ କୋରେଇ ଅଞ୍ଚଳରେ କେମିତି ଅପରାଧକୁ ବନ୍ଦ କରାଯାଇ ପାରିବ ସେଥିପାଇଁ କୋରେଇର ବିଭିର୍ନ୍ନ ସୋଛାସେବୀ ଅନୁଷ୍ଠାନ, ବିଭିନ୍ନ ସଙ୍ଗଠନ, କୋରେଇ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ସହିତ ଘନଘନ ବୈଠକ ଡାକି ଆଲୋଚନା କରୁଛନ୍ତି। ଏହି କ୍ରମରେ ଗତ କାଲି କୋରେଇ ଥାନା ଅଧୀନରେ ଥିବା ସମସ୍ତ ସୁନା ଦୋକାନୀ ଓ ହୋଟେଲ, ଲଜ୍ ମାଲିକମାନଙ୍କୁ ଡାକି ଥାନା ପରିସରେ ଏକ ବୈଠକ କରିଥିଲେ। ବୈଠକରେ ସେ ସୁନା ଦୋକାନୀ ମାନଙ୍କୁ କିଛି ସତର୍କତା ଅବଲମ୍ବନ କରିବା ସହିତ ହୋଟେଲ ମାଲିକମାନେ ସରକାରଙ୍କ ହୋଟେଲ ନିୟମକୁ କଡ଼ାକଡ଼ି ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରେଇ ଜନସାଧାରଣ ସହଯୋଗରେ ଖୁବଶୀଘ୍ର କୋରେଇକୁ ଶାନ୍ତ ଓ ଅପରାଧ ଶୂନ୍ୟ କରିବାକୁ ତାଙ୍କ ବିବୃତ୍ତିରେ କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଆସନ୍ତା ୧୦.୦୧.୨୫ ଶୁକ୍ରବାର ଦିନ ୬ ଦଫା ଦାବୀକୁ ନେଇ ଆମ ଆଦମୀ ପାର୍ଟି ପାଟଣା ତରଫରୁ ଏକ ଦାବୀପତ୍ର ଚେମଣା ପଞ୍ଚାୟତ ନିର୍ବାହୀ ଅଧିକାରୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଟଣା ନିର୍ବାଚନ ମଣ୍ଡଳୀର ସଭାପତି ଖଗେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ହେବ। ଗତ ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟି (ବିଜେପି)ଲୋକମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛନ୍ତି। କିନ୍ତୁ ଏଯାଏଁ କୌଣସି ଗୋଟିଏ ବି ପ୍ରତିଶ୍ରୁତି ପୂରଣ କରିପାରିଲା ନାହିଁ। ତେଣୁ ବିଜେପି ପ୍ରତିଶ୍ରୁତି ଦେଇଥିବା ନିମ୍ନଲିଖିତ ଦାବୀଗୁଡ଼ିକ ପୂରଣ କରିବା ନିମନ୍ତେ ଆପ ପକ୍ଷରୁ ଦାବୀ କରାଯାଉଛି। ଚିଟ୍‌ଫଣ୍ଡ ଟଙ୍କାକୁ ଶୀଘ୍ର ଫେରସ୍ତ କରାଯାଉ, ପ୍ରତ୍ୟେକ ପରିବାରକୁ ୩୦୦ ୟୁନିଟ୍ ବିଜୁଳି ମାଗଣା ଦିଆଯାଉ, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରାଯାଉ, ସୁଭଦ୍ରା ଯୋଜନାକୁ ପରିବର୍ତ୍ତନ କରି ପ୍ରତ୍ୟେକ ୧୮ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମାସିକ ୧୦୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଉ। କେନ୍ଦୁଝର ଜିଲ୍ଲାରେ ଡି.ଏମ.ଏଫ୍ ପାଣ୍ଠିକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ କରି ଧରଣୀଧର ମେଡ଼ିକାଲ କଲେଜ୍‌କୁ ସୁପର ସ୍ପେସିଆଲିଷ୍ଟ ମେଡିକାଲରେ ପରିଣତ କରି ପ୍ରତ୍ୟେକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉ ଓ କେନ୍ଦୁଝର ଜିଲ୍ଲାରେ ଥିବା ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟରେ ବାକିଥିବା ଶିକ୍ଷକ, ଅଧ୍ୟାପକ ଏବଂ ପ୍ରଫେସର ପଦବୀ ପୂରଣ କରାଯାଉ। ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରାଯାଉ। ଏହି କାର୍ଯ୍ୟକ୍ରମ ଚେମଣା ଛକ ନିକଟରେ ଥିବା ଗେଟ୍ ପାଖରୁ ପୂର୍ବାହ୍ନ ୧୧ ଘଟିକା ସମୟରେ ଆରମ୍ଭ ହେବାର ଅଛି। ପାଖାପାଖି ୨୦୦ ଲୋକଙ୍କୁ ନେଇ ଶାନ୍ତିଶୃଙ୍ଖଳାର ସହିତ ଶୋଭାଯାତ୍ରାରେ ପଞ୍ଚାୟତ ପର୍ଯ୍ୟନ୍ତ ଆମ୍ ଆଦ୍ମି ପାର୍ଟି ଯିବ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କୁ ସ୍ୱାଗତ ଜଣାଇଲା ଓକିଲ ସଂଘ



ଆଠମଲ୍ଲିକ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସିଭିଲ କୋର୍ଟରେ ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଭାବେ ବିଚାରପତି ରଞ୍ଜନ କୁମାର ସୁତାର ଯୋଗ ଦେଇଛନ୍ତି। ବୁଧବାର ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଓକିଲ ସଂଘର କର୍ମକର୍ତ୍ତା ଓ ଆଇନଜୀବୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିବା ସହ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ବାରବେଞ୍ଚ୍ ମଧ୍ୟରେ ଉତ୍ତମ ସମ୍ପର୍କରେ ମିଳିମିଶି କାମ କରିବା ବୋଲି ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଚାରପତି ସୁତାର ଆଇନଜୀବୀମାନଙ୍କୁ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଉଗ୍ରସେନ ସେଠି, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ସହ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନନ୍ଦିଆ, କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥି, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅନ୍ତର୍ଯ୍ୟାମୀ ରାଉଳ, ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ର, ସୁଧାଂଶୁ କୁମାର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେସ୍ ଫୋରମ୍‌ର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ପ୍ରେସ୍ ଫୋରମର ବାର୍ଷିକ ତଥା ସ୍ୱନକ୍ଷେତ୍ର ଉତ୍ସବ ଲାଗି ଏକ ପ୍ରସ୍ତୁତି ବୈଠକ ଜେମ୍ସ ସ୍କୁଲ ପରିସର ସ୍ଥିତ ଫୋରମ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଫୋରମର ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମଳୟ କୁମାର ମଲ୍ଲିକ ଆସନ୍ତା ଜାନୁୟାରୀ ୧୦ ତାରିଖ ହୋଟେଲ ରୟାଲ କଳିଙ୍ଗର ସଭାଗୃହରେ ବାର୍ଷିକ ଉତ୍ସବ ହେବା ନିମନ୍ତେ କାର୍ଯ୍ୟସୂଚି ସମ୍ବନ୍ଧରେ ଅବଗତ କରାଇଥିଲେ। ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ଅତିଥିଭାବେ କୋରାଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବେ ଅର୍ଗସ ନ୍ୟୁଜ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଶିଷ ଯୋଗଦେବେ। ଏଥିରେ ବିଶିଷ୍ଟ ଚିକିତ୍ସକ ଡାକ୍ତର ଜୟଦେବ ନନ୍ଦ, କ୍ରୀଡ଼ାବିତ ଜ୍ଞାନ ଦାସ, ଶିକ୍ଷାବିତ ପ୍ରଫେସର ଶିବଚରଣ ମାଝୀ, ବୈଦ୍ୟୁତିକ ସାମ୍ବାଦିକ ଦୁର୍ଗାଶିଷ, ମୁଦ୍ରିତ ଗଣମାଧ୍ୟମ ଆଦିତ୍ୟ ମେକାପ ଓ ବରିଷ୍ଠ ସାମ୍ବାଦିକ କୃତିବାସ ଦାସ, ପରିବେଶବିତ ପ୍ରଫେସର ସତ୍ୟ ନାରାୟଣ ଖଣ୍ଡାଇ, ଶିଶୁ କଳାକାର ସୁଶ୍ରୀ ତେଜସ୍ୱିନୀ ରାଉତ, ସାମାଜିକ ସଂଗଠନ ବ୍ୟାସନଗର ନାଗରିକ କମିଟି ଓ ନିଶ୍ୱ ଯାଜପୁର ରୋଡ଼ ଏବଂ ଶିଳ୍ପସଂସ୍ଥା ଭିସାଷ୍ଟିଲ୍ ପ୍ରମୁଖ ବିଭିନ୍ନ ବିଭାଗର ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଆଜି ଅନୁଷ୍ଠିତ ଚୂଡ଼ାନ୍ତ ବୈଠକରେ କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ, ଉପସଭାପତି ଦୟାନିଧି ନାୟକ, ଜ୍ଞାନରଞ୍ଜନ ଓଝା, କାର୍ଯ୍ୟାଳୟ ସମ୍ପାଦକ ବାଇଧର ମାଝୀ, ସହ ସମ୍ପାଦକ ଅଶୁତୋଶ ମହାତି, ପ୍ରମୋଦ କୁମାର ପାତ୍ର, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ ବରିଷ୍ଠ ସଦସ୍ୟ ଆଶୁତୋଷ ମିଶ୍ର, ଅଶିତାନନ୍ଦ ବିଶ୍ୱାଳ, ମାନସ ଆଏଚ, ସଞ୍ଜୟ ସରକାର, ଦୀପକ କୁମାର ସାଶ, ସୁଶାନ୍ତ କୁମାର ଭୂୟାଁ, ଆଶିଷକୁମାର ରାଉତ, ଚିତରଞ୍ଜନ ବୋଇତାଇ, ଜିତେନ୍ଦ୍ର କୁମାର ରାଉତ, ପ୍ରକାଶ କୁମାର ସାହୁ, ପ୍ରହଲାଦ ଦେଓ, କୁଞ୍ଜବିହାରୀ ମହାତି, ପ୍ରଶାନ୍ତ କୁମାର ଗେଡ଼ି ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥଲେ। ଶେଷରେ କାର୍ଯ୍ୟକାର ସଭାପତି ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।



ଆସିକା, (ଭାସ୍କର ନ୍ୟୁଜ୍): ଏସିଆ ମହାଦେଶର ସର୍ବ ପୁରାତନ ଆସିକା ଚିନିକାରଖାନାରେ ଚଳିତ ବର୍ଷ ଆଖୁପେଡ଼ା ହୋମ ପୂଜା ଅନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ଚିନି କାରଖାନା ପରିସରରେ ପରିଚାଳନା ନିର୍ଦ୍ଦେଶକ ଡା. ସୁଶାନ୍ତ କୁମାର ପଣ୍ଡା ହୋମପୂଜା କରି ବିଧିବଦ୍ଧ ଭାବେ ଅଗ୍ନି ସଂଯୋଗ କରିଛନ୍ତି। ଆଜିର ଏହି ବୟଲରରେ ଅଗ୍ନି ସଂଯୋଗ କାର୍ଯ୍ୟକ୍ରମରେ ଚିନିକାରଖାନାର ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡା, ନିର୍ଦ୍ଦେଶକ ପୂର୍ଣ୍ଣ ବରାଡ଼, ଚିନି କାରଖାନାର କେନ ମ୍ୟାନେଜର ପ୍ରଶାନ୍ତ କୁମାର ପାଢ଼ୀ, ବିଜେପି ନେତା ବିଜୟ ସ୍ୱାଇଁ, ନିର୍ଦ୍ଦେଶକ ନିରଞ୍ଜନ ପ୍ରଧାନ, ଏକାଉଣ୍ଟ ଅଧିକାରୀ ଚିତ୍ତ ଚିନ୍ମୟ ରଞ୍ଜନ ନାୟକ, ପ୍ରମୁଖ ହୋମ ପୂଜାରେ ଯୋଗଦେଇ ଚିନି ଶିଳ୍ପରେ ଅଗ୍ନି ସଂଯୋଗରେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାର ୧୬ଗୋଟି ବ୍ଲକ୍‌ରୁ ୧୫୬୩ଜଣ ଚାଷୀ ନୟାଗଡ଼ ଜିଲ୍ଲାରେ ୭୫ଜଣ ଆଖୁଚାଷ କରିଛନ୍ତି। ଚଳିତ ବର୍ଷ ଆଖୁ ଚାଷୀମାନଙ୍କୁ ଟନ ପିଛା ୩୦୫୦ଟଙ୍କା ଦେବାକୁ ସ୍ଥିର ହୋଇଛି ବୋଲି ପରିଚାଳନା କର୍ତ୍ତୃପକ୍ଷ ଜଣାଇଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଚଳିତ ବର୍ଷ ଆଖୁ ଦରର ମୂଲ୍ୟ ସର୍ବାଧିକ ବୃଦ୍ଧି ବୋଲି କୁହାଯାଉଛି। ଏଥି ସହିତ ରାଜ୍ୟ ସରକାର ପକ୍ଷରୁ ଧାନ ଚାଷୀମାନଙ୍କୁ ଯେପରି ଅତିରିକ୍ତ ବୋନସ ଟଙ୍କା ଦିଆଯାଉଛି,ସେହିଭଳି ଆଖୁ ଚାଷକୁ ରାଜ୍ୟ ସରକାର ମଧ୍ୟ ଅତିରିକ୍ତ ବୋନସ ଦେବାକୁ ଚାଷୀ ଦାବୀ କରିଛନ୍ତି।

# ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ କର୍ମଶାଳା




ବାରିପଦା, (ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଏକ କର୍ମଶାଳା ଓ ଫଟୋଗ୍ରାଫି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ଫଟୋଗ୍ରାଫି କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ସାହୁ ପ୍ରବାସୀ ଭାରତୀୟ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମନ୍ତ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏକ ସମୃଦ୍ଧ ଭାରତ ଗଠନ ଦିଗରେ ପ୍ରବାସୀ ମାନଙ୍କ ଭୂମିକାକୁ ସ୍ୱୀକୃତି ଦେବା ପାଇଁ ସଚେତନତା ସୃଷ୍ଟି କରିବ ବୋଲି ମତପୋଷଣ କରିଥିଲେ। ଏହି ଅବସରରେ ନୋଡାଲ୍ ଅଧିକାରୀ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଫଟୋଗ୍ରାଫି କ୍ଲବ୍‌ର ସଂଯୋଜିକା ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. ଅଶୋକ କୁମାର ମଲ୍ଲିକ ଫଟୋଗ୍ରାଫି ଉପରେ ଏକ କର୍ମଶାଳାରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉତ୍ତୋଳିତ ବିଭିନ୍ନ ଫଟୋର ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। କମ୍ପ୍ୟୁଟର ପ୍ରୟୋଗ ବିଭାଗ ମୁଖ୍ୟ ପ୍ରଫେସର ଏମ୍. ହିମବିନ୍ଦୁ, ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ଓ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଏହାର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସରକାରୀ ଜମି ଜବର ଦଖଲ ଉଚ୍ଛେଦପାଇଁ ଦାବି

ବ୍ୟାସନଗର, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ୍ ବ୍ୟାସନଗର ତହସିଲ ପଛିକୋଟ ଆର.ଆଇ.ସର୍କଲ ଅଧିନ ଗୋହିରାଗଡ଼ିଆ ମୌଜା ଖାତା ନମ୍ବର ୨୨୯ପ୍ଲଟ ନମ୍ବର ୧୨୫୮ରେ ଥିବା ରକ୍ଷିତ ଜମିକୁ ଗ୍ରାମର ଅଜୟ କୁମାର ପାତ୍ର ନାମକ ଜୈନିକ ବ୍ୟକ୍ତି ଜବର ଦଖଲରେ ରଖିଥିବା ନେଇ ଗ୍ରାମବାସୀ ମାନେ ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେଠାରୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯିବା ପାଇଁ ସେମାନେ ଦାବି କରିଛନ୍ତି। ଉକ୍ତ ବ୍ୟକ୍ତି ସେହି ଜାଗାରେ ତରବରିଆ ଭାବେ ଏକ ଗୃହ ନିର୍ମାଣ କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଜାଗା ଗୋହିରାଗଡିଆ ସରକାରୀ ସ୍କୁଲ ପରିସର ଭୁକ୍ତ ହୋଇଥିବାରୁ ଜବରଦଖଲ ଯୋଗୁଁ ପିଲାମାନଙ୍କ ଖେଳାଖେଳିରେ ଅସୁବିଧା



ହେଉଥିବା ବେଳେ ଗ୍ରାମବାସୀଙ୍କ ଚଳପ୍ରଚଳରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଏହି ଜାଗାରୁ ହଟିଯିବା ପାଇଁ କହିବାରୁ ସେ ନାନାଦି ଧମକ ଦେଉଥିବା ଗ୍ରାମବାସୀ ମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପଛିକୋଟ ଆର.ଆଇ. ସୁଧୀର ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ ମୁଁ ଏହାର ସରଜମିନ ତଦନ୍ତ କରିଛି। ଏହା ସରକାରୀ ଜାଗା ବୋଲି ଚିହ୍ନଟ ହୋଇଛି। ଏନେଇ ସେ ତହସିଲ ଦାରଙ୍କୁ ଜଣାଇଥିବା କହିଥିଲେ। ସର୍ବସାଧାରଣ ତଥା ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନପକ୍ଷରୁ ତୁରନ୍ତ ଜବର ଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ପ୍ରବାସୀ ଭାରତୀୟ ଦିବସ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସରକାରୀ ସ୍ନାତକ ମହାବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଡକ୍ଟର ଚିନ୍ମୟ କୁମାର ବେହେରାଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ମାନେ ଏକ ଜନ ଜାଗରଣ ପଦଯାତ୍ରା କରିଥିଲେ। ଏହା ସହ ଏସ୍.ଏସ୍.ଡି ବାଳିକା ବିଦ୍ୟାଳୟର ଖେଳ ପଡ଼ିଆରେ ୱାକାଥନ୍‌ରେ ମଧ୍ୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଅବସରରେ ଶ୍ରେଣୀ ଗୃହରେ କୁଇଜ୍, ପ୍ରବନ୍ଧ ରଚନା, ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ବିକଶିତ ଭାରତ ତଥା ବିକଶିତ ଓଡ଼ିଶା କ୍ଷେତ୍ରରେ ପ୍ରବାସୀ ଭାରତୀୟମାନଙ୍କ ଭୂମିକା ଏବଂ ଏହାର ସୁଫଳର ବିଭିନ୍ନ ଦିଗ ସମ୍ପର୍କରେ ଅଧକ୍ଷ ନିଜର ବକ୍ତୃତା ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସସ୍ମିତା ଖରା, ଶିକ୍ଷା ବିଭାଗର ଅଧ୍ୟାପିକା ମୋନାଲିସା ବାଘ୍, ଇଂରାଜୀ ବିଭାଗର ଅଧ୍ୟାପିକା ସ୍ମାଇଲ ବୈଷ୍ଣବ ମଧ୍ୟ ସୁନ୍ଦର ଆଲୋଚନା କରିଥିଲେ। ମହା ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ ସମ୍ପାଦନ କରିଥିଲେ।

# ଜଙ୍ଗଲରେ ମିଶିଗଲା ୨୦୨୦ରେ ଲୋକାର୍ପିତ ପଞ୍ଚାୟତ ଉଦ୍ୟାନ






କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ଗ୍ରାମ ପଞ୍ଚାୟତ ଗୁଡ଼ିକରେ ବିଭିନ୍ନ ଯୋଜନା ମାଧ୍ୟମରେ ବହୁ ଜନହିତକାରୀ ଯୋଜନା ମାନଙ୍କରେ ବହୁ ଅର୍ଥ ବ୍ୟୟ ହେଉଛି। ପଞ୍ଚାୟତକୁ ସୌନ୍ଦର୍ଯ୍ୟକରଣ କରିବା ନିମନ୍ତେ ବହୁ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ବହୁ କମ୍ ଦିନରେ ସେସବୁ ନିଜର ଅସ୍ତିତ୍ୟ ହରାଇ ବସନ୍ତି। ସେହିପରି ଭାବେ ୨୦୨୦ମସିହାରେ ଲୋକାର୍ପିତ ହୋଇଥିବା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଠାରେ ଥିବା ମାଝୀ ମୁଣ୍ଡା ପୋଖରୀ ନିକଟରେ ନିର୍ମିତ ହୋଇଥିଲା ପଞ୍ଚାୟତ ଉଦ୍ୟାନ। ସୂଚନା ଅନୁଯାୟୀ ୨୦୨୦ମସିହା ୨୦ ତାରିଖ ଦିନ ପୂର୍ବତନ ଜିଲ୍ଲାପାଳ ମନିଷ ଅଗ୍ରୱାଲ, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଋଷିକେଶ ଧାନଦେଓ ଖିଲାରୀ, କୋରୁକୋଣ୍ଡା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ସଦର ଗ୍ରାମପଞ୍ଚାୟତ ସରପଞ୍ଚ ବଂଶୀଧର ମୁଦୁଲିଙ୍କ ଉପସ୍ଥିତିରେ ଉକ୍ତ ପଞ୍ଚାୟତ ଉଦ୍ୟାନ ଲୋକାର୍ପିତ କରାଯାଇଥିଲା। ସେହି ସମୟରେ ବହୁ ଅର୍ଥ ବ୍ୟୟରେ ସୌନ୍ଦର୍ଯ୍ୟକରଣ କରିବା ନିମନ୍ତେ ଗୋଟିଏ ଗେଟ, ଶାରୀରିକ ବ୍ୟାୟମ କରିବା ନିମନ୍ତେ କିଛି ବ୍ୟାୟମ ସାମଗ୍ରୀ, ଶିଶୁମାନଙ୍କ ଖେଳିବା ନିମନ୍ତେ ଖେଳଣା ସାମଗ୍ରୀ ସାଙ୍ଗକୁ ପୋଖରୀ ଚାରି ପାର୍ଶ୍ୱରେ ୧୨ଗୋଟି ସୋଲାର ଲାଇଟ ଯାହାକି ଆଲୋକିକରଣ କରିବା ନିମନ୍ତେ ଲଗାଯାଇଥିଲା। କିନ୍ତୁ ସେସବୁ ରକ୍ଷଣାବେକ୍ଷଣ ଅଭାବରୁ ନିଜର ପରିଚୟ ହଜାଇବାକୁ ବସିଲାଣି ବୋଲି ଗ୍ରାମବାସୀ କହିଛନ୍ତି। ସୋଲାର ଲାଇଟ ଗୁଡ଼ିକ ବହୁଦିନ ପୂର୍ବରୁ ବନ୍ଦ ହୋଇଯାଇ ଥିବା ବେଳେ ଆଇ ଲଭ୍ କୋରୁକୋଣ୍ଡା ଲେଖାଯାଇଥିବା ଲାଇଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେହିପରି ବିଭିନ୍ନ ବ୍ୟାୟମ ଉପକରଣ ଆକାମୀ ହୋଇପଡ଼ିଥିବା ବେଳେ ସେସବୁ ଯନ୍ତ୍ରପାତିକୁ ଅନାବନା ଗଛଲତା ମାଡ଼ିବସିଛନ୍ତି। ସେହିପରି ଭାବେ ପିଲାଙ୍କ ନିମନ୍ତେ ନିର୍ମାଣ ହୋଇଥିବା ଖେଳଣାସାମଗ୍ରୀଗୁଡ଼ିକ କିଛିକାଂଶରେ ଭାଙ୍ଗି ଯାଇଥିବା ବେଳେ ଆଉ କିଛି ଯନ୍ତ୍ରପାତି ଅନାବନା ଲଟା ବୁଦାରେ ଲୁଚିଗଲାଣି। ଏଣୁ ସେହି ସ୍ଥାନକୁ ନିଜ ପିଲାଙ୍କୁ ନେଇ ବୁଲିଯିବା ନିମନ୍ତେ ଗ୍ରାମବାସୀ ଭୟ କରୁଥିବା କହିଛନ୍ତି। ଏନେଇ ଆମେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉକ୍ତ ପଞ୍ଚାୟତ ଉଦ୍ୟାନ ବ୍ୟୟ ଅଟକଳ ବାବଦରେ ପଚାରିବାରୁ ସେ କହିଥିଲେ, ସେହି ସମୟରେ ଅନ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ ଏଣୁ ଅଟକଳ ମୂଲ୍ୟ ବାବଦରେ ମୁଁ ଜାଣିନାହିଁ। ନଥିପତ୍ର ଅନୁଧ୍ୟାନ କରି ଜଣାଇବି। ଏଣୁ ଉକ୍ତ ପଞ୍ଚାୟତ ଉଦ୍ୟାନକୁ ନେଇ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ମୁଁ କିଛିଦିନ ପୂର୍ବେ ଉକ୍ତ ସ୍ଥାନକୁ ଯାଇ ଦେଖିଆସିଛି ଏବଂ ରକ୍ଷଣା ବେକ୍ଷଣ ଅଭାବରୁ ଏପରି ହୋଇଥିବା କଥାକୁ ସ୍ୱୀକାର କରିବା ସହିତ କମ ଦିନ ଭିତରେ ସେସବୁକୁ ପୁନଃରୁଦ୍ଧାର କରି ଜନସାଧାରଙ୍କ ଉପଯୋଗୀ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ଓ ଆଗାମୀ ଦିନରେ ସେ ସବୁର କିପରି ଭାବେ ରକ୍ଷଣା ବେକ୍ଷଣ କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାହୁ କହିଥିଲେ।

## ଝୁଲନ୍ତା ମୃତ ଦେହ ଉଦ୍ଧାର

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ନିକଟସ୍ଥ କ୍ଷେତ୍ରପାଳ ସ୍ଥିତ ଭଣ୍ଡରିୟା ଜଙ୍ଗଲ ନିକଟରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକର ଶବକୁ ଧର୍ମଶାଳା ପୋଲିସ ଜବତ କରିଛି। ଯୁବକର ଆନୁମାନିକ ବୟସ ୪୦ ହେବ। ତା'ଦେହରେ କୌଣସି ବସ୍ତ୍ର ନଥିବା ସମୟରେ ଏକ ଚଡ଼ି ପିନ୍ଧି ଥିବାର ଦେଖାଯାଇଥିଲା। ଯୁବକଟିର ସମ୍ବେଦନଶୀଳ ସ୍ଥାନରୁ ରକ୍ତର ସ୍ରାବ ହେଉଥିବା ସହିତ ଯୁବକଟିକୁ ଅନ୍ୟତ୍ର ହତ୍ୟା କରି ଏଠାରେ ଝୁଲାଇ ଦିଆଯାଇ ଥିବା ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି। ଏ ସମ୍ବନ୍ଧରେ ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରିବା ସହିତ ବ୍ୟବଚ୍ଛେଦ କରିବା ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚାଲୁ ରଖିଛି।

## ଶ୍ୱଶୁରକୁ ହାଣି ଜେଲ ଗଲା ଜ୍ୱାଇଁ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ପୋଇ ଗ୍ରାମର ମହେଶ୍ୱର ସାହୁ(୬୭)ଙ୍କୁ ହାଣିଥିବା ଜ୍ୱାଇଁ କାର୍ତ୍ତିକ ସାହୁ(୪୩)ଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଗତ ବୁଧବାର ଅପରାହ୍ନରେ ଅଭିଯୁକ୍ତ କାର୍ତ୍ତିକ ଶ୍ୱଶୁର ମହେଶ୍ୱରକୁ ଫାରସା ଦ୍ୱାରା ବାମହାତ କାନ୍ଧକୁ ହାଣି ଦେଇଥିଲା। ମହେଶ୍ୱରଙ୍କ ଅଭିଯୋଗ କ୍ରମେ ଥାନାରେ ୧୫/୨୫ନଂ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ମହେଶ୍ୱରଙ୍କ ଝିଅ ତପସ୍ୱିନୀ ୧୫ ବର୍ଷ ପୂର୍ବେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ପଳସା ଆମ୍ବଗଡ଼ିଆ ଗ୍ରାମରେ କାର୍ତ୍ତିକକୁ ବୈଦିକ ରୀତିରେ ବିବାହ କରିଥିଲା। ସେମାନଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ମାତ୍ର କାର୍ତ୍ତିକ ଥିଲା ମଦୁଆ। ଦୈନିକ ମଦ୍ୟ ପାନ କରି ପତ୍ନୀକୁ ମାରଧର କରୁଥିଲା। ଗତ ୨୮ ତାରିଖରେ ତପସ୍ୱିନୀକୁ ମାଡ଼ମାରି ଘରୁ ବାହାର କରିଦେଇଥିଲା। ଏ ସମ୍ବନ୍ଧରେ ଖବର ପାଇ ମହେଶ୍ୱର ତପସ୍ୱିନୀକୁ ଘରକୁ ନେଇଆସି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଆଧାରରେ ପାଣିକୋଇଲି ଥାନାରେ କାର୍ତ୍ତିକ ନାମରେ ମାମଲା ରୁଜୁ ହୋଇଥିଲା। ପତ୍ନୀ ଓ ପିଲାମାନଙ୍କୁ ଫେରାଇ ଦେବାକୁ ବୁଧବାର ସକାଳେ ଆସି ଶ୍ୱଶୁରଙ୍କୁ ଧମକାଇ ଥିଲା। ଏଥିରେ ବିଫଳ ହେବାରୁ ବୁଧବାର ଅପରାହ୍ନରେ କାର୍ତ୍ତିକ ଫାରସା ଓ ଭୁଜାଲି ସହାୟତାରେ ଶ୍ୱଶୁରଙ୍କୁ ହାଣି ଦେଇଥିଲା। ମହେଶ୍ୱରଙ୍କ ବାମହାତ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ମହେଶ୍ୱରଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଗ୍ରାମବାସୀମାନେ କାର୍ତ୍ତିକକୁ କାବୁ କରି ବାନ୍ଧି ପକାଇ ପୁଲିସକୁ ସୂଚନା ଦେଇଥିଲେ। ଗୁରୁବାର ପୋଲିସ କାର୍ତ୍ତିକକୁ କୋର୍ଟଚାଲାଣ କରିଛି।

# ଜଙ୍ଗଲ ଭିତରେ ବଢ଼ୁଛି ଖଣିଜ ସମ୍ପଦ ଚୋରି



କୋଇଡା, (ଭାସ୍କର ନ୍ୟୁଜ୍): ବନ୍ଦ ଖଣି ଏବଂ ଜଙ୍ଗଲ ଜମିରୁ ଉପଯୁକ୍ତ ତଦାରଖ ଅଭାବରୁ ଖଣି ଚୋରୀ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନିଆଯାଉ ନଥିବାରୁ ଚୋରୀ ପୂର୍ବପରି ଜାରିରହିଛି। ଚୋରୀ ଧରପଗଡ଼ ଯେଉଁ ସ୍ଥାନରେ କରାଯାଉଛି ସେସବୁ ଲୋକ ଦେଖାଣିଆ ହେଉଥିବାରୁ ଚୋରି ରୋକାଯାଇ ପାରୁ ନାହିଁ। ପ୍ରକାଶ ଯେ, ଖଣି ମହାଦୁର୍ନିତୀ ପରେ ସରକାର ଖଣି ଚୋରି ରୋକିବା ପାଇଁ ବିଭିନ୍ନପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଏତେ ସବୁ ପଦକ୍ଷେପ ଆଗଭଳି ଚାଲୁ ନଥିବାରୁ ପୂର୍ବପରି ଚୋରା କାରବାର ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ଜଙ୍ଗଲ ଜମି ଏବଂ ବନ୍ଦ ଖଣିରେ ମାଫିଆମାନେ ପଶି ବେଧଡ଼କ ଚୋରି କରୁଛନ୍ତି। ବନବିଭାଗ ପକ୍ଷରୁ ଏହାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ଚୋରୀ ବଢ଼ୁଛି। ମାଫିଆ ମାନେ ନିକଟସ୍ଥ ଲୋକଙ୍କୁ ଅଳ୍ପକିଛି ମଜୁରୀ ଦେଇ ସେମାନଙ୍କୁ ଖଣି ଚୋରି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଯୋଡ଼ା ସର୍କଲ ଅନ୍ତର୍ଗତ ନୟାଗଡ଼ ଖେସରା ଜଙ୍ଗଲ, ପୀଢ଼ପୋଖରୀ ଖେସରା ଜଙ୍ଗଲ, ମଲଦା ଖେସରା ଜଙ୍ଗଲରୁ ବ୍ୟାପକ ପରିମାଣରେ ଲୁହାପଥର ଏବଂ ମାଙ୍ଗାନିଜ ଚୋରି ହେଉଛି। ମାଫିଆମାନେ ଲଜ୍‌ରେ ରହି ଏହି କାରବାରକୁ ନିୟନ୍ତ୍ରଣ କରୁଛନ୍ତି। କେନ୍ଦୁଝର ସର୍କଲ ଅନ୍ତର୍ଗତ ମାଲାଙ୍ଗଟୋଲୀ ଖେସରା ଜଙ୍ଗଲରେ ମଧ୍ୟ ବେଧଡ଼କ ଖଣି ଚୋରି ହେଉଛି। ଝାଡଖଣ୍ଡ ଅଞ୍ଚଳର ଖଣି ମାଫିଆ ଏହି ଅଞ୍ଚଳରୁ ନିୟମିତ ଖଣି ଚୋରି କରୁଥିବା ଅଭିଯୋଗ ହୋଇଆସୁଛି। ଗତ ୧ବର୍ଷ ଖଣି ବିଭାଗ ସ୍କ୍ୱାର୍ଡ ଏହି ଅଞ୍ଚଳରେ ନିୟମିତ ଚଢ଼ାଉ କରୁ ନଥିବାରୁ ଚୋରି ବୃଦ୍ଧିପାଇଛି। ଲୁହାପଥର ଚୋରି ରୋକିବା ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ କୋଟି କୋଟି ଟଙ୍କା ମୂଲ୍ୟବାନ ପଥର ଚୋରି ହେବା ଫଳରେ ବ୍ୟାପକ ରାଜସ୍ୱହାନୀ ହେଉଛି। ୨୦୨୦ ଏବଂ ୨୦୨୧ ବର୍ଷରେ ଖଣି ଓ ବନ ବିଭାଗକୁ ବେଶ ସଫଳତା ମିଳିଥିବା ବେଳେ ୨୦୨୨ ରୁ ୨୦୨୪ ମଧ୍ୟରେ କମ୍ ସଂଖ୍ୟକ ଗାଡି ଜବତ ହୋଇଛି। କେନ୍ଦୁଝର ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବନାଞ୍ଚଳରେ ଖଣି ଚୋରି ବଢ଼ୁଛି। ବନ ବିଭାଗର ସହଯୋଗ କରୁ ନଥିବାରୁ ଖଣିବିଭାଗର ସ୍କ୍ୱାର୍ଡ ପୂର୍ବପରି ଧରପଗଡ଼ କରୁ ନଥିବା ଅଭିଯୋଗ ହୋଇଛି। କୋଇଡ଼ା ଖଣି ସର୍କଲର ସ୍କ୍ୱାର୍ଡ ନିୟମିତ ଭାବେ ଗଣୁଆ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ବ୍ୟାପକ ପରିମାଣର ଚୋରି ପାଇଁ ରଖାଯାଇଥିବା ୪୨ ହଜାର ଟନ ମାଙ୍ଗାନିଜ ଓ ଲୁହାପଥର, ୧୦ଟି ଗାଡ଼ି ଜବତ୍ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୪୫ କୋଟି ହେବ। ଏଥିମଧ୍ୟରୁ ଓଡ଼ିଶା ଖଣି ନିଗମ ଦ୍ୱାରା ନିଲାମ ହୋଇ ୧୨କୋଟି ଟଙ୍କା ରାଜ୍ୟ ରାଜକୋଷକୁ ଆସିଥିବା ବେଳେ ବାକି ଖଣିଜ ସମ୍ପଦ ନିଲାମ ପ୍ରକ୍ରୀୟା ଚାଲିଛି। କୋଇଡ଼ା ରେଞ୍ଜର ମାଲଦା, କେନାଭେଟା, ଗିଡ଼େଇ, ଗଣୁଆ, ପାନପୋଷିଆ, ଦଳିତା, ପଟାବେଡ଼ା ଜଙ୍ଗଲରେ ନିୟମିତ ଖଣି ଚୋରି ହେଉଛି। ବନ କର୍ମଚାରୀଙ୍କ ଜ୍ଞାତସାରରେ ଏହି ଚୋରି ହୋଇ ଆସୁଥିବା ବେଳେ ଜଙ୍ଗଲ ମଧ୍ୟରେ ଗଛ ତାଡ଼ି ମାଟି ଖୋଳି ନିୟମିତ ଚୋରି ହୋଇଆସୁଛି। ଜଙ୍ଗଲ ଭିତରେ ଗଛ ତାଡ଼ିବା ଫଳରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ଆଶଙ୍କା ରହିଛି। କୋଇଡ଼ା ଖଣି ସର୍କଲ ସ୍କ୍ୱାର୍ଡ ନିୟମିତ ଜଙ୍ଗଲରେ ଚଢ଼ାଉ କରି ଖଣିଜସମ୍ପଦ ଜବତ୍ କରୁଥିଲେ ମଧ୍ୟ ବନବିଭାଗ ଚୁପ ବସିଛି। ଜଙ୍ଗଲ ଭିତରେ ମାଫିଆମାନେ ବେଧଡ଼କ ଖଣିଜ ସମ୍ପଦ ଚୋରୀ କରୁଥିବାବେଳେ ବନ କର୍ମଚାରୀଙ୍କ ସହ ସେମାନଙ୍କର ମଧୁଚନ୍ଦ୍ରିକା ଥିବା ଆଲୋଚନା ହେଉଛି। ଆଜି କୋଇଡ଼ା ସର୍କଲ ଏବଂ ବନ ବିଭାଗ ମିଳିତ ଭାବେ ଗଣୁଆ ଜଙ୍ଗଲ ଅନ୍ତର୍ଗତ କେନାଭେଟାରେ ଚଢ଼ାଉ କରି ବ୍ୟାପକ ଲୁହାପଥର ଜବତ୍ କରିଛନ୍ତି। ଜବତ୍ ଲୁହାପଥରର ଆନୁମାନିକ ମୂଲ୍ୟ ୫ଲକ୍ଷଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ଉ ବେଳେ କୋଇଡ଼ା ସର୍କଲ ଖଣି ଅଧିକାରୀ ବସନ୍ତ କୁମାର ସାହୁ, ଭଞ୍ଜ କିଶୋର ସା, ଆସିଷ୍ଟାଣ୍ଟ ମାଇନିଂ ଅଫିସର ସୌମେନ୍ଦ୍ର ରାଉତ, ଜୁନିୟର ମାଇନିଂ ଅଫିସର ବିଭୂତି ଭୂଷଣ ଦେହୁରୀ, ନଗେନ୍ଦ୍ର ମହାନ୍ତଙ୍କ ସମେତ ବନ କର୍ମଚାରୀ ସାମିଲ ଥିଲେ। ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ କହିଛନ୍ତି ଜଙ୍ଗଲ ନଷ୍ଟ କରି ଲୁହାପଥର ଏବଂ ମାଙ୍ଗାନିଜ ଚୋରି ହେଉଥିବା ନେଇ ଅଭିଯୋଗ ମିଳିଛି। ଘଟଣାର ତଦନ୍ତ କରାଯାଇ ମାଫିଆଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଏଫଓ ବଣେଇଙ୍କୁ କୁହାଯାଇଛି।

# ଜିଲ୍ଲା ରେଡ଼କ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ରକ୍ତ ଦାନ ହେଉଛି ମହତ ଦାନ। ରକ୍ତ ଅଭାବ କାରଣରୁ ଚିକିତ୍ସାଧିନ ଅବସ୍ଥାରେ ଅନେକ ଲୋକଙ୍କ ଜୀବନ ଚାଲିଯାଇଥାଏ। ରକ୍ତ ଦାନ କରିବା ଦ୍ୱାରା ଅନେକ ଲୋକଙ୍କ ଜୀବନ ବଞ୍ଚି ପାରିବ। ଏସବୁକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ରେଡ଼କ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଛନ୍ତି। ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍‌ଠାରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ୨୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ରକ୍ତଦାନ ନିମନ୍ତେ ଆବଶ୍ୟକ ସ୍ୱାସ୍ଥ୍ୟଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା କର୍ମଚାରୀ କେବଳ ରକ୍ତଦାନ କରିପାରିଛନ୍ତି। ଜିଲ୍ଲା ରକ୍ତ ଭଣ୍ଡାରର ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇ ସୁରକ୍ଷିତ ଭାବେ ରକ୍ତ ଭଣ୍ଡାରକୁ ସମସ୍ତ ସଂଗୃହିତ ରକ୍ତ ପଠାଯାଇଛି। ଆଜିର ଏହି ଶିବିରରେ ଜିଲ୍ଲାରେ ସର୍ବାଧିକ ଭାବେ ୧୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା ରେଡ଼କ୍ରସ ସୋସାଇଟି ସେକ୍ରେଟାରୀ ସଞ୍ଜୀବ କୁଲୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହାୟକ ଜିଲ୍ଲାପାଳ କେ ଅଶୋକ ଚକ୍ରବର୍ତ୍ତୀ, ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଓ ଡଃ ରଞ୍ଜନ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଡିଏମଓ ଡ. ନିହାର ରଞ୍ଜନ ପ୍ରହରାଜ, ରକ୍ତ ଭଣ୍ଡାର ଅଧିକାରୀ ଡ. ସାଗର ବାଲା ଓ ଏମଏଲଟି ଲାବୋରୋଟରି ଇନଚାର୍ଜ ଡ. ପ୍ରଣବ କିଶୋର ପାଣିଗ୍ରାହୀଙ୍କ ସମେତ ରକ୍ତ ଭଣ୍ଡାରର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଶିବିରରେ ରକ୍ତ ସଂଗ୍ରହ କରିଥିଲେ।

## ଚୋରା ମଦ ଜବତ, ୩ ଗିରଫ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବହୁ ପରିମାଣରେ ଚୋରା ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗୁଆମାଳ ପଞ୍ଚାୟତ ଅଧୀନ ଗୁଆମାଳ, ଭୂୟାଁ ଉଆସ ଓ ତାଳପଦା ଇତ୍ୟାଦି ସ୍ଥାନରେ ଚଢ଼ାଉ କରାଯାଇ ୯୦ଲିଟର ଚୋରା ମଦ ସହ ଏକ ସାଇକେଲ ଜବତ କରାଯାଇଥିଲା। ଏହି ଘଟଣାରେ ଗୁଆମାଳ ଗ୍ରାମର ଦିଲୀପ କୁମାର ଜେନା, ଭୂୟାଁ ଉଆସ ଗ୍ରାମର ଅଭୟ କୁମାର ଜେନା ଓ ତାଳପଦା ଗ୍ରାମର ସୀମା ଜେନାଙ୍କୁ ଗିରଫ କରି କେଶ ନଂ ୧୨୯, ୧୩୦, ୧୩୧/୨୫ରେ ମକଦ୍ଦମା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଭଦ୍ରକ ରେଞ୍ଜ ଇନିସ୍ପେକ୍ଟର ଶ୍ରୀକାନ୍ତ ମୁର୍ମୁ, ତିହିଡ଼ି ଅବକାରୀ ଥାନା ଅଧିକାରୀ ସୁମିତ୍ରା ହେମ୍ବ୍ରମ, ଏଏସଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ୍ କୁମାର ସିଙ୍କୁ, ପରେଶ ଚନ୍ଦ୍ର ଟୁଡୁ, ପ୍ରଶାନ୍ତୀ ସିଂ, ନାରାୟଣ ଦାସ ପ୍ରମୁଖ ସାମିଲ ଥିଲେ।

# ଖାଣ୍ଟି କେନ୍ଦୁଝରିଆ ଭେଟ୍‌ଘାଟ୍ ୨୦୨୫

କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ସହରରେ ପାଠପଢି ୮୯ ମସିହାରେ ପାସ୍ କରିଥିବା ବିଭିନ୍ନ ସ୍କୁଲର ସମସାମୟିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁମିଳନ ସ୍ଥାନୀୟ ପାନ୍ଥ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏନ ହାଇସ୍କୁଲ, ପୋଲିସ ହାଇସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ ଓ ଟାଉନ୍ ଗାର୍ଲ୍ସ ହାଇସ୍କୁଲ ସହ ଧରଣୀଧର କଲେଜରେ ସେତେବେଳେ ଏକାଠି ପଢୁଥିବା ବନ୍ଧୁମାନେ ଏକାଠି ହୋଇଥିଲେ। ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତ ସହ ବିଦେଶରୁ ବନ୍ଧୁ ଆସି ଏହି ଖାଣ୍ଟି କେନ୍ଦୁଝରିଆ ଭେଟଘାଟ ୨୦୨୫ ଅବସରରେ ଏକାଠି ହୋଇଥିଲେ। ପୁରୁଣା ସ୍ମୃତି ରୋମନ୍ଥନ ସହ ନିଜ ନିଜ ଭିତରେ ଭାବ ବିନିମୟ କରିଥିଲେ। ଏହି ବ୍ୟାଚରେ ଅନେକ ବନ୍ଧୁ ପ୍ରତିଷ୍ଠିତ। ଅନେକ ସମାଜସେବୀ ବନ୍ଧୁ ଆଗାମୀ ଦିନରେ ସେବା ଆହୁରି ଅଧିକ କିପରି କରିପାରିବେ ସମସ୍ତ ସହଯୋଗ ଲୋଡ଼ିଥିଲେ। ତେବେ ଗୋଟେ ଗୋଟେ ସ୍କୁଲ ବନ୍ଧୁ ଏକାଠି ହୋଇପାରୁ ନଥିବା ବେଳେ ଅନେକ ସ୍କୁଲ କଲେଜ୍ ପିଲା ଏକାଠି ହୋଇ ବନ୍ଧୁ ମିଳନ କରିବା ଗୋଟେ ସ୍ୱତନ୍ତ୍ର ଅନୁଭୂତି ଥିଲା। ଡକ୍ଟର ପ୍ରମୋଦ କୁମାର ସା ଓ ଡାକ୍ତର ସୁରେଶ କୁମାର ବେହେରା ଅଧ୍ୟାପକ ଦୀପକ କୁମାର ଆଚାର୍ଯ୍ୟ ସହ ମିଶି ସମସ୍ତଙ୍କୁ ଯୋଗାଯୋଗ କରି ଏହି କାର୍ଯ୍ୟକ୍ରମ କରିଥିଲେ। ଆଗାମୀ ଦିନରେ ସମସ୍ତଙ୍କୁ ସ୍ୱାଗତ କରି ଆଗାମୀ ଦିନରେ ଯିଏ ଆସିପାରିନାହାନ୍ତି ତାଙ୍କୁ ଏଥିରେ ସାମିଲ କରାଯିବ ବୋଲି ସମାଜସେବୀ ଦିଲୀପ କୁମାର ସାହୁ କହିଥିଲେ। ସଂଗ୍ରାମ ଦାସ ଭବିଷ୍ୟତରେ ବନ୍ଧୁ ମିଳନ ଲାଗି ସମସ୍ତେ ସମୟ ଦେବାକୁ କହିଥିଲେ। ପ୍ରଭାତୀ ରାଉତ, ଭାରତୀ ସାହୁ, ଦିପୁ ମିଶ୍ର , ନନ୍ଦ କିଶୋର ବେହେରା ଓ ପ୍ରାଚୀବାଳା ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯଦୁନାଥ ପ୍ରସାଦ ଦାସ,ଦୀପାଞ୍ଜଳି ବେହେରା, ମନୋଜ ସାହୁ, ଲୁନା ପୃଷ୍ଟି, ଲକ୍ଷ୍ମୀପ୍ରିୟା ମହାନ୍ତ, ସୁଚରିତା ଶତପଥୀ, ହେମନ୍ତ ମିଶ୍ର, ଅସିତ୍ ମହାନ୍ତି, ଶୁଭ ମିଶ୍ର, ପ୍ରିୟବ୍ରତ ଦାଶ, ହରେକୃଷ୍ଣ ପଣ୍ଡା, ପ୍ରଭାସ ପାତ୍ର, ବିଭୁ ଦତ୍ତ ମିଶ୍ର, ପ୍ରତାପ ସାହୁ, ସଞ୍ଜିବ ସାହୁ, ସତ୍ୟବ୍ରତ ମିଶ୍ର, ଇଭା ବୈଦ୍ୟ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ଅକ୍ଷୟ ଦାସ, ଶୁଭେନ୍ଦୁ ସାହୁ ଆଦି ବହୁତ ବନ୍ଧୁ ନିଜେ ଓ ପରିବାର ସହ ଯୋଗ ଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବିଦ୍ୟୁତ ସଟ ସର୍କିଟ ଯୋଗୁଁ ମୋବାଇଲ ଟାୱାର ବୈଦ୍ୟୁତିକ ରୁମ୍‌ରେ ଅଗ୍ନିକାଣ୍ଡ ଘଟି ସରଞ୍ଜାମ ଜଳି ପୋଡି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗରୁ ନୂଆଗଡ ମୁଖ୍ୟ ରାସ୍ତା ବିଲୁଆଖାଇ ନିକଟରେ ଥିବା ଏକ ଟାୱାର ପରିସରରେ ଥିବା ରୁମ୍‌ରେ ବିଦ୍ୟୁତ ସଟ୍‌ସର୍କିଟ୍ ଯୋଗୁଁ ଗୁରୁବାର ସକାଳ ୯ଘ ୧୩ମିନିଟ ସମୟରେ ଭୟାବହ ଅଗ୍ନିକାଣ୍ଡ ହୋଇଥିଲା । ପ୍ରଚୁର ପରିମାଣରେ ନିଆଁ ଜଳିବା ବେଳେ ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଟାୱାର ପରିସରରେ ଥିବା ବୈଦ୍ୟୁତିକ ରୁମ୍ ମଧ୍ୟରେ ଏକ ଡିଜି ମେସିନ ସମ୍ପୂର୍ଣ୍ଣ ଅଗ୍ନିକାଣ୍ଡରେ ଜଳିଯାଇଛି । ଯାହାକି ଅଗ୍ନିଶମ ବାହିନୀ କର୍ମଚାରୀଙ୍କ କହିବା ଅନୁଯାୟୀ ବିଦ୍ୟୁତ ସଟ୍‌ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିଲା । ନିଆଁ ଲିଭା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ଅଗ୍ନି ସାବନ୍ତ ପ୍ରସନ୍ନ ସ୍ୱାଇଁ, ସୁବ୍ରତ ସାମଲ ଓ ଗାଡି ଚାଳକ ତାପସ ରାଉତ ପ୍ରମୁଖ ନିଆଁ ଲିଭାଇଥିଲେ ।

## ଲୁଟେରାଙ୍କ ଟାର୍ଗେଟ୍‌ରେ ଅଳଙ୍କାର ଦୋକାନ: ଦିନକୁ ଦିନ ବଢ଼ିଚାଲିଛି ଦୌରାତ୍ମ୍ୟ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବଢ଼ୁଛି ସୁନା ବ୍ୟବସାୟର ବଜାର । ବ୍ୟାପକ ହେଉଛି କାରବାର । ଗଢି ଉଠୁଛି ଅଳଙ୍କାର ନିମନ୍ତେ ଅନେକ ଜୁଏଲାରୀ । ହେଲେ ଏହାର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ଏବେ ୧୨ରୁ ଉର୍ଦ୍ଧ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ସୁନା ଦୋକାନ ଖୋଲିଛି । ପାଖାପାଖି ୬ରୁ ଉର୍ଦ୍ଧ ଘରୋଇ ଓ ରାଷ୍ଟ୍ରାୟତ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି । ଅନେକ ଜୁଏଲାରୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛନ୍ତି । ମୁଖ୍ୟ ରାସ୍ତା ପାର୍ଶ୍ୱରେ ୧୦ରୁ ଉର୍ଦ୍ଧ ଅଳଙ୍କାର ଦୋକାନ କାରବାର କରୁଛନ୍ତି । ଏହି ସବୁ ଅଳଙ୍କାର ଦୋକାନ ଗୁଡ଼ିକୁ ଲୁଟେରା ଟାର୍ଗେଟ କରୁଛନ୍ତି । ଅନେକ ଜୁଏଲାରୀରେ ବି ନିଜସ୍ୱ ସୁରକ୍ଷା କର୍ମଚାରୀ ନଥିବା ଜଣାପଡିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟବର୍ତ୍ତୀ କୁଣ୍ଢେଇ ତିନିମୁହାଣୀ ଛକ ନିକଟରେ ଥିବା ସାହୁ ଜୁଏଲାରୀରେ ମାଲିକଙ୍କୁ ଗୁଳି ମାଡ଼ ପରେ ଏବେ ଅଳଙ୍କାର ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି । ଯେଉଁ ଭଳି ଭାବରେ ଅସ୍ତରଙ୍ଗ



ଥାନା ଅଞ୍ଚଳରେ ଦିନକୁ ଦିନ ଚୋରିର ପାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଜୁଏଲାରୀକୁ ଅଧିକ ଟାର୍ଗେଟ କରୁଛନ୍ତି । ସେହିଭଳି ରାତିରେ ବନ୍ଦ ସମୟ ହେଉ ବା ଖୋଲାବେଳକୁ ଲୁଟ ପାଇଁ ଉଚିତ ସମୟ ବୋଲି ବିବେଚନା କରୁଛନ୍ତି । ବିଶେଷ କରି ଅସ୍ତରଙ୍ଗ ମୁଖ୍ୟ ବଜାରରେ କିଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ କିଛି ଘରୋଇ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି । ଏଭଳି ବଜାରରେ ସୁନା କାରବାର ସୁରକ୍ଷା ନେଇ ଅନେକ ପ୍ରଶ୍ନ ଛିଡା ହୋଇଛି । କିଛିଦିନ ହେଲା ଅସ୍ତରଙ୍ଗ ଓ ନୂଆଗଡ ଥାନା ଅଞ୍ଚଳରେ ଲୁଟ ବୃଦ୍ଧି ପାଇବାରେ ଲାଗିଛି ଯେପରିକି ମନ୍ଦିରରୁ ଲୁଟ, ଅବସରପ୍ରାପ୍ତ ସେନା କର୍ମଚାରୀ ଘରୁ ଲୁଟ, ଟାଳଦା ମେଡିକାଲ ଚୋରି, ଏହାବ୍ୟତୀତ କିଛିଦିନ ପୂର୍ବେ ବରିଲୋରୁ ସିଜିଲ୍ ଲୁଟ ହୋଇଥିବା ବେଳେ ଲୁଟେରାଙ୍କୁ ଧରିବାରେ ୨ଟି ଥାନା ଫେଲ୍ । କିଛି ଦିନ ପୂର୍ବେ ଅସ୍ତରଙ୍ଗ ବ୍ଲକ କିଉଳ ଗ୍ରାମରେ ଦିନଦ୍ୱିପ୍ରହରରେ ମହିଳାଙ୍କ ବେକରୁ ଲୁଟ କରିନେଲେ । ଏହି ଘଟଣାରେ ପୋଲିସ ଏବେ ବି ଅନ୍ଧାରରେ ରହିଛି । ବାରୟାର ଅସ୍ତରଙ୍ଗ, ନୂଆଗଡ ଥାନାରେ ଅଭିଯୋଗ ହେଲେ ଅବା କାକଟପୁର ଥାନାରେ ଅଭିଯୋଗ ହେଲେ ମଧ୍ୟ ଥାନାରେ ଫର୍ଦ କରିଚାଲିଥିବା ବେଳେ ଲୁଟେରା ଖାଙ୍ଗରେ ପରା ପାଉନି ପୋଲିସ । ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ସ୍ଥାନରେ ଗଢି ଉଠିଥିବା ସୁନା ବେପାର ବଜାରକୁ ନେଇ ପୋଲିସ ପ୍ରଶାସନ ସଚେତନ ଅଛି କି ? ଏବେ ମଧ୍ୟ ଅସ୍ତରଙ୍ଗ ବଜାରରେ ଅନେକ ବ୍ୟବସାୟୀ ନିଜେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ବି ନ ରଖି କାରବାର କରୁଛନ୍ତି । ଏସବୁର ମୁକାବିଲା ନେଇ ପୋଲିସ ଓ ବ୍ୟବସାୟୀମାନେ କେତେ ସଚେତନ ତାହା ଚିନ୍ତାର ବିଷୟ ହୋଇଛି । ଅଳଙ୍କାର କାରବାର ଓ ତାର ସୁରକ୍ଷା ନେଇ କିଛି ବ୍ୟବସାୟୀ କୁହନ୍ତି ପୋଲିସ ଧର୍ମକୁ ଆଖିଠାର ଭଳି ପଦକ୍ଷେପ ନେଉଛି । କେବଳ ଆମକୁ ସିସିଟିଭି ଓ ସାଇରନ ଲଗାଇବାକୁ ପରାମର୍ଶ ଦେଇ ଚୁପ୍ ବସୁଛି । ବିପଦ ବେଳେ ପୋଲିସ ତତ୍କ୍ଷଣାତ ପହଞ୍ଚିବା ନେଇ ଭରସା ପାଉନି । ଆମେ ଆମ ନିଜ ଅବଗତ ହେବା ପାଇଁ ସୁରକ୍ଷା ନେଇ କ୍ୟାମେରା ଲଗାଉଛୁ । ଅସ୍ତରଙ୍ଗ ବଜାରରେ ପ୍ରଶାସନ ତରଫରୁ କ୍ୟାମେରା ଲାଗୁନାହିଁ , ଏ ସବୁ ପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ଯାହା ସୂଚନା ମିଳିଛି ନିକଟସ୍ଥ ବ୍ଲକ୍‌ରେ ସୁନା ଦୋକାନୀଙ୍କୁ ନେଇ ପୋଲିସ ଅଧିକାରୀ ବୈଠକ କରିଥିବା ବେଳେ ଅସ୍ତରଙ୍ଗ ଥାନା ଅଞ୍ଚଳରେ କିଛି ମାସ ହେବ ବୈଠକ ହୋଇନାହିଁ । ଏବେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବ୍ୟବସାୟୀ ଚିନ୍ତାରେ ।

## ରାଜ୍ୟପାଳଙ୍କୁ ସାକ୍ଷାତ୍ କଲେ ପାରାଦୀପ ବନ୍ଦରାଧ୍ୟକ୍ଷ ପି.ଏଲ୍. ହରନାଦ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ. ହରନାଦ ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କୁ ବୁଧବାର ଦିନ ଭୁବନେଶ୍ୱରସ୍ଥିତ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ପାରାଦୀପ ବନ୍ଦରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଭିତିଭୂମି ସମ୍ପ୍ରସାରଣ ଓ ବନ୍ଦରର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ପାରାଦୀପ ବନ୍ଦର ଗସ୍ତରେ ଆସିବାକୁ ନିମନ୍ତ୍ରଣ କରିଥିଲେ ।

## ନାଗାବଳୀ ନଦୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ରାୟଗଡା(ଭାସ୍କର ନ୍ୟୁଜ): ରାୟଗଡା ସହର ଉପକଣ୍ଠରେ ଥିବା ନାଗାବଳୀ ନଦୀରେ ବୁଡି ଦାସ୍ପି କଲେଜ ସ୍କୁଲର ଦୁଇଜଣ ଛାତ୍ର ମୃତ୍ୟୁବରଣ କରିଛନ୍ତି । ଖବର ପାଇ ଦମକଳ ବାହିନୀ ଦୁଇ ଛାତ୍ରଙ୍କୁ ଉଦ୍ଧାର କରିଛନ୍ତି । ମୃତକ ଦୁଇଜଣ ହେଲେ ଶ୍ରୀନୁ କୁମାର ଯାଦବ, ସି ଏଚ ଭାର୍ଗବ ତେଜାନ । ଏହି ଦୁଇ ଜଣ ୬ଷ୍ଠ ଶ୍ରେଣୀର ଛାତ୍ର । ବର୍ତ୍ତମାନ ସ୍କୁଲ ସେମାନଙ୍କ ଅଭିଭାବକ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଘରେ କାହାକୁ ନକହି ଛାତ୍ରମାନେ ଝୁଲା ପୋଲ ବୁଲିବାକୁ ଆସିଥିଲେ । ପାଣିରେ ବଲ୍ ଖେଳୁଥିଲେ । ଜଣେ ବଲ୍ ଆଣିବାକୁ ଯାଇ ବୁଡିଯିବା ପରେ ଅନ୍ୟ ଜଣେ ଉଦ୍ଧାର କରିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି । ଝୁଲା ପୋଲ ନିକଟରେ ଏଭଳି ଘଟଣା ନିୟମିତ ହେଉଛି । ଘଟଣା ପରେ ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି ।

## ଗଛରୁ ଯୁବକର ଝୁଲନ୍ତା ଶବ ଉଦ୍ଧାର

ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ରାସ୍ତାର ଶ୍ରୀରାମପୁର ଟୋଲ୍ ନିକଟସ୍ଥ ରାସ୍ତା କଡ଼ ଏକ ଗଛରେ ଜଣେ ଅଚିହ୍ନା ବ୍ୟକ୍ତିର ଝୁଲନ୍ତା ଶବକୁ ଗୁରୁବାର ଧର୍ମଶାଳା ପୋଲିସ୍ ଉଦ୍ଧାର କରିଛି । ମୃତ ଅଚିହ୍ନା ବ୍ୟକ୍ତି ଜଣକ ଅନ୍ତବସ୍ତ୍ର ପିନ୍ଧିଥିବା ବେଳେ ଦେହର କେତେକ ସ୍ଥାନରେ କ୍ଷତଚିହ୍ନ ରହିଥିବା ଦେଖାଯାଇଛି । ଏହା ହତ୍ୟା ନା ଆତ୍ମହତ୍ୟା ତାହା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଖବରପାଇ ଧର୍ମଶାଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି । ଖବର ଲେଖାହେବା ପର୍ଯ୍ୟନ୍ତ ମୃତବ୍ୟକ୍ତିଙ୍କ ସମ୍ବନ୍ଧରେ କୌଣସି ପରିଚୟ ମିଳିପାରିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ୍ ଆସିଲେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ପ୍ରକାଶ କରିଛନ୍ତି ।

## ୧୮୦ ଲିଟର ମଦ ଜବତ, ୭ କୋର୍ଟଚାଲାଣ

ଆସିକା(ଭାସ୍କର ନ୍ୟୁଜ): ଜିଲ୍ଲା ଅବକାରି ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଅବକାରୀ ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ମାହାକୁଡ଼ଓ କେ.ସି.ଏସ ରେଡ୍ଡୀ ନେତୃତ୍ୱରେ ଏକ ଟିମ ଆସିକା ପାକଲାପଲ୍ଲୀ ବସା, କାଳକଣ୍ଟପୁରବସା, ଦାମୋଦର ପଲ୍ଲୀ, ଜଗନ୍ନାଥପଲ୍ଲୀ ବସା, ଠେଙ୍ଗାପଲ୍ଲୀ ବସା, ଗଣ୍ଡପଲ୍ଲୀ ବସାରୁ ୧୮୦ ଲିଟର ଦେଶୀ ମଦ ଜବତ କରିବା ସହିତ ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଘଟଣାରେ ଆସିକା ପାକଲାପଲ୍ଲୀ ବସାରୁ ଜି ଜୟମ୍ମା (୩୬), କାଳକଣ୍ଟପୁର ବସାରୁ ଏମ ସଂଗୀତ( ୩୪ ), ଦାମୋଦର ପଲ୍ଲୀ ବସାରୁ ଡି ଶରତ କୁମାର, ଜଗନ୍ନାଥ ପଲ୍ଲୀ ବସାରୁ,ଏ. ପ୍ରସାଦ (୪୧)ଠେଙ୍ଗାପଲ୍ଲୀ ବସାରୁ ଏନ କ୍ରିଷ୍ଣାମଣି(୪୨), ଗଣ୍ଡପଲ୍ଲୀ ବସାରୁ ଏ ଜ୍ୟୋତି ( ୫୧ ), ଡି.ଦେବରାଜ (୫୩)କୁ ଗିରଫ କରି ଦେଶୀ ମଦ ଜବତ କରିବା ସହ ସେମାନଙ୍କ ନାମରେ ଅବକାରୀ ଥାନା କେସ ନମ୍ବର୫୦୨/୫୦୩/୫୦୪/୫୦୫/୫୦୬/୫୦୭/୫୦୮/୨୫ରେ ମାମଲାରେ କୋର୍ଟଚାଲାଣ କରିଥିବା ଅବକାରୀ ବିଭାଗ ସୂଚନା ଦେଇଛନ୍ତି ।

## ବରିଷ୍ଠ ଦୁଇ ବ୍ୟବସାୟୀଙ୍କ ବିୟୋଗରେ ପାରାଦୀପ ବଣିକ ସଂଘର ଶ୍ରଦ୍ଧାଞ୍ଜଳି ସଭା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ତଥା କମଳା ସିନେମା ହଲର ମାଲିକ ସ୍ୱର୍ଗତ ବିପିନ ବିହାରୀ ସେନାପତି ଏବଂ ବଡ଼ପଡ଼ିଆ ମାର୍କେଟର ପୁରାତନ ବ୍ୟବସାୟୀ ସ୍ୱର୍ଗତ ହରେକୃଷ୍ଣ ଦାସଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ଗୁରୁବାର ସକାଳେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ସଂଘର ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର (ନନି), ସହ ସମ୍ପାଦକ ଶକ୍ତିକାନ୍ତ ଦାସଙ୍କ ସମେତ ସଂଘର କାର୍ଯ୍ୟକାରୀ ସଦସ୍ୟ ଓ ବହୁ ବ୍ୟବସାୟୀ ଉପସ୍ଥିତ ରହି ସ୍ୱର୍ଗତ ଦୁଇ ବ୍ୟବସାୟୀଙ୍କ ପ୍ରତି ଗଭୀର ଶୋକବ୍ୟକ୍ତ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସେମାନଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

## ଚୌଦ୍ୱାର ମ୍ୟୁନିସିପାଲିଟି ମେହେନ୍ତର ସଂଘର ଦାବିପତ୍ର



ଟାଙ୍ଗି/ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ମ୍ୟୁନିସପାଲଟି ରେ କାର୍ଯ୍ୟରତ ମେହେନ୍ତର ସଙ୍ଘ ପକ୍ଷରୁ ଏକ ନଅ ଦଫା ଦାବିପତ୍ର ଚୌଦ୍ୱାର ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଜାଇଛି । ଚୌଦ୍ୱାର ପୌରପାଳିକା ଆଞ୍ଚଳିକ ଭିତ୍ତିରେ ନୂତନ ସଫେଇ କର୍ମଚରୀ ନିଯୁକ୍ତି ଦିଆଯାଉନାହିଁ । ଅପର ପକ୍ଷେ ପୌରପାଳିକା ଦ୍ୱାରା ନିଯୁକ୍ତି ସଫେଇ କର୍ମଚାରୀଙ୍କୁ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ନିମନ୍ତେ ଦାୟିତ୍ୱ ଦିଆଯାଇଅଛି । ପୌର ପରିଷଦ ନିଜେ ନିଯୁକ୍ତିଦାତା ହୋଇଥିଲେ ହେଁ ଠିକାଦାରଙ୍କ ମାଧ୍ୟମରେ ଶୋଷଣ କରାଯାଉଛି । ଦୀର୍ଘ ୨୦/୨୫ ବର୍ଷ ଧରି କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ସ୍ଥାୟୀ ପଦବୀ ସୃଷ୍ଟି କରାନଯାଇ କେବଳ ସର୍ବନିମ୍ନ ମଜୁରି ଦିଆଯାଉଛି । ଶ୍ରମିକ ତଥା ଠିକାଦାରଙ୍କ ଦ୍ୱାରା ପରିଚାଳିତ ସଫେଇ କର୍ମଚାରୀଙ୍କ ସମାନ କାମ ପାଇଁ ସମାନ ମଜୁରି ଲାଗୁ କରିବା । ୬ ବର୍ଷ କାର୍ଯ୍ୟ କରିଥିବା ଠିକା ସଫେଇ ଶ୍ରମିକଙ୍କୁ ସ୍ଥାୟୀ କରାଯାଉ, ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି, ଠିକା ଶ୍ରମିକଙ୍କ ନିଯୁକ୍ତ ତାରିଖ ଘୋଷଣା, ଠିକା ଶ୍ରମିକ ମିଲି ନାଏକ, ଅନିତା ନାୟକ ଓ ବିଜୁ ନାୟକଙ୍କୁ ବିନା କାରଣରେ ବିନା ନୋଟିସ୍‌ରେ କାର୍ଯ୍ୟରୁ ନିଲମ୍ବନ କରଯାଇଛି ତାର ତଦନ୍ତ, ସଫେଇ କର୍ମଚାରୀଙ୍କ ମାସିକ ଦରମାରୁ ଇପିଏଫ ଓ ଇଏସ୍‌ଆଇ ବାବଦରେ କାଟି ନିଆଯାଇଥିବା ଅର୍ଥକୁ ହରିଲୁଟ୍ କାରାଯାଇ ଦାଖଲ କରାଯାଉନଥିବା, ଠିକା ସଫେଇ କର୍ମଚାରିଙ୍କୁ ସ୍ଥାୟୀ ଶ୍ରମିକ ପାଉଥିବା ସୁବିଧା ସୁଯୋଗ, ଆଞ୍ଚଳିକ ଭିତ୍ତିରେ ନିଯକ୍ତି ପ୍ରଦାନ କରିବା ଇତ୍ୟାଦି ସଂଘ ୯ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ ଯଥା ଶୀଘ୍ର ପଦକ୍ଷେପ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି । ପରେ ନିର୍ବାହୀ ଅଧିକାରୀ ଏ ଘଟଣାକୁ ଗୁରୁତ୍ୱର ସହ ନେଇ ଯଥା ଶୀଘ୍ର ସମସ୍ୟାର ସମାଧାନ କରିପାରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ମ୍ୟୁନିସିପାଲିଟି ମେହେନ୍ତର ସଂଘ ସଭାପତି ଲକ୍ଷ୍ମୀଧର ସାହୁ ଓ ଉପ ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ସହ ପୁରୁଷ ଓ ମହିଳା ମେହେନ୍ତର ଉପସ୍ଥିତ ଥିଲେ ।

**ଜନବସତି ପାଖରେ ପ୍ରକଳ୍ପକୁ ନେଇ ପ୍ରଶ୍ନବାଚୀ !**

## ଏନ୍ଆର୍ଏଲ୍ କମ୍ପାନୀର ପାଇପ୍ ଲାଇନ୍ ବିଛା କାର୍ଯ୍ୟକୁ ବିରୋଧ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଉପକଣ୍ଠ ସ୍ଥିତ କଂସାରୀପାଟିଆ ନିକଟରେ ଏନଆରଏଲ କମ୍ପାନୀର ପାଇପଲାଇନ କାର୍ଯ୍ୟକୁ ବିରୋଧ କରିଛନ୍ତି ଜମି ମାଲିକ । ଏହି ପାଇପଲାଇନ ଦ୍ୱାରା ଏନଆରଏଲ କମ୍ପାନୀର ଅଶୋଧିତ ତୈଳ ପରିବହନ କରାଯିବା ପାଇଁ ପାଇପ ବିଛାଯାଉଥିବା ବେଳେ ବୁଧବାର ଦିନ ବିରୋଧ କରିଥିଲେ ଜମି ମାଲିକ । ସୂଚନା ଅନୁଯାୟୀ ପାରାଦୀପ କଂସାରୀପାଟିଆ ନିକଟରେ କିଛି ବେସରକାରୀ ଜମିରେ ଘରୋଇ ଘର ବାଡ଼ି ଜମି ରହିଛି । ଯାହାକୁ ନେଇ ବର୍ତ୍ତମାନ କିଛି ଜମି ମାଲିକ ନିଜର ଘରକାର୍ଯ୍ୟ ମଧ୍ୟ ଆରମ୍ଭ କରିଛନ୍ତି । ତେବେ ଏହି ଜମି ନିକଟରେ ଏନ୍ଆର୍ଏଲ୍ କମ୍ପାନୀ ତାର ପାଇପଲାଇନ ବିଛା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଖବର ପାଇ ଜମି ମାଲିକମାନେ ଏକାଠି ହୋଇ ପାଇପ ଲାଇନ କାର୍ଯ୍ୟକୁ ବିରୋଧ କରିଛନ୍ତି । ଜମି ମାଲିକଙ୍କ କହିବା ଅନୁଯାୟୀ ବିଛା ଯାଉଥିବା ପାଇପ ଦ୍ୱାରା କମ୍ପାନୀର ଅଶୋଧିତ ତୈଳ ପରିବହନ କରାଯିବ, ନିକଟରେ ସରକାରି ଜମି ରହିଥିବା ବେଳେ କଣ ପାଇଁ ଆମ ଘରବାଡି ଜାଗା ନିକଟରେ ପାଇପ ଲାଇନ ବିଛା ଯାଉଛି ବୋଲି ଅଭିଯୋଗ କରିଛନ୍ତି । ଭବିଷ୍ୟତରେ ଯଦି କୌଣସି କାରଣରୁ ପାଇପଲାଇନରୁ ତୈଳ ନିର୍ଗତ ହୋଇ ଦୁର୍ଘଟଣା ଘଟେ, ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି । ସରକାରୀ ଜାଗାରେ ପାଇପଲାଇନ ନିଅନ୍ତୁ ଆମର କିଛି ଆପତ୍ତି ନାହିଁ, ଯଦି ବେଆଇନ ଭାବରେ ଆମ ଜାଗା ନିକଟରେ କମ୍ପାନୀ ପାଇପଲାଇନ ନେବା ପାଇଁ ଚେଷ୍ଟା କରନ୍ତି ତେବେ ସାମୁହିକ ଭାବେ ସମସ୍ତ ଜମି ମାଲିକ ଆଇନର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି । ଜନବସତି ନିକଟ ଏବଂ ସମୁଦ୍ର ବେଳାଭୂମି ନିକଟରେ ପ୍ରକଳ୍ପର ମଞ୍ଜୁରୀ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ମତପ୍ରକାଶ ପାଇଛି ।

## ଭୂତ ନେଇଗଲା ନଡ଼ିଆ ଓ ପାନ ହାଟ: ନିୟନ୍ତ୍ରିତ ବଜାର କମିଟିରେ ଦୁର୍ନୀତିର ଗନ୍ଧ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରୁ ନଡ଼ିଆ ହାଟ ଚୋରୀ । ସରକାରଙ୍କ ପକ୍ଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଇ ନଡ଼ିଆ ହାଟ ନିର୍ମାଣ କରାଯାଇଥିଲା । ଲୋକ ଦେଖାଣିଆ ଭାବେ ଗୋଟିଏ ଥର ସେଠାରେ ଚାଷୀଙ୍କୁ କୁହାଯାଇଥିଲା ନଡ଼ିଆ ବିକିବା ପାଇଁ । ପରବର୍ତ୍ତୀ ସମୟରେ ନଡ଼ିଆ ହାଟର ପ୍ରାୟତଃ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଦେଖିବାକୁ ମିଳି ନାହିଁ । ଏହି ନଡ଼ିଆ ହାଟ ଚୋରି ହୋଇଯାଇଥିବା ଚାଷୀମାନେ କହୁଛନ୍ତି । ଏଥର ପାନ ହାଟ ମଧ୍ୟ ଗାୟବ ହୋଇଯାଇଛି । ଚାଷୀଙ୍କଠାରୁ ପାନକିଣା ଯାଇପାରୁନି । ସରକାରଙ୍କ ଯୋଜନା କ'ଣ ପାଇଁ ବୋଲି ଚାଷୀମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ଏପଟେ ନିୟନ୍ତ୍ରିତ ବଜାର କମିଟି ସଭାପତି ଓ ସଂପାଦକ ନୀରବ ସାଜିଛନ୍ତି । ଯାହାକୁ ନେଇ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ବ୍ୟାପକ ଅର୍ଥ ଖର୍ଚ୍ଚ କରି ପୋଖରୀ ହୁଡ଼ାରେ ଦୋକାନ ଗୃହ, ଗୋଦାମ ଘର ଓ ବିଭିନ୍ନ ହାଟ ନିର୍ମାଣ କରିଛନ୍ତି । ମାତ୍ର ଗୋଟିଏ ଥର ନଡ଼ିଆ ବିକ୍ରି ହେବା ପରେ ଚାଷୀମାନେ ବାରମ୍ବାର ଫେରୁଥିବା ବେଳେ ନଡିଆ ହାଟ ଦେଖିବାକୁ ମିଳୁ ନାହିଁ । ବାକ୍ୟ ବାଣରେ କର୍ମଚାରୀ ବା ଅଧିକାରୀ ବାହାସ୍ଫଟ ମାରୁଥିବା ବେଳେ ଏଠାରେ ମହା ଦୁର୍ନୀତି ଘଟୁଥିବା ବାରି ହୋଇପଡୁଛି । ବିଜେଡ଼ି ସରକାର ଅମଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ହାଟ ନିର୍ମାଣ କରାଯାଇଥିଲା । ବିଜେପି ସରକାର ଅମଳକୁ ସେଠାରେ ଆଉ ହାଟ ନଥିବା ଘଟଣାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାକୁ ଉଚ୍ଚସ୍ତରୀୟ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଅନେକ ଚାଷୀ ଦାବି କରିଛନ୍ତି । ଏହି ଘଟଣାରେ ଯେଉଁ କର୍ମଚାରୀ ସଂପୃକ୍ତ ଥିବ ତାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ଚାଷୀମାନେ କହିଛନ୍ତି । ନିର୍ଦ୍ଦିଷ୍ଟ ଠିକାଦାର ମାଧ୍ୟମରେ ଜଣେ ବ୍ୟକ୍ତି ଏଠାରେ ପର୍ସେଣ୍ଟ ହିସାବରେ ଦୋକାନ ଓ ଗୋଦାମ ଗୃହ କାମ କରିଥିବା ବେଳେ ବ୍ୟାପକ ପିସି ପୂର୍ବରୁ କାରବାର ହୋଇଥିବା ଚାଷୀମାନେ କହିଛନ୍ତି । ଏଠାରେ ଚାଷୀମାନଙ୍କ ହାଟ ନଥିବା ବେଳେ କେତେକ ଟାଇଲ୍ ଦୋକାନୀ ଗୋଦାମ କରି ସେହିଠାରେ ବ୍ୟବସାୟ ଚଳାଇଛନ୍ତି । ମାତ୍ର ନଡ଼ିଆ ଓ ପାନ ଗୋଦାମ ରାତାରାତି ଉଭାନ୍ ହୋଇଯାଇଛି । ଏହି ଘଟଣା ପ୍ରତି ଦୃଷ୍ଟି ଦିଆନଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି ।

**ସାମାଜିକ ଗଣମାଧ୍ୟମରେ ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋ ପ୍ରଘଟ**

## ମାନସିକ ଆଘାତ ପାଇ ପ୍ରେମିକା ହାରିଲା ଜୀବନ: ପ୍ରେମିକ ଗିରଫ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ପ୍ରେମିକ ପ୍ରେମିକାର ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବା ଘଟଣାକୁ ନେଇ ପ୍ରେମିକା ମାନସିକ ସ୍ତରରେ ଆଘାତ ପାଇଥିଲା । ପ୍ରେମିକା ଏଥିରେ ମର୍ମାହତ ହୋଇ ଶେଷରେ ଜୀବନ ହାରିବାକୁ ବାଧ୍ୟ ହୋଇଛି । ଏହି ଘଟଣାରେ ଭଦ୍ରେଶ୍ୱର ଥାନା ପୋଲିସ ପ୍ରତାରକ ପ୍ରେମିକକୁ ଗିରଫ କରିଛି । ଏହି ଘଟଣାଟି ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି । ଭଦ୍ରେଶ୍ୱର ଥାନା ପୋଡାମରାଇ ଗ୍ରାମର ବିଷ୍ଣୁ ଚରଣ ସେଠୀଙ୍କ କନ୍ୟା ଇନ୍ଦୁମତୀ ସେଠୀ( ୨୩) ସ୍ଥାନୀୟ ଅଞ୍ଚଳରେ ଥିବା ଏକ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଏହି ସମୟରେ ଇନ୍ଦୁମତୀ ସ୍ଥାନୀୟ ନାହାଙ୍ଗ ପଞ୍ଚାୟତ ଡିହିଗୋପ ଗ୍ରାମର ଅଜୟ ସେଠୀଙ୍କ ପୁତ୍ର ଅନିଲ କୁମାର ସେଠୀ( ୨୮ )ଙ୍କୁ ଭଲ ପାଇଆସୁଥିଲେ । ଏପରିକି ଏହି ଦୁଇ ପ୍ରେମିକ ପ୍ରେମିକା ବହୁବାର ବିଭିନ୍ନ ସ୍ଥାନରେ ସାଥିହୋଇ ମିଳାମିଶା କରିଥିଲେ । ଏହି ସମୟରେ ପ୍ରେମିକାର ସରଳତାର ସୁଯୋଗ ନେଇ ପ୍ରେମିକ ଅନିଲ ତାର ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋକୁ ମୋବାଇଲ ଯୋଗେ ଉତ୍ତୋଳନ କରି ରଖିଥିଲେ । ଏପରିକି ଅନିଲ ବିଭିନ୍ନ ସମୟରେ ପ୍ରେମିକାକୁ ବ୍ଲାକ୍ ମେଲ୍ କରି ଆସୁଥିଲେ । ତାର କଥାରେ ରାଜି ନହେଲେ ପାଖରେ ମହଜୁଦ ଥିବା ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋକୁ ଭାଇରାଲ କରିଦେବେ ବୋଲି ଧମକ ଚମକ ଦେଇ ଭୟଭୀତ କରାଇଆସୁଥିଲେ । ଫଳରେ ପ୍ରେମିକା ବାଧ୍ୟ ହୋଇ ପ୍ରେମିକର ସମସ୍ତ କଥାରେ ରାଜି ହୋଇଯାଉଥିଲେ । ତେବେ ପରିସ୍ଥିତି ଅଣାୟତ୍ତ ହେବାରୁ ଦୁହିଁଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । ଶେଷରେ ପ୍ରେମିକାର ପରିବାର ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପଠାରେ ରହୁଥିବା ତାଙ୍କ ଭାଇଙ୍କ ନିକଟରେ ଯୁବତୀକୁ ଛାଡିଥିଲେ । ଏହି ସମୟରେ ପ୍ରେମିକ ପ୍ରତିହିଂସା ପରାୟଣ ହୋଇ ସାମାଜିକ ଗଣମାଧ୍ୟମ ଓ ଇଷ୍ଟାଗ୍ରାମ୍‌ରେ ପ୍ରେମିକାର ଅନ୍ତରଙ୍ଗ ମୂହୁର୍ତ୍ତର ଫାଟୋକୁ ଭାଇରାଲ କରିଦେଇଥିଲା । ଏହି ଘଟଣା ପ୍ରଚାରିତ ହେବାକ୍ଷଣି ପ୍ରେମିକା ମାନସିକ ସ୍ତରରେ ଆଘାତ ପାଇ ପାରାଦ୍ୱୀପରେ ତାର ଭାଇଙ୍କ ବାସଭବନରେ ଆତ୍ମହତ୍ୟା କରିଦେଇଥିଲା । ପାରାଦ୍ୱୀପ ପୋଲିସ ଯୁବତୀର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ଏସମ୍ପର୍କରେ ଯୁବତୀର ମାଆ କୁନି ସେଠୀ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଭଦ୍ରେଶ୍ୱର ଥାନା ପୋଲିସ କେଶ ନଂ ୪/୨୦୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ ଅଭିଯୁକ୍ତ ପ୍ରେମିକ ଅନିଲକୁ ଗିରଫ କରି ତଦନ୍ତ ଜାରି ରଖିଛି ।

## ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା



**ଚିକିତ୍ସା ହୋଇନପାରି ଫେରୁଛନ୍ତି ପ୍ରାଣୀ**

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରାଣୀ ଚିକିତ୍ସାଳୟ ଅନେକ ସମୟରେ ତାଲା ପଡୁଥିବାରୁ ପ୍ରାଣୀଙ୍କର ଚିକିତ୍ସା ହୋଇନପାରି ପ୍ରାଣୀମାନେ ମୃତ୍ୟୁ ମୁଖର ଶିକାର ହେଉଛନ୍ତି । ଜରୁରିକାଳୀନ ସେବାରେ କୌଣସି ବ୍ୟକ୍ତି ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟକୁ ଆସିଲେ ମଧ୍ୟ ଅନେକ ସମୟରେ ତାଲା ପଡୁଥିବା କାରଣରୁ ଗୋରୁ ଚାଷୀଠାରୁ ଆରମ୍ଭକରି ଛେଳି, ମେଣ୍ଢା ଚାଷୀ ପର୍ଯ୍ୟନ୍ତ ଫେରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନେକ ସମୟରେ ତାଲା ପଡ଼ିବା କାରଣରୁ ଗୋରୁମାନଙ୍କର ଚିକିତ୍ସା ହେବାରେ ବିଳମ୍ବ ହେଉଛି । ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ପୂର୍ବତନ ପ୍ରାଣୀ ଚିକିତ୍ସାଧିକାରୀ ବଦଳି ହୋଇଯିବା ପରେ ନୂତନ ପ୍ରାଣୀ ଚିକିତ୍ସାଧିକାରୀ ଆସିଛନ୍ତି କି ନାହିଁ ତାହା ଜଣାନାହିଁ । ମାତ୍ର ଅନେକ ସମୟରେ ତାଲା ଝୁଲୁଥିବା ଘଟଣାକୁ ନେଇ ଚାଷୀମାନେ ପ୍ରତିବାଦ କରିଛନ୍ତି । ନିମାପଡ଼ା ଅଞ୍ଚଳର ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ କ'ଣ ପାଇଁ ଏଠାରୁ ପ୍ରାଣୀମାନେ ଫେରୁଛନ୍ତି ସେ ନେଇ ଅସନ୍ତୋଷ ବେଳକୁ ବେଳ ବୃଦ୍ଧି ପାଉଛି ।

## ବୃତ୍ତି ପରୀକ୍ଷାରେ ଦୁଇଭଉଣୀଙ୍କ ସଫଳତା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଚଳିତ ବର୍ଷ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ଦୁଇ ଭଉଣୀ ସରସ୍ୱତୀ ଶିଶୁମନ୍ଦିର ରାଜେନ୍ଦ୍ରପୁରର ଛାତ୍ରୀ ସାଇକୃପା ମନ୍ମୟୀ ଜେନା ଓ ସାଇ ସ୍ୱରୂପା ମୋକ୍ଷଦା ଜେନା । ସାଇକୃପା ଚଳିତ ୨୦୨୪-୨୫ ବର୍ଷ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭଣ୍ଡାରିପୋଖରୀ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସାଇକୃପା ପୂର୍ବରୁ ମଧ୍ୟ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭଣ୍ଡାରିପୋଖରୀ ବ୍ଲକ୍‌ରେ ଦ୍ୱିତୀୟ ସ୍ଥାନ, ୫ମ ଶ୍ରେଣୀ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଭଣ୍ଡାରିପୋଖରୀ ବ୍ଲକ ଓ ସମଗ୍ର ଭଦ୍ରକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହା ବ୍ୟତୀତ ପଞ୍ଚମ ଶ୍ରେଣୀ 'ଜବାହାର ନବୋଦୟ' ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଓ ସମ୍ବାଦ ତରଫରୁ ଆୟୋଜିତ ହେଉଥିବା ଚିତ୍ରାଙ୍କାନ ପ୍ରତିଯୋଗିତାରେ ଲଗାତାର ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏତଦ୍ ଭିନ୍ନ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଭାଗ ନେଇ ସଫଳ ହୋଇଛନ୍ତି । ସେହିପରି ସାଇକୃପାଙ୍କ ସାନ ଭଉଣୀ ସାଇ ସ୍ୱରୂପା ମୋକ୍ଷଦା ଜେନା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସମଗ୍ର ଭଣ୍ଡାରିପୋଖରୀ ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଚଳିତବର୍ଷ 'ସମ୍ବାଦ' ତରଫରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସାଇ ସ୍ୱରୁପା ମଧ୍ୟ ତାଙ୍କ ବଡ଼ ଭଉଣୀ ସାଇକୃପାଙ୍କ ପରି ବିଭିନ୍ନ ଅନୁଷ୍ଠାନ ତରଫରୁ ଆୟୋଜିତ ହେଉଥିବା ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଭାଗ ନେଇ ସଫଳତା ହାସଲ କରିଛନ୍ତି । ସାଇକୃପା ଓ ସାଇ ସ୍ୱରୁପାଙ୍କ ବାପା ଭାରତ ସରକାରଙ୍କ ଡିରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍ଟିରେ ଡେପୁଟି ଡାଇରେକ୍ଟର(ଡିଜିଏମ୍ଏସ୍) ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କ ମା' ଶିକ୍ଷୟିତ୍ରୀ ଅଛନ୍ତି । ଦୁଇ ଭଉଣୀ ତାଙ୍କର ଏହି ସଫଳତା ପାଇଁ ତାଙ୍କ ବାବା, ମାମା, ଜେଜେମା', ଜେଜେ ବାପା, ଅଜାଆଈ ଓ ଗୁରୁଜୀ/ଗୁରୁମାଙ୍କୁ ଶ୍ରେୟ ଦେଇଛନ୍ତି । ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

## ଛାତ୍ରକୁ ଅପହରଣ ଉଦ୍ୟମ ପଣ୍ଡ

ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ରାଉତରାପୁର ଗ୍ରାମର ଜଣେ ଛାତ୍ରକୁ କେତେକ ଦୁର୍ବୃତ୍ତ ଏକ ଇଣ୍ଡିକା କାରରେ ଅପହରଣ କରି ଗାଡ଼ିରେ ପୁରାଇ ନେଇଯିବାକୁ ଉଦ୍ୟମ କରିଥିଲେ । ମାତ୍ର ଛାତ୍ର ଜଣକ ବୁଦ୍ଧି ଖଟାଇ ସେମାନଙ୍କ କବଳରୁ ଖସିଆସିବାରେ ସକ୍ଷମ ହୋଇଥିଲେ । ରାଉତରାପୁର ଗ୍ରାମର ନିଗମାନନ୍ଦ ପାଢ଼ୀଙ୍କ ପୁଅ ସ୍ୱରୂପାନନ୍ଦ ପାଢ଼ୀ (୧୪) ଗୁରୁବାର ସକାଳ ୭ଟାରେ ସାଇକେଲ ଯୋଗେ ଟିୟୁସନ୍ ହେବା ପାଇଁ ସାରଙ୍କ ଘରକୁ ସ୍ଥାନୀୟ ବ୍ରାହ୍ମଣୀ ନଦୀ ବନ୍ଧରେ ଯାଉଥିଲେ । ଏହି ସମୟରେ ଏକ ଇଣ୍ଡିକା କାରରେ ଆସି ୩ଜଣ ଯୁବକ ଓହ୍ଲାଇ ସ୍ୱରୂପଙ୍କୁ ଜୋର୍ ଜବରଦସ୍ତି କାର୍‌ରେ ପୁରାଇ ତାର ସାଇକେଲକୁ କାର୍ ଡ଼ିକିରେ ପୁରାଇ ନେଇ ଯାଇଥିଲେ । ଗାଡ଼ିଟି ଧର୍ମଶାଳା ଥାନା ଅନ୍ତର୍ଗତ କଳ୍ପତରୁ ଦାସ ଷ୍ଟାଡ଼ିୟମ୍ ନିକଟରେ ଅପହରଣକାରୀମାନେ ଗାଡ଼ିରୁ ଓହ୍ଲାଇ ମୋବାଇଲ୍ ଯୋଗେ କାହାସହ କଥା ହେଉଥିଲେ । ଏହି ସମୟରେ ଛାତ୍ର ଜଣକ ଗାଡ଼ିରୁ ଲୁଚି ଓହ୍ଲାଇ ଦୌଡ଼ି ଦୌଡ଼ି ଜାରକା ବଜାରକୁ ପଳାଇଆସି ଅନ୍ୟର ମୋବାଇଲ ସାହାଯ୍ୟରେ ତାର ପରିବାର ଲୋକଙ୍କୁ ସୂଚନା ଦେଇଥିଲା । ପରିବାର ଲେକେ ଆସି ତାକୁ ଘରକୁ ନେଇଯାଇଥିଲେ । ଅପହରଣ ଘଟଣାଟି ବ୍ରହ୍ମବରଦା ଥାନା ଅଞ୍ଚଳରେ ହୋଇଥିବାରୁ ଛାତ୍ରର ମାଆ ସ୍ମରଣିକା ପାଢ଼ୀ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ବ୍ରହ୍ମବରଦା ପୋଲିସ୍ ଏକ କେଶ୍ ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଅଂଶୁବାଳା ଦାଶ ସୂଚନା ଦେଇଛନ୍ତି ।

## ଉପାନ୍ତରେ ରୋଜଗାର ଦେଇଛି ରବର ଚାଷ, ଦାଦନ ଖଟିବାକୁ ନଯାଇ ସ୍ୱାବଲମ୍ବୀ ହେଉଛନ୍ତି ଚାଷୀ

କରଞ୍ଜିଆ(ଭାସ୍କର ନ୍ୟୁଜ): ଦିନେ ନିଜ ପରିବାରକୁ ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଆଜି ନିଜ ଅଞ୍ଚଳରେ ଘର ପାଖରେ ରବର ଚାଷ ଦେଇଛି ରୋଜଗାର । ଯେଉଁଠି ଦିନେ ପଡିଆ ପଡ଼ିଥିଲା ଜମି ସେଇଠି ଆଜି ରବର ସୋସାଇଟି ଦ୍ୱାରା ରବର ଚାଷ କରି ଏକାଧିକ ଚାଷୀ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ବେଶ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି । ମୟୁରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକର ଉପାନ୍ତ ଅଞ୍ଚଳ ପଣ୍ଡଗଣ୍ଡି ଗାଁରେ ପାରମ୍ପାରିକ ଚାଷକୁ ଛାଡି ପଣ୍ଡଗଣ୍ଡି ଅଞ୍ଚଳର ଚାଷୀ ଏବେ କରୁଛନ୍ତି ରବର ଚାଷ । ବିଗତ ୧୫ ବର୍ଷରୁ ଅଧିକ ସମୟଧରି ଚାଷ କରିଆସୁଛନ୍ତି ଚାଷୀ । ସ୍ୱଚ୍ଛ ପରିଶ୍ରମରେ ରବର ଚାଷ କରି ନିଜେ ରୋଜଗାରକ୍ଷମ ହେବା ସାଙ୍ଗକୁ ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି । ପ୍ରାୟ୧୦୦ ଏକରରୁ ଉର୍ଦ୍ଧ୍ୱ ଜାଗାରେ ୯୦୦୦ରୁ ଅଧିକ ଗଛ ଲଗାଇ କରୁଛନ୍ତି ଚାଷ । ଗଛରୁ କ୍ଷୀର ସଂଗ୍ରହ କରି ରବର ପ୍ରସ୍ତୁତ କରି କଞ୍ଚାମାଲକୁ ବିଭିନ୍ନ କମ୍ପାନୀକୁ ବିକ୍ରି ଲାଭବାନ ହେଉଛନ୍ତି ଚାଷୀ । ଏକର ଏକର ଜମିରେ ଲାଗିଛି ରବର ଗଛ, ଗୋଟିଏ ପଟେ ରବର ଚାଷରୁ ଭଲ ଦୁଇ ପଇସା ରୋଜଗାର ମିଳୁଥିବା ବେଳେ ଅନ୍ୟପଟେ ରବର ଚାଷ ପାଇଁ ସରକାରୀ ସହାୟତା ବି ଯୋଗାଇ ଦେଉଛନ୍ତି ସରକାର । ସେଇଥି ପାଇଁ ଅଞ୍ଚଳର ଏବେ ଯୁବପିଢ଼ି ମଧ୍ୟ ଦାଦନ ଖଟିବାକୁ ବାହାରକୁ ନ ଯାଇ ନିଜ ଅଞ୍ଚଳରେ ହେଉଥିବା ରବର ବଗିଚାରେ ନିୟୋଜିତ



ହୋଇ ସ୍ୱାଭିଲମ୍ବୀ ହୋଇ ପାରିଛନ୍ତି ଓ ରବର ଚାଷ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ଦୀର୍ଘବର୍ଷ ଧରି ଏହି ରବର ଚାଷ କରିଆସୁଥିବା ଚାଷୀ ବର୍ତ୍ତମାନ ସୁଦ୍ଧା୧୦୦ ଏକର ଉର୍ଦ୍ଧ୍ୱ ଜାଗାରେ ରବର ଚାଷ କରିଛନ୍ତି । ଉତ୍ପାଦିତ ରବରକୁ ବିକ୍ରି କରି ସ୍ୱାବଲମ୍ବୀ ହୋଇଛନ୍ତି । ଆନ୍ତର୍ଜାତିକ ବଜାରରେ ରବର ଚାହିଦା ବେଶ ଅଧିକା ରହିଛି, ରବରରୁ ବିଭିନ୍ନ ପ୍ରକାରର ଗୃହ ଉପଯୋଗୀ ସାମଗ୍ରୀ ବିଭିନ୍ନ କମ୍ପାନୀଙ୍କ ଦ୍ୱାରା ତିଆରି ହୋଇ ବଜାରରେ ବିକ୍ରି ହୋଇଥାଏ । ଏଣୁ ନିଜ ଅଞ୍ଚଳ ବାହାରୁ ବିଭିନ୍ନ କମ୍ପାନୀ ମାନ ଆସି ରବରକୁ କ୍ରୟ କରି ନେଉଥିବାରୁ କୌଣସି ସମସ୍ୟା ହେଉନଥିବା ପ୍ରକାଶ କରନ୍ତି ଚାଷୀ । ଚାଷରୁ ଉତ୍ପାଦିତ ହେଉଥିବା କଞ୍ଚାମାଲକୁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଦର ନିର୍ଦ୍ଧାରଣ କରି ବଜାରରେ ବିକ୍ରି କରାଯାଇପାରିଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରନ୍ତେ ।

## ମହାକୁମ୍ଭ ମେଳା ପାଇଁ ଓଡ଼ିଶାରୁ ଗଡ଼ିବ ସ୍ୱତନ୍ତ୍ର ବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍ତର ଭାରତରେ ଆରମ୍ଭ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳାକୁ ଦୃଷ୍ଟିରେ ରଖି ଓଡ଼ିଶାରୁ ଅଯୋଧ୍ୟାକୁ ସଂଯୋଗ କରିବାକୁ ଥିବା ସ୍ୱତନ୍ତ୍ର ବସସେବାର ଶୁଭାରମ୍ଭ କରିବେ ଓଡ଼ିଶା ସରକାର । ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ପରିଚାଳିତ ଏହି ହାଇ-ଏଣ୍ଡ ପ୍ରିମିୟମ ବସସେବା ଯାତ୍ରୀମାନଙ୍କୁ ଯୋଗାଇବ ଏକ ଆରାମଦାୟକ ଏବଂ ସୁଗମ ଯାତ୍ରାର ଅନୁଭୂତି । ଏହି ବସଗୁଡ଼ିକ ୪ଟି ମୁଖ୍ୟ ମାର୍ଗ ଦେଇ ଚଳାଚଳ କରିବ: ଯଥା ପୁରୀ-ଅଯୋଧ୍ୟା, ସମ୍ବଲପୁର-ଅଯୋଧ୍ୟା, ଭବାନୀପାଟଣା-ଅଯୋଧ୍ୟା ଏବଂ ବ୍ରହ୍ମପୁର-ଅଯୋଧ୍ୟା । ପ୍ରତ୍ୟେକ ମାର୍ଗ ପାଇଁ ଦୁଇଟି ଲେଖାଏଁ ବସ ରହିବ ଯାହା ଯାତ୍ରୀମାନଙ୍କର ବ୍ୟାପକ ସୁବିଧା ସୁନିଶ୍ଚିତ କରିବ । ଏହି ସେବା ଓଡ଼ିଶାର ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ, ଯାହାଦ୍ୱାରା ରାଜ୍ୟର ସମସ୍ତ ତୀର୍ଥଯାତ୍ରୀ ଉପକୃତ ହୋଇପାରିବେ । ବସସେବା ୧୩ରୁ



ଆରମ୍ଭହୋଇ ୨୬ ଫେବୃଆରୀ ପର୍ଯ୍ୟନ୍ତ ବଳବତ୍ତର ରହିବ । ଯାତ୍ରୀଙ୍କ ଆରାମ ଦାୟକ ଯାତ୍ରାକୁ ପ୍ରାଥମିକତା ଦେବା ପାଇଁ ବସ ଭିତରେ ଆଧୁନିକ ସୁବିଧା, ଯେପରିକି ସ୍ଲିପର୍‌ସିଟ୍, ମୋବାଇଲ ଚାର୍ଜିଂପୋର୍ଟ, ଇନଫୋଟେନମେଣ୍ଟ ସିଷ୍ଟମ୍ ଏବଂ ଉନ୍ନତ ସ୍ଥିରତା ପାଇଁ ଲମ୍ୱା ହ୍ୱିଲ ବସ ସାମିଲ ରହିଛି । ବସ ଭିତରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଅଗ୍ନିସୁରକ୍ଷା ବ୍ୟବସ୍ଥା, ଲାଇଭ୍ ଯାନ ଟ୍ରାକିଂ, ପ୍ୟାନିକ୍‌ବଟନ୍ ଏବଂ ଏକ ଉନ୍ନତ ଡ୍ରାଇଭର ସହାୟତା ବ୍ୟବସ୍ଥା ଭଳି ବୈଶିଷ୍ଟ୍ୟ ରହିଛି । ଏହି ବୈଶିଷ୍ଟ୍ୟଗୁଡ଼ିକ ଯାତ୍ରାକୁ ଉଭୟ ଆରାମ ଦାୟକ ଏବଂ ନିରାପଦ କରି ଆନ୍ତର୍ଜାତୀୟ ନିରାପତ୍ତା ମାନକକୁ ବୃଦ୍ଧିକରିବ । ଯାତ୍ରୀମାନେ ସୁଲଭ ମୂଲ୍ୟରେ ଏହି ପ୍ରିମିୟମ ବସସେବାଗୁଡ଼ିକର ଲାଭ ଉଠାଇ ପାରିବେ । ଯାତ୍ରୀମାନେ ଓଏସ୍ଆରଟିସି ୱେବସାଇଟ୍, ଓଏସ୍ଆରଟିସି ମୋବାଇଲ୍ ଆପ୍ କିମ୍ବା ସେମାନଙ୍କ ନିକଟତମ ଓଏସ୍ଆରଟିସିଟି କାଉଣ୍ଟରକୁ ଯାଇ ଟିକେଟ ବୁକିଂ କରିପାରିବେ । ଯାତ୍ରୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ପାଇଁ ଏକ ଉତ୍ସର୍ଗୀକୃତ ୨୪/୭ ହେଲ୍ପଲାଇନ (୧୮୦୦-୩୪୫-୧୧୨୨ଟୋଲ ଫ୍ରି ନଂ ଏବଂ ହ୍ୱାଟସଆପ୍ ନଂ-୭୮୪୯୦୦୫୨୨୦୫)ବ୍ୟବସ୍ଥା କରାଯାଇଛି । ଏଥିସହ ଓଏସ୍ଆରଟିସି କର୍ମଚାରୀ ଏବଂ ଅଧିକାରୀମାନେ ଯାତ୍ରୀମାନଙ୍କ ଆବଶ୍ୟକତାକୁ ପୂରଣ କରିବା ଏବଂ ଏକ ନିରବଚ୍ଛିନ୍ନ ସୁଗମ ଯାତ୍ରା ଯୋଗାଇ ଦେବା ପାଇଁ ବାରାଣସୀ ଏବଂ ବସ୍‌ରେ ନିୟୋଜିତ ରହିବେ । ମାର୍ଗ ବିବରଣୀ, ଭାୟା ଷ୍ଟପେଜ ବିଷୟରେ ବିସ୍ତୃତ ସୂଚନା ଓଏସ୍ଆରଟିସି ୱେବସାଇଟ୍ ଏବଂ ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉପଲବ୍ଧ ରହିଛି । ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ତୀର୍ଥଯାତ୍ରୀଙ୍କ ପାଇଁ ଦକ୍ଷ ତଥା ନିର୍ଭରଯୋଗ୍ୟ ପରିବହନ ବ୍ୟବସ୍ଥା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ଦର୍ଶାଉଛି, ଯାହାଦ୍ୱାରା ମହାକୁମ୍ଭ ମେଳାକୁ ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରା ଅଧିକ ସୁଗମ ତଥା ସୁବିଧାଜନକ ହୋଇପାରିବ । ଯେକୌଣସି ସହାୟତା ପାଇଁ ଯାତ୍ରୀମାନେ ଓଏସ୍ଆରଟିସି ହେଲ୍ପଲାଇନ ସହିତ ଯୋଗାଯୋଗ କରିପାରିବେ କିମ୍ବା ଅଫିସିଆଲ ୱେବସାଇଟ୍ ଓ ସୋସିଆଲ ମିଡିଆ ହ୍ୟାଣ୍ଡେଲ ପରିଦର୍ଶନ କରିପାରିବେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବାଲିମେଳା (ଭାସ୍କର ନ୍ୟୁଜ୍): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଆରମ୍ଭ ହୋଇଯାଇଛି ।ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ୱପରିସରରେ ଅଷ୍ଟଦିବସୀୟ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । କଲେଜ ପରିସରରେ ସ୍ୱତନ୍ତ୍ର ବୈଠକ ଆୟୋଜନ କରି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଓ ଏହାର ଉପଯୋଗିତା ବାବଦରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ରନାଥ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦ୍‌ଘାଟିତ ଉତ୍ସବରେ ବିଦ୍ୟାଳୟ ବରିଷ୍ଠ ଅଧାପିକା ସବିତା ଭୁକ୍ତା ଓ ମମତା ପାତ୍ରୋ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଗ୍ରହଣର ଉପଯୋଗିତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ୧୬୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ଶୈଳଜା ସାହାଣୀ ଓ ରାଜଲକ୍ଷ୍ମୀ ମାଡ଼କାମୀ ପ୍ରମୁଖ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ସୁଶ୍ରୀ ବନିତା ନାୟକ ଓ ସୁଶ୍ରୀ ରଶ୍ମି ସରକାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିର ପରିଚାଳନାରେ ଅଧାପିକା ରେଶ୍ମା ବିଶ୍ୱାସ ସହଯୋଗ କରିଥିଲେ ।



# ଲୋପ ପାଇଲାଣି ଶାଳ ଓ ଶାଗୁଆନ ଜଙ୍ଗଲ

## ବନ ବିଭାଗ ନିରବ



ଉମରକୋଟ(ଭାସ୍କର ନ୍ୟୁଜ୍): କଥାରେ ଅଛି ବୃକ୍ଷ ହିଁ ଜୀବନ, କିନ୍ତୁ ଯଦି ବୃକ୍ଷ ହିଁ ରହିବ ନାହିଁ ତାହାହେଲେ ଜୀବନ ବଞ୍ଚିବ କେଉଁଠୁ? ରକ୍ଷକ ସାଜିଛନ୍ତି ଭକ୍ଷକ। ହଁ ଦର୍ଶକବନ୍ଧୁ ଗୋଟିଏ ଜଙ୍ଗଲ ନିର୍ମାଣ କରିବାକୁ ହେଲେ ଶହ ଶହ ବର୍ଷ ଲାଗିଥାଏ। କିନ୍ତୁ ସେହି ଜଙ୍ଗଲକୁ କେଇଦିନ ମଧ୍ୟରେ କାଟି ସଫା କରିଦିଅନ୍ତି କାଠ ମାଫିଆ ଏବଂ ସେହି କାଠ ମାଫିଆଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତି କିଛି ବନାଞ୍ଚଳ ଅଧିକାରୀ! ପୁରାତନ ଯୁଗରୁ ଲୋକେ ଶାଳ ଓ ଶାଗୁଆନ ଗଛରୁ ଅନେକ ଲାଭଦାୟକ ଔଷଧ ପାଇଥାନ୍ତି !କିନ୍ତୁ ବର୍ତ୍ତମାନ ଦିନ କୁ ଦିନ ଏହି ଶାଳ ଓ ଶାଗୁଆନ ଜଙ୍ଗଲ ସଫା ହେବାରେ ଲାଗିଲାଣି। ବନ ବିଭାଗ ସବୁ ଜାଣି ଚୁପ। କାଠ ମାଫିଆଙ୍କ ସହ ମଧୁଚନ୍ଦ୍ରିକା କରି ଘରେ ଘରେ କାଠ ଡିପୋ ଖୋଲିବାରେ କାଠ ବ୍ୟବସାୟୀଙ୍କୁ ସହଯୋଗ କରୁଛି ବନ ବିଭାଗ। ସେପଟେ ବନ ସୁରକ୍ଷା କମିଟି ର କୌଣସି ସଦସ୍ୟଙ୍କୁ ମଧ ବନ ସୁରକ୍ଷା ବିଷୟରେ ଯୋଗାଯୋଗ କରୁନାହାନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବନ ବିଭାଗ ଅଧୀନରେ ଥିବା ବୁର୍ଜା ଓ ତେଲନଦୀ ବିଟରେ ଥିବା ସଂରକ୍ଷିତ ଜଙ୍ଗଲରେ । ଏହି ଦୁଇଟି ସଂରକ୍ଷିତ ଜଙ୍ଗଲ ରେ ଶାଳ ଓ ଶାଗୁଆନ ଗଛ ଉଭାନ ହୋଇଗଲାଣି। ଅଞ୍ଚଳ ର ବନ ସୁରକ୍ଷା କମିଟି ସହ ମଧ କୌଣସି ଯୋଗାଯୋଗ କରିନାହାନ୍ତି ବନ ବିଭାଗ। ବରଂ କାଠମାଫିଆ ସହ ମଧୁଚନ୍ଦ୍ରିକା ରେ ଜଙ୍ଗଲ ସଫା କରିବାରେ ଲାଗିଛି ବନ ବିଭାଗ। ଜିଲ୍ଲା ବନାଞ୍ଚଳ ଅଧିକାରୀ ମଧ ତଦନ୍ତ କରିବା ବାହାନାରେ ଉମରକୋଟ ଆସି କଟା ଯାଇଥିବା ଗଛ ଗୁଡିକୁ ଚିହ୍ନଟ କରି ସେଥିରେ ନମ୍ବର ଲେଖି ଚାଲି ଯାଆନ୍ତି କିନ୍ତୁ କୌଣସି ପଦକ୍ଷେପ ନାହିଁ । ସେପଟେ ଏହା ପୂର୍ବରୁ ଥିବା ରେଞ୍ଜର ମାନଙ୍କ ଅମଳରେ ଏଭଳି ଜଙ୍ଗଲ ସଫା ହେଉନଥିଲା। ଯେଉଁ ଦିନଠାରୁ ନୂତନ ରେଞ୍ଜର ଆସିଛନ୍ତି ସେଦିନଠାରୁ ଜଙ୍ଗଲ ସଫା ହେବାରେ ଲାଗିଛି ବୋଲି ବନ ସୁରକ୍ଷା କମିଟି କହିଛନ୍ତି।

# ବାଲି ଉଠାଣକୁ ନେଇ ମାଫିଆ-ଗ୍ରାମବାସୀଙ୍କ ତୁମୁଳକାଣ୍ଡ

## ଜେସିବି ଭଙ୍ଗାରୁଜା, ବୁଲେଟ୍ ଗାଡି ଫୋପାଡି ମାଫିଆମାନେ ଫେରାର

ଗରଦପୁର(ଭାସ୍କର ନ୍ୟୁଜ୍): ଗରଦପୁର ତହସିଲ୍ ଅଧିନ ଚିତ୍ରୋପ୍ତଳା ନଦୀର ପନ୍ଦିଆ ପହଣା ଘାଟରୁ ବାଲି ଚୋରା ଚାଲାଣକୁ ନେଇ ଗତକାଲି ବିଳମ୍ବିତ ରାତ୍ରିରେ ଦୁଇ ବାଲିମାଫିଆ ଗୋଷ୍ଠୀ ଓ ଗ୍ରାମବାସୀ ଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କ ଉଗ୍ରରୂପ ଦେଖି ସମସ୍ତ ବାଲି ମାଫିଆ ଖାଦାନରେ ଜେସିବି ଓ ଦୁଇ ବୁଲେଟ ମଟର ସାଇକେଲ ଫୋପାଡ଼ି ଫେରାର ହୋଇଯାଇଥିବା ବେଳେ ଜେସିବି ମେସିନ୍ ଭାଙ୍ଗି ଦେଇଛନ୍ତି ଗ୍ରାମବାସୀ। ବାଲି ଖାଦାନକୁ ବିରୋଧ କରି ଘଟଣା ସ୍ଥଳରେ ଗ୍ରାମବାସୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରି ବସିଥିବାବେଳେ ପାଟକୁରା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀମାନଙ୍କୁ ଶାନ୍ତ ରହିବାକୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଛି। ଏପଟେ ଖଣି ବିଭାଗ, ତହସିଲଦାର ଓ ପୋଲିସ୍‌ଙ୍କ ସହ ବାଲି ମାଫିଆଙ୍କ ଭିତିରି ବୁଝାମଣା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ଏବେ ବାଲି ସଇରାତକୁ ନେଇ ସବୁଆଡେ ଗଣ୍ଡଗୋଳ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲ୍ଲା ଖଣି ଅଧିକାରୀଙ୍କ ଅସମ୍ଭବ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ବାଲି ମାଫିଆ ମାନଙ୍କ ଉପରେ ଅଙ୍କୁଶ ନଲଗାନ୍ତି ତେବେ କେତେବେଳେ କାହାର ମୁଣ୍ଡ ଯେ ନ ଗଡିବ କିଏ କହିବ।।

# ମକର ପାଇଁ ଜୋରଦାର ପ୍ରସ୍ତୁତି

ବାମରା(ଭାସ୍କର ନ୍ୟୁଜ୍):ସମ୍ବଲପୁର ଜିଲ୍ଲା ବାମରା ପ୍ରସିଦ୍ଧ ମକର ମହୋତ୍ସବ ଚଳିତ ମାସ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି । ଏଥିପାଇଁ ମକର କମିଟି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରଦାର ହୋଇଛି। କମିଟି ପକ୍ଷରୁ ବାମରା ବ୍ଲକ ଉଚ୍ଛକାପାଟ ପଞ୍ଚାୟତ କେଛୁପାଣିସ୍ଥିତ ଧବଳେଶ୍ୱର ମହାଦେବ ଓ ଗୋବିନ୍ଦପୁର ହର ମହାପ୍ରଭୁ କମିଟିକୁ ଆତିଥ୍ୟ ଗ୍ରହଣ ପାଇଁ ସାଦର ନିମନ୍ତ୍ରଣ କରାଯାଇଛି। ଏହି ମକର ମହୋତ୍ସବରେ ବହୁ ନେତା ମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଦାରିଙ୍ଗବାଡ଼ିରେ ତୁଷାରପାତ

## ଜି ଉଦୟଗିରିର ତାପମାତ୍ରା ୫.୨

କନ୍ଧମାଳ (ଭାସ୍କର ନ୍ୟୁଜ୍): ସମଗ୍ର କନ୍ଧମାଳରେ ଶୀତର ପ୍ରକୋପ ବଢ଼ିଥିବା ବେଳେ ଅସହ୍ୟ ଜାଡ଼ରେ ପୁଣି ଥରୁଛି ସମଗ୍ର କନ୍ଧମାଳ ଜିଲ୍ଲା । ଆଉ ଓଡ଼ିଶାର କାଶ୍ମୀର ବୋଲାଉଥିବା କନ୍ଧମାଳ ଜିଲ୍ଲାର ଭୂସ୍ୱର୍ଗ ଦାରିଙ୍ଗବାଡ଼ିରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ହେଲେ ତାପମାତ୍ରା କିନ୍ତୁ ଦାରିଙ୍ଗବାଡ଼ିର ୮ ଡିଗ୍ରୀ ରହିଛି। ଏହା ସହ ଦାରିଙ୍ଗବାଡି ଅଞ୍ଚଳ ସମେତ ସିମନବାଡ଼ି, ବାଡ଼ାବାଙ୍ଗା, ପରପଙ୍କା, କୁତୁବାଡି, ଖିଲାବାଡ଼ି, ଗ୍ରୀନବାଡ଼ି, ଶ୍ରୀନିକେତା ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଛି । ଯାହାକି ଧାନ ଖଳା, ନଡ଼ା ଗଦା ଆଦିରେ ତୁଷାରପାତ ହୋଇଛି। ସେପଟେ କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀରେ ତାପମାତ୍ରା ୬.୮ ଡ଼ିଗ୍ରୀ ସେଲସିୟସ ରହିଥିବା ରେକର୍ଡ ହୋଇଥିବା ବେଳେ ଜି ଉଦୟଗିରିରେ ୫.୨ ରେକର୍ଡ ହୋଇଛି। ହେଲେ ନାଁ ଫୁଲବାଣୀ, ନାଁ ଜି ଉଦୟଗିରି କେଉଁଠି ହେଲେ ବି ତୁଷାର ପାତ ହୋଇଥିବାର କୌଣସି ଖବର ମିଳିପାରି ନାହିଁ। ଏଭଳି ସ୍ଥଳେ ଦାରିଙ୍ଗବାଡ଼ିର ତାପମାତ୍ରା ୮ ଡିଗ୍ରୀ ସତ୍ତ୍ୱେ ତୁଷାର ପାତ ହେବା ସଭିଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି। ଏହା ସହ ଯେଉଁଭଳି ତୁଷାରପାତ ହୋଇଥିବା ଦେଖିବାକୁ ମିଳୁଛି। ଏଥିରୁ ଏହା ମଧ୍ୟ ସ୍ପଷ୍ଟ ଯେ ଦାରିଙ୍ଗବାଡ଼ିର ତାପମାତ୍ରା ସ୍ପଷ୍ଟ କରୁଥିବା ଯନ୍ତ୍ର ପାତିରେ ହୁଏତ କିଛି ତ୍ରୁଟି ରହିଛି। ଯେଉଁଥି ପାଇଁ ଏହା ପ୍ରକୃତ ତାପମାତ୍ରା ରେକର୍ଡ କରିବାରେ ବିଫଳ ହେଉଛି ବୋଲି ଜନସଧାରଣରେ କୁହାଯାଉଛି। ଏଣୁ ଏହାର ମଧ ତୁରନ୍ତ ଆବଶ୍ୟ ପଦକ୍ଷେପ ଗ୍ରହଣ କରାଯିବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡ଼ିଛି। ଅନ୍ୟପକ୍ଷେ ସମଗ୍ର କନ୍ଧମାଳ ଜିଲ୍ଲାରେ ଶୀତ ଯୋଗୁ ପ୍ରବଳ ଜାଡ଼ରେ ଦେହ ହାତ ଗୋଡ଼ ଥରିବାରେ ଲାଗୁଛି। ଆଉ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ପର୍ଯ୍ୟଟକ ମାନେ କିନ୍ତୁ ତୁଷାର ଦେଖି ଭାରି ଖୁସି ହେବା ସହ ଶୀତର ମଜା ଉଠାଇଛନ୍ତି ।

# ଦୁର୍ଘଟଣାରେ ଜଣେ ମୃତ,ଜଣେ ଗୁରୁତର

ବୋଲଗଡ଼(ଭାସ୍କର ନ୍ୟୁଜ୍): ବୋଲଗଡ଼ ନିକଟ ରାଜସୁନାଖଳା-ବିନୋଦପଡାସ୍ଥିତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା। ଘଟଣାକ୍ରମେ ମଙ୍ଗଳବାର ବିଳମ୍ବିତ ପ୍ରାୟତଃ ରାତ୍ର ୧୧ଟା ସମୟରେ ୨ଜଣ ବାଇକ ଆରୋହୀ କୌଣସି ଭୋଜି କାର୍ଯ୍ୟରେ ଯୋଗଦେଇ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ତେବେ ବିପରୀତ ଭୁବନେଶ୍ୱର ପଟୁ ଏକ ଅଜଣା ଗାଡି ଦ୍ରୁତ ଗତିରେ ଆସି ଏହି ବାଇକ ଆରୋହୀଙ୍କୁ ଧକ୍କାଦେଇ ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ବାଇକ ଆରୋହୀ ଦ୍ୱୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜରାସ୍ତାରେ ପଡି ଛଟପଟ ହେଉଥିବା ବେଳେ ସ୍ଥାନୀୟ ତଥା ରାଜସୁନାଖଳା ଗ୍ରାମର ସାମାଜିକ କର୍ମୀ ସନ୍ତୋଷ ବରାଡ଼ (ନାଗା)ଙ୍କ ବିଶେଷ ସହାୟତରେ ଚିକିତ୍ସା ନିମନ୍ତେ ରାଜସୁନାଖଳା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସ୍ଥାରେ ଡାକ୍ତର ଜଣକୁ ମୃତ ବୋଲି ଘୋଷଣା କରିଥିଲେ ଓ ଅନ୍ୟ ଜଣେ ଗୁରୁତର ଥିବାରେ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱରକୁ ସ୍ଥାନାନ୍ତରୀତ କରାଯାଇଥିଲା।ତେବେ ମୃତକଙ୍କ ନାମ ଜ୍ଞାନ ରଞ୍ଜନ ହୋଇଥିବା ବେଳେ ଗୁରୁତରଙ୍କ ନାମ ସୁଶାନ୍ତ ବିଶୋଇ ବୋଲି ଫାଣ୍ଡି ସୂଚନାରୁ ଜଣାପଡିଛି। ଏହି ୨ବାଇକ ଆରୋହୀ ଭୁବନେଶ୍ୱରସ୍ଥିତ ଜାଭିଆର କଲେଜରେ ସିକ୍ୟୁରିଟୀ ଭାବେ କାର୍ଯ୍ୟ କରୁଥିବାର ଜଣାପଡିଛି। ଅଜଣା ଗାଡିଟି ଧକ୍କାଦେଇ ଫେରାର ହୋଇଥିଲେ ହେଁ କୌଣସି ହେତୁ ସମ୍ପୃକ୍ତ ଗାଡିର ନମ୍ବର ପ୍ଲେଟଟି ଦୁର୍ଘଟଣା ସ୍ଥଳର ରାସ୍ତା ଉପରେ ପଡିଥିବାର ଦେଖିବାକୁ ମିଳିଥିଲା। ଯାହାର ନମ୍ବର ୦ଡ଼୦୨ଇଇ ୮୩୧୨ ହୋଇଥିବା ବେଳେ ଏହି ନମ୍ବର ପ୍ଲେଟ ଏକ ଟ୍ରକ ଗାଡିର ବୋଲି ଜଣାପଡିଛି।

# ଲାବଣ୍ୟ ଛକରେ ଶାନ୍ତିସ୍ତୂପ ସ୍ଥାପନ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ସମାଜସେବା କ୍ଷେତ୍ରରେ ରୋଟାରୀ କ୍ଲବ କେନ୍ଦୁଝର ଶାଖାର ଏକ ସ୍ୱତନ୍ତ୍ର ସୁନାମର ରତୁର ଆଗମନ ଠାରୁ 'କ୍ଲିନ କେନ୍ଦୁଝର ଗ୍ରୀନ କେନ୍ଦୁଝର' ନାରା ଦେଇ କେନ୍ଦୁଝର ରେ ଅସଂଖ୍ୟ ବୃକ୍ଷରୋପଣ କରାଯାଇଛି । ଏହାଭିତରେ ଶୀତ ଋତୁ ଆସିଯାଇଛି ଓ ଏହାକୁ ଅନୁଭବ କରି କେନ୍ଦୁଝର ରୋଟାରୀ କ୍ଲବର ସଭାନେତ୍ରୀ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ ମହାଶୟା ଓ ସମ୍ପାଦକ ଶ୍ରୀମାନ ଦୀପକ ନାୟକ ମହାଶୟଙ୍କ ନେତୃତ୍ୱରେ ନିମନ୍ତ୍ରିତ ଅତିଥି ଡିଜି ଯାଜ୍ଞଶିଷ ମହାପାତ୍ର,ଏଜି ଧର୍ମେନ୍ଦ୍ର ଅଗ୍ରୱାଲଙ୍କ ଉପସ୍ଥିତି ରେ ସମାଜରେ ଆର୍ଥିକ ଅନଗ୍ରସରଥିବା କିଛି ବ୍ୟକ୍ତି ବିଶେଷଙ୍କୁ ଆଜି ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା କେନ୍ଦୁଝର ସହର ର ଲାବଣ୍ୟ ଛକ ଠାରେ ଏକ ଶାନ୍ତିସ୍ତୁପ ସ୍ଥାପନ କରାଯାଇଛି। ତତ୍‌ସହିତ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ନିଜର ସାମାଜିକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଲାବଣ୍ୟ ଛକ ଓ ନରଶପୁର ଠାରେ ଜଣେ ଜଣେ ଉଦ୍ୟମୀ ବ୍ୟବସାୟୀ ବନ୍ଧୁମାନଙ୍କୁ ସ୍ୱାବଲମ୍ବୀ ଟ୍ରଲି ପ୍ରଦାନ କରାଯାଇଛି ଏବଂ ସର୍ବଶେଷରେ ଆମ ଦେଶର ଭବିଷ୍ୟତ ଉଜ୍ଜ୍ୱଳମୟ ଛାତ୍ର ଛାତ୍ରୀଙ୍କ ପ୍ରତି ଯତ୍ନବାନ ହୋଇ କେନ୍ଦୁଝର ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଆଦୃତର ସମସ୍ତ ବିଦ୍ୟାର୍ଥୀ ଙ୍କୁ ପାଠ୍ୟ ଉପକରଣ ପ୍ରଦାନ ସହିତ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସମସ୍ତ କାର୍ଯ୍ୟକର୍ତ୍ତା। ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଖଟୋଇ, ଶ୍ରୀମତୀ ରଜଶ୍ରୀ ଖଟୋଇ, ଶ୍ରୀଯୁକ୍ତ ଅମୀୟ ବେହେରା, ଶ୍ରୀମତୀ ସବିତା ବେହେରା, ଶ୍ରୀମତୀ ଅଞ୍ଜୁ ସାହୁ, ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରା, ଶ୍ରୀଯୁକ୍ତ ବସନ୍ତ ପୃଷ୍ଟି, ଶ୍ରୀମତୀ ଧରିତ୍ରୀ ରାଉତ,ଇଂ.ଦେବବ୍ରତ ସ୍ୱାଇଁ, ଶ୍ରୀଯୁକ୍ତ ପ୍ରସାନ୍ତ ସ୍ୱାଇଁ, ଶ୍ରୀମତୀ ନିରୁପମା ସ୍ୱାଇଁ, ଶ୍ରୀଯୁକ୍ତ ଅଶ୍ୱିନୀ ପଟ୍ଟନାୟକ, ଶ୍ରୀଯୁକ୍ତ ଟୁଟୁ ମହାପାତ୍ର, ଶ୍ରୀଯୁକ୍ତ ବିଜୟନାଥ କପୁର, ଡାକ୍ତର ସଂଜୀବ ଓତା, ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମହାନ୍ତ ଓ ଶ୍ରୀଯୁକ୍ତ ମହେଶ ଚାଓ୍ୱଡା ପ୍ରମୁଖ ଉପସ୍ଥିତ ଥିଲେ।

# ସିଦ୍ଧେଶ୍ୱର ମନ୍ଦିର କର୍ମକର୍ତ୍ତାଙ୍କ ଦେହାନ୍ତ

ଫୁଲନଖରା(ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମର ମୁରବି,ସିଦ୍ଧେଶ୍ୱର ମହାଦେବ ମନ୍ଦିରର କପିଳେନ୍ଦ୍ରଦେବ ସ୍ମୃତି ପରିଷଦର କୋଷାଧକ୍ଷ ଲକ୍ଷ୍ମଣ ସାହୁଙ୍କ ବିୟୋଗ ଘଟିଛି ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ



ହୋଇଥିଲା । ଗ୍ରାମର ଉନ୍ନତିରେ ତାଙ୍କର ନିଷ୍ପାପର ସହଯୋଗ ପାଇଁ ଗ୍ରାମବାସୀମାନଙ୍କ ଦ୍ୱାରା ଆଦର୍ଶ ପୁରୁଷ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଓଡ଼ିଶା ସରକାରୀ ଛାପାଖାନା କାର୍ଯ୍ୟାଳୟରୁ ଅବସର ନେଲାପରେ ସେ ସମାଜ ସେବାରେ ମନୋନିବେଶ କରିଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଖବର ପାଇ ସରପଞ୍ଚ ରୋହିଣୀ ଭୋଇ,ସମିତି ସଭ୍ୟ ସତ୍ୟବ୍ରତ ଜେନା,ପରିଷଦ ସଂପାଦକ ବସନ୍ତ କୁମାର ବିଶ୍ୱାଳ,କୃଷ୍ଣଚନ୍ଦ୍ର ସାହୁ,ଶିକ୍ଷକ ମୂରଲୀଧର ବେହେରା, ବିଶ୍ୱନାଥ ସାହୁ,କାର୍ତ୍ତିକ ସାହୁ,ପଣ୍ଡିତ ଅଜୟ କୁମାର ପତି,ବଂଶୀଧର ବେହେରା, ଭରତ ଚନ୍ଦ୍ର ସାହୁ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ପରିକ୍ରମା କଲାପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଜ୍ୟେଷ୍ଠପୁତ୍ର କୈଳାସ ସାହୁ ମୁଖାଗ୍ନି ଦୋଇଥିଲେ ।

# ମହିଳା ରୋଗୀଙ୍କୁ ରକ୍ତଦେଲେ ଡାକ୍ତର



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ପ୍ରତିଦିନ ୩୦ରୁ ଅଧିକା ୟୁନିଟ ରକ୍ତ ଦରକାର ପଡୁଛି । ତେବେ ଜିଲ୍ଲା ରକ୍ତଭଣ୍ଡାର ଏତେ ରକ୍ତ ଯୋଗାଇ ବାରେ ଏକ ପ୍ରକାର ବିଫଳ ହେଉଛି। ଏଭିଳି ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ଚିତ୍ରକୋଣ୍ଡା ଅଞ୍ଚଳର ରାଜ କୁମାରୀ ସାହୁ(୭୦) ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଆଜି ଡାକ୍ତର ତୁରନ୍ତ ରକ୍ତ ଦେବାକୁ ପଡ଼ିବ ବୋଲି କହିଥିବା ବେଳେ ପରିବାର ଲୋକେ ରକ୍ତ ଯୋଗାଡ କରିବାରେ ବହୁ ବିଳମ୍ବ କରିଥିଲେ। ସେମାନେ ମାଲକାନଗିରି ସହରର ହୋଇନଥିବାରୁ ରକ୍ତ ସଂଗ୍ରହ ନେଇ ଚିନ୍ତାରେ ପଡିଥିଲେ । ତେଣୁ ଡା. ସୁବ୍ରତ କୁମାର ଜେନା କାଳ ବିଳମ୍ବ ନକରି ନିଜେ ରକ୍ତଦାନ କରିବାକୁ ଆଟେଗେଇ ଆସିଥିଲେ। ରକ୍ତଭଣ୍ଡାର ଯାଇ ଡା. ଜେନା ରକ୍ତଦାନ କରି ମହିଳାଙ୍କୁ ସହଯୋଗ କରିଥିଲେ । ଏହି ସମୟରେ ତାଙ୍କ ପୁଅ ଦେବେନ୍ଦ୍ର ସାହୁ, ବିକ୍ରମ ପାଢୀ, ସ୍ୱେଚ୍ଛାସେବୀ ରତ୍ନାକର ପ୍ରଧାନ ଡାକ୍ତରଙ୍କ ଅସମୟରେ ସହଯୋଗକୁ ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟରେ ତିନିଦିନ ବ୍ୟାପି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗୀତା ମହାଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦ୍ୱିପ ଗଡ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଟ ଆଇନଜୀବି ସଞ୍ଜୟ କୁମାର ବେହେରା ଯୋଗଦେଇ ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ଉନ୍ନତି ପାଇଁ ବ୍ୟାପକ ଅର୍ଥ ଯୋଗାଇ ଦିଆଯିବ ବୋଲି କହିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ବେହେରା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରଞ୍ଜନ କୁମାର ବେହେରା, ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥଲେ।



# ନୀଳାଚଳ ଭକ୍ତ ସମ୍ମିଳନୀର ତୃତୀୟ ଦିବସ





ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଚମ୍ପାଇଲୋ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବଘେଇ ପୀଠରେ ସୋମବାର ୨୫ତମ ନୀଳାଚଳ ଭକ୍ତ ସମ୍ମଳନୀ ତୃତୀୟ ଦିବସ ଅନୁଷ୍ଠିତ ହୋଇଛି। ପ୍ରାଣ ପ୍ରତିଷ୍ଠାତା ତଥା ଟିକାତାଳ ରାମକୃଷ୍ଣ ଆଶ୍ରମର ଅଧକ୍ଷ ସ୍ୱାମୀ ଭାଗବତା ନନ୍ଦ ମହାରାଜଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ନୀଳାଚଳ ସତ୍‌ସଂଘ ପୁରୀ ପକ୍ଷରୁ ନିର୍ମଳା ଫତେସିଂହ ଓଡ଼ିଆଙ୍କ କୁଳଦେବତା ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଆଶ୍ଚର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏନେଇ ଆଜି ଦିନ ତମାମ ରମାମଣି ଚମ୍ପତିରାୟ, ବିନୋଦିନୀ ରଣଜିତସିଂହ, ବନଲତା ମହାରଣା, ଇଲୁ ମହାନ୍ତି, ରଙ୍ଗବତୀ ବରାଡ, ସଂଜୁଲତା ରଣସିଂହ ଓ ସାଥି ଦ୍ୱାରା ଲିଙ୍ଗାଷ୍ଟକ, ବେଦମନ୍ତ୍ର ଚାଲୁରହିଥିଲା। ସନ୍ଧ୍ୟାରେ ନୀଳାଚଳ ମୁକ୍ତାପୁର ବେଗୁନିଆ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ହେମନ୍ତ ଉତ୍ତରରାୟ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଡିଏନକେ ଖେଳ ପଡିଆ ପରିସରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହେବ। ଏଥର ଏହାକୁ କିପରି ଅଧିକ ଭଲ କରିହେବ, ବିଶେଷକରି ପ୍ୟାରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ଦିବସ ପାଳନ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌରୋହିତ୍ୟ କରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏହା କହିଛନ୍ତି। ବୈଠକ ନିଷ୍ପତ୍ତି ଅନୁଯାୟୀ, ଜାନୁଆରୀ ୨୨, ୨୩ରେ ପ୍ରତ୍ୟେହ ଅପରାହ୍ନ ୩ ଟା ଏବଂ ୨୪ ତାରିଖ ସକାଳ ୭ ଟା ୩୦ରେ ଡିଏନ୍‌କେ ଖେଳ ପଡିଆ ପରିସରରେ ଅଭ୍ୟାସ ପ୍ୟାରେଡ୍ ଅନୁଷ୍ଠିତ ହେବ। ପ୍ୟାରେଡରେ ସପ୍ତମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବେ। ଏହାବାଦ୍ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବକ୍ତୃତା,ପ୍ରବନ୍ଧ ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଆୟୋଜନ କରାଯିବ। ଜାନୁଆରୀ ୨୬ ପ୍ରାତଃ ୪ ଟା ୩୦ ରେ ରାମଧୁନ, ସକାଳ ୭ଟା ୩୦ରେ ବିଭିନ୍ନ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୯ ଟାରେ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗ ଦ୍ୱାରା ପ୍ରଜ୍ଞାପନ ମେଢ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଓ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

# କାକଟପୁର ହାଇସ୍କୁଲ ୧୯୬୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

କାକଟପୁର(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ସମେଶ୍ୱର ମନ୍ଦିର ପରିସରରେ କାକଟପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୯୬୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ପରେ ଜୀବନର ସତୁରୀ ଦଶକରେ ଉପନୀତ ୨୫ ଜଣ ବରିଷ୍ଠ ନାଗରିକ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ। ଦୀର୍ଘ ୫୬ ବର୍ଷ ପରେ ଦେଖାହେବା ପରେ ପରସ୍ପର ସହ ଭାବ ଆଦାନ ପ୍ରଦାନ ବେଳେ ମନ୍ଦିର ପରିସରରେ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଯାଇଥିଲା। ପ୍ରାରମ୍ଭରେ ଦିବଂଗତ ଗୁରୁ ଓ ସହପାଠୀ ଭାଇଭଉଣୀ ମାନଙ୍କର ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏକ ସର୍ବସାଧାରଣ ସ୍ଥାନ ଚିହ୍ନଟ କରି ବର୍ଷା ଋତୁ ଆସିବା ପୂର୍ବରୁ ବୃକ୍ଷରୋପଣ କରାଯିବା ସହ ତା'ର ରକ୍ଷଣାବେକ୍ଷଣା ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଅନିବାର୍ଯ୍ୟ କାରଣବଶତଃ ଅନେକ ବନ୍ଧୁଙ୍କୁ ଅବଗତ କରାଯାଇନଥିବାରୁ ଦୁଃଖ ପ୍ରକାଶ କରାଗଲା । ଯୋଗେନ୍ଦ୍ର ନାଥ ମିଶ୍ର, ବିଜୟ କୁମାର ଦାସ,ଲକ୍ଷ୍ମୀଧର ସେଠ, କାହ୍ନୁ ଚରଣ ସ୍ୱାଇଁ , ଲକ୍ଷ୍ମୀଧର ସାହୁ, ମନ୍ମଥ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# କନ୍ଧମାଳ କଫି ଓ ଗୋଲମରିଚ କଳାବଜାର ଅଭିଯୋଗ



କନ୍ଧମାଳ (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ିରେ ଉତ୍ପାଦନ ହେଉଥିବା କଫି ଓ ଗୋଲ ମରିଚକୁ କଳାବଜାରୀ କରି ଲୁଟ କରାଯାଉଥିବା ଅଭିଯୋଗ ହୋଇଛି ।ଏହି ବିଷୟ ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ପ୍ରଶାସନ ଜାଣି ନିରବ। ଅନ୍ୟପକ୍ଷେ ଦାରିଙ୍ଗବାଡ଼ିର ଉତ୍ପାଦିତ କଫିକୁ କନ୍ଧମାଳ କଫି ନାମରେ ସ୍ୱତନ୍ତ୍ର ପରିଚୟ ଦେଇ ବଜାରରେ ବିକ୍ରି କରାଯିବାର ଲକ୍ଷ୍ୟ ରଖିଛି କୁଆଡ଼େ ଜିଲ୍ଲା ପ୍ରଶାସନ। ହେଲେ ସେ ଲକ୍ଷ୍ୟ ମଧ ଗତପାଞ୍ଚ ବର୍ଷ ମଧ୍ୟରେ ଜିଲ୍ଲା ପ୍ରଶାସନର ପୂରଣ କରିପାରିନାହିଁ ।କି ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ପ୍ରତି କିଛି ଦୃଢ଼ ପଦକ୍ଷେପ ନାହିଁ। ଏମିତି

**ମୁଖ୍ୟମନ୍ତ୍ରୀ ଦୃଢ଼ ପଦକ୍ଷେପ ନେବେ ?**

ରେ ଦାରିଙ୍ଗବାଡ଼ି କଫି ବଗିଚାରୁ ବର୍ଷକୁ କଫି ଓ ଗୋଲମରିଚ କେତେ ପରିମାଣର ଆଦାୟ ହେଉଛି ତାହାର ମଧ ସଠିକ ତଥ୍ୟ କାହାରି ପାଖରେ ନାହିଁ। ମୃର୍ତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ କନ୍ଧମାଳ ଅଧିନରେ ଏସବୁ କଫି ଓ ଗୋଲ ମରିଚ ରହିଥିବା ବେଳେ ପୂର୍ବରୁ ବିଭାଗୀୟ ଚଞ୍ଚକତାରେ ହିଁ ସବୁ ଲୁଟ ହେଉଥିବା ବିଭିନ୍ନ ଘଟଣା ନଜିର ରହିଛି। ହେଲେ ଗତ ତିନି ବର୍ଷ ହେଲା ଜିଲ୍ଲା ପ୍ରଶାସନ ଏହାକୁ ବିଭିନ୍ନ ଲକ୍ଷ୍ୟ ରଖି ବିଭାଗୀୟ ଅଧିନରେ ଏହାର ରକ୍ଷଣାବେକ୍ଷଣ କରୁଥିବା କୁହାଯାଉଥିବା ବେଳେ କେଉଁ ବର୍ଷ କେତେ ଉତ୍ପାଦନ ହୋଇଛି ତାହାର କିନ୍ତୁ ସଠିକ ତଥ୍ୟ କେହି ଦେଇପାରୁ ନାହାନ୍ତି। ଏଭଳି ସ୍ଥଳେ ଚଳିତ ବର୍ଷ ଏହାର ଦାୟିତ୍ୱ ଟିଡିସିସି ବାଲିଗୁଡାକୁ ଦିଆଯାଇଥିବା ବେଳେ ଗଣମାଧ୍ୟମରେ ଆଜି ସୁଦ୍ଧା ୧୪ ମେଟ୍ରିକ ଟନ୍ କଫି ତୋଳାଯାଇଥିବା କୁହାଯାଉଛି। ଆଉ ବିଭିନ୍ନ ପ୍ରୋସେସିଂ ପାଇଁ ଏହାକୁ କୋରାପୁଟ ପଠାଯିବାର ବ୍ୟବସ୍ଥା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ମାତ୍ର ୨ ରୁ ୩ ମେଟ୍ରିକଟନ ହିଁ କଫି ଏଥିରୁ କୁଆଡ଼େ ବାହାରିବ ବୋଲି କୁହାଯାଉଛି। ହେଲେ ଏହା ଠାରୁ ଅଧିକ କଫି ଦାରିଙ୍ଗବାଡ଼ି ବଜାରରେ ହିଁ କଳାବଜାରି ଏବେ ଠାରୁ ହିଁ ହୋଇସାରିଲାଣି। ଏହା ସହ ପୂର୍ବ ବର୍ଷମାନଙ୍କରେ ଯାହା ସବୁ କଫି ଉତ୍ପାଦନ ହୋଇଛି ତାହାର ସମ୍ପୂର୍ଣ୍ଣ ପରିମାଣ ସ୍ପଷ୍ଟ କରାଯାଉନଥିବା ବେଳେ ସେ ସବୁ କୁଆଡ଼େ ଗଚ୍ଛିତ କରି ରଖାଯାଇଛି ବୋଲି କୁହାଯାଉଛି। ଏଭଳି ସ୍ଥଳେ ଗୋଲ ମରିଚର ମୂଳରୁ କୌଣସି ତଥ୍ୟ ହିଁ କାହାରି ପାଖରେ ନାହିଁ। କଫିକୁ କନ୍ଧମାଳ କଫି ଭାବେ ପରିଚୟ ଦେବାକୁ ଯଦିଓ ଉଦ୍ୟମ କରାଯାଇଛି। ତାହାଲେ ଗୋଲ ମରିଚକୁ କାହିଁକି ନୁହଁ ବୋଲି ଜନସଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷେ ପ୍ରତିବର୍ଷ କଫି ଓ ଗୋଲମରିଚକୁ ନେଇ କୋଟି କୋଟି ଟଙ୍କା ମଧ ବ୍ୟୟ କରାଯାଉଛି। କିନ୍ତୁ ଏସବୁ ବିଭାଗ କଳାବଜାରୀରେ ରହିଯାଇଛି। ଏଣୁ ଏସବୁ ପ୍ରତି ରାଜ୍ୟ ସରକାର ଏବଂ ଜିଲ୍ଲାପାଳ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ତଦନ୍ତ ସହ ଦାରିଙ୍ଗବାଡ଼ି କଫି ଓ ଗୋଲମରିଚକୁ ସ୍ୱତନ୍ତ୍ର ପରିଚୟ ସହ ଉଚିତ ବଜାରୀ କରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ତୁରନ୍ତ ଗ୍ରହଣ କରନ୍ତୁ ଓ ମୁଖ୍ୟମନ୍ତ୍ରୀ ଦୃଢ଼ ପଦକ୍ଷେପ ନେଲେ କଫି ଓ ଗୋଲମରିଚର ଦୁର୍ନୀତି ବନ୍ଦ ହେବା ସହିତ ଚାଷ ଠିକ ହୋଇପାରିବ ବୋଲି ଦାବି ହେଉଛି।

# ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଘାଟିତ





ରାଇଘର(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଆଠଦିନିଆ ଆତ୍ମରକ୍ଷା କୌଶଳ ତାଲିମ ଗତ ୦୭.୦୧.୨୫ ରିଖରେ ଉଦ୍‌ଘାଟିତ ହୋଇ ଆସନ୍ତା ୧୬.୦୧.୨୫ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପରୀକ୍ଷିତ ସାହୁ ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ କିଶୋର କୁମାର ପାଲ, ଅଧ୍ୟାପକ ଦିବାକର ଚନ୍ଦ୍ର ଦେ, ଅଧ୍ୟାପକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ରେଣୁକା ସାମଲ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଅତିଥି ଅଧ୍ୟାପିକା ରୁକ୍ମିଣୀ ଟାକ୍ରୀ, ପିଇଟି ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଗ୍ରନ୍ଥାଗାରିକ ସତ୍ୟନାରାୟଣ ନାୟକ, ପ୍ରଲ୍ଲଭା ଭୂୟାଁ, ଦିଲୀପ କୁମାର ପଦାର, ଶକ୍ତିକାନ୍ତ ଜେନା, ସଦାରାମ କେଉଟ, ବୁଦ୍ଧଶ୍ୱର ମଣ୍ଡଳ, ବିଭୀଷଣ ଗଣ୍ଡ, ଭବାନୀ ପନକା ପ୍ରମୁଖ ଉପସ୍ଥିତ ଥିଲେ । ମୋଟ ୧୭୧ ଜଣ ଛାତ୍ରୀଙ୍କୁ ଏଥିରେ ତାଲିମ ଦିଆଯାଉଥିବାବେଳେ ସୁଶୀଳା ବାଘ ତାଲିମଦାତା ଭାବେ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ଜଣାପଡିଛି ।



କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡସାନପୁଟ ଗ୍ରାମ ପଞ୍ଚାୟତରେ ଗତ ୬ତାରିଖ ରାତ୍ରରୁ ଗୋଟିଏ ଦନ୍ତାହାତୀ ପସିଆସି ୭ ଓ ୮ ଦୁଇଦିନ ଧରି ତାଣ୍ଡବଲିଳା ସୃଷ୍ଟି କରିଥିବାରୁ ଲୋକମାନେ ଭୟଭିତ ଅବସ୍ଥାରେ କାଳତିପାତ କରୁଥିଲେ। କଣ୍ଟାବଣିଆ ଗ୍ରାମର ବଳରାମ ସୁନ୍ଦରାୟଙ୍କ ବାଡିଭାଙ୍ଗି ଦୁଆରକୁ ପସି ଦୁଇ ଦୁଇ ଥର ଥୁଆହୋଇଥିବା ଧାନ ଖାଇଯାଇଥିଲେ। ତାହା ସଂଗେ ସଂଗେ ଚଉଦ ମୌଜା ବିଦ୍ୟୁତ୍ ମହାବିଦ୍ୟାଳୟ ମଧରେ ଦୁଇଦିନ ରହିବା ସହିତ ୫ଟି ସ୍ଥାନରେ ପଥର ପାଚେରୀ ଭାଙ୍ଗିଦେଇ ଥିବା ବେଳେ ମହାବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଭୟରେ ଆସିନଥିଲେ। ସେହିପରି ଗଡସାନପୁଟ ଉଚ୍ଚ ବିଦ୍ୟାଳୟ ଦୁଇଟି ସ୍ଥାନରେ ପଥର ପାଚେରୀ ଭାଙ୍ଗିଦେଇଥିଲା। ହାତୀଟିକୁ ଫେରଇ ନେବାପାଇଁ ବନବିଭାଗର କର୍ମଚାରୀମାନେ ଦୁଇଦିନ ଧରି ଜଗିବା ସହିତ କଣାସ ଥାନା ପୋଲିସ୍ ହାତୀକୁ ଜଗି ରହିଥିଲେ। ଆଜି ପ୍ରଭାତରୁ ହାତୀଟି ଖୋର୍ଦ୍ଧା ବରୁଣେଇ ଜଙ୍ଗଲ ଆଡକୁ ଚାଲି ଯାଇଥିବା ବନବିଭାଗ ଅଧିକାରୀଙ୍କ ଠାରୁ ପ୍ରକାଶ ।



## କେନ୍ଦ୍ରାପଡାରୁ ଆର୍‌ଏମ୍‌ଏସ୍ ସେବା ଉଚ୍ଛେଦ ନିଷ୍ପତ୍ତି
# ମୁଖ୍ୟ ଡାକପାଳଙ୍କୁ ଚିଠି ଲେଖିଲେ ବିଧାୟକ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲାରୁ ରେଳବାଇ ଡାକସେବା ଉଚ୍ଛେଦ କରିବା ନେଇ ଯେଉଁ ନିଷ୍ପତ୍ତି ହୋଇଛି ତାହାକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଓଡିଶା ସର୍କଲ ମୁଖ୍ୟ ଡାକପାଳଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ବେହେରା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରାପଡା ସହରର ମହିପାଳ ଠାରେ ୧୯୭୭ମସିହାରୁ ଏପର୍ଯ୍ୟନ୍ତ ରେଳବାଇ ଡାକସେବା କାର୍ଯ୍ୟାଳୟ ଚାଲୁଅଛି। ଏହି କାର୍ଯ୍ୟାଳୟ ଜିଲ୍ଲାର ୯ଗୋଟି ବ୍ଲକ ଓ ଦୁଇ ଗୋଟି ପୌରାଞ୍ଚଳରେ ଥିବା ୩୧ଟି ଡାକଘରୁ ଯେଉଁ ସବୁ ଚିଠିପତ୍ର ଆସେ ସେଗୁଡିକୁ ଦୂର ଦୂରାନ୍ତ ଠିକଣାରେ ପହଞ୍ଚାଇ ଥାଏ। କିନ୍ତୁ ଏବେ ଓଡିଶା ସର୍କଲର ମୁଖ୍ୟ ଡାକପାଳ ନିଷ୍ପତ୍ତି ନେଇଛନ୍ତି ଯେ, ଏହି କାର୍ଯ୍ୟାଳୟକୁ ଏଠାରୁ ଉଚ୍ଛେଦ କରି କଟକ ସର୍କଲ ସହିତ ମିଶାଇ ଦେବା ପାଇଁ । ଏହାଦ୍ୱାରା ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ଏଥିସହ ଜିଲ୍ଲାବାସୀ ମଧ ସମସ୍ୟାରେ ପଡିବେ। କାରଣ ଭୌଗଳିକ ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲା ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଜିଲ୍ଲା ସହ ପାରାଦୀପ ବନ୍ଦର ଓ ଧାମରା ବନ୍ଦର ସଂଯୋଗ ହୋଇଛି। ଏହି ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ରେଳ ଡାକସେବା କାର୍ଯ୍ୟାଳୟର ଗୁରୁତ୍ୱ ରହିଛି। ତେଣୁ ଏହି କାର୍ଯ୍ୟାଳୟକୁ ଏଠାରୁ ଉଠାଇ କଟକ ସର୍କଲ କାର୍ଯ୍ୟାଳୟ ସହିତ ଯୋଡିବା ନିଷ୍ପ□କୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ଚିଠିରେ ଉଲ୍ଲେଖ କରିଛନ୍ତି।

# ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ସାଧାରଣ ବୈଠକ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମା ନିକଟରେ ଥିବା ସତୀଗୁଡା ଇକୋପାର୍କରେ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଜିଲ୍ଲା ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାଲକାନଗିରି ଜିଲ୍ଲାର ଅନେକ ଔଷଧ ଦୋକାନୀ ଓ ମେଡିସିନ ଯୋଗଉଥିବା ହୋଲସେଲ ଦୋକାନୀ ମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତେ ମିଳି ମିଶି ଭାଇଚାରା ସହ ରହିବା ଏବଂ ଲୋକମାନଙ୍କୁ ଉତ୍ତମ ବ୍ୟବହାର କରିସଠିକ ଭାବେ ସେବା ଯୋଗାଇବା ପାଇଁ ଆଲୋଚନା କରଯାଇଥିଲା। ଏହି ସଭାରେ ଜିଲ୍ଲା ସଭାପତି ପି ନାଗେଶ୍ୱର ରାଓ, ସମ୍ପାଦକ ସୁଚିତ କୁମାର ଦାସ, କୋଷଧକ ହେମନ୍ତ ଛତ୍ରୀ ମଞ୍ଚାସିନ ଥିବା ବେଳେ ଜିଲ୍ଲା ଡ୍ରଗ ଇନ୍‌ସପେକ୍ଟର ପ୍ରିୟ ରଂଜନ ନାୟକ ମଧ ଉପସ୍ଥିତ ରହି ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ସୂଚିତ କୁମାର ଦାସ ଓ ହେମନ୍ତ ଛତ୍ରୀ ପରିଚାଳିତ କରିଥିଲେ ଓ ତପନ କୁମାର ସିକଦାର ଧନ୍ୟବାଦ ଜ୍ଞାପନ କରି ସଭା କାର୍ଯ୍ୟ ସମାପ୍ତ କରିଥିଲେ।

# ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତ ଦୋଷୀ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଏକ ଆକ୍ରମଣ ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ । ୨୦୨୧ ମସିହାରେ ଧର୍ମଗଡ଼ ଥାନା ଅନ୍ତର୍ଗତ ପର୍ଲା ସିନାପଡ଼ା ଗ୍ରାମର ଗୌତମ ଗୋପାଳ ନିଜର ହଜି ଯାଇଥିବା ବଳଦକୁ ଖୋଜିବାକୁ ଯାଇ ରାସ୍ତାରେ ଅନ୍ୟଜଣେ ବ୍ୟକ୍ତିଙ୍କୁ ପଚରା ଉଚରା କରୁଥିବା ସମୟରେ ସେହି ଗ୍ରାମର ଡିଲର୍ ଗୋପାଳ ଓ ଯଦୁମଣୀ ଗୋପାଳ ହଠାତ୍ ଗୌତମକୁ ଅତର୍କିତ ମରଣାନ୍ତକ ଆକ୍ରମଣ କରି ମାଡ ମାରିବା ସହ ପଥର ସାହାଯ୍ୟରେ ମୁଣ୍ଡରେ ରକ୍ତାକ୍ତ ଆଘାତ କରିଥିଲେ । ଏନେଇ ପୀଡିତ ର ପୁଅ ଅବିନ ଗୋପାଳ ୨୪.୦୪.୨୦୨୧ ତାରିଖରେ ଧର୍ମଗଡ଼ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ । ଧର୍ମଗଡ଼ ପୋଲିସ ଏହାର ତଦନ୍ତ କରି ଥାନା କେଶ ନମ୍ବର ୫୯/ ୨୦୨୧ ବଳରେ ଭାରତୀୟ ପିଙ୍ଗଳ କୋଡ଼ ଦଫା ୩୪୧/୨୯୪/ ୩୨୩/୩୦୭/୫୦୬ ଓ ୩୪ ଲାଗୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲା ଧର୍ମଗଡ଼ ସହାୟକ ଦୌରା ଜଜ୍‌ଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ଓ ବିଚାର ନିମନ୍ତେ ଚାଲିଥିଲା। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ,ସାକ୍ଷୀ ମାନଙ୍କ ବୟାନ ଓ ମାମଲାର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଧର୍ମଗଡ଼ ସହାୟକ ଦୌରା ଜଜ୍ ଇପ୍ସି ମହାନ୍ତି ମାମଲାର ଚୂଡାନ୍ତ ଶୁଣାଣି କରି ଅଭିଯୁକ୍ତ ଡିଲର୍ ଗୋପାଳ ଓ ଯଦୁମଣୀ ଗୋପାଳକୁ ଭାରତୀୟ ପିଙ୍ଗଳ କୋଡ଼ ଦଫା ୩୨୩ ଓ ୩୪ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ଆର୍ଥିକ ଦଣ୍ଡାଦେଶ ପାଇଁ ରାୟ ପ୍ରଦାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ



ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): ସମଗ୍ର ଶିକ୍ଷା, ଝାରସୁଗୁଡା ଆନୁକୁଲ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲ୍ଲା ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ-୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନରେ ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟ ମାନଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ବ୍ଲକସ୍ତରରୁ ମନୋନୀତ କୃତି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପୋଷ୍ଟର୍ ଉପସ୍ଥାପନା, କୁଇଜ୍ ଓ ସାଇକେଲ ଚାଳନା ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ ବ୍ଲକ କୃତୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ମମତା ପଧାନ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ କୋଲାବିରା ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ବାଳିକା ସଂଯୋଜକ ଜୟନ୍ତ କୁମାର ବାଦୀ, ଡିପିଇଓ ବିମଳ କୁମାର ତାଣ୍ଡି, ଏବିଇଓ ରବିନ୍ଦ୍ର କୁମାର ସାହୁ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ଘର

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ତହସିଲ ଅଧୀନ ସଠିଲୋ ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଏକ ଚାଳ ଘର ଅଗ୍ନୀକାଣ୍ଡରେ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି । ପରିବାର ବର୍ଗ ରାତିରେ ଶୋଇଥିବା ବେଳେ ଘର ପୋଡିଯାଉଥିବା ଦେଖି ଜୀବନ ବଞ୍ଚାଇ ଘର ବାହାରକୁ ପଳାଇ ଆସିଥିଲେ। ଖବର ପାଇ ବେତନଟୀ ଅଗ୍ନିଶମ ବିଭାଗର ଗାଡି ନିଆଁ ଲିଭାଇଥିଲେ ମଧ ଘର ଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା । ଲକ୍ଷ୍ମଣ ମୁର୍ମୁଙ୍କ ଘରେ ଥିବା ୩୦ କୁଇଣ୍ଟାଲ ଧାନ ଓ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇଁ ବଡ଼ସାହି ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା ଅସହାୟ ପରିବାର ବର୍ଗଙ୍କୁ ଚାଉଳ, ମୁଢ଼ି, ଆସବାବପତ୍ର ଯୋଗାଇ ଦେଇଥିଲେ ଓ ଫୋନ ଯୋଗେ ତହସିଲଦାରଙ୍କ ସହିତ ଯୋଗାଯୋଗ ତୁରନ୍ତ ସହାୟତ ରାଶି ଦେବାପାଇଁ ନିବେଦନ କରିଥିଲେ। ବେତନଟୀ ତହସିଲ ପକ୍ଷରୁ ତଦନ୍ତ କରାଯାଇ ପଲିଥିନ ଯୋଗାଇ ଦିଆଯାଇଛି। ପରିବାର ପକ୍ଷରୁ ସହାୟତା ପାଇଁ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଏହି ଖବର ଜାଣିବା ପରେ ବେତନଟୀ ସମିତି ସଭ୍ୟ ରଣଜୀତ ସିଂ, ସଠିଲୋ ସମିତି ସଭ୍ୟ କିଶୋର ନାୟକ, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ଯୁବ ନେତା ବିକାଶ ଦାସ, ପ୍ରକାଶ ଜ୍ୟୋତି ଆଦିତ୍ୟ, ସର୍ବେଶ୍ୱର ଦାସ, ହୃଷିକେଶ ମହାନ୍ତ ପ୍ରମୁଖ ଯାଇ ପହଞ୍ଚିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଦାବି ଜଣାଇଲା ପାଇକ ମହାସଂଘ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଚାଲିଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଉଦ୍‌ଘାଟନ କରିବାକୁ ଆସିଥିବା ପ୍ରଧାନମନ୍ତ୍ରୀଙ୍କୁ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି । ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ତଥା ଖୋର୍ଦ୍ଧା ବିଧାୟକ ବାହୁବଳି ପ୍ରଶାନ୍ତ ଜଗଦ୍ଦେବଙ୍କ, ମହାସଂଘ ଉପଦେଷ୍ଟାଙ୍କ ନିର୍ଦ୍ଦେଶକ୍ରମେ ପାଇକମାନେ ବିରବାଦ୍ୟର ତାଳେ ତାଳେ ପ୍ରଧାନମନ୍ତ୍ରୀଙ୍କୁ ଖଣ୍ଡା, ଢାଲ ମାଧ୍ୟମରେ ସାମରିକ ଅଭିବାଦନ ପ୍ରଦାନ କରିଥିଲେ । କେନ୍ଦ୍ରରେ ପାଇକ ରେଜିମେଣ୍ଟ ଗଠନ କରିବା ସହିତ, ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ରାଜ୍ୟ ସଭାପତି ଦାବି କରିଛନ୍ତି । ସେହିଭଳି ରାଜ୍ୟ ସରକାର ପାଇକ ଏକାଡେମୀର କାର୍ଯ୍ୟ ତଥା ପାଇକ ସ୍ମାରକୀକୁ ତ୍ୱରାନ୍ୱିତ କରିବା, ପ୍ରତ୍ୟେକ ସ୍କୁଲ କଲେଜରେ ପାଇକ ଆଖଡ଼ାକୁ ସାମିଲ କରିବା, ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦେବାକୁ ମହାସଂଘ ସାଧାରଣ ସମ୍ପାଦକ ଡଃ ଗାୟନ ସାମଲ, ରାଜ୍ୟ ସଂଯୋଜକ କେଦାର ଦାସ, ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ଗୁରୁ ଭାସ୍କର ସୁନ୍ଦରାୟ, ପାଇକ ସର୍ଦ୍ଦାର ବିଜୟ କୁମାର ଆଇଚ, ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ, ମୁଖ ପାତ୍ର ରାଜିବ ନୟନ ରଥ, ଡଃ ଶଶାଙ୍କ ଚୁଡ଼ାମଣୀ, କଟକ ଜିଲ୍ଲା ସଭାପତି ରାଜକିଶୋର ବେହେରା ପ୍ରମୁଖ ଦାବୀ କରିଛନ୍ତି ।

# ମହାଆଡମ୍ବରରେ ସୂର୍ଯ୍ୟ ଦେବଙ୍କ ପୂଜା ପାଳିତ



ବାରିପଦା (ଭାସ୍କର ନ୍ୟୁଜ): ସକଳ ଶକ୍ତିର ଆଧାର ପ୍ରଭୁ ଶ୍ରୀ ସୂର୍ଯ୍ୟଦେବ। ଆଜି ଶାମ୍ବଦଶମୀ ସମଗ୍ର ସୃଷ୍ଟିର ପ୍ରାଣ ତନ୍ତ୍ରୀ ସୂର୍ଯ୍ୟ ଦେବତାଙ୍କ ଭବ୍ୟ ପୂଜା। ଓଡ଼ିଶାରେ ଏକମାତ୍ର ସୂର୍ଯ୍ୟ ପୂଜା ଯାହାକି ବାରିପଦା ବାଘଡ଼ା ରୋଡ ଠାରେ ଦୀର୍ଘ ୫୮ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ପବିତ୍ର ଶାମ୍ବ ଦଶମୀରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି ସୂର୍ଯ୍ୟ ଦେବଙ୍କ ପୂଜା ବିଧି ଆଉ ପେଣ୍ଡାଲ୍ ରେ ଶୋଭା ପାଉଛନ୍ତି ସୁନ୍ଦର ମୃଣ୍ମୟ ସୂର୍ଯ୍ୟଦେବଙ୍କ ମୂର୍ତ୍ତି। ଆଜି ବୁଢାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ସୂର୍ଯ୍ୟ ଦେବଙ୍କ ଘଟ କୁ ଅଣାଯାଇଥିଲା। ଢୋଲ ମାଦଳ ବଜାଇ ମହିଳା ଓ ପୁରୁଷ ମାନେ ଅତି ସୁନ୍ଦର ନୃତ୍ୟ ପରିବେଷଣ କରିବା ସହ, ସଂକୀର୍ତ୍ତନ ମଣ୍ଡଳୀଙ୍କ କୀର୍ତ୍ତନର ଗୁଞ୍ଜରିତ ହେଉଥିବା ବାରିପଦା ସହର କେବଳ ଏତିକି ନୁହେଁ ଆଦିବାସୀ ମହିଳା ସମ୍ପ୍ରଦାୟରେ ଲୋକେ ମୁଣ୍ଡରେ କଳସ ଧରି ଅତି ସୁନ୍ଦର ପାରମ୍ପରିକ ନାଚ ଗିତ କରିବା ସହ କମିଟି ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଏହି ଘଟ ଯାତ୍ରାରେ ସାମିଲ ହୋଇଥିଲେ। ରଥାରୂଢ଼ ସୂର୍ଯ୍ୟ ଦେବତାଙ୍କ ପୂଜା ବାରିପଦାର ଏକମାତ୍ର ପୂଜା ହୋଇଥିବା ବେଳେ ଏହା ଓଡିଶାର ଏକମାତ୍ର ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ପୂଜା କମିଟିର ସଦସ୍ୟ ସନତ କୁମାର ପ୍ରହରାଜ, ମାନସ ରଞ୍ଜନ ସାହୁ, ଶୋଭନ ଦାସ, ସ୍ନେହାଶିଷ ମହାନ୍ତି, ଅଭିଷେକ ଦାଶ, ଆକାଶ ନନ୍ଦ,ବିଜୟ କୁମାର ବେହେରା, ଶୁଭକାନ୍ତ ମିଶ୍ର, ଲକି ଜେନା, ବିକ୍ରମ କେଶରୀ ଜେନା, ମାନସ ସେଠୀ(କୁଆଁ), ଶୁଭକାନ୍ତ ମିଶ୍ର, ଓହିଦ ଖାନ, ମୋନଜ ସେଣ୍ଡ, କିଶୋର ସାହୁ, ସତ୍ୟଜିତ ମହାନ୍ତି, ସୁନିଲ କର୍ମକାର, ସମୀର ଦାସ ଓ ସମସ୍ତେ ସଦସ୍ୟ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସଶକ୍ତ ହେବେ ଗ୍ରାମୀଣ କାରୀଗର: ୟଙ୍ଗ୍ ଇଣ୍ଡିଆନସ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ) ୟଙ୍ଗ ଇଣ୍ଡିଆନସ୍ ଭୁବନେଶ୍ୱର ଏହାର ରୁରାଲ ଇନିଶିଏଟିଭ୍ ଅନୁଯାୟୀ ଏକାମ୍ର ହାଟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଆୟୋଜିତ ଏକାମ୍ର ଫେଷ୍ଟ ୨୦୨୫ରେ ଏକ ଷ୍ଟଲ୍ ପ୍ରଦର୍ଶନ କରିଛି। ଏହି ଷ୍ଟଲରେ ଗ୍ରାମାଞ୍ଚଳ ଭିନ୍ନକ୍ଷମ କାରିଗରମାନଙ୍କ ଦ୍ୱାରା ନିର୍ମିତ ଅଗରବତୀ ଏବଂ ଫିନାଇଲ ସମେତ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶିତ ହୋଇଛି। ପ୍ରତ୍ୟେକ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ଏବଂ ଜୀବିକା ନିର୍ବାହ ପାଇଁ ଏହି ସୁଯୋଗ ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଭାଗ୍ୟଲକ୍ଷ୍ମୀ ରେଡ୍ଡୀ, ତୁଳସୀ ରେଡ୍ଡୀ, ନିଶାମଣି ସାହୁ, ଶୁଭମ ସାହୁ , ଅଞ୍ଜଳି ପ୍ରଧାନ ଏବଂ ଅନୱାର ଆଲାମଙ୍କ ସମେତ କାରିଗରମାନେ ଏହି ପଦକ୍ଷେପର ଏକ ଅବିଚ୍ଛେଦ୍ୟ ଅଙ୍ଗ। କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି(ସିଆଇଆଇ) ର ୟଙ୍ଗ ଇଣ୍ଡିଆନସ୍ ର ଏକ ପଦକ୍ଷେପ ଯାହା ଭାରତର ଭବିଷ୍ୟତକୁ ଏକତ୍ର କରିବା, ନେତୃତ୍ୱ ନେବା ସହ ପୁନଃ ସୃଷ୍ଟି ଏବଂ ପ୍ରଭାବିତ କରିବାକୁ ଚେଷ୍ଟା କରେ। ଏହି ପଦକ୍ଷେପ ମାଧ୍ୟମରେ ୟଙ୍ଗ ଇଣ୍ଡିଆନସ୍ ଭୁବନେଶ୍ୱର ମାର୍ଜିନାଲାଇଜଡ୍ ବର୍ଗର ସମ୍ପ୍ରଦାୟକୁ ସଶକ୍ତିକରଣ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରେ। ଏହି ପ୍ରତିଭାଶାଳୀ କାରିଗରମାନଙ୍କୁ ସମର୍ଥନ କରି ସେମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ଆମେ ଗର୍ବିତ ବୋଲି ଟିମ୍ ଆକ୍ସେସିବିଲିଟି, ୟଙ୍ଗ ଇଣ୍ଡିଆନସ୍‌ର ହରିଶ ଅଗ୍ରୱାଲ କହିଛନ୍ତି।

# ଶିଶୁ ସାହିତ୍ୟିକ ଉଦୟନାଥଙ୍କ ଶ୍ରାଦ୍ଧବାର୍ଷିକ



ଜଗତସିଂହପୁର (ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ତରଡାପଡା ସ୍ଥିତ ଗଟାଇମ୍ବ ଗୁରୁକୁଳ ପରିସରରେ ଆୟୋଜିତ ସଭାରେ ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ସ୍ୱର୍ଗତ ଉଦୟନାଥ ଷଡଙ୍ଗୀଙ୍କୁ ଜନ୍ମ ଦେଇ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଭବାନୀ ଶଙ୍କର ପଟ୍ଟନାୟକ ଆଲୋଚନାରେ ଅଂଶ ଗ୍ରହଣ କରି ଉଦୟନାଥ ଷଡଙ୍ଗୀଙ୍କ ଟୁଉକୁମୁଣି, ଚକାଚକା ଭଉଁରୀ, ଜହ୍ନମାମୁଁ ଆଦି କବିତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ ତାଙ୍କ ବକ୍ତବ୍ୟରେ ଅନୁବାଦ ପୁସ୍ତକ ବିଶେଷ କରି 'ଟମ୍ କକାଙ୍କ କୁଟୀର' ପାଇଁ ସ୍ୱର୍ଗତ ଷଡଙ୍ଗୀ ସବୁଦିନେ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ସୌମ୍ୟ ଶୁଭଦର୍ଶିନୀ, ଜ୍ୟୋତିର୍ମୟୀ ମହାନ୍ତି ଶର୍ମିଷ୍ଠା ପ୍ରିୟଦର୍ଶିନୀ ପ୍ରମୁଖ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ଉଦୟନାଥ ଷଡଙ୍ଗୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ସାଇ ସ୍ୱରୂପ, ନାଜିଆ, ଅଙ୍କିତା, ସଇଫୁଲ୍ ଓ ଦେବୀ ପ୍ରଦୋଷଙ୍କୁ ପରିଷଦ ତରଫରୁ ବରପୁତ୍ରଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିହଙ୍ଗ ଉତ୍ସବ: ଚିଲିକା ଭ୍ରମଣ ସହିତ ନୌକା ବିହାର କରୁଛନ୍ତି ପର୍ଯ୍ୟଟକ



ଟାଙ୍ଗୀ (ଭାସ୍କର ନ୍ୟୁଜ): ଆରମ୍ଭ ହୋଇଯାଇଛି ପଞ୍ଚମ ଚିଲିକା ବିହଙ୍ଗ ଉତ୍ସବ। ଜାନୁଆରୀ ୬ରୁ ୧୨ ପର୍ଯ୍ୟନ୍ତ ଚାଲିବ ଏହି ବିହଙ୍ଗ ଉତ୍ସବ । ଏହି ଉତ୍ସବ ସାମିଲ ହୋଇଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୬୦ ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଚିଲିକା ଭ୍ରମଣରେ ସାମିଲ ହୋଇଛନ୍ତି । ଗତକାଲି ଏମାନେ ମଙ୍ଗଳାଯୋଡି ସ୍ଥିତ ବିହଙ୍ଗ ବିହାରରେ ପହଞ୍ଚି ଚିଲିକା ଭ୍ରମଣ କରିବା ସହିତ ବିହଙ୍ଗ ବିହାର ଦେଖିଥିଲେ । ଆଉ ଆଜି ଚିଲିକାର ବାଲୁଗାଁ ସ୍ଥିତ ନଳବଣ ଭିତରେ ପ୍ରବେଶ କରି ବିହଙ୍ଗ ବିହାରର ମନୋରମ ଦୃଶ୍ୟ ଦେଖିଛନ୍ତି । ଏହି ପର୍ଯ୍ୟଟକ ମାନଙ୍କ ପାଇଁ ଚିଲିକା ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବ୍ୟାପକ ସ୍ୱାଗତ କରାଯିବା ପରେ ନୌକା ବିହାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ତା' ସାଙ୍ଗକୁ ପର୍ଯ୍ୟଟକ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୧୫/୨୦ ଟି ଡଙ୍ଗା ସହିତ ଟୁରିଷ୍ଟ ଗାଇଡ୍ ବ୍ୟବସ୍ଥା କରାଯାଇଛି । ଏହି ପର୍ଯ୍ୟଟକ ମାନେ ଚିଲିକାର ମନୋରମ ଦୃଶ୍ୟ ଓ ଦେଶ-ବିଦେଶରୁ ଆସି ଚିଲିକାର ଅତିଥି ସାଜିଥିବା ଦେଶୀ-ବିଦେଶୀ ପକ୍ଷୀଙ୍କ କଳରବ ଓ ଜଳକ୍ରୀଡା ସମ୍ପର୍କରେ ଦେଶ ବିଦେଶରେ ପ୍ରଚାର ପ୍ରସାର କରିବେ ବୋଲି ଚିଲିକା ବନ୍ୟପ୍ରାଣୀ ଡିଭିଜନର ଉରଙ୍ଗ ଅମ୍ଳାନ କୁମାର ନାୟକ କହିଛନ୍ତି । ୧୧ ତାରିଖରେ ବରକୂଲରେ ଓଡ଼ିଶା ବାର୍ଡସ୍ କନକ୍ଲେଭ୍, ୧୨ ତାରିଖରେ ନନ୍ଦନକାନନରେ ପକ୍ଷୀ ପଦଯାତ୍ରା, ୬ରୁ ୧୨ ତାରିକ ପର୍ଯ୍ୟନ୍ତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରୀ ସ୍କ୍ରିନିଂର କାର୍ଯ୍ୟକ୍ରମ ରହିଛି ବୋଲି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ରେଞ୍ଜର ବିରାଜ ଦାସ କହିଛନ୍ତି ।

# ସହମତି ପ୍ରତ୍ୟାହାର କଲେ ବିବାହ ବିଚ୍ଛେଦ ନିର୍ଦ୍ଦେଶ ଅସିଦ୍ଧ: ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ୍): ପରିବାର ଅଦାଲତରେ ସହମତି ଭିତିରେ ବିବାହ ବିଚ୍ଛେଦ ଆବେଦନ ହୋଇଥିବା ବେଳେ ଯଦି ଜଣେ କୋର୍ଟଙ୍କ ନିର୍ଦ୍ଦେଶାନାମା ତାଙ୍କ ସହମତି ପ୍ରତ୍ୟାହାର କରନ୍ତି ସେପରି କ୍ଷେତ୍ରରେ ବିବାହ ବିଛେଦ ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ ବୋଲି ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତ । ଓଡିଶା ହାଇକୋର୍ଟର ବିଚାରପତି ଜି.ସି.ଶତପଥୀଙ୍କ ଇଜିଲାସ ଏପରି ଏକ ମାମଲାର ଶୁଣାଣି କରି ବାଲେଶ୍ୱର ପରିବାର ଅଦାଲତ ପ୍ରଦାନ କରିଥିବା ବିବାହ ବିଛେଦ ନିର୍ଦ୍ଦେଶନାମାକୁ ଅସିଦ୍ଧ ଘୋଷଣା କରିଛନ୍ତି । ଆବେଦନକାରିଣୀ ଡଏଲ୍ ଦେଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି। ଏଥିସହିତ ୬ ମାସ ମଧ୍ୟରେ ଉକ୍ତ ମାମଲାର ଶୁଣାଣି ଶେଷ କରିବାକୁ ହାଇକୋର୍ଟ ବାଲେଶ୍ୱର ପରିବାର ଅଦାଲତକୁ ଆଦେଶ ଦେଇଛନ୍ତି ।

# ପ୍ରବାସୀ ଭାରତୀୟ ଦିବସ: ଦେଶର ପାରମ୍ପରିକ ନୃତ୍ୟଶୈଳୀରେ ଦର୍ଶକ ମନ୍ତ୍ରମୁଗ୍ଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସର ଦ୍ୱିତୀୟ ଦିନରେ ଜନତା ମଇଦାନ ଠାରେ ଭାରତ ଏବଂ ଭାରତୀୟତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କଳାକାରମାଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ହୋଇଥିଲା । ଏଥିରେ ଦେଶର ସାଂସ୍କୃତିକ ବିବିଧତା ମଧ୍ୟରେ ଅମର ଏକତା ଓ ବୈଭବ ପ୍ରତିଫଳିତ ହୋଇଛି । ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟିକ ସମ୍ପର୍କ ଓ ବନ୍ଧୁତ୍ୱ ଉପରେ ବିଭିନ୍ନ ନୃତ୍ୟ ପରିବେଷଣ ହୋଇଛି । ସିନ୍ଧୁ-ସରସ୍ୱତୀ ସଭ୍ୟତା, ନୌବାଣିଜ୍ୟ ଏବଂ ସାଂସ୍କୃତିକ ସଂଯୋଗକୁ ଚିତ୍ରଣ କରୁଥିବା ବିଷୟବସ୍ତୁକୁ ନେଇ ଶାସ୍ତ୍ରୀୟ କୁଚିପୁଡି ନୃତ୍ୟ ସହିତ ଆଜିର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତୃତୀୟ ପ୍ରଦର୍ଶନରେ ଭାରତନାଟ୍ୟମ୍, ଓଡ଼ିଶୀ, କଥକ, ମଣିପୁରୀ, କଥକଲି ଏବଂ କୁଚିପୁଡ଼ି ଭଳି ଶାସ୍ତ୍ରୀୟ ନୃତ୍ୟର ମିଶ୍ରଣ ଥିଲା। କଳାକାରମାନେ ନିଜର ନୃତ୍ୟ, ସଙ୍ଗୀତ ଏବଂ ପରିପାଟୀ ମାଧ୍ୟମରେ ସମାବେଶକୁ ବିମୋହିତ କରିଥିଲେ । ଶେଷରେ, ୧୧୦ ଜଣ ନୃତ୍ୟଶିଳ୍ପୀ ହାତରେ ମାଟିର ଦୀପ ଧରି ଶାନ୍ତ ଏବଂ ଚମତ୍କାର ପରିବେଶରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ କବିତା ଉପରେ 'ପ୍ରଗତିଶୀଳ' ଓ 'ବସୁଧୈବ କୁଟୁମ୍ବକମ୍' ଚିନ୍ତନ ଉପରେ ନୃତ୍ୟ ପ୍ରଦର୍ଶନ କରିଥିଲେ ଯାହା ଶାନ୍ତି, ସମୃଦ୍ଧିର ବାର୍ତ୍ତା ଦେଉଥିଲା ।

# ଇକୋ-ରିଟ୍ରିଟ୍‌ରେ ମିଳୁଛି ପୁଷ୍ଟିଶସ୍ୟ ଓ ପ୍ରସ୍ତୁତ ଖାଦ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ଇକୋ-ରିଟ୍ରିଟ୍ ଆସନ୍ତା ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପର୍ଯ୍ୟଟକମାନେ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନ ସ୍ଥଳୀର ମଜା ନେବା ସହ ପର୍ଯ୍ୟଟନର ବିକାଶ ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି । ପର୍ଯ୍ୟଟକମାନେ ଆମୋଦପୂର୍ଣ୍ଣ ରହଣି, ଜଳ କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ମଜା ନେଉଛନ୍ତି । ରାଜ୍ୟର କୋଣାର୍କ, ପୁଟସିଲ, ସୋନାପୁର, ଦାରିଙ୍ଗବାଡି, ଭିତରକନିକା, ସାତକୋଶିଆ ଓ ହୀରାକୁଦ ୭ଟି ସ୍ଥାନରେ ଇକୋ ରିଟ୍ରିଟର ଆୟୋଜନ କରାଯାଇଛି । ଶ୍ରୀ ଅନ୍ନ ଅଭିଯାନ, ଓଡ଼ିଶା ସରକାର ଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ର ସ୍ୱତନ୍ତ୍ର କାର୍ଯକ୍ରମ । ଶ୍ରୀ ଅନ୍ନ ଅଭିଯାନ ଓ ଓଡ଼ିଶା ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ କୋଣାର୍କ, ଦାରିଙ୍ଗବାଡି, ସୋନାପୁର ଓ ପୁଟସିଲରେ ଆୟୋଜିତ ଇକୋ-ରିଟ୍ରିଟ୍ ରେ ଶ୍ରୀ ଅନ୍ନ (ପୁଷ୍ଟିଶସ୍ୟ) ଓ ଏଥିରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରଚାର ଓ ପ୍ରସାର କରାଯାଉଛି । ବର୍ତ୍ତମାନ ପର୍ଯ୍ୟଟକମାନେ ଏହି ସ୍ଥାନ ମାନଙ୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ମଜା ନେଇପାରିବେ । ଏହି ସ୍ଥାନ ମାନଙ୍କ ରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ପୋଡ ପିଠା, ମାଣ୍ଡିଆ ଲଡୁ, କାକରା ପିଠା, ମଣ୍ଡା ପିଠା ଓ ମାଲପୁଆ ସାଙ୍ଗକୁ ମାଣ୍ଡିଆରୁ ପ୍ରସ୍ତୁତ ଚାଓମିନ୍, ସ୍ୟାଣ୍ଡୱିଚ, ମିଲେଟ୍ ନନ୍ ଭେଜ ଫ୍ରିଟରସ୍ ଓ ଦହିବାର ଆଦି ଉପଲବ୍ଧ ହେଉଛି । ଏହାସହିତ ଶୁଖିଲା ଖାଦ୍ୟରେ ମାଣ୍ଡିଆରୁ ପ୍ରସ୍ତୁତ ବିସ୍କୁଟ, ନିମକି, ଜହ୍ନ ସେଉ, ମାଣ୍ଡିଆ ମିକ୍ସଚର ଓ ମୁଡକି ବିକ୍ରି କରାଯାଉଛି । ଏହାବ୍ୟତିତ ପର୍ଯ୍ୟଟକ ମାନଙ୍କ ପାଇଁ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ପୁଷ୍ଟିଶସ୍ୟ ଓ ସେଥିରୁ ପ୍ରସ୍ତୁତ ଖାଦ୍ୟକୁ କିଣି ନେବା ପାଇଁ ମଧ ଉପଲବ୍ଧ ହେଉଛି ।

## ଦର୍ଶକଙ୍କ ମନ ମୋହୁଛି ଫ୍ଲୀ ମାର୍କେଟ
# ପାରମ୍ପରିକ ହସ୍ତକଳା, କୁଟୀରଶିଳ୍ପ ସାମଗ୍ରୀର ବଢୁଛି ଆଦର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫ୍ଲୀ ମାର୍କେଟର ପରାମ୍ପରିକ ହସ୍ତକଳା, କୁଟୀରଶିଳ୍ପ ସାମଗ୍ରୀ ପାଇଁ ଅପୂର୍ବ ସମ୍ଭାର ଦେଖିବା ପାଇଁ ବଢୁଛି ଦର୍ଶକଙ୍କ ଭିଡ଼। ଚିତ୍ତାକର୍ଷକ ସାଂସ୍କୃତିକ ସନ୍ଧ୍ୟାରେ ମାର୍କେଟିଙ୍ଗର ମଜା ନେଉଛନ୍ତି ଦର୍ଶକ। ଯାହା ପରାମ୍ପରିକ ହସ୍ତକଳା, କୁଟୀରଶିଳ୍ପ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବା ସହିତ ସ୍ଥାନୀୟ ଉଦ୍ୟୋଗୀଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଉଛି। ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଉତ୍ସବମୁଖର ରାଜଧାନୀ ଭୁବନେଶ୍ୱର। ଏହାକୁ ଦ୍ୱିଗୁଣିତ କରୁଛି ଏକାମ୍ର ଉତ୍ସବର ଓ ଫ୍ଲୀ ମାର୍କେଟ। ଆଜି ଏହି ଉତ୍ସବର ୫ ଦିନରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ଫ୍ଲୀ ମାର୍କେଟ ଏହାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏକାମ୍ର ଉତ୍ସବ ଉପଲକ୍ଷେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ରାତିର ଫ୍ଲୀ ମାର୍କେଟ ଆଗାମୀ ୧୬, ୨୦୨୫ ପର୍ଯ୍ୟନ୍ତ ଅପରାହ୍ନ ୪ଟାରୁ ରାତି ପର୍ଯ୍ୟନ୍ତ ଖୋଲୁଛି । ଏହି ମାର୍କେଟ ନାଗରିକମାନେ, ଅତିଥିମାନେ, ପର୍ଯ୍ୟଟକ ଓ ଅନ୍ୟ ଆଗନ୍ତୁକମାନଙ୍କ ପାଇଁ ଏକ ଅଦ୍ଭୁତ ଶୀତ କାଳୀନ ଅନୁଭବ ଦେଉଛି । ନାଇଟ୍ ମାର୍କେଟ ସୃଜନଶୀଳତା, ଏବଂ ବାଣିଜ୍ୟ ପାଇଁ ଏକ ହବ୍ ଭାବେ ସମସ୍ତଙ୍କୁ ମନ ଟାଣୁଛି। ଯେଉଁଥିରେ ଭାରତର ବିଭିନ୍ନ ସ୍ଥାନରୁ ଉଦୀୟମାନ ଉଦ୍ୟୋଗୀ, ଘରୋଇ ବ୍ୟବସାୟ ଏବଂ ସ୍ଥାନୀୟ ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଷ୍ଟଲ୍ ପ୍ରଦର୍ଶିତ ହୋଇଛି । ଯାହା ସବୁ ବର୍ଗର ଅଗନ୍ତୁକଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଥିବା ଦେଖିବାକୁ ମିଳିଛି। ମାର୍କେଟରେ ଉପଲବ୍ଧଥିବା ୩୩ ଷ୍ଟଲରେ ପରିଦର୍ଶକ ପାଇଁ ଟ୍ରେଣ୍ଡି ପୋଷାକ, ଫୁଟୱେର ଏବଂ ଆସେସୋରିଜ୍, ଅନନ୍ୟ ହସ୍ତତନ୍ତ ଘର ସଜ୍ଜା ସାମଗ୍ରୀ, ଅର୍ଗାନିକ ଏବଂ ସ୍ୱାସ୍ଥ୍ୟ ଭିତ୍ତିକ ଖାଦ୍ୟ ବ୍ୟଞ୍ଜନ ଆକର୍ଷଣୀୟ ସମ୍ଭାର ରହିଛି। ଯେଉଁଥିରେ ବିଭିନ୍ନ ପ୍ରକାରର ହାତ ତିଆରି ପାରମ୍ପରିକ କୁଟୀରଶିଳ୍ପର ବହୁ ଷ୍ଟଲ ମାନ ରହିଛି। ଯାହାକୁ ଦେଖିବା ପାଇଁ ଲୋକେ ଗହଳି ଜମାଉଛନ୍ତି। ଅନ୍ୟପଟେ ଏକାମ୍ର ଉତ୍ସବ ଏକ ଅଂଶ ଭାବରେ, ନାଇଟ୍ ମାର୍କେଟ ମଧ କଳାକାର ତଥା ଅଭିନେତାମାନଙ୍କ ପାଇଁ ଏକ ମଞ୍ଚ ରହିଛି। ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ ସହ ପରିଦର୍ଶକମାନେ ଗାୟକ, ନୃତ୍ୟଶିଳ୍ପୀ, ଏବଂ ଲୋକ କଳାକାରଙ୍କ ଲାଇଭ୍ ପ୍ରଦର୍ଶନକୁ ଦର୍ଶକ ମନଭରି ଉପଭୋଗ କରୁଛନ୍ତି।

# ୫ ବର୍ଷରେ ସବୁ ଗରିବଙ୍କ ନିକଟରେ ପହଁଞ୍ଚିବ ପକ୍କା ଘର: ରବି ନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ସବୁ ଗରିବଙ୍କ ନିକଟରେ ପହଂଚିବ ପକ୍କା ଘର। ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀ ପାଇବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର। ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ । ସେ କହିଛନ୍ତି ଯେ, ଆରମ୍ଭ ହୋଇସାରିଛି ପକ୍କା ଘର ସର୍ଭେ ।୨ ମାସ ଭିତରେ ସରକାରଙ୍କ ପାଖରେ ଦାଖଲ ହେବ ମେରିଟ ଲିଷ୍ଟ। ୫ ବର୍ଷରେ ସବୁ ଗରିବଙ୍କ ନିକଟରେ ପକ୍କା ଘର ପହଞ୍ଚାଇବା ପାଇଁ ମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ପଞ୍ଚାୟତ ମନ୍ତ୍ରୀ ରବି ନାୟକ କହିଛନ୍ତି ଯେ, ସର୍ଭେ ପରେ ଯେତେ ଘର ଆବଶ୍ୟକ ହେବ ସବୁ ଗରିବଙ୍କୁ ପକ୍କା ଘର ଯୋଗାଇବା ପାଇଁ ଚେଷ୍ଟା କରିବେ ସରକାର।



# ଆମ କଳାହାଣ୍ଡି







## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ

କୋକସରା, (ଭାସ୍କର ନ୍ୟୁଜ୍) : ଅତିତର ଏକ ସମୃଦ୍ଧ ସଭ୍ୟତା ଓ ସଂସ୍କୃତିର ପୃଷ୍ଠଭୂମୀ ଉପରେ ପ୍ରତିଷ୍ଠିତ ହୋଇଛି କଳାହାଣ୍ଡି । ଏହି ମାଟି କଳା ସଂସ୍କୃତିର ଗନ୍ତାଘର ହୋଇଥିବାବେଳେ ପ୍ରାଣ ପ୍ରାଚୁର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ, ବିଶ୍ୱସ୍ତରୀୟ ପ୍ରବହମାନ ସାଂସ୍କୃତିକ ବିଚାରଧାରାର ମହାମିଳନ ହେଉଛି କଳାହାଣ୍ଡି ଉତ୍ସବ ଘୁମୁରା । ଏହି ଉତ୍ସବ ମାଧମରେ ଅତିତର ଗୌରବମୟ ସଂସ୍କୃତି ଓ ପରମ୍ପରା ଉଦ୍ଭାଷିତ ହୋଇ ପାରୁଛି ବୋଲି କୋକସରାରେ ଆୟୋଜିତ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଉଦ୍‌ଘାଟନୀ ସମାରୋହ ଅବସରରେ ମତ ପ୍ରକାଶ ପାଇଛି । କୋକସରା ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଞ୍ଚ ଉଦ୍‌ଘାଟନ କରିଥିଲେ । ବିଡିଓ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ରାଜ୍ୟ ଓମ୍ଫେଡ ସଭାପତି ତଥା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋକସରା ଜୋନ ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜୋନ ଜିଲ୍ଲାପରିଷଦ ବୈଜୟନ୍ତୀ ପୁଝାରୀ, ସମିତି ସଭ୍ୟ ସଭାପତି ଘନଶ୍ୟାମ ନାଏକ ପ୍ରମୁଖ ମଞ୍ଚାସିନ ଥିଲେ । ମଞ୍ଚ ଉଦ୍‌ଘାଟନ ହେବା ଆଗରୁ କଳାହାଣ୍ଡିର ଆରାଧ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା କୋକସରା ପହଞ୍ଚିଥିଲା । ଏହାପରେ ଲଡୁଗାଁରୁ ଶୀତଳା ଦେବୀ, ଏବଂ କୋକସରା ମା' ଠାକୁରାଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଥିଲା । ସମସ୍ତ ଦେବଦେବୀଙ୍କ ମଶାଲ ଏକତ୍ରିତ ହେବା ପରେ ପାରମ୍ପରିକ ବାଦ୍ୟ, ଯାଦବ ସଂସ୍କୃତିର ମହାନ ବିଭବ ମାଝୀଗୁଡାର ବନାବାଡି, ରାଜ ମୋଟେର ସଂକିର୍ତ୍ତନ ଦଳ, କାସିବାହାଲର ବିରବାଧ ଘୁମୁରା ଦଳ, କଣ୍ଢେଇ ନାଚ, ଶତନାମ ନୃତ୍ୟ ସହ ଆଦିବାସୀ ବେଶଭୂଷାରେ ବିଭିନ୍ନ ନୃତ୍ୟ ଦଳ ମଶାଲ ଯାତ୍ରାରେ ସାମିଲ ହୋଇଥିଲେ । ପରେ ଦେବାଦେବୀଙ୍କ



ମଶାଲ ଉତ୍ସବ ପଡ଼ିଆ ନିକଟରେ ପହଞ୍ଚିବା ପରେ ଗୁଡହାଣ୍ଡି ମଞ୍ଚ ନିକଟକୁ ପାଛୋଟି ନେଇ ମଶାଲ ସ୍ଥାପନ କରିଥିଲେ । କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାଷ୍ୟକାର ପଙ୍କଜମୁଖ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ବିଡ଼ିଓ ହିମାଞ୍ଚଳ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ କଳା ପ୍ରଦର୍ଶନ କରିଥିଲେ । କବିତା ପାଠୋତ୍ସବ କମିଟିର ଆବାହକ ମୋହନ ଚରଣ ବିଶିଙ୍କ ଆବାହକତ୍ୱରେ କଳାହାଣ୍ଡିର କଳା, ସଂସ୍କୃତି, ସଭ୍ୟତାକୁ ନେଇ କବି ମାନେ କବିତା ପାଠ କରିଥିଲେ । ଉତ୍ସବ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ଷ୍ଟଲ କରିଥିବାବେଳେ କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁ, ଧୁପକାଠି, ଜୈବିକ ସାର, କୁମ୍ଭକାର ମାନଙ୍କ ମାଟି ତିଆରି ସାମଗ୍ରୀ ଆଦି ପ୍ରଦର୍ଶତ ହୋଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ତଥା ସାଂସ୍କୃତିକ ସନ୍ଧ୍ୟାରେ ବିଡ଼ିଓ ହିମାଞ୍ଚଳ ମାଝୀଙ୍କ ସଭାପତିତ୍ୱରେ ନବରଙ୍ଗପୁର ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ସତ୍ୟନାରାୟଣ ମହାପାତ୍ର ଯୋଗଦେଇ କଳାହାଣ୍ଡି ମାଟି ପାଇଁ ଗୁଡାହାଣ୍ଡି ମାଟିର ପ୍ରାଚୀନ ସଭ୍ୟତା, ମୋହନଗିରି ଶୈବ ପିଠ ଓ ନର୍ଲା ଅସୁରଗଡ଼ ମୁଦ୍ରାବିନିମୟ କେନ୍ଦ୍ର ବୋଲି ଗବେଷଣାରୁ ଜଣାଯାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଇନ୍ଦ୍ରାବତୀ ଅଧିକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ର, ତହସିଲଦାର ନବୀନ କିଶୋର ପାଢ଼ୀ, ପ୍ରମୁଖ ମଞ୍ଚାସୀନ ହେଇଥିଲେ । ବିଭିନ୍ନ ସାଂସ୍କୃତିକ ନୃତ୍ୟ ମଧ୍ୟରେ ଦିଗପହଣ୍ଡିର ଟେଡି ଡ୍ୟାନ୍ସ, ଟିଟିଲାଗଡ଼ ବଜାଶାଳ, ଭୁବନେଶ୍ୱର ଲାବଣୀ, କଟକ ଶୁଭଶ୍ରୀ ଗ୍ରୁପ, ସାଗରଗ୍ରୁପ କୋଟପାଟର ଢେମସା ଲୋକନୃତ୍ୟ ପରିବେଷଣ ହୋଇଥିଲା । ମଞ୍ଚ ଉପସ୍ଥାପନ ସୁଧୀର କୁମାର ପଣ୍ଡା, ପଙ୍କଜମୁଖ ଚୌଧୁରୀ କରିଥିବାବେଳେ ସାଂସ୍କୃତିକ ମଞ୍ଚକୁ କୋକସରା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ, ସୁଭଶ୍ରୀ ଚୌଧୁରୀ, ରୋଶନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ପ୍ରତିଭାବାନ ବ୍ୟକ୍ତି ସଞ୍ଜୟ ପୁରୋହିତ, ସିଦ୍ଧାର୍ଥ ବେଶ୍ରା, ଦିପ୍ତିମୟୀ ପାଣିଗ୍ରାହୀ, ଶିବାନୀ ନାଏକ, ଦାଶରଥୀ ସରାଫ, ରଜତ କୁମାର ବଂଶଳ, ପ୍ରୟାଗ ରାଜ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା, ଏପିଓ ଶତିଶ୍ ରଞ୍ଜନ ବେହେରା, ପିଇଓ ବିରଞ୍ଚି ଖର୍ସେଲ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା ସମେତ ଉତ୍ସବ କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉତ୍ସବରେ ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ଓ ଜନପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ଅଞ୍ଚଳର ଜନସାଧାରଣ ଉତ୍ସବ ପଡ଼ିଆର ବିଭିନ୍ନ ଷ୍ଟଲ ବୁଲିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ




ଭବାନୀପାଟଣ, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ସଚିନ୍ ପାୱାର ପ୍ରକାଶ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଏଡିଇଓ ଶୁଭଲକ୍ଷ୍ମୀ ନାୟକ, ପ୍ରୋଗ୍ରାମର ସୌମେନ୍ଦ୍ରନାଥ ପଟ୍ଟନାୟକ, ଏଫସି ସାଧୁ ଶରଣ ପ୍ରସାଦ, ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ, ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀ ମାନେ ପୋଷ୍ଟର ନିର୍ମାଣ, କୁଇଜ୍, ପ୍ରବନ୍ଧ, ଧୀର ସାଇକେଲ ଚାଳନା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେହିପରି ଦ୍ୱିତୀୟ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ସିଆରସିସି ଡିଲେଶ୍ୱର ରଣା । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସମେତ ଶିକ୍ଷକ ପ୍ରକାଶ ନିଶଙ୍କ, ଆଇପିଇ ରୂପସିଂ ରାଉତ, ସିଆରସିସି ମନୋଜ କୁମାର ସାହୁ, ଅଜିତ ପ୍ରଧାନ, ଦୂର୍ବାଦଳ ପଟେଲ, ତୁଳାରାମ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍କୁଲ ଗୃହରେ ତାଲା, ବାରଣ୍ଡାରେ ଚାଲିଛି ପାଠପଢା



ନର୍ଲା, (ଭାସ୍କର ନ୍ୟୁଜ) : ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଘୋଡ଼ାବନ୍ଧ ପଞ୍ଚାୟତର ଯୋଡ଼ାବନ୍ଧ ପ୍ରାଥମିକ ବିଦ୍ୟାଳୟରେ । ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ସ୍କୁଲରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୩ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସ୍କୁଲ୍ ନିର୍ମାଣ ସମୟରେ ଉକ୍ତ ଗାଁର ସ୍ୱର୍ଗତ ଚତ୍ରୁ ଜାନୀ ଜମି ଦାନ କରିଥିଲେ । ସେଥିପାଇଁ ତାଙ୍କ ନାଁ ଓ ତାଙ୍କ ପୁଅଙ୍କ ନାଁ ଲେଖା ଥିବା ନାମ ଫଳକ ସ୍କୁଲ୍ କାନ୍ଥରେ ଲାଗିଛି । ୧୧ ଡିସ୍‌ମିଲ ପରିମିତ ଜାଗାରେ ସ୍ଥାପିତ ଉକ୍ତ ସ୍କୁଲ୍‌ରେ କେବଳ ୨ ଡିସ୍‌ମିଲ୍ ଜାଗା ସ୍କୁଲ୍ ନାଁରେ ସରକାରୀ ରେକର୍ଡରେ ଥିବାବେଳେ ବାକି ୯ ଡିସ୍‌ମିଲ୍ ଜାଗା ମୌଖିକ ଭାବେ କର୍ତ୍ତା ଦାନ କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । କିନ୍ତୁ ବର୍ତ୍ତମାନ ଦାନ କର୍ତ୍ତାଙ୍କ ସାନ ପୁଅ କୁଞ୍ଜ ଜାନୀ ଜମି ଦେବେ ନାହିଁ ବୋଲି ସ୍କୁଲରେ ଆସି ତାଲା ପକାଇବା ଫଳରେ ଛାତ୍ରଛାତ୍ରୀ ସ୍କୁଲ୍ ବାରଣ୍ଡାରେ ପାଠ ପଢୁଥିବା ଦେଖିବାକୁ ମିଳିଛି । ଏହି ସମସ୍ୟାକୁ ନେଇ ଗ୍ରାମବାସୀ ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାର ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ସରକାର୍ ଏଥି ପ୍ରତି ଦୃଷ୍ଟି ଦେଇ ଏହି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବୀ ହେଉଛି ।

## ୧ରୁ ୩୬ତମ ପ୍ରାଦେଶିକ ଖେଳକୁଦ ସମାରୋହ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆଗାମୀ ଜାନୁଆରୀ ୩୦ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶିକ୍ଷା ବିକାଶ ସମିତିର ୩୬ତମ ପ୍ରାଦେଶିକ ଖେଳକୁଦ ସମାରୋହ ୨୦୨୫ ଆୟୋଜିତ ହେବାକୁ ଯାଉଛି । ରାଜ୍ୟର ୯ଟି ସମ୍ଭାଗ ଖେଳକୁଦ ସମାରୋହରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ସଙ୍କୁଳସ୍ତରରେ ଉତ୍ତୀର୍ଣ୍ଣ ହେଇଥିବା ପ୍ରତିଯୋଗୀ ମାନେ ସଂଭାଗ ସ୍ତରରେ ଭାଗ ନେଇ ସେଥିରେ କୃତି ହାସଲ କରିଥିବା ଛାତ୍ରଛାତ୍ରୀ ଆଗାମୀ ପ୍ରାଦେଶିକ ସ୍ତରୀୟ ଖେଳକୁଦ ସମାରୋହରେ ଅଂଶଗ୍ରହଣ କରିବେ । ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜବିହାର ଠାରେ ୯ ତାରିଖ ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ସଙ୍ଗଠନ ମନ୍ତ୍ରୀ ତାରକ୍ ଦାସ ସରକାର , ଉପ ସଭାପତି କମଳା କାନ୍ତ ମିଶ୍ର, ସାଧାରଣ ସମ୍ପାଦକ ଡ଼ ସରୋଜ କୁମାର ହାତୀ, ପ୍ରାନ୍ତୀୟ ଖେଳକୁଦ ଶିକ୍ଷା ସଂଯୋଜକ ସଞ୍ଜୟ କୁମାର ମିଶ୍ର, ଦକ୍ଷିଣ ସମ୍ଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜବିହାର, ଭବାନୀପାଟଣାର ସଭାପତି ଦୀନବନ୍ଧୁ ମୁଣ୍ଡ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ଶିକ୍ଷା ବିକାଶ ସମିତିର ସଙ୍କୁଳ ପ୍ରମୁଖ ଅଶୋକ କୁମାର ସିଂହ, କଳାହାଣ୍ଡି ବିଭାଗ ପ୍ରମୁଖ ବିପିନ୍ ବିହାରୀ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ ।

## ରବି ଚାଷ ପାଇଁ କେନାଲରେ ଛଡ଼ାଗଲା ପାଣି



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଇନ୍ଦ୍ରାବତୀ ମଙ୍ଗଳପୁର ହାତୀ ବ୍ୟାରେଜରୁ ଚଳିତ ରବିଚାଷ ପାଇଁ କେନାଲରେ ପାଣି ଛଡ଼ାଯାଇଛି । ଏଥିରେ ବାମ ଓ ଦକ୍ଷିଣ ମୁଖ୍ୟ କେନାଲ ମାଧ୍ୟମରେ ରବି ଚାଷ ପାଇଁ ଜଳସେଚନ ଆରମ୍ଭ କରାଯାଇଛି । ଜିଲ୍ଲାର ଜୟପାଟଣା, କଳମପୁର, ଜୁନାଗଡ଼, କୋକସରା ଓ ଧର୍ମଗଡ ବ୍ଲକର ସର୍ବମୋଟ ୫୩,୩୭୪ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯିବା ନେଇ ପଦକ୍ଷେପ ନିଆଯାଇଛି । ବାମ ମୁଖ୍ୟ କେନାଲରୁ ୫ କ୍ୟୁସେକ ଓ ଦକ୍ଷିଣ ମୁଖ୍ୟ କେନାଲ ମାଧମରେ ୩ କ୍ୟୁସେକ ପାଣି ନିଷ୍କାସନ କରାଯାଇଛି । ପର୍ଯ୍ୟାୟ କ୍ରମେ ଏହା ବୃଦ୍ଧି କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଜଳସେଚନ ଆରମ୍ଭ ସମୟରେ ବାମ ମୁଖ୍ୟ କେନାଲର ଅଧିକ୍ଷଣ ଯନ୍ତ୍ରୀ ଇଂ ତୃପ କୁମାର ପାତ୍ର ଓ ଦକ୍ଷିଣ ମୁଖ୍ୟ କେନାଲର ଅଧିକ୍ଷଣ ଯନ୍ତ୍ରୀ ଇଂ ରାଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ଆୟୋଜିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ପରିସରରେ ବ୍ଲକସ୍ତରୀୟ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଅଛି । ଲୋକ ସଂସ୍କୃତି, ପରମ୍ପରା, ଲୋକଗୀତ ଓ ଲୋକନୃତ୍ୟର ବାର୍ତ୍ତାକୁ ନେଇ ପ୍ରତିବର୍ଷ ପାଳନ ହୋଇଥାଏ କଳାହାଣ୍ଡି ଉତ୍ସବ ଘୁମୁରା । ପ୍ରତି ବର୍ଷ କଳାହାଣ୍ଡି ଉତ୍ସବ ଘୁମୁରା ଉତ୍ସବକୁ ଜିଲ୍ଲାର ସମସ୍ତ ପଞ୍ଚାୟତ ଓ ବ୍ଲକ ସ୍ତରରେ ମହାସମାରୋହରେ ପାଳନ କରାଯାଇଥାଏ । ଏହି ଉତ୍ସବ ଉପଲକ୍ଷେ ଏକ ମନୋଜ୍ଞ ମଶାଲ ଶୋଭାଯାତ୍ରା ମାଣିକେଶ୍ୱରୀ ମନ୍ଦିର ଠାରୁ ବାହାରି ବ୍ଲକ ପର୍ଯ୍ୟନ୍ତ ଆସିଥିଲା । ସକାଳର ଏହି ଉତ୍ସବରେ ମୁଖ୍ୟ ଅତିଥି ପ୍ରଦୀପ ଦିଶାରୀ, ବିଧାୟକ, ଲାଞ୍ଜିଗଡ, ସମ୍ମାନୀତ ଅତିଥି ତନ୍ମୟ ଦରବାନ୍, ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ପୁଷ୍ପାଞ୍ଜଳୀ ସାହୁ, ଉପାଧ୍ୟକ୍ଷ, ଭବାନୀପାଟଣା, ପଞ୍ଚାୟତ ସମିତି, ପ୍ରଫୁଲ୍ଲ ସାହୁ, ଚେୟାରମ୍ୟାନ ପଞ୍ଚାୟତ ସମିତି, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ । ଏହାପରେ ବିଭିନ୍ନ ପ୍ରତିଯୋଗୀତା ଆରମ୍ଭ ହୋଇ ସନ୍ଧ୍ୟା ୭ ଘଣ୍ଟା ସମୟରେ ପୁରସ୍କାର ବିତରଣ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲେ ଅର୍ଚ୍ଚନା ପାଢୀ ମେଲୋଡ଼ି ଗ୍ରୁପ । ସଂନ୍ଧ୍ୟାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସିଡିଇଓ ଦୟାମୟ ପାଢୀ, ଏ ସିଡିଇଓ ଦୀଲ୍ଲିପ ମହାରଣା, ମୁଖ୍ୟବକ୍ତା ଭାବେ ଡ.ଉମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବହୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସମିତି ସଭ୍ୟ ଓ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ବ୍ଲକ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ସମସ୍ତ କର୍ମଚାରୀ ଓ ଅଧିକାରୀ ମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ, ସିଆରପି, ଛାତ୍ରଛାତ୍ରୀ ଏବଂ ବ୍ଲକର ବିଭିନ୍ନ କର୍ମୀ, ସଭ୍ୟ ଓ ସଭ୍ୟା ଉପସ୍ଥିତ ଥିଲେ ।

## କଳାହାଣ୍ଡି ଉତ୍ସବ-ଘୁମୁରା ପାଇଁ ଚାଲିଛି ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି





ଧର୍ମଗଡ଼, ( ଭାସ୍କର ନ୍ୟୁଜ) : ଧର୍ମଗଡ ବ୍ଲକ ପ୍ରାଙ୍ଗଣ ଠାରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶ୍ରୀମତୀ ବବିତା ପଟ୍ଟଯୋଶୀଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଶୀ, ସମ୍ମାନିତ ଅଥିତି ଧର୍ମଗଡ ତହସିଲଦାର ସଞ୍ଜୟ ସାମନ୍ତରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରି ଶରତ ପାତ୍ର, ଧର୍ମଗଡ ଏନଏସି ଉପାଧକ୍ଷା ମନୀଷା ମିଶ୍ର, ଧର୍ମଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ ବେହେରା, ଜିଲ୍ଲାପରିଷଦ ଜୋନ (୧)ଗୋପୀନାଥ ମହାନନ୍ଦ, (୨)ପ୍ରଣବ ପ୍ରକାଶ ଭଇଁସାଲ, (୩)ଶଙ୍କର ଜୋୟଡ଼, ଧର୍ମଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ହାତୀରାମ ଦୁର୍ଗା, ଗ୍ରାମପଂଚାୟତ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମେହେର, ସମିତିସଭ୍ୟ ସଭାପତି ସରୋଜ ଶବର ମଞ୍ଚରେ ମଞ୍ଚାସିନ ହୋଇ କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକ ଗୀତ, ଲୋକ ନୃତ୍ୟ ଉପରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ଅନେକ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷ୍ଟିତ ହୋଇଥିଲା । ସେଭଳି ଧର୍ମଗଡ଼ ଉପଖଣ୍ଡ କଳାହାଣ୍ଡି ଉତ୍ସବ ଧର୍ମଗଡ ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସମ୍ପ୍ରସାରିତ କଳାହାଣ୍ଡି ଉତ୍ସବ ଘୁମୁରା -୨୫ ପାଇଁ ବିଧି ବଦ୍ଧ ଭାବରେ ପ୍ରଚାର ପ୍ରସାର କାର୍ଯ୍ୟର ଶୁଭାରମ୍ଭ ହୋଇଛି । ମା ଭଣ୍ଡାର ଘରଣୀଙ୍କ ପୂଜାର୍ଚ୍ଚନା ପରେ ଉତ୍ସବ କମିଟି ଅଧକ୍ଷ ତଥା ଧର୍ମଗଡ ଉପ ଜିଲ୍ଲାପାଳ ଧୀମାନ ଚକମା ପତାକା ହଲାଇ ଏହାର ଶୁଭାରମ୍ଭ କରି ଥିଲେ । କାର୍ଯ୍ୟକ୍ରମରେ ପ୍ରଚାର ପ୍ରସାର ଅଧକ୍ଷ ବିରଞ୍ଚି ନାରାୟଣ ଜାଲ,ଉପସଭାପତି ବୈଦ୍ୟନାଥ ବେହେରା, କ୍ରିଡ଼ା କମିଟି ଅଧକ୍ଷ ସନ୍ତୋଷ ପାଣିଗ୍ରାହୀ, ଫାଇନାନ୍ସ କମିଟି ଉପାଧକ୍ଷ ପୂର୍ବତନ ଏନଏସି ଅଧକ୍ଷା ସୁଶ୍ରୀ ହୀରା ବାଗ, ଇଙ୍ଗିତ କୁମାର ପଣ୍ଡା, ଗ୍ରୀନ ରୁମ କମିଟି ଉପସଭାପତି ବିଦ୍ୟାଧର ସାହୁଙ୍କ ସମେତ ସମସ୍ତ ସାମ୍ବାଦିକ ଓ ପ୍ରଚାର ପ୍ରସାର କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ । ଆସନ୍ତା ୧୫,୧୬ ଓ ୧୭ ତାରିଖ ତିନିଦିନ ଧରି ସ୍ଥାନୀୟ ଖେଳପଡିଆ ଠାରେ ଉତ୍ସବ ଆୟୋଜିତ ହେବ । ବିଭିନ୍ନ ଦିବସରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଷ୍ଟାର ନାଇଟ ପ୍ରୋଗ୍ରାମରେ ପ୍ରଥମ ରଜନୀରେ ସର୍ବେଶ୍ୱର ଭୋଇ ଓ ସାଥୀ, ଦ୍ୱିତୀୟ ରଜନୀରେ ଭୁବନେଶ୍ୱରର ବିଷ୍ଣୁ ମୋହନ କବି ଓ ସୌରଭ ନାୟକ ଏବଂ ଶେଷ ରଜନୀରେ ଅସୀମା ପଣ୍ଡା ଓ ସାଥୀ କଳାକାର ମାନେ କାର୍ଯ୍ୟକ୍ରମ ପରିବେଷଣ କରିବେ । ସେହିପରି ବ୍ୟାଡମିଣ୍ଟନ, ଭଲିବଲ, ପ୍ରଦର୍ଶନୀ କ୍ରିକେଟ ମ୍ୟାଚ (ପୁରୁଷ ଓ ମହିଳା), ଭାର ଉତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, କବାଡି, ଯୋଗ, ହାଣ୍ଡି ଫଟା, ସମେତ ମହିଳା ମାନଙ୍କ ଶଙ୍ଖ ଫୁଙ୍କା, ହୁଳହୁଳି, ଝୋଟି, ରଙ୍ଗୋଲି, ମେହେନ୍ଦି, ସିଲେଇ, ରୋଷେଇ ଆଦି ପ୍ରତିଯୋଗିତା ମାନ ଆୟୋଜିତ ହେବ ବୋଲି ଅଧକ୍ଷ ଶ୍ରୀ ଜାଲ ସୂଚନା ଦେଇଛନ୍ତି ।

## ମଶାଲ ଶୋଭାଯାତ୍ରାରୁ 'ଘୁମୁରା' ଶୁଭାରମ୍ଭ

ନର୍ଲା, (ଭାସ୍କର ନ୍ୟୁଜ) : ନର୍ଲା ୟୁ ପି ସ୍କୁଲରେ ଅନୁଷ୍ଠିତ ହେଲା ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ । କଳାହାଣ୍ଡିର ବିଲୁପ୍ତ ହେବାକୁ ଥିବା କଳା, ସଂସ୍କୃତିକୁ ଉଜ୍ଜିବୀତ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ପାଳନ ହୋଇଥାଏ କଳାହାଣ୍ଡି ଉତ୍ସବ ଘୁମୁରା । ଏହି ଘୁମୁରା ଉତ୍ସବ ଜାନୁଆରୀ ମାସର ପ୍ରଥମ ସପ୍ତାହରୁ ପଞ୍ଚାୟତ ସ୍ତରରେ ଆରମ୍ଭ ହୋଇ ପରେ ବ୍ଲକ୍ ସ୍ତରରେ ଓ ଶେଷରେ ଜିଲ୍ଲା ସ୍ତରରେ ଏହି ଉତ୍ସବକୁ ମହା ଆଡ଼ମ୍ବର ସହିତ ପାଳନ କରାଯାଇଥାଏ । ଚଳିତବର୍ଷ କିଛି ଦିନ ହେଲା ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ ହେଉଥିବା ବେଳେ ନର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ପାଳିତ ହୋଇଯାଇଛି । ନର୍ଲା ସରପଞ୍ଚ ତନୁଜା ହରପାଲଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳା, ସ୍କୁଲ୍ ଛାତ୍ରଛାତ୍ରୀ ଓ ନର୍ଲାର ଜନସାଧାରଣ ବୁଢ଼ାରଜା ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଆସି ମଞ୍ଚରେ ମଶାଲକୁ ରଖି ଦୀପ ପ୍ରଜ୍ୱଳନ କଲାପରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ଉତ୍ସବରେ ଝୋଟି, ହୁଳହୁଳି ଠୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନର୍ଲା ବ୍ଲକ୍ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗ ଦେଇ ଥିବାବେଳେ ଶହ ଶହ ଜନସାଧାରଣଙ୍କ ସମାଗମ ହୋଇ ଥିଲା । ଠିକ୍ ସେହିପରି ବାଗପୁର୍ ସରପଞ୍ଚ ଗୋପାଲ୍ ହାତୀଙ୍କ ନେତୃତ୍ୱରେ ବାଗପୁର ଠାରେ ମଧ୍ୟ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବା ସହ ଘଣ୍ଟମାଲ୍ ସରପଞ୍ଚ ଦେବେନ୍ଦ୍ର ସାଙ୍କ ନେତୃତ୍ୱରେ ଘଣ୍ଟମାଲ୍ ଠାରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ସେହିଭଳି ଶାନ୍ତପୁର୍ ସମିତି ସଭ୍ୟ ଜୟ ମେହେରଙ୍କ ନେତୃତ୍ୱରେ ଆୟୋଜିତ କହାହାଣ୍ଡି ଉତ୍ସବରେ ସମାଜସେବୀ ଲୋକନାଥ ସା, ପୂର୍ବତନ ସରପଞ୍ଚ ଟିକେଲାଲ୍ ସାହୁ ଯୋଗ ଦେଇଥିବା ବେଳେ ନର୍ଲା ବ୍ଲକର କନିଷ୍ଠ ଯନ୍ତ୍ରୀ ଯୋଗଦାନ କରିଥିଲେ ।

## ରାଶିଫଳ

**ଶୁକ୍ରବାର, ୧୦ ଜାନୁଆରୀ ୨୦୨୫**



**ମେଷ:** ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ । କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପାଇବେ । ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିବ । ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ । ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ବିବାହିତ ଜୀବନ ସୁଖୀ ହେବ ।



**ବୃଷ:** ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ । ସ୍ୱାସ୍ଥ୍ୟ ଭଲ ହେବ । ସ୍ଥଗିତ କାର୍ଯ୍ୟ କରାଯାଇପାରିବ । ପ୍ରେମ କାର୍ଯ୍ୟରେ ସଫଳତା ପାଇବେ ।



**ମିଥୁନ:** ପରିଶ୍ରମ କରିବା ଅପେକ୍ଷା କର୍ମକ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ । ଅଧିକାରୀମାନଙ୍କର ସହାୟତା ପାଇବେ । ପୁରୁଣା ଋଣରୁ ମୁକ୍ତି ମିଳିପାରେ । ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ ।



**କର୍କଟ:** ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ । ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି । ପରିବାରର କାହା ସହିତ ମତଭେଦ ହେବାର ସମ୍ଭାବନା ରହିବ ।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ । କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ତଥାପି, ସେଠାରେ ଅଧିକ କାର୍ଯ୍ୟ ଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ । ବିବାହିତ ଜୀବନ ମଧ୍ୟ ସୁଖୀ ହେବ । ସ୍ୱାସ୍ଥ୍ୟ ଭଲ ହେବ ।



**କନ୍ୟା:** କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ । ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ । ଯେକୌଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି । ପରିବାରର ପରିବେଶ ଭଲ ରହିବ ।



**ତୁଳା:** କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ । ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ । ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ । ବେକାରମାନେ ରୋଜଗାରର ସୁଯୋଗ ପାଇବେ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ । ପାରିବାରିକ ପରିବେଶ ଭଲ ରହିବ ।



**ବିଛା:** ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ । ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି । ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ । ବିବାହିତ ଜୀବନ ମଧ୍ୟ ସୁଖଦ ହେବ । କ୍ରୋଧକୁ ନିୟନ୍ତ୍ରଣ କର, ଅନ୍ୟମାନେ ଏକ ବିବାଦରେ ପଡ଼ିପାରନ୍ତି । ସାମାଜିକ ଏବଂ ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ । ପରିଶ୍ରମ କର । କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ । ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ । ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହେବ ।



**ମକର:** ଆଜି ଏକ ସାଧାରଣ ଦିନ ହେବ । କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ । ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ । ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ । ପରିବାରର ସମ୍ପୂର୍ଣ୍ଣ ସମର୍ଥନ ରହିବ ।



**କୁମ୍ଭ:** ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ । ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯